# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୧୨/୨୦୧୮ (୨୦ ପୃଷ୍ଠା) | Bhubaneswar, Wednesday, September 12 / 2018 | ★★★★★★

୪୪ଶ ଭାଗ ୨୮୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




## ମନସ୍ୱିନୀଙ୍କୁ ପ୍ରୋ-କବାଡି ସୁଯୋଗ

ରାଜ୍ୟର ଦ୍ୱିତୀୟ ମହିଳା ଖେଳାଳିଭାବେ ପ୍ରୋ-କବାଡି ଲିଗ୍‌ରେ ବୈଷୟିକ ଅଫିସିଆଲ ଦାୟିତ୍ୱ ତୁଲାଇବେ ଯାଜପୁରର ମନସ୍ୱିନୀ ସାହୁ ।

୧୯

୦୮

## ଦବଙ୍ଗ-୩ ରିଲିଜ୍ ସୂଚନା ଦେଲେ ସଲମାନ୍

ସଲମାନ୍ ଖାନ୍ ଅଭିନୀତ ଫିଲ୍ମ 'ଦବଙ୍ଗ'କୁ ସୋମବାର ୮ବର୍ଷ ପୂରିଛି। ତେବେ ଦବଙ୍ଗ-୩ ଖୁବ୍‌ଶୀଘ୍ର ରିଲିଜ୍ ହେବାକୁ ଯାଉଛି ବୋଲି ସଲମାନ୍‌ଙ୍କଠାରୁ ସୂଚନା ମିଳିଛି ।



## ଆଶା, ଅଙ୍ଗନୱାଡି କର୍ମୀଙ୍କ ପାରିଶ୍ରମିକ ବୃଦ୍ଧି

■ **ଅଙ୍ଗନୱାଡି ସହାୟିକା ପାଇବେ ୨୨୫୦ ଟଙ୍କା**

ନୂଆଦିଲ୍ଲୀ,୧୧।୯(ପି.ଟି.)

ଦେଶର ଆଶା ଏବଂ ଅଙ୍ଗନୱାଡ଼ି କର୍ମୀଙ୍କ ପାଇଁ ଖୁସି ଖବର। ମଙ୍ଗଳବାର ସେମାନଙ୍କ ମାସିକ ପାରିଶ୍ରମିକ ରାଶି ବୃଦ୍ଧି ଘୋଷଣା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଆଶା କର୍ମୀମାନଙ୍କୁ କେନ୍ଦ୍ର ସରକାର ପ୍ରଦାନ କରୁଥିବା ନିୟମିତ ଭତ୍ତା ଦୁଇଗୁଣ କରାଯିବ ବୋଲି ପ୍ରଧାନମନ୍ତ୍ରୀ ପ୍ରକାଶ କରିଛନ୍ତି। ଏଥିସହିତ ସମସ୍ତ ଆଶାକର୍ମୀ ଏବଂ ସେମାନଙ୍କ ସହାୟିକାମାନଙ୍କୁ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଏବଂ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଅନ୍ତର୍ଗତ ମାଗଣା ବୀମାଭୁକ୍ତ କରାଯିବ। ସେମାନେ ବିନା କୌଣସି ଦେୟରେ ୪ ଲକ୍ଷ ଟଙ୍କା ଯାଏ ଦୁର୍ଘଟଣାଜନିତ ବୀମା ସୁବିଧା ପାଇପାରିବେ। ☞ପୃଷ୍ଠା-୧୬

# ଖାଇକୁ ଖସିଲା ବସ୍: ୫୭ ମୃତ

ହାଇଦ୍ରାବାଦ,୧୧।୯(ଆଇଏଏନ୍ଏସ୍)

ତେଲେଙ୍ଗାନାର ଜଗତିଆଲ୍ ଜିଲାରେ ମଙ୍ଗଳବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ୯୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ସରକାରୀ ବସ୍ ଖାଇକୁ ଖସିପଡ଼ିଛି। ଏଥିରେ ୫୭ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ପ୍ରାୟ ୩୦ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରୁ ଅଧିକାଂଶ ମହିଳା ଓ ଶିଶୁ ବୋଲି ଜଣାପଡ଼ିଛି।

ମଙ୍ଗଳବାରକୁ ଶୁଭଦିନ ମନେକରି ଭକ୍ତମାନେ କୋଣ୍ଡାଗଟ୍ଟୁ ପାହାଡ ଉପରେ ଥିବା ଅଞ୍ଜନେୟ ସ୍ୱାମୀ ମନ୍ଦିରକୁ ଦର୍ଶନ ପାଇଁ ଯାଇଥିଲେ। ସେମାନେ ଦର୍ଶନ ସାରି ତେଲେଙ୍ଗାନା ରାଜ୍ୟ ସଡ଼କ ପରିବହନ ନିଗମ (ଟିଏସ୍ଆର୍‌ଟିସି)ର ବସ୍‌ରେ ଫେରୁଥିଲେ। ବସ୍ ପାହାଡ଼ରୁ ତଳକୁ ଓହ୍ଲାଉଥିବାବେଳେ ପୂର୍ବାହ୍ନ ପ୍ରାୟ ୧୧ଟା ୩୦ରେ ଶନିବାରାପେଟ ଗ୍ରାମ ନିକଟରେ ଏକ ସ୍ପିଡ୍ ବ୍ରେକର୍ ଦେଖି ଡ୍ରାଇଭର ବ୍ରେକ୍ ଦେଇଥିଲେ। ଏତିକିବେଳେ ସେ ଭାରସାମ୍ୟ ହରାଇଥିଲେ। ଫଳରେ ବସ୍ ୪ଥର ଓଲଟିଯାଇ ୫ ମିଟର ଗଭୀରତାର ଏକ ଖାଇକୁ ଖସିପଡ଼ିଥିଲା। ଦୁର୍ଘଟଣାରେ ଚାହୁଁଚାହୁଁ ୪୭ ଜଣଙ୍କ ଜୀବନ ଚାଲିଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର ☞ପୃଷ୍ଠା-୧୬



ଦୁର୍ଘଟଣାଗ୍ରସ୍ତ ବସ୍ ।

# ୩ ବିଧାୟକ, ଜଣେ ଅଫିସରଙ୍କ ବିଜେଡିରେ ମୁଁ ନାହିଁ: ଦାମ

ଭୁବନେଶ୍ୱର,୧୧।୯(ବ୍ୟୁରୋ)

ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଦାମୋଦର ରାଉତଙ୍କ ସରକାର ବିରୋଧୀ ମନ୍ତବ୍ୟକୁ ନେଇ ବିଜେଡିରେ ଝଡ ସୃଷ୍ଟି ହୋଇଛି। କିଛିଦିନ ଧରି ସେ ସରକାରଙ୍କ ବିରୋଧରେ ଚାରା, ଓମ୍‌ଫେଡ୍ ଏବଂ ସମବାୟ ବିଭାଗରେ ହୋଇଥିବା ଦୁର୍ନୀତି ଅଭିଯୋଗ ଆଣିଥିଲେ। ଏହାକୁ ନେଇ ଜଗତ୍‌ସିଂହପୁର ବିଜେଡିରେ ତାଙ୍କୁ ବିରୋଧ କରାଯାଇଥିଲା। ଏପରି କି ତାଙ୍କ ବିରୋଧରେ ସୋମବାର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଜଗତ୍‌ସିଂହପୁର ପୂର୍ବତନ ବିଧାୟକ ତଥା ରାଜ୍ୟ ଯୋଜନା ବୋର୍ଡର ଉପାଧ୍ୟକ୍ଷ ବିଷ୍ଣୁ ଚରଣ ଦାସ ଏବଂ ଏରସମା-ବାଲିକୁଦା ବିଧାୟକ ପ୍ରଶାନ୍ତ ମୁଦୁଲି ଫେରାଦ ହୋଇଥିଲେ। ଦଳ ବିରୋଧୀ କାର୍ଯ୍ୟ ପାଇଁ ଦାମଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଉଭୟେ ଦାବି କରିଥିଲେ। ଏହାର ଦିନକ ପରେ ଅର୍ଥାତ ମଙ୍ଗଳବାର ଏରସମା ଏବଂ ବାଲିକୁଦା ଅଞ୍ଚଳର ଶତାଧିକ ବିଜେଡି କର୍ମୀ ନବୀନ ନିବାସ ଠାରେ ଦାମଙ୍କ ବହିଷ୍କାର ଦାବି କରିଛନ୍ତି। କେତେକ ଲିଖିତ ଆକାରରେ ମଧ୍ୟ ସେମାନଙ୍କ ଅଭିଯୋଗ ଦେଇଛନ୍ତି ବୋଲି ବିଧାୟକ ମୁଦୁଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆଦିଲ୍ଲୀ ଗସ୍ତ କରିବା ପୂର୍ବରୁ ନବୀନ ନିବାସ ଠାରେ ଗଣମାଧ୍ୟମକୁ କହିଛନ୍ତି ଯେ ଦାମ ରାଉତଙ୍କ ବିରୋଧରେ ଅନେକ ଅଭିଯୋଗ ଆସିଛି। ଏହାକୁ ଅନୁଧ୍ୟାନ କରାଯାଉଛି ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟ ପରେ ଦାମଙ୍କୁ ଦଳରୁ ବହିଷ୍କାର କରିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ତାଙ୍କ ବିରୋଧରେ ହେଉଥିବା ଅଭିଯୋଗ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧି ପଚାରିବାରୁ ଦାମ କହିଲେ ଯେ ସେ ବିଚଳିତ ନୁହନ୍ତି। ସେ ଆହୁରି କହିଛନ୍ତି ଯେ, ତାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରାଯାଇଛି। ଦଳର ଉପସଭାପତି ପଦବୀ ଏବଂ ଜିଲା ପର୍ଯ୍ୟବେକ୍ଷକ ପଦରୁ ମଧ୍ୟ ବହିଷ୍କାର କରାଯାଇଛି। ଏବେ ଆଉ କେଉଁ ଥିରେ ଅଛି ଯେ ମୋ ବିରୋଧରେ ଅଧିକ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅରୁଣ ସାହୁ, ବବି ଦାସ, ଦେବାଶିଷ ସାମନ୍ତରାୟ ଓ ଜଣେ ଅଫିସର ଚଳାଉଥିବା ବିଜେଡିରେ ମୁଁ ନାହିଁ। ମୁଁ ବିଜୁ ଜନତା ଦଳ ବିଧାୟକ। ଯେଉଁ ଦିନ ବିଜୁ ଶବ୍ଦ ଉଠିଯିବ ସେଦିନ ମୁଁ ଦଳରେ ନ ଥିବି ବୋଲି ଦାମ କହିଛନ୍ତି। ସେ ବିଷ୍ଣୁ ଦାସ ଓ ପ୍ରଶାନ୍ତ ମୁଦୁଲିଙ୍କୁ ଟାର୍ଗେଟ କରି କହିଛନ୍ତି ଯେ, ଦଳୀୟ କର୍ମୀମାନଙ୍କୁ ଟଙ୍କା ଦେଇ ମୋ ବିରୋଧରେ ବିକ୍ଷୋଭ କରିବାକୁ କୁହାଯାଇଛି। ସମସ୍ତେ ଜାଣିଛନ୍ତି ଦଳ ବିରୋଧୀ କାର୍ଯ୍ୟରେ କିଏ ନିୟୋଜିତ ଅଛନ୍ତି । ☞ପୃଷ୍ଠା-୪



ଦାମୋଦର ରାଉତ


ଆମ ସହର

**ପାରାଦୀପ**

ପୃଷ୍ଠା-୧୦/୧୧


**ଆଜିର ସମ୍ପାଦକୀୟ**

## ଯୁଦ୍ଧକୁ ଅପେକ୍ଷା

**ଆଜିର ମନ୍ତବ୍ୟ**

" ମୋ ଧର୍ମ ମତେ ଜଣା, କାହାଠାରୁ ହିନ୍ଦୁତ୍ୱ ଶିକ୍ଷା ନେବା ଦରକାର ନାହିଁ।

**-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**

# ଶିକ୍ଷକଙ୍କ ପାଇଁ ବିଧାନସଭା ହୁଲ୍‌ସ୍ଥୂଲ

■ **ବାରମ୍ବାର ଗୃହ ମୁଲତବୀ**

■ **ସର୍ବଦଳୀୟ ବୈଠକ ଡାକିଲେ ବାଚସ୍ପତି**

ଭୁବନେଶ୍ୱର,୧୧।୯(ବ୍ୟୁରୋ)

ଦାବିପୂରଣ ପାଇଁ ଦୀର୍ଘଦିନ ହେବ ଖରା, ବର୍ଷାରେ ରାଜଧାନୀ ରାସ୍ତାରେ ବସିରହିଛନ୍ତି ଶିକ୍ଷକମାନେ। ରାଜ୍ୟରେ ଶିକ୍ଷା ଭୁଶୁଡ଼ି ପଡ଼ିଲାଣି। ସରକାରଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁ ନାହିଁ। ପିଲାଙ୍କଠାରୁ ଏ ସରକାର ଶିକ୍ଷା ଅଧିକାର ଛଡ଼ାଇ ନେଇଛନ୍ତି। ଶିକ୍ଷକଙ୍କୁ ଡାକି ଆଲୋଚନା କରୁନାହାନ୍ତି। ରାସ୍ତା ଅବରୋଧ ହୋଇରହିଛି। ଲୋକମାନେ ଯିବା ଆସିବାରେ ମଧ୍ୟ ସମସ୍ୟା ସୃଷ୍ଟି ହେଉଛି। ବାଚସ୍ପତି ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଶିକ୍ଷକମାନଙ୍କ ସମସ୍ୟା ସମାଧାନ କରନ୍ତୁ। ସର୍ବଦଳୀୟ ବୈଠକ ଡାକି ଆଲୋଚନା କରାଯାଉ। ନଚେତ ଗୃହ ଚଳାଇ ଦେବୁ ନାହିଁ। ଏଭଳି ପ୍ରଚଣ୍ଡ ଆକ୍ରମଣ କରି ସରକାରଙ୍କୁ ଘାଇଲା କରି ଦେଇଥିଲେ ବିରୋଧୀ।

ମଙ୍ଗଳବାର ୧୦ଟା ୩୦ ମିନିଟରେ ବାଚସ୍ପତି ପ୍ରଦୀପ କୁମାର ଅମାତ ସଭାକାର୍ଯ୍ୟ ଚଳାଇବାକୁ ଗୃହକୁ ପ୍ରବେଶ କରିଥିଲେ। କଂଗ୍ରେସ ସଦସ୍ୟମାନେ ଚୁପ୍ ହୋଇ ବସି ରହିଥିବା ବେଳେ ଭାଜପା ସଭ୍ୟ ପ୍ରଦୀପ ପୁରୋହିତ, ରବି ନାୟକ ଏବଂ ଗୋବିନ୍ଦ ଦାସ ଗୃହର ମଧ୍ୟଭାଗକୁ ଆସି ଏନଟିପିସି ପ୍ରକଳ୍ପକୁ ଅନୁମତି ବିଳମ୍ବ ପ୍ରସଙ୍ଗ ଉଠାଇ ହଟ୍ଟଗୋଳ କରିଥିଲେ। ଏହି ସମୟରେ ବାଚସ୍ପତି ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କୁ ପ୍ରଥମ ପ୍ରଶ୍ନ ୧୫୧ର ଉତ୍ତର ଦେବାକୁ ଡାକିଥିଲେ। ମହାରଥୀ ହୋହଲ୍ଲା ମଧ୍ୟରେ ଉତ୍ତର ପଢି ଚାଲିଥିଲେ। ଭାଜପା ସଦସ୍ୟମାନେ ବାଚସ୍ପତିଙ୍କ ମାଇକ ଟାଣି ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ। ବାଚସ୍ପତି ବାଧ୍ୟ ହୋଇ ମାତ୍ର ୧ ମିନିଟ ପରେ ପୂର୍ବାହ୍ନ ୧୧ଟା ୩୦ ମିନିଟ ଯାଏ ଗୃହକୁ ମୁଲତବୀ ଘୋଷଣା କରି ଦେଇଥିଲେ। ☞ପୃଷ୍ଠା-୧୬


ବାଲିମେଳା ଜଳଭଣ୍ଡାରରେ ଡଙ୍ଗାବୁଡ଼ି ୪ ନିଖୋଜ

........୫........

ଅଙ୍ଗନୱାଡ଼ି କର୍ମୀଙ୍କୁ ଅପହରଣ ପରେ ଗଣବଳାତ୍କାର

........୧୪........


## ଆଧାର ସଫ୍ଟୱେର ହ୍ୟାକ୍

ନୂଆଦିଲ୍ଲୀ,୧୧।୯

ଆଧାର ସଫ୍ଟୱେରକୁ ହ୍ୟାକ୍ କରି ୧୦୦ କୋଟିରୁ ଊର୍ଦ୍ଧ୍ୱ ଭାରତୀୟଙ୍କ ବ୍ୟକ୍ତିଗତ ତଥ୍ୟ ହେରଫେର୍ କରାଯାଇଥିବା ନେଇ ଏକ ଚାଞ୍ଚଲ୍ୟକର ରିପୋର୍ଟ ମଙ୍ଗଳବାର ପ୍ରକାଶ ପାଇଛି। ବିଶ୍ୱର ୫ ଖ୍ୟାତନାମା ବିଶେଷଜ୍ଞ ୩ ମାସ ଧରି ତଦନ୍ତ କରିବା ପରେ ହଫ୍‌ପୋଷ୍ଟ ଇଣ୍ଡିଆ ପକ୍ଷରୁ ଏଭଳି ଦାବି କରାଯାଇଛି। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ମାତ୍ର ୨୫୦୦ ଟଙ୍କାର ଏକ ସଫ୍ଟୱେର ପ୍ୟାଚ୍‌ରେ ବିଶ୍ୱର ଯେକୌଣସି କୋଣରେ ବସିଥିବା ଜଣେ ବ୍ୟକ୍ତି ଭାରତୀୟଙ୍କ ଆଧାର ତଥ୍ୟକୁ ହ୍ୟାକ୍ କରିପାରିବେ। ପ୍ୟାଚ୍ ଜରିଆରେ ଯେକେହି ଆଧାର ଏନ୍‌ରୋଲମେଣ୍ଟ ଅପରେଟର୍ସ ଭାବେ ଲଗ୍‌ଇନ୍ କରିପାରିବେ। ସମ୍ପୃକ୍ତ ବ୍ୟକ୍ତି ଯାହାଙ୍କୁ ଚାହିଁବେ, ତାଙ୍କ ନାମ ପଞ୍ଜୀକରଣ କରି ଆଧାର ନମ୍ବର ତିଆରି କରିପାରିବେ। ଏହାକୁ ବ୍ୟବହାର କରି ୧ ବିଲିୟନରୁ ଊର୍ଦ୍ଧ୍ୱ ଭାରତୀୟଙ୍କ ଆଧାର ତଥ୍ୟ ଅଦଳବଦଳ କରାଯାଇଥିବା ଉକ୍ତ ରିପୋର୍ଟରେ ପ୍ରକାଶ ପାଇଛି। (ସବିଶେଷ ରିପୋର୍ଟ: ପୃଷ୍ଠା-୨)








NATIONAL EGG CO-ORDINATION COMMITTEE | 11.09.2018 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 57 | 102 | 112 |
| CTC | 56 | 101 | 111 |
| DKL | 55 | 100 | 110 |
| BDK | 59 | 105 | 115 |
| BLS | 59 | 105 | 115 |
| ANG | 57 | 102 | 112 |

*Conditions Apply

Eggs Retail Price- 45/-Dozen

Issued in the Interest of Consumers








“ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ ବିଧାନସଭା ଭୋଟର ଫଳାଫଳ ଆଗାମୀ ସାଧାରଣ ନିର୍ବାଚନ ପାଇଁ ନିର୍ଣ୍ଣାୟକ ହେବ। ୨୦୧୯ ନିର୍ବାଚନରେ ଭାଜପାର ବିଜୟ ପରବର୍ତ୍ତୀ ୫୦ ବର୍ଷ ପାଇଁ ଦେଶ ଶାସନ କରିବାର ବାଟ ଫିଟାଇବ।

-ଅମିତ୍ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ

## ସଂକ୍ଷେପରେ

### ପରଲୋକରେ ଶରିଫ୍‌ଙ୍କ ସ୍ତ୍ରୀ



**ଲଣ୍ଡନ/ଇସ୍‌ଲାମାବାଦ,୧୧।୯ (ପି.ଟି.):** ଜୀବନ ଯୁଦ୍ଧରେ ହାରିଗଲେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ୍ ଶରିଫ୍‌ଙ୍କ ସ୍ତ୍ରୀ କୁଲ୍‌ସୁମ୍। ଲଣ୍ଡନ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର କୁଲ୍‌ସୁମଙ୍କ ପରଲୋକ ହୋଇଛି। ତାଙ୍କୁ ୬୮ ବର୍ଷ ହୋଇଥିଲା। କର୍କଟ ସହ ସଂଘର୍ଷ କରୁଥିବା କୁଲ୍‌ସୁମଙ୍କ ଲଣ୍ଡନସ୍ଥିତ ହାର୍ଲେ ଷ୍ଟ୍ରିଟ୍ କ୍ଲିନିକ୍‌ରେ ଜୁନ୍ ୨୦୧୪ରୁ ଚିକିତ୍ସା ଚାଲିଥିଲା। ଫୁସ୍‌ଫୁସ୍ ସମସ୍ୟା ଉପୁଜିବା ପରେ ସୋମବାର ରାତିରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିଥିଲା। ଏହାପରେ ମଙ୍ଗଳବାର ତାଙ୍କୁ ଲାଇଫ୍ ସପୋର୍ଟ ସିଷ୍ଟମ୍‌ରେ ରଖାଯାଇଥିଲା। କିନ୍ତୁ ଡାକ୍ତରମାନେ ତାଙ୍କ ଜୀବନ ରକ୍ଷା କରିପାରି ନ ଥିଲେ। କୁଲ୍‌ସୁମ୍‌ଙ୍କ ପରଲୋକ ବିଷୟରେ ଶରିଫ୍‌ଙ୍କ ଭାଇ ତଥା ପିଏମ୍‌ଏଲ୍‌ଏନ୍‌ର ସଭାପତି ଶାହବାଜ୍ ଶରିଫ୍ ସ୍ପଷ୍ଟ କରିଛନ୍ତି। ପ୍ରକାଶ ଯେ, ନୱାଜ ଏବଂ ତାଙ୍କ ଝିଅ ମରିୟମ୍, ଜାମାତା ମହମ୍ମଦ ସଫ୍‌ଦାର ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ରାୱଲପିଣ୍ଡିର ଆଦିଆଲା ଜେଲରେ ସଜା କାଟୁଛନ୍ତି। କୁଲ୍‌ସୁମଙ୍କ ମୃତଦେହ ଲଣ୍ଡନରୁ ପାକିସ୍ତାନ ଆଣିବା ଲାଗି ପରିବାର ସଦସ୍ୟ ଉଦ୍ୟମ କରୁଥିବା ଜଣାପଡ଼ିଛି। ପାକିସ୍ତାନରେ ହିଁ ତାଙ୍କର ଅନ୍ତିମ ସତ୍କାର କରାଯିବ। କୁଲ୍‌ସୁମ୍‌ଙ୍କ ପରଲୋକରେ ଶୋକବ୍ୟକ୍ତ କରିଛନ୍ତି ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍।

### ରାଜ୍ୟ ସଭା ନିର୍ବାଚନ ବାଲାଟ୍‌ରୁ ହଟିଲା ନୋଟା

ନୂଆଦିଲ୍ଲୀ,୧୧।୯(ପି.ଟି.) ରାଜ୍ୟ ସଭା ଏବଂ ବିଧାନ ପରିଷଦ ନିର୍ବାଚନର ବାଲାଟ୍ ପେପର୍‌ରୁ ହଟିଲା ‘ନୋଟା’ (ନନ୍ ଅଫ୍ ଦି ଆବୋଭ୍) ବିକଳ୍ପ। ପରୋକ୍ଷ ନିର୍ବାଚନରେ ନୋଟା ବ୍ୟବସ୍ଥାର ଆବଶ୍ୟକତା ନାହିଁ ବୋଲି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବାପରେ ଭାରତୀୟ ନିର୍ବାଚନ କମିଶନ ଏଭଳି ପଦକ୍ଷେପ ନେଇଥିବା ଜଣାପଡ଼ିଛି।

### ବିସ୍ଫୋରଣରେ ୨୫ ନିହତ

**କାବୁଲ,୧୧।୯(ଏ.ପି.):** ପୂର୍ବ ଅଫଗାନିସ୍ତାନର ନାନ୍‌ଗରହାରରେ ମଙ୍ଗଳବାର ଆତ୍ମଘାତୀ ଆକ୍ରମଣରେ ୨୫ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୩୦ ଜଣ ଆହତ ହୋଇଛନ୍ତି। ୪୦୦ରୁ ଅଧିକ ଲୋକ ଏକାଠି ହୋଇ ବିକ୍ଷୋଭ ସମାବେଶରେ ଯୋଗ ଦେଇଥିବା ସମୟରେ ଆତ୍ମଘାତୀ ବିସ୍ଫୋରଣ ହୋଇଥିଲା।

### ଏଚ୍‌ଆଇଭି/ଏଡ୍‌ସ ଆଇନ ଲାଗୁ

**ନୂଆଦିଲ୍ଲୀ,୧୧।୯(ପି.ଟି.):** ଏଚ୍‌ଆଇଭି ଏବଂ ଏଡ୍‌ସ ସଂକ୍ରମିତଙ୍କ ଅଧିକାର ଆଇନ ମଙ୍ଗଳବାରଠାରୁ ଲାଗୁ ହୋଇଛି। ଏହି ଆଇନ ଏଚ୍‌ଆଇଭି/ଏଡ୍‌ସ ଭୂତାଣୁରେ ସଂକ୍ରମିତ ହୋଇ ଚିକିତ୍ସିତ ହେଉଥିବା ବ୍ୟକ୍ତିଙ୍କୁ ଶିକ୍ଷାନୁଷ୍ଠାନରେ ନାମଲେଖା ଏବଂ ଚାକିରି କ୍ଷେତ୍ରରେ ସମାନତା ଅଧିକାର ପ୍ରଦାନ କରିବ ।

### ‘ଗଣମାଧ୍ୟମ ନିଜ ପାଇଁ ସୀମାରେଖା ଟାଣୁ’

**ନୂଆଦିଲ୍ଲୀ,୧୧।୯(ପି.ଟି.):** ମିଡିଆ ଟ୍ରାଏଲ୍‌କୁ ନେଇ ପୁଣିଥରେ ତାଗିଦ କରିଛନ୍ତି ସୁପ୍ରିମକୋର୍ଟ। କୌଣସି ମାମଲାରେ ଗଣମାଧ୍ୟମର ବିଚାର ଅନୁଚିତ। ଗଣମାଧ୍ୟମ ନିଜ ପାଇଁ ଏକ ସୀମାରେଖା ଟାଣିବା ଉଚିତ ବୋଲି ମୁଜାଫରପୁର ଆଶ୍ରୟସ୍ଥଳୀ ଯୌନ ନିର୍ଯାତନା ଏବଂ ହତ୍ୟା ଘଟଣାର ଶୁଣାଣିବେଳେ ମଙ୍ଗଳବାର ସର୍ବୋଚ୍ଚ ଅଦାଲତ କହିଛନ୍ତି। ଏହି ମାମଲାର ତଦନ୍ତ ପ୍ରକ୍ରିୟାରୁ ଗଣମାଧ୍ୟମକୁ ଦୂରରେ ରଖାଯିବା ପରେ ସୁପ୍ରିମକୋର୍ଟରେ ଏହାକୁ ବିରୋଧ କରାଯାଇଛି। ବେଳେବେଳେ ଗଣମାଧ୍ୟମ ଚରମସୀମାରେ ପହଞ୍ଚିଯାଏ। ସବୁ ବିଷୟରେ ସନ୍ତୁଳନ ରହିବା ଉଚିତ। ମିଡିଆ ଟ୍ରାଏଲ୍ ଉପରେ ଗଣମାଧ୍ୟମ କେବେ ରେଖାଙ୍କନ କରିବ ବୋଲି ଅଦାଲତ ପ୍ରଶ୍ନ କରିଛନ୍ତି ।

## ■ ମାତ୍ର ୨୫୦୦ ଟଙ୍କାରେ ଆଧାର ସଫ୍ଟୱେର ହ୍ୟାକ୍

# ବିପଦରେ ବ୍ୟକ୍ତିଗତ ତଥ୍ୟ

ନୂଆଦିଲ୍ଲୀ,୧୧।୯

### କାଠଗଡ଼ାରେ ୟୁଆଇଡିଏଆଇ

- ପେଡି ଖୋଲିଲା ହଫ୍‌ପୋଷ୍ଟ ଇଣ୍ଡିଆ
- ପ୍ୟାଚ୍ ଜରିଆରେ ଯେକେହି ଆଧାର ଏନ୍‌ରୋଲମେଣ୍ଟ ଅପରେଟର୍ସ ଭାବେ ଲଗ୍‌ଇନ୍ କରିପାରିବେ
- ଏହାକୁ ବ୍ୟବହାର କରି ୧୦୦ କୋଟି ଭାରତୀୟଙ୍କ ଆଧାର ତଥ୍ୟ ହ୍ୟାକ୍ କରାଯାଇଛି
- ସଫ୍ଟୱେରକୁ ହ୍ୟାକ୍ କରାଯିବା ଆଧାରର ପବିତ୍ରତା ପ୍ରତି ଉପହାସ: କଂଗ୍ରେସ



ଆଧାର କାର୍ଡର ସୁରକ୍ଷାକୁ ନେଇ ଦେଶରେ ଦୀର୍ଘ ସମୟ ଧରି ବିବାଦ ଓ ବିତର୍କ ଲାଗି ରହିଥିବାବେଳେ ଏବେ ସମସ୍ତଙ୍କୁ ଚକିତ କରିଦେବା ଭଳି ଏକ ରିପୋର୍ଟ ଆସିଛି। ମାତ୍ର ୨୫୦୦ ଟଙ୍କାର ଏକ ସଫ୍ଟୱେର ପ୍ୟାଚ୍‌ରେ ବିଶ୍ୱର କୌଣସି କୋଣରେ ବସିଥିବା ଜଣେ ବ୍ୟକ୍ତି ଭାରତୀୟଙ୍କ ଆଧାର ତଥ୍ୟକୁ ହ୍ୟାକ୍ କରିପାରିବେ। କେବଳ ଏତିକି ନୁହେଁ, ପ୍ୟାଚ୍ ସହାୟତାରେ ବ୍ୟକ୍ତିଗତ ତଥ୍ୟ ଅଦଳବଦଳ କରି ଆଧାର କାର୍ଡ ମଧ୍ୟ ତିଆରି କରାଯାଇପାରୁଛି। ଏହାକୁ ପ୍ରୟୋଗ କରି ୧ ବିଲିୟନ (୧୦୦ କୋଟି)ରୁ ଊର୍ଦ୍ଧ୍ୱ ଭାରତୀୟଙ୍କ ଆଧାର ତଥ୍ୟ ହ୍ୟାକ୍ କରାଯାଇଛି। ୩ ମାସର ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ ହଫ୍‌ପୋଷ୍ଟ ଇଣ୍ଡିଆ ତା’ ରିପୋର୍ଟରେ ଏହି ଚାଞ୍ଚଲ୍ୟକର ତଥ୍ୟ ପ୍ରଘଟ କରିଛି। ଏହାକୁ ନେଇ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ମଙ୍ଗଳବାର ପ୍ରଶ୍ନ ଉଠାଇ ଭାରତର ଏକକ ପରିଚୟପତ୍ର କର୍ତ୍ତୃପକ୍ଷ (ୟୁଆଇଡିଏଆଇ)ଙ୍କୁ ସନ୍ଦେହର କାଠଗଡ଼ାରେ ଛିଡ଼ା କରାଇଛନ୍ତି।

ବିଶ୍ୱର ଯେକୌଣସି ତଥ୍ୟକୁ ହ୍ୟାକ୍ କରାଯାଇପାରିବ ବୋଲି ଏକାଧିକ ରିପୋର୍ଟ ପ୍ରକାଶ ପାଇସାରିଲାଣି। ଏହାକୁ ନେଇ ୟୁଆଇଡିଏଆଇ ବାରମ୍ବାର ସଫେଇ ଦେବାରେ ଲାଗିଛି। ଆଧାର ପାଇଁ ଫେସ୍ ରିକଗ୍ନିଶନ ଟେକ୍‌ନିକ୍ ବା ଚେହେରା ଚିହ୍ନଟ କୌଶଳ ଉପରେ କାମ ଚାଲିଛି। ଏହାଦ୍ୱାରା ଆଧାର ତଥ୍ୟକୁ ଅଧିକ ସୁରକ୍ଷିତ ରଖାଯାଇପାରିବ ବୋଲି ୟୁଆଇଡିଏଆଇ ଯୁକ୍ତି ବାଢ଼ି ଆଧାରକୁ ବାଧ୍ୟତାମୂଳକ କରିବାକୁ ଅଗ୍ରସର ହେଉଥିବାବେଳେ ତଥ୍ୟ ହେରଫେରର ପେଡ଼ି ଖୋଲିଛି ହଫ୍‌ପୋଷ୍ଟ ଇଣ୍ଡିଆ। ବିଶ୍ୱର ୫ ଜଣ ବଛା ବଛା ବିଶେଷଜ୍ଞଙ୍କ ସହାୟତାରେ ୩ ମାସ ଧରି ଯାଞ୍ଚ ଚାଲିଥିଲା। ତଦନ୍ତ ଶେଷ ହେବା ପରେ ପ୍ରକାଶିତ ରିପୋର୍ଟରେ ଦାବି କରାଯାଇଛି ଯେ, ନୂଆ ହିତାଧିକାରୀଙ୍କ ନାମ ତାଲିକାଭୁକ୍ତ କରିବା ପାଇଁ ଏକ ଆଧାର ସଫ୍ଟୱେର ଉପଲବ୍ଧ। ଏଥିରେ ଏକ ପ୍ୟାଚ୍ ରହିଛି, ଯାହାର ମୂଲ୍ୟ ମାତ୍ର ୨୫୦୦ ଟଙ୍କା। ଉକ୍ତ ପ୍ୟାଚ୍‌କୁ ବ୍ୟବହାର କରି ଆଧାରର ସୁରକ୍ଷା ବୈଶିଷ୍ଟ୍ୟଗୁଡ଼ିକୁ ଅକାମୀ କରାଯାଇପାରୁଛି। ଏହି ପ୍ୟାଚ୍ ଜରିଆରେ ଯେକେହି ଅନଧିକୃତ ବ୍ୟକ୍ତି ବିଶ୍ୱର କୌଣସି ସ୍ଥାନରୁ କମ୍ପ୍ୟୁଟର ଆଗରେ ବସି ଆଧାର ଏନ୍‌ରୋଲମେଣ୍ଟ ଅପରେଟର୍ସ ଭାବେ ଲଗ୍‌ଇନ୍ କରିପାରିବେ। ସମ୍ପୃକ୍ତ ବ୍ୟକ୍ତି ଯାହାଙ୍କୁ ଚାହିଁବେ, ତାଙ୍କ ନାମ ପଞ୍ଜୀକରଣ କରି ଆଧାର ନମ୍ବର ତିଆରି କରିପାରିବେ। ଏହାକୁ ବ୍ୟବହାର କରି ୧ ବିଲିୟନରୁ ଊର୍ଦ୍ଧ୍ୱ ଭାରତୀୟଙ୍କ ଆଧାର ତଥ୍ୟ ହେରଫେର କରାଯାଇଥିବା ଉକ୍ତ ରିପୋର୍ଟରେ ପ୍ରକାଶ ପାଇଛି।

ଆଧାରରେ ନାମ ତାଲିକାଭୁକ୍ତ କରିବା ପାଇଁ ଉଦ୍ଦିଷ୍ଟ ସଫ୍ଟୱେରକୁ ହ୍ୟାକ୍ କରାଯିବା ଏହି ୧୨ ଅଙ୍କ ବିଶିଷ୍ଟ ପରିଚୟ ନମ୍ବରର ପବିତ୍ରତା ପ୍ରତି ଉପହାସ। ଏହାଦ୍ୱାରା ଲୋକଙ୍କ ବ୍ୟକ୍ତିଗତ ତଥ୍ୟ ବିପଦରେ ପଡ଼ିଛି। ଭବିଷ୍ୟତରେ ନାମ ପଞ୍ଜୀକରଣ ବେଳେ ତଥ୍ୟକୁ ସୁରକ୍ଷିତ ରଖିବା ଲାଗି ୟୁଆଇଡିଏଆଇ ଉପଯୁକ୍ତ ପଦକ୍ଷେପ ନେବା ଉଚିତ ବୋଲି କଂଗ୍ରେସ ପକ୍ଷରୁ ଟୁଇଟ୍ କରାଯାଇଛି। ସେହିପରି ବହୁ ଲୋକଙ୍କ ଅଜାଣତରେ ସେମାନଙ୍କ ଫୋନ୍‌ରେ ୟୁଆଇଡିଏଆଇର ହେଲ୍ପଲାଇନ୍ ନମ୍ବର କିପରି ଷ୍ଟୋର ହୋଇଯାଇଥିଲା ବୋଲି ଗତମାସ ସ୍ପଷ୍ଟୀକରଣ ମାଗିଥିବା ଫ୍ରାନ୍ସର ସୁରକ୍ଷା ବିଶେଷଜ୍ଞ ଇଲିୟଟ୍ ଏଲ୍‌ଡର୍ସନ ସଦ୍ୟ ବିବାଦକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଏଭଳି ତ୍ରୁଟି କୁ ଏଡାଇବା ଲାଗି ହ୍ୟାକର୍ସଙ୍କ ସହ କାମ କରିବାକୁ ୟୁଆଇଡିଏଆଇକୁ ସେ ପରାମର୍ଶ ଦେଇଛନ୍ତି। ଏଥିସହ ସେ ପୁଣି ଦୋହରାଇଛନ୍ତି ଯେ, ବିଶ୍ୱରେ ଏପରି କିଛି ନାହିଁ, ଯାହାକୁ ହ୍ୟାକ୍ କରାଯାଇପାରିବ ନାହିଁ।

### ସଫ୍ଟୱେର ପ୍ୟାଚ୍ କ’ଣ

ହଫ୍‌ପୋଷ୍ଟ ଇଣ୍ଡିଆର ତଦନ୍ତରୁ ଜଣାପଡ଼ିଛି ଯେ, ଆଧାର ସଫ୍ଟୱେରରେ ସଂଲଗ୍ନ ପ୍ୟାଚ୍‌ର ଦାମ ହେଉଛି ମାତ୍ର ୨୫୦୦ ଟଙ୍କା। ଏହି ପ୍ୟାଚ୍ ବଳରେ ୧୨ ଅଙ୍କ ବିଶିଷ୍ଟ ଆଧାର ନମ୍ବର ତିଆରି ସମ୍ଭବ। ପ୍ୟାଚ୍ ବ୍ୟବହାର କରି ଆଧାର ଏନ୍‌ରୋଲମେଣ୍ଟ ଅପରେଟର୍ସଙ୍କ ବାୟୋମେଟ୍ରିକ୍ ଅଥେଣ୍ଟିକେଶନକୁ ସମ୍ପୂର୍ଣ୍ଣ ଭାବେ ବାଇପାସ୍ କରାଯାଇପାରିବ। ଏହାଦ୍ୱାରା ଜଣେ ୟୁଜର ସ୍ୱାଧୀନ ଭାବେ ଆଧାର ନମ୍ବର ତିଆରି କରିପାରିବେ। କାରଣ ଆଧାର ପଞ୍ଜୀକରଣ ପାଇଁ ଉଦ୍ଦିଷ୍ଟ ସଫ୍ଟୱେରରେ ସଂଲଗ୍ନ ଗ୍ଲୋବାଲ ପୋଜିଶନିଂ ସିଷ୍ଟମ୍ (ଜିପିଏସ୍)କୁ ଅକାମୀ କରିବା ପାଇଁ ଏହି ପ୍ୟାଚ୍ ସକ୍ଷମ। ଏଥିସହ ପ୍ୟାଚ୍ ଏନ୍‌ରୋଲମେଣ୍ଟ ସଫ୍ଟୱେରରେ ଥିବା ଇରିସ୍ ଚିହ୍ନଟ ବ୍ୟବସ୍ଥାର ସୂକ୍ଷ୍ମାନୁଭବ ଦକ୍ଷତାକୁ ହ୍ରାସ କରିଥାଏ। ଏହି ପ୍ୟାଚ୍‌କୁ ଆଧାର ସଫ୍ଟୱେରରେ ବ୍ୟବହାର କରାଯାଇପାରିବ ବୋଲି ୩ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବିଶେଷଜ୍ଞ ଓ ୨ ଜଣ ଭାରତୀୟ ବିଶ୍ଳେଷକ ବାରମ୍ବାର ଯାଞ୍ଚ କରି ନିଶ୍ଚିତ କରିଛନ୍ତି।

### ବିଭ୍ରାନ୍ତ କରିବା ପାଇଁ ଅପପ୍ରଚାର

ନୂଆଦିଲ୍ଲୀ,୧୧।୯(ପି.ଟି.)

ଆଧାର ତଥ୍ୟକୁ ହ୍ୟାକ୍ କରାଯାଇ ପାରିବ ନାହିଁ। କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଲୋକଙ୍କୁ ବିଭ୍ରାନ୍ତ କରିବା ପାଇଁ ଆଧାର ସଫ୍ଟୱେର ହ୍ୟାକ୍ କରାଯାଇଥିବା ଅପପ୍ରଚାର ଚଳାଇଛନ୍ତି। ଏଭଳି ଦାବି ଭିତ୍ତିହୀନ ଓ ଏହାର କିଛି ପ୍ରମାଣ ନାହିଁ ବୋଲି ୟୁଆଇଡିଏଆଇ ପକ୍ଷରୁ ଏକ ବିବୃତିରେ ଖଣ୍ଡନ କରାଯାଇଛି।

## ■ କେରଳ ନନ୍ ବଳାତ୍କାର ମାମଲା

# ନ୍ୟାୟ ପାଇଁ ଭାଟିକାନ୍‌କୁ ଚିଠି

କୋଟାୟାମ୍/କୋଚି,୧୧।୯(ପି.ଟି.)

### ଅଭିଯୋଗ ଖଣ୍ଡନ କଲେ ବାଇସପ୍

ଜଳନ୍ଧର ରୋମାନ୍ କାଥୋଲିକ୍ ଚର୍ଚ୍ଚର ବାଇସପ୍ ଫ୍ରାଙ୍କୋ ମୁଲକ୍କଲ୍‌ଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଥିବା କେରଳୀ ନନ୍ ମଙ୍ଗଳବାର ନ୍ୟାୟ ପାଇଁ ଭାଟିକାନ୍ ସିଟିକୁ ଗୁହାରି କରିଛନ୍ତି। ଅନ୍ୟପକ୍ଷରେ ତାଙ୍କ ବିରୋଧରେ ଆସିଥିବା ସମସ୍ତ ଅଭିଯୋଗ ଭିତ୍ତିହୀନ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ବାଇସପ୍ ଫ୍ରାଙ୍କୋ କହିଛନ୍ତି।

ଭାଟିକାନ୍‌ର ଆପୋଷ୍ଟୋଲିକ୍ ନନ୍‌ସିଓ (ଏକ ପ୍ରକାରର ରାଷ୍ଟ୍ରଦୂତ ମିଶନ୍)ଙ୍କ ନିକଟକୁ ଲେଖିଥିବା ଚିଠିରେ ପୀଡ଼ିତା ଉଲ୍ଲେଖ କରିଛନ୍ତି ଯେ, ତାଙ୍କୁ ବଳାତ୍କାର କରିବା ପରେ ବାଇସପ୍ ଫ୍ରାଙ୍କୋ ଏବେ ନିଜ ପଦର ଅପବ୍ୟବହାର କରୁଛନ୍ତି। ନିଜ ସହଯୋଗୀଙ୍କ ସହ ମିଶି ପୋଲିସ ତଦନ୍ତକୁ ମଧ୍ୟ ପ୍ରଭାବିତ କରିବାକୁ ଚେଷ୍ଟା କରୁଛନ୍ତି। ତାଙ୍କ ବିରୋଧରେ ଦୁଇମାସ ପୂର୍ବରୁ ମାମଲା ଦାଏର ହୋଇଛି। କିନ୍ତୁ ଅର୍ଥବଳ ଏବଂ ରାଜନୈତିକ ଲିଙ୍କ୍ ଜରିଆରେ ରକ୍ଷା ପାଇଯାଉଛନ୍ତି ସେ ଗୁହାରି କରିଛନ୍ତି। ସେପଟେ ନନ୍‌ଙ୍କୁ ନ୍ୟାୟ ଦାବିରେ କୋଚିର ବିଭିନ୍ନ କାଥୋଲିକ୍ ରିଫର୍ମ ଅର୍ଗାନାଇଜେଶନ୍ ପକ୍ଷରୁ ଆରମ୍ଭ ହୋଇଥିବା ବିକ୍ଷୋଭ ମଙ୍ଗଳବାର ଚତୁର୍ଥ ଦିନରେ ପହଞ୍ଚିଛି। ବାଇସପ୍‌ଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପ୍ରକାଶ ଯେ, ଜଳନ୍ଧର କାଥୋଲିକ୍ ଚର୍ଚ୍ଚର ବାଇସପ୍ ଫ୍ରାଙ୍କୋ ୨୦୧୪ରୁ ୨୦୧୬ ମଧ୍ୟରେ ତାଙ୍କୁ ୧୩ଥର ବଳାତ୍କାର କରିଥିବା କେରଳର ଜଣେ ନନ୍ ଅଭିଯୋଗ ଆଣିବା ପରେ ଏହାକୁ ଚାରିଆଡୁ ବିରୋଧ କରାଯାଇଥିଲା।




# ଆଶାରାମଙ୍କ କ୍ଷମା ଆବେଦନ

ଯୋଧପୁର,୧୧।୯(ପି.ଟି.)

ବଳାତ୍କାର ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ରାଜସ୍ଥାନର ଯୋଧପୁର ଜେଲରେ ଆଜୀବନ ବନ୍ଦୀ ଜୀବନ ବିତାଉଥିବା ଆଶାରାମ ନିଜର ଦଣ୍ଡ କୋହଳ କରିବାକୁ ରାଜସ୍ଥାନ ରାଜ୍ୟପାଳଙ୍କ ନିକଟରେ କ୍ଷମା ଆବେଦନ କରିଛନ୍ତି। ସେ କହିଛନ୍ତି, ତାଙ୍କର ବାର୍ଦ୍ଧକ୍ୟ ସମୟରେ ଆଜୀବନ କାରାଦଣ୍ଡ ଖୁବ୍ ନିଷ୍ଠୁର ଦଣ୍ଡ। ଆଶାରାମଙ୍କ ଆବେଦନକୁ ରାଜ୍ୟପାଳ କଲ୍ୟାଣ ସିଂ ଗ୍ରହଣ କରି ଏହାକୁ ଗୃହ ବିଭାଗ ନିକଟକୁ ପଠାଇଦେଇଛନ୍ତି। ଗୃହ ବିଭାଗ ଯୋଧପୁର ସେଣ୍ଟ୍ରାଲ ଜେଲ ପ୍ରଶାସନ ପାଖକୁ ଏହି ଆବେଦନକୁ ପଠାଇଦେଇଛି।

# କେସିଆର୍‌ଙ୍କ ବିରୋଧୀ ଏକାଠି

ନୂଆଦିଲ୍ଲୀ,୧୧।୯(ଆଇଏଏନ୍‌ଏସ୍)

### ତେଲେଙ୍ଗାନାରେ କଂଗ୍ରେସ, ଟିଡିପି, ସିପିଆଇର ମେଣ୍ଟ

ତେଲେଙ୍ଗାନାରେ କାମଚଳା ମୁଖ୍ୟମନ୍ତ୍ରୀ କେ.ଚନ୍ଦ୍ରଶେଖର ରାଓ (କେସିଆର୍)ଙ୍କ ନେତୃତ୍ୱାଧୀନ ଟିଆର୍‌ଏସ୍‌କୁ ଟକ୍କର ଦେବା ପାଇଁ ଏକାଠି ହୋଇଛନ୍ତି ବିରୋଧୀ। ବିଧାନସଭା ନିର୍ବାଚନରେ ଟିଡିପି, କଂଗ୍ରେସ ଓ ସିପିଆଇ ମିଳିତ ଭାବେ ଲଢ଼ିବା ପାଇଁ ମଙ୍ଗଳବାର ମେଣ୍ଟ ଗଢ଼ିଛନ୍ତି। ପ୍ରକାଶ ଯେ, କେସିଆର୍ ଗତସପ୍ତାହରେ ବିଧାନସଭା ଭଙ୍ଗ କରାଇ ଆଗୁଆ ନିର୍ବାଚନର ବାଟ ଫିଟାଇଥିଲେ। ତାଙ୍କର ଏହି ପଦକ୍ଷେପକୁ ବିରୋଧୀ ଦଳଗୁଡ଼ିକ ଅଗଣତାନ୍ତ୍ରିକ ବୋଲି ଅଭିହିତ କରିଥିଲେ। ରାଜ୍ୟରେ ନଭେମ୍ବରରେ ନିର୍ବାଚନ ହୋଇପାରେ।

# ସେନା ସଂସ୍କାର ପାଇଁ ଆଲୋଚନା

ନୂଆଦିଲ୍ଲୀ,୧୧।୯ (ପି.ଟି.)



ସେନାରେ ସଂସ୍କାର ଆଣିବା ଲାଗି ଉଦ୍ୟମ ଆରମ୍ଭ ହୋଇଯାଇଛି। ସେନାର ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ମଙ୍ଗଳବାର ଏ ସମ୍ପର୍କିତ ଆଲୋଚନା ପ୍ରକ୍ରିୟା ଆରମ୍ଭ ହୋଇଛି। ୧୨.୫ ଲକ୍ଷ ବଳ ବିଶିଷ୍ଟ ଭାରତୀୟ ସେନାକୁ ସଙ୍କୁଚିତ ଏବଂ ପରାକ୍ରମଶାଳୀ କରିବା ତଥା ଏହାର ସାଙ୍ଗଠନିକ ଢାଞ୍ଚା ପରିବର୍ତ୍ତନ କରିବା ଉଦ୍ଦେଶ୍ୟରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ବାର୍ଷିକ ୬୦୦୦-୭୦୦୦ କୋଟି ଟଙ୍କା ଆଗାମୀ ୬ ବର୍ଷ ମଧ୍ୟରେ ସଞ୍ଚୟ କରିବା ପାଇଁ ସେନାରେ ଦେଢ଼ଲକ୍ଷ କର୍ମଚାରୀଙ୍କ ଛଟେଇ କରିବା ସମ୍ପର୍କରେ ମଧ୍ୟ ବିଚାର କରାଯାଉଥିବା କୁହାଯାଉଛି। ଦୁଇଟି ବିଶେଷଜ୍ଞ କମିଟି ସେନା ସଂସ୍କାର ସମ୍ପର୍କିତ ରିପୋର୍ଟ ସେନାଧ୍ୟକ୍ଷ ଜେନେରାଲ ବିପିନ ରାୱତ୍‌ଙ୍କୁ ହସ୍ତାନ୍ତର କରିଥିଲେ। ରାୱତ୍‌ଙ୍କ ସମେତ ୬ଟି ରିଜିଓନାଲ୍ କମାଣ୍ଡ ଓ ଗୋଟିଏ ପ୍ରଶିକ୍ଷଣ କମାଣ୍ଡର ମୁଖ୍ୟ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ବୈଠକରେ ଉପସ୍ଥିତ ଥିଲେ। ସେନା ପୁନର୍ଗଠନ ଓ ସୁଦୃଢ଼ୀକରଣ, ମୁଖ୍ୟାଳୟଗୁଡ଼ିକର ବିଭିନ୍ନ ସ୍ତରରେ ପୁନଃନିର୍ମାଣ, କ୍ୟାଡର୍ ରିଭ୍ୟୁ, କର୍ମଚାରୀଙ୍କ କାର୍ଯ୍ୟକାଳ ଆଦି ୪ଟି ବିଷୟରେ ତର୍ଜମା କରାଯାଇ ଶୀର୍ଷସ୍ତରୀୟ ସେନାଧିକାରୀଙ୍କୁ ଅବଗତ କରାଯାଇଛି। ଅଧ୍ୟୟନ ଚୂଡ଼ାନ୍ତ ହୋଇ ଅନୁମୋଦନ ଲାଭ କରିବା ପରେ ୨୦୧୯ ଆରମ୍ଭ ବେଳକୁ ଏହାର ଆଧୁନିକୀକରଣ ଆରମ୍ଭ ହେବ।

ଅପରେଶନ୍‌ରେ ସାମିଲ ହେଉ ନ ଥିବା ଯବାନଙ୍କ ସଂଖ୍ୟା ହ୍ରାସକରି ଲଢୁଆ ବଳର ପରାକ୍ରମ କ୍ଷମତା ବୃଦ୍ଧି କରିବା ବିଷୟରେ ଆଲୋଚନା ହୋଇଥିଲା। ବିଭିନ୍ନ ନିର୍ଦ୍ଦେଶାଳୟକୁ ମୁଖ୍ୟାଳୟକୁ ସ୍ଥାନାନ୍ତର କରିବା କିମ୍ବା ଏହା ସହ ମିଶାଇ ମେଜର ଜେନେରାଲଙ୍କ ଅଧୀନରେ ଇଣ୍ଟିଗ୍ରେଟେଡ୍ କମ୍ପୋଜିଟ୍ ବ୍ରିଗେଡ୍ ଗଠନ, ଅଧିକାଂଶ ଡିଭିଜନାଲ୍ ମୁଖ୍ୟାଳୟର ଉଚ୍ଛେଦ, ବ୍ରିଗେଡିୟର୍ ର୍ୟାଙ୍କ୍ ପଦ ଉଚ୍ଛେଦ ବିଷୟରେ ସୁପାରିସ କରାଯାଇଛି।

### ରାଜୀବ ହତ୍ୟାକାରୀଙ୍କ ମୁକ୍ତି ପ୍ରସଙ୍ଗ ବିରୋଧ କରିବ କେନ୍ଦ୍ର

ନୂଆଦିଲ୍ଲୀ,୧୧।୯(ପି.ଟି.)

ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୭ ଜଣ ହତ୍ୟାକାରୀଙ୍କୁ ମୁକ୍ତ କରିବା ଲାଗି ତାମିଲନାଡୁ କ୍ୟାବିନେଟ୍ ରାଜ୍ୟପାଳଙ୍କୁ ସୁପାରିସ କରିଛି। ଏହା ବିରୋଧରେ ବାହାରି ପଡ଼ିଛି କେନ୍ଦ୍ର। ରାଜୀବ ହତ୍ୟାକାରୀଙ୍କୁ ମୁକ୍ତ କରିବା ଅଧିକାର ତାମିଲନାଡୁ ରାଜ୍ୟପାଳଙ୍କ ପାଖରେ ନାହିଁ। ଏଥିଲାଗି ତାଙ୍କୁ କେନ୍ଦ୍ର ସରକାରଙ୍କ ପରାମର୍ଶ ନେବାକୁ ପଡ଼ିବ। ସିବିଆଇ ନେତୃତ୍ୱାଧୀନ ଟିମ୍ ଦ୍ୱାରା ଏପର୍ଯ୍ୟନ୍ତ ମାମଲାର ତଦନ୍ତ ଚାଲିଛି। ଏଣୁ ଏଭଳି କିଛି ପଦକ୍ଷେପ ନେବା ପୂର୍ବରୁ ଆଇନ ଅନୁଯାୟୀ ତାଙ୍କୁ କେନ୍ଦ୍ର ସହ ଆଲୋଚନା କରିବାକୁ ପଡ଼ିବ ବୋଲି ମଙ୍ଗଳବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଜଣେ ଅଧିକାରୀ ପ୍ରକାଶ କରିଛନ୍ତି।

# ନିଜାମଙ୍କ ଟିଫିନ୍‌ରେ ଖାଉଥିଲେ ଚୋର

ହାଇଦ୍ରାବାଦ,୧୧।୯ (ପି.ଟି.)

ହାଇଦାବାଦ୍ ସ୍ଥିତ ନିଜାମୁଦ୍ଦିନ୍ ମ୍ୟୁଜିୟମରୁ ଚୋରି ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ୨ ଅଭିଯୁକ୍ତଙ୍କଠାରୁ ଅନେକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ମହମ୍ମଦ ଘୋଷି ପାସା(୨୩) ଏବଂ ମହମ୍ମଦ ମୁବିନ୍(୨୪)ଙ୍କ ଠାରୁ ୭ମ ନିଜାମ ନୱାବ ମୀର ଓସମାନ ଅଲ୍ଲୀଖାନ୍ ବାହାଦୁରଙ୍କ ବ୍ୟବହୃତ ହୀରା ଖଚିତ ୧୯୫୦ ଗ୍ରାମର ତିନି ଥାକିଆ ଟିଫିନ, ଚା କପ୍ ଏବଂ ସୁନାର ଚାମଚ ଜବତ କରାଯାଇଛି। ସବୁଠାରୁ ବଡ କଥା ହେଲା ଯେ, ଏହି ଦୁଇ ଚୋର ସୁନାର ଟିଫିନରେ ଖାଦ୍ୟ ଖାଉଥିଲେ।



ନିଜାମ ଏଥିରେ ଖାଦ୍ୟ ଖାଉଥିଲେ କି ନାହିଁ କେହି ଦେଖି ନ ଥିବେ, କିନ୍ତୁ ସୁବର୍ଣ୍ଣ ଟିଫିନ୍‌ରେ ଦୁଇଚୋରଙ୍କ ଖାଦ୍ୟ ଗ୍ରହଣ ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି।

## ■ ମଣିଷଖିଆ ବାଘୁଣୀ ମାମଲା

# ହସ୍ତକ୍ଷେପ କରିବାକୁ ସୁପ୍ରିମକୋର୍ଟଙ୍କ ନା

ନୂଆଦିଲ୍ଲୀ,୧୧।୯(ପି.ଟି.)

ମହାରାଷ୍ଟ୍ରର ମଣିଷଖିଆ ବାଘୁଣୀକୁ ନିଶ୍ଚେତକ ଦିଆଯିବା ଉଚିତ ନା ଗୁଳିକରି ହତ୍ୟା କରାଯିବା ଉଚିତ ତାହା ବନ ବିଭାଗ ନିଷ୍ପତ୍ତି ନେଉ ବୋଲି ମଙ୍ଗଳବାର ସୁପ୍ରିମକୋର୍ଟ କହିଛନ୍ତି। ଏଥିରେ ସର୍ବୋଚ୍ଚ ଅଦାଲତ ହସ୍ତକ୍ଷେପ କରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

ରାଜ୍ୟର ଯାବତ୍‌ମାଲା ଜିଲାର ରାଲେଗାଓଁ ଜିଲାରେ ଏକ ବାଘ ୯ ଜଣଙ୍କୁ ହତ୍ୟା କରିଥିବା ବନ ବିଭାଗ ଅଭିଯୋଗ ଆଣିଛି। ‘ଟି୧’ ନାମକ ଏହି ବାଘୁଣୀଟି ନିଜର ଦୁଇ ଶାବକ ସହ ଜଣେ ବ୍ୟକ୍ତିଙ୍କ ଶରୀରର ୬୦ ଭାଗ ଖାଇ ଦେବା ପରେ ମହାରାଷ୍ଟ୍ର ବନ ବିଭାଗ ଏହାକୁ ମଣିଷଖିଆ ବାଘୁଣୀ ଆଖ୍ୟା ଦେଇଥିଲା। ବାଘୁଣୀଟି ଗତମାସ ୩ ଜଣଙ୍କୁ ହତ୍ୟାକରିଛି। ତେବେ ‘ଟି୧’କୁ ନିଶ୍ଚେତକ ଦିଆଯିବ ନା ଗୁଳିକରି ହତ୍ୟା କରାଯିବ, ତାକୁ ନେଇ ଉପୁଜିଛି ବିବାଦ। ମାମଲା ଏବେ ସୁପ୍ରିମକୋର୍ଟରେ ପହଞ୍ଚିଛି। ପୂର୍ବରୁ ଏହି ମାମଲାର ଶୁଣାଣି କରି ବମ୍ବେ ହାଇକୋର୍ଟ ବାଘୁଣୀକୁ ପ୍ରଥମେ ନିଶ୍ଚେତକ ଏବଂ କିଛି ସମସ୍ୟା ଉପୁଜିଲେ ଗୁଳିକରି ହତ୍ୟା କରିବାଲାଗି ବନ ବିଭାଗକୁ ଅନୁମତି ଦେଇଥିଲେ। ହାଇକୋର୍ଟଙ୍କ ରାୟକୁ ଜଣେ ଆବେଦନକାରୀ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ୍ କରିଛନ୍ତି ।

# ଉଜୁଡ଼ିଗଲା ଭଉଣୀ ବାହାଘର

ଶ୍ରୀନଗର,୧୧।୯

### ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ



ଲିୟାକତ୍ ଅହମ୍ମଦ ଲୋନ୍

ଭଉଣୀ ବାହାଘର ପାଇଁ ଲାଗିଥିଲା ଖୁସିର ମାହୋଲ। ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନଙ୍କ ହର୍ଷୋଲ୍ଲାସରେ ଫାଟିପଡୁଥିଲା ଘର। ଏତିକିବେଳେ ଏଭଳି ଗୋଟିଏ ଖବର ଆସିଲା, ଯାହା ଏଥିରେ ନିମିକେ ଭଙ୍ଗା ପକାଇଦେଇଥିଲା। ଖବର ପାଇ ସମସ୍ତେ ମର୍ମାହତ ଓ ମ୍ରିୟମାଣ। ମନେହେଉଥିଲା ସତେ ଯେମିତି ପରିବାରକୁ ଆଉ କେବେ ଖୁସି ଫେରିବନି। ଜମ୍ମୁ-କଶ୍ମୀରର କୁପୱାଡ଼ା ଜିଲା ସୋପୁର ନିବାସୀ ଲିୟାକତ୍ ଅହମ୍ମଦ ଲୋନ୍‌ଙ୍କ ଘରେ ମଙ୍ଗଳବାର ଘଟିଛି ଏହି ବିରଳ ଘଟଣା। ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ନିହତ ୨ ଲଶ୍କର ଆତଙ୍କବାଦୀଙ୍କ ମଧ୍ୟରେ ଲିୟାକତ୍ ଥିବା ଜଣାପଡ଼ିବା ପରେ ବିବାହ ଉତ୍ସବ ଦିନରେ ପାଳନ କରାଗଲା ଶୋକ ଦିବସ। ହଣ୍ଡୱାଡାର ଗାଲୁରା ଅଞ୍ଚଳରେ ଲଶ୍କର-ଇ-ତୋଇବା (ଏଲ୍‌ଇଟି) ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ପୋଲିସକୁ ମିଳିଥିଲା ଗୋଇନ୍ଦା ସୂଚନା। ସୁରକ୍ଷା ବଳ ମଙ୍ଗଳବାର ସକାଳେ ସମ୍ପୃକ୍ତ ଅଞ୍ଚଳକୁ ଘେରି ତଲାସି ଅଭିଯାନ ଚଳାଉଥିବାବେଳେ ଆତଙ୍କବାଦୀମାନେ ଯବାନଙ୍କୁ ଚ୍ୟାଲେଞ୍ଜ କରି ଗୁଳିବର୍ଷା କରିଥିଲେ। ଯବାନଙ୍କ ଜବାବୀ କାର୍ଯ୍ୟାନୁଷ୍ଠାନରେ ଟଳିପଡ଼ିଲେ ଲିୟାକତ୍ ଓ ତାଙ୍କ ସହଯୋଗୀ ଫୁରକାନ୍ ରସିଦ୍ ଲୋନ୍ ଓରଫ ଆଦିଲ। ସେପଟେ ଲିୟାକତ୍‌ଙ୍କ ଭଉଣୀ ବାହାଘର ଚାଲିଥିବାବେଳେ ବିଜୁଳି ବେଗରେ ପହଞ୍ଚିଥିଲା ଏହି ଖବର। ସମସ୍ତେ ସ୍ତବ୍ଧ ହୋଇଗଲେ। ଅଟକିଗଲା ବାହାଘର। ଅପରାହ୍ନରେ ପୋଲିସ ଲିୟାକତ୍‌ଙ୍କ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁର୍ଦ୍ଧର୍ଷ ଆତଙ୍କବାଦୀ ଲିୟାକତ୍‌ଙ୍କ ନାମରେ ରହିଛି ଅପହରଣ, ବଳାତ୍କାର ଓ ହତ୍ୟା ଭଳି ଅନେକ ସଙ୍ଗିନ ଆପରାଧିକ ମାମଲା। ସେ ବହୁ ଆତଙ୍କବାଦୀ ଆକ୍ରମଣରେ ଜଡ଼ିତ ଥିଲେ। ସମ୍ଭବତଃ ଲିୟାକତ୍‌ଙ୍କ କୃତକର୍ମର ଫଳ ଭୋଗିବାରୁ ବର୍ତ୍ତିପାରିଲାନି ତାଙ୍କ ପରିବାର।

ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ୍-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.



ଗୋଖାଦ୍ୟ ଦୁର୍ନୀତି ମାମଲାରେ ଜେଲଦଣ୍ଡ ଭୋଗୁଥିବା ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆର୍‌ଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବ ଏବେ ଡିପ୍ରେଶନ ବା ବିଷାଦଗ୍ରସ୍ତ ହୋଇଥିବା ସୂଚନା ମିଳିଛି। ରାଞ୍ଚିସ୍ଥିତ ରାଜେନ୍ଦ୍ର ଆୟୁର୍ବେଦ ସଂସ୍ଥାର ନିର୍ଦ୍ଦେଶକ ଆର୍ କେ ଶ୍ରୀବାସ୍ତବ ଏହି ସୂଚନା ଦେଇଛନ୍ତି। ଦିଲ୍ଲୀସ୍ଥିତ ଏମ୍ସର ଡାକ୍ତରମାନେ ମଧ୍ୟ ଏହା କହିଛନ୍ତି। ସେଠାରେ ଚିକିତ୍ସିତ ହେଉଥିବା ବେଳେ ଡାକ୍ତରମାନେ ରିପୋର୍ଟରେ ଏହା ଉଲ୍ଲେଖ କରିଛନ୍ତି।




## ସରଣ୍ଡା ଜଙ୍ଗଲରୁ ୪୦ କିଲୋ ଲ୍ୟାଣ୍ଡମାଇନ ଜବତ

**ରାଉରକେଲାଅଫିସ,୧୧।୯ :** ଝାରଖଣ୍ଡ ସୀମା ସରଣ୍ଡା ଜଙ୍ଗଲରୁ ୪୦ କିଲୋ ଓଜନର ଏକ ଲ୍ୟାଣ୍ଡମାଇନ ଜବତ ହୋଇଛି। ମଙ୍ଗଳବାର ସିଆରପିଏଫ ଜବାନମାନଙ୍କ ଦ୍ୱାରା କମ୍ବିଂ ବେଳେ ଏହାକୁ ଉଦ୍ଧାର କରାଯାଇଛି। ମାଓବାଦୀଙ୍କ ଦ୍ୱାରା ଏକ ନିଛାଟିଆ ସ୍ଥାନରେ ତାର ଘେର ମଧ୍ୟରେ ଏହି ଲ୍ୟାଣ୍ଡମାଇନ ଖଞ୍ଜା ଯାଇଥିବା ସୂଚନା ମିଳିଛି। ଏକ ବଡ଼ଧରଣର ବିସ୍ଫୋରଣ ଘଟାଇବାକୁ ଯାଇ ମାଓବାଦୀମାନେ ଏହି ଲ୍ୟାଣ୍ଡମାଇନ ବିଛାଇଥିବା ଆଶଙ୍କା କରାଯାଉଛି। ସୀମାନ୍ତ ଛୋଟାନାଗ୍ରା ବଡ଼ିଆର ଗାଁରୁ ପ୍ରାୟ ୫କିମି ଦୂର ଜଙ୍ଗଲରୁ ଏହି ଲ୍ୟାଣ୍ଡମାଇନ୍‌କୁ ଠାବ କରାଯାଇଥିଲା। ତେବେ ଏ ସମ୍ପର୍କରେ ରାଉରକେଲା ପୋଲିସ ନିକଟରେ ସୂଚନା ନ ଥିବା ଜଣାଯାଇଛି।




### ଏସ୍‌ସିଏସ୍‌ଟି ବିଭାଗ ହାଇସ୍କୁଲରେ ଗୁଣାତ୍ମକ ଶିକ୍ଷାଦାନ ପାଇଁ ଯୋଜନା

# ଚଳିତବର୍ଷରୁ ୨୧ ହାଇସ୍କୁଲରେ ଯୁକ୍ତ୨ ବିଜ୍ଞାନ ପାଠ୍ୟକ୍ରମ

**ଭୁବନେଶ୍ୱର, ୧୧।୯(ବ୍ୟୁରୋ)**

ଅନୁସୂଚିତ ଜାତି(ଏସ୍‌ସି) ଓ ଅନୁସୂଚିତ ଜନଜାତି(ଏସ୍‌ଟି) ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ହାଇସ୍କୁଲରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ଶିକ୍ଷାଦାନ ପଦ୍ଧତିର ପୁନର୍ଗଠନ କରାଯାଇଛି। ଜନଜାତି ବହୁଳ ଅଞ୍ଚଳରେ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ପ୍ରଦାନ ଲାଗି ବିଭାଗ ପକ୍ଷରୁ ୨୦୧୭-୧୮ ଶିକ୍ଷାବର୍ଷରେ ମୟୂରଭଞ୍ଜ, ଗଜପତି, କଳାହାଣ୍ଡି, ସମ୍ବଲପୁର, କେନ୍ଦୁଝର, ସୁନ୍ଦରଗଡ଼, ରାୟଗଡ଼ା, ମାଲକାନଗିରି, ନବରଙ୍ଗପୁର ଜିଲାର ୨୬ ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭାବେ ଉନ୍ନୀତ କରାଯାଇ ଯୁକ୍ତ୨ ବିଜ୍ଞାନ ପାଠପଢ଼ା ଚାଲିଛି। ସେହିପରି ଚଳିତ ୨୦୧୮-୧୯ ଶିକ୍ଷାବର୍ଷରେ ରାଜ୍ୟ ସରକାର ଗଜପତି, କନ୍ଧମାଳ, ସୁନ୍ଦରଗଡ଼, ନବରଙ୍ଗପୁର, କୋରାପୁଟ, ରାୟଗଡ଼ା, ମାଲକାନଗିରି, କଳାହାଣ୍ଡି, ମୟୂରଭଞ୍ଜ ଓ ବଲାଙ୍ଗୀର ଜିଲାର ଅଧିକ ୨୧ଟି ହାଇସ୍କୁଲରେ ଯୁକ୍ତ୨ ବିଜ୍ଞାନ ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ଉନ୍ନୀତ ବିଦ୍ୟାଳୟଗୁଡ଼ିକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ନିମନ୍ତେ ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗ ପକ୍ଷରୁ ୭ଟି ବିଷୟ ଯଥା- ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନି, ଗଣିତ, ପ୍ରାଣୀବିଜ୍ଞାନ, ଉଦ୍ଭିଦ ବିଜ୍ଞାନ, ଓଡ଼ିଆ ଓ ଇଂଲିଶ ବିଭାଗରେ ୨୩୦ ପିଜିଟିଙ୍କୁ ନିଯୁକ୍ତି ଦେବା ଲାଗି ଓଡ଼ିଶା ଲୋକସେବା ଆୟୋଗଙ୍କୁ ଅନୁରୋଧ କରାଯାଇଥିଲା। ଇତିମଧ୍ୟରେ ଓପିଏସ୍‌ସି ପକ୍ଷରୁ ଏହି ବିଦ୍ୟାଳୟଗୁଡ଼ିକ ପାଇଁ ୧୫୪ ଜଣ ପ୍ରାର୍ଥୀଙ୍କ ନାମ ଚୟନ କରାଯାଇଛି। ସପ୍ତମ ବେତନ କମିଶନଙ୍କ ସୁପାରିସ ଅନୁସାରେ ପିଜିଟି ଶିକ୍ଷକମାନେ ବେତନ ପାଇବେ। ଅତିଶୀଘ୍ର ରାଜ୍ୟ ସରକାର ୧୫୪ ଜଣ ନବନିଯୁକ୍ତ ପୋଷ୍ଟ ଗ୍ରାଜୁଏଟ୍ ଶିକ୍ଷକଙ୍କୁ ନିଯୁକ୍ତି ଦେବେ ଏବଂ ଚଳିତ ବର୍ଷରୁ ଶିକ୍ଷାଦାନ ଆରମ୍ଭ ହେବ ବୋଲି ଅନୁସୂଚିତ ଜାତି, ଜନଜାତି ଉନ୍ନୟନ, ସଂଖ୍ୟାଲଘୁ, ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି କହିଛନ୍ତି।








କଂଗ୍ରେସର ପୂର୍ବତନ ବିଧାୟକ ଜଗା ରେଡ୍ଡୀଙ୍କୁ ସୋମବାର ହାଇଦ୍ରାବାଦ ମାର୍କେଟ ପୋଲିସ ଗିରଫ କରିଛି। ତାଙ୍କ ନାଁରେ ଜାଲିଆତି, ଠକେଇ ଓ ମାନବ ଚାଲାଣ ଭଳି ଅଭିଯୋଗ ରହିଛି। ମାର୍କେଟ ପୋଲିସ ଷ୍ଟେଶନର ସର୍କଲ ଇନ୍ସପେକ୍ଟରଙ୍କ ସୂଚନା ଅନୁଯାୟୀ, ୨୦୦୪ରେ ରେଡ୍ଡୀ ୩ ଜଣ ଲୋକଙ୍କୁ ନିଜ ପରିବାର ସଦସ୍ୟ ଭାବେ ପରିଚୟ ଦେଇ ହାଇଦ୍ରାବାଦରୁ ଆମେରିକା ଚାଲାଣ କରୁଥିଲେ।




# ରାଜ୍ୟୱାରି ତେଲ ଦର ଓ ଲାଗୁ କରାଯାଇଥିବା ଭାଟ୍

ବିଭିନ୍ନ ରାଜ୍ୟରେ ପେଟ୍ରୋଲ ଓ ଡିଜେଲର ଭାଟ୍ ଦରରେ ବ୍ୟାପକ ଭିନ୍ନତା ରହିଛି। ଏହାବ୍ୟତୀତ ସେମାନେ ଅନ୍ୟାନ୍ୟ ଟିକସ ଏବଂ ସେସ୍ ଆଦାୟ କରୁଛନ୍ତି। ଦିଲ୍ଲୀରେ ପେଟ୍ରୋଲ ଓ ଡିଜେଲର ଠିକ୍ ଦର ସମ୍ପର୍କିତ ତଥ୍ୟ ତୈଳ କମ୍ପାନୀଗୁଡ଼ିକ ଦର୍ଶାଉଛନ୍ତି, କିନ୍ତୁ ଅନ୍ୟ ରାଜ୍ୟର ଏଭଳି ସୂଚନା ମିଳିପାରୁନାହିଁ। ତୈଳ ଦର ଓ ଭାଟ୍ ମଧ୍ୟରେ ତୁଳନା କଲେ ଜଣାପଡ଼େ ଯେ, ଏ ଦୁହିଁଙ୍କ ମଧ୍ୟରେ ପ୍ରତ୍ୟକ୍ଷ ସମ୍ପର୍କ ନାହିଁ।



**ପେଟ୍ରୋଲ**

| ରାଜ୍ୟ | ଲିଟରରେ ଦର (ଟଙ୍କାରେ) | ଭାଟ୍ (%) |
|---|---|---|
| ମହାରାଷ୍ଟ୍ର-ମୁମ୍ବାଇ | ୮୮.୨ | ୩୯.୧ |
| ମହାରାଷ୍ଟ୍ର (ଅନ୍ୟାନ୍ୟ ଅଞ୍ଚଳ) | ୮୮.୦ | ୩୮.୧ |
| ବିହାର | ୮୭.୦ | ୨୪.୭ |
| ମଧ୍ୟପ୍ରଦେଶ | ୮୬.୬ | ୩୫.୮ |
| ଆନ୍ଧ୍ରପ୍ରଦେଶ | ୮୬.୩ | ୩୫.୮ |
| ପଞ୍ଜାବ | ୮୬.୧ | ୩୫.୧ |
| ତେଲେଙ୍ଗାନା | ୮୫.୭ | ୩୩.୩ |
| ଜମ୍ମୁ ଓ କଶ୍ମୀର (ଶ୍ରୀନଗର) | ୮୫.୩ | ୨୭.୪ |
| କେରଳ | ୮୪.୨ | ୩୦.୪ |
| ତାମିଲନାଡୁ | ୮୪.୦ | ୩୨.୨ |
| ସିକିମ | ୮୪.୦ | ୨୭.୯ |
| ପଶ୍ଚିମବଙ୍ଗ | ୮୩.୭ | ୨୫.୩ |
| କର୍ନାଟକ | ୮୩.୫ | ୩୦.୩ |
| ଆସାମ | ୮୩.୨ | ୩୦.୯ |
| ଜମ୍ମୁ ଓ କଶ୍ମୀର (ଜମ୍ମୁ) | ୮୨.୫ | ୨୭.୪ |
| ରାଜସ୍ଥାନ | ୮୧.୩ | ୩୦.୮ |
| ଉତ୍ତରାଖଣ୍ଡ | ୮୧.୩ | ୨୭.୧ |
| ଛତିଶଗଡ଼ | ୮୧.୨ | ୨୬.୯ |
| ହିମାଚଳ ପ୍ରଦେଶ | ୮୧.୧ | ୨୪.୪ |
| ହରିୟାଣା | ୮୧.୦ | ୨୬.୩ |
| ଦିଲ୍ଲୀ | ୮୦.୮ | ୨୭.୦ |
| ଉତ୍ତରପ୍ରଦେଶ | ୮୦.୭ | ୨୬.୯ |
| ମେଘାଳୟ | ୮୦.୩ | ୨୨.୪ |
| ଗୁଜରାଟ | ୮୦.୧ | ୨୫.୫ |
| ଝାଡ଼ଖଣ୍ଡ | ୭୯.୯ | ୨୫.୭ |
| ଓଡ଼ିଶା | ୭୯.୭ | ୨୪.୬ |
| ପୁଡୁଚେରୀ | ୭୯.୬ | ୨୧.୨ |
| ନାଗାଲାଣ୍ଡ | ୭୯.୩ | ୨୩.୨ |
| ଡାମନ ଏବଂ ଡ୍ୟୁ | ୭୮.୭ | ୨୦.୦ |
| ମିଜୋରାମ | ୭୬.୬ | ୧୮.୯ |
| ଗୋଆ | ୭୪.୬ | ୧୬.୭ |

**ଡିଜେଲ**

| ରାଜ୍ୟ | ଲିଟରରେ ଦର (ଟଙ୍କାରେ) | ଭାଟ୍ (%) |
|---|---|---|
| ଆନ୍ଧ୍ରପ୍ରଦେଶ | ୭୯.୬ | ୨୮.୧ |
| ତେଲେଙ୍ଗାନା | ୭୯.୩ | ୨୬.୦ |
| ଛତିଶଗଡ଼ | ୭୮.୭ | ୨୫.୭ |
| ବିହାର | ୭୮.୬ | ୧୮.୩ |
| ଗୁଜରାଟ | ୭୮.୪ | ୨୫.୫ |
| ଓଡ଼ିଶା | ୭୮.୨ | ୨୫.୦ |
| କେରଳ | ୭୮.୧ | ୨୩.୮ |
| ମହାରାଷ୍ଟ୍ର-ମୁମ୍ବାଇ | ୭୭.୪ | ୨୪.୮ |
| ତାମିଲନାଡୁ | ୭୭.୧ | ୨୪.୧ |
| ଝାଡ଼ଖଣ୍ଡ | ୭୭.୦ | ୨୩.୨ |
| ମଧ୍ୟପ୍ରଦେଶ | ୭୬.୮ | ୨୩.୨ |
| ଜମ୍ମୁ ଓ କଶ୍ମୀର (ଶ୍ରୀନଗର) | ୭୬.୪ | ୧୭.୦ |
| ଆସାମ | ୭୬.୨ | ୨୨.୮ |
| ମହାରାଷ୍ଟ୍ର(ଅନ୍ୟାନ୍ୟ ଅଞ୍ଚଳ) | ୭୬.୦ | ୨୧.୯ |
| ପଶ୍ଚିମବଙ୍ଗ | ୭୫.୮ | ୧୭.୫ |
| ପୁଡୁଚେରୀ | ୭୫.୪ | ୧୭.୧ |
| କର୍ନାଟକ | ୭୫.୩ | ୨୦.୨ |
| ରାଜସ୍ଥାନ | ୭୫.୨ | ୨୪.୧ |
| ସିକିମ | ୭୪.୭ | ୧୫.୭ |
| ଗୋଆ | ୭୪.୩ | ୧୮.୯ |
| ଜମ୍ମୁ ଓ କଶ୍ମୀର (ଜମ୍ମୁ) | ୭୪.୧ | ୧୭.୦ |
| ଡାମନ ଓ ଡ୍ୟୁ | ୭୩.୯ | ୧୫.୦ |
| ହରିୟାଣା | ୭୩.୫ | ୧୬.୨ |
| ଉତ୍ତରାଖଣ୍ଡ | ୭୩.୪ | ୧୬.୮ |
| ଉତ୍ତରପ୍ରଦେଶ | ୭୩.୦ | ୧୬.୮ |
| ଦିଲ୍ଲୀ | ୭୨.୯ | ୧୬.୨ |
| ମେଘାଳୟ | ୭୨.୮ | ୧୩.୮ |
| ପଞ୍ଜାବ | ୭୨.୭ | ୧୬.୭ |
| ହିମାଚଳ ପ୍ରଦେଶ | ୭୨.୬ | ୧୪.୪ |
| ନାଗାଲାଣ୍ଡ | ୭୧.୩ | ୧୩.୬ |
| ମିଜୋରାମ | ୭୦.୨ | ୧୧.୫ |

ପେଟ୍ରୋଲ ଓ ଡିଜେଲ ଦର ସର୍ବୋଚ୍ଚ ସ୍ତରରେ ପହଞ୍ଚିବାକୁ ନେଇ ଜନଅସନ୍ତୋଷ ବୃଦ୍ଧି ପାଇବା ପରେ ରାଜସ୍ଥାନ, ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗ ଟିକସ ହ୍ରାସ ଘୋଷଣା କରିଛନ୍ତି।

ସୂତ୍ର: ଏଚ୍‌ପିସିଏଲ୍ ୱେବ୍‌ସାଇଟ୍ ଏବଂ ପିପିଏସି

■ ଜେଲ ଗଲେ ଟିଟୋଙ୍କ ୨ ସହଯୋଗୀ

# ରିମାଣ୍ଡରେ ଯିବେ ନିଲମ୍ବିତ ଆଇଆଇସି

ଭୁବନେଶ୍ୱର, ୧୧।୯(ବ୍ୟୁରୋ)



ଦୀପ୍ତି



ଚିତ୍ତ ରଞ୍ଜନ

■ ଟିଟୋ ଲିଙ୍କରେ ପଚରାଉଚରା କରିବ ଏସ୍‌ଟିଏଫ
■ ଦୀପ୍ତିଙ୍କ ଯୁବତୀ ଚାଲାଣ ଘଟଣାର ଖୋଳତାଡ଼ ଆରମ୍ଭ

ଗ୍ୟାଙ୍ଗଷ୍ଟର ସୟଦ ଉସ୍‌ମାନ ଅଲୀ ଓରଫ ଟିଟୋ ଲିଙ୍କ୍‌ରେ ଅଧିକ ଖୋଳତାଡ଼ ପାଇଁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଜଟଣୀର ପୂର୍ବତନ ତଥା ନିଲମ୍ବିତ ଆଇଆଇସି ସଞ୍ଜୀବ ମହାନ୍ତିଙ୍କୁ ରିମାଣ୍ଡରେ ନେବ। ଏଥିପାଇଁ ଭୁବନେଶ୍ୱର କୋର୍ଟରେ ଏସ୍‌ଟିଏଫ ପକ୍ଷରୁ ଆବେଦନ କରାଯାଇଛି। କୋର୍ଟଙ୍କ ଅନୁମତି ମିଳିବା ପରେ ତାଙ୍କୁ ଏସ୍‌ଟିଏଫ ରିମାଣ୍ଡରେ ନେଇ ପଚରାଉଚରା କରିବ।

ଅନ୍ୟପଟେ ନିଲମ୍ବିତ ଆଇଆଇସି ସଞ୍ଜୀବ ଏବଂ ଟିଟୋଙ୍କ ମଧ୍ୟସ୍ଥ ସାଜିଥିବା ଜଗତ୍‌ସିଂହପୁର ଜିଲା ମୁକୁନ୍ଦପୁରର ଦୀପ୍ତି ରଞ୍ଜନ ଦାସଙ୍କ ସମେତ ଟିଟୋଙ୍କ ଅନ୍ୟତମ ସହଯୋଗୀ କଟକ ଟାଙ୍ଗୀ ଅଞ୍ଚଳର ଚିତ୍ତରଞ୍ଜନ ସାହୁଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ବିରୋଧରେ ଦଫା ୩୮୭, ୫୦୬, ୧୨୦ବ(ବି), ୩୪ ଏବଂ ୨୫ ଓ ୨୭ ଆର୍ମ୍ସ ଆକ୍ଟରେ ମାମଲା(୧୧/୧୮) ରୁଜୁ ହୋଇଛି। ଦୀପ୍ତିଙ୍କୁ ଏସ୍‌ଟିଏଫ୍ କଡ଼ା ସୁରକ୍ଷା ମଧ୍ୟରେ କୁଜଙ୍ଗ ଜେଏମ୍‌ଏଫସିରେ ହାଜର କରିଥିଲା। ରବିବାର ସକାଳେ ଏସ୍‌ଟିଏଫ୍ ଦୀପ୍ତିଙ୍କ ମୁକୁନ୍ଦପୁର ଓ ପଟିଆସ୍ଥିତ ଘରେ ଚଢାଉ କରିଥିଲା। ଚଢାଉ ବେଳେ ଗୋଟିଏ ବନ୍ଧୁକ, ୧୨ ରାଉଣ୍ଡ ଗୁଳି, ଗୋଟିଏ ଅଡି କାର, ଗୋଟିଏ ସୁଇଫ୍ଟ କାର ଓ ୬୪ ହଜାର ଟଙ୍କା ଜବତ ହୋଇଥିଲା। ସେହିଦିନ ରାତିରେ ଟାଙ୍ଗୀ ସରଦୋଳା ଗ୍ରାମର ଚିତ୍ତରଞ୍ଜନଙ୍କ ଘରେ ମଧ୍ୟ ଏସ୍‌ଟିଏଫ୍ ଚଢାଉ କରି ତାଙ୍କୁ ଗିରଫ କରିଥିଲା ବୋଲି ଏସ୍‌ଟିଏଫ୍ ଏସ୍‌ପି ସତ୍ୟଜିତ୍ ନାୟକ କହିଛନ୍ତି।

ସେହିପରି ପୂର୍ବରୁ ସପୋ ଦେଇଥିବା ବୟାନ ଆଧାରରେ ଏସ୍‌ଟିଏଫ୍ ତଦନ୍ତ ଆରମ୍ଭ କରିଛି। ସଞ୍ଜୀବଙ୍କୁ ରିମାଣ୍ଡରେ ଆଣି ପଚରାଉଚରା ପରେ ଟିଟୋ ଏବଂ ଦୀପ୍ତିଙ୍କ ଆପରାଧିକ ସାମ୍ରାଜ୍ୟର ଆଉକିଛି ତଥ୍ୟ ମିଳିପାରେ। ଏହାସହ ଥାନା ବାବୁ ସେମାନଙ୍କ ଦ୍ୱାରା କେତେ ଫାଇଦା ପାଇଛନ୍ତି ତାହାର ମଧ୍ୟ ପର୍ଦ୍ଦାଫାଶ ହୋଇପାରିବ। ମଙ୍ଗଳବାର ଏସ୍‌ଟିଏଫ୍ ଦୀପ୍ତିଙ୍କୁ ପଚରାଉଚରା କରିବା ବେଳେ କିଛି ବିସ୍ଫୋରକ ତଥ୍ୟ ମିଳିଛି। ଟିଟୋ, ସଞ୍ଜୀବ ଏବଂ ଦୀପ୍ତି ଏକାଧିକ ଥର ଗୋଆ ଯାଇଛନ୍ତି। ସେଠାରେ ହୋଟେଲରେ ରହିବା ସହ ଯୁବତୀଙ୍କ ସହ ମଉଜମସ୍ତି କରିଥିବା ଦୀପ୍ତି ଏସ୍‌ଟିଏଫ୍ ଆଗରେ ସ୍ୱୀକାର କରିଛନ୍ତି। ଏଠାରେ ଖବରଦାତା ସେମାନଙ୍କ ଗତିବିଧି ଉପରେ ନଜର ରଖିଥିବା ଆଶଙ୍କା କରି ସେମାନେ ଗୋଆରେ ମିଟିଂ କରୁଥିଲେ। ସଞ୍ଜୀବ ଟିଟୋଙ୍କୁ ଆପରାଧିକ କାର୍ଯ୍ୟରେ ସହଯୋଗ କରିବା ନେଇ ସେଠାରେ ମୋଟା ରକମର ଡିଲ୍ ହେଉଥିଲା। ଦୀପ୍ତିଙ୍କଠାରୁ ଏସବୁ ତଥ୍ୟ ମିଳିବା ପରେ ଏସ୍‌ଟିଏଫ୍ ସଞ୍ଜୀବଙ୍କୁ ରିମାଣ୍ଡରେ ନେଇ ଟିଟୋଙ୍କଠାରୁ ସେ କେତେ ଫାଇଦା ପାଇଛନ୍ତି ଏବଂ କେଉଁ କାର୍ଯ୍ୟରେ ସହଯୋଗ କରିଛନ୍ତି ତାହା ଜାଣିବା ଲାଗି ପଚରାଉଚରା କରିବ ବୋଲି ଜଣେ ଅଧିକାରୀ କହିଛନ୍ତି।

ଏହା ବ୍ୟତୀତ ଦୀପ୍ତି ଯୁବତୀ ଚାଲାଣ କରୁଥିବା ସମ୍ପର୍କରେ ପୂର୍ବରୁ ଅଭିଯୋଗ ହୋଇଆସୁଥିଲା। ଏସ୍‌ଟିଏଫ୍ ଏହାର ତଦନ୍ତ ଆରମ୍ଭ କରିଛି। ସେ ଜଗତ୍‌ସିଂହପୁର ଜିଲାରୁ ଏକାଧିକ ଯୁବତୀଙ୍କୁ ଗୋଆ ଚାଲାଣ କରିଥିବା ନେଇ ଏସ୍‌ଟିଏଫ୍ ହାତରେ ପ୍ରମାଣ ଲାଗିଛି। ତେଣୁ ଏସ୍‌ଟିଏଫ ଦୀପ୍ତିଙ୍କୁ ମଧ୍ୟ ରିମାଣ୍ଡରେ ଆଣିବ ବୋଲି ଜଣାପଡିଛି।

# ବାଲିମେଳା ଜଳଭଣ୍ଡାରରେ ଡଙ୍ଗାବୁଡ଼ି ୪ ନିଖୋଜ

## ଗୁରୁପ୍ରିୟା ସେତୁ ପରେ ମଧ୍ୟ ସୁଧୁରୁନାହିଁ ସ୍ୱାଭିମାନ ଅଞ୍ଚଳର ଦୁର୍ଦ୍ଦଶା

ମାଲକାନଗିରି,୧୧।୯ (ଡି.ଏନ୍.ଏ.)

ଗୁରୁପ୍ରିୟା ସେତୁ ଲୋକାର୍ପିତ ହେବା ପରେ ମଧ୍ୟ ସ୍ୱାଭିମାନ ଅଞ୍ଚଳର ଲୋକଙ୍କ ଦୁର୍ଦ୍ଦଶା ସୁଧୁରିନାହିଁ। ଏବେ ସୁଦ୍ଧା ଲୋକେ ଯାତାୟାତ ପାଇଁ ଜଳପଥରେ ଦେଶୀ ଡଙ୍ଗାର ସାହାରା ନେଇ ପ୍ରତ୍ୟେକ ଦିନ ବିପଦକୁ ବରଣ କରୁଛନ୍ତି। ପଣସପୁଟ, ଯୋଡାମ୍ବ ଆଦି ପଞ୍ଚାୟତର ଗ୍ରାମବାସୀ ଗୁରୁପ୍ରିୟା ସେତୁର ଲାଭ ପାଇପାରିନାହାନ୍ତି। ସୋମବାର ରାତିରେ ଘଟିଥିବା ଦୁର୍ଘଟଣା ଏହା ପ୍ରମାଣିତ କରିଛି। ବାଲିମେଳା ଜଳଭଣ୍ଡାରରେ ଡଙ୍ଗା ବୁଡିଯିବାରୁ ୪ଜଣ ବ୍ୟକ୍ତି ନିଖୋଜ ଅଛନ୍ତି। ୩ଜଣଙ୍କୁ ଉଦ୍ଧାର କରାଯାଇଛି। ନିଖୋଜ ବ୍ୟକ୍ତିମାନେ ହେଲେ ବୁଲିଆ ଶିଶା (୬୪), ରାଧିକା ଶିଶା (୩୦) ମଣିମା ଶିଶା (୩) ଦହନା ଶିଶା (୪୫)। ମୃତ୍ୟୁମୁଖରୁ ବର୍ତ୍ତିଯାଇ ଉଦ୍ଧାର ହୋଇଥିବା ବ୍ୟକ୍ତିମାନେ ହେଲେ ଚମ୍ପା ଶିଶା, ଲଛମା ଶିଶା ଓ ସନ୍ୟାସୀ ଶିଶା। ମଙ୍ଗଳବାର ମଧ୍ୟ ସ୍ଥାନୀୟ ଲୋକେ ଏବଂ ଅଗ୍ନିଶମ ବିଭାଗ ନିଖୋଜ ବ୍ୟକ୍ତିଙ୍କୁ ଖୋଜାଖୋଜି ଜାରି ରଖିଛନ୍ତି।

ସୋମବାର ଅପରାହ୍ନରେ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ନାକାମାମୁଡି ପଞ୍ଚାୟତ କେନ୍ଦୁଗୁଡା ଗ୍ରାମର ଏହି ୭ଜଣ ଏକ ଦେଶୀ ଡଙ୍ଗାରେ ବାଲିମେଳା ଜଳଭଣ୍ଡାର ଭିତରେ ଥିବା ପାହାଡ଼ ନିକଟ ଚାଷ ଜମିରୁ ଘାସ ବାଛିବାକୁ ଯାଇଥିଲେ। ସେଠାରୁ କାମସାରି ଫେରୁଥିବା ବେଳେ ଏପରି ଘଟିଛି। ମଙ୍ଗଳବାର ଜିଲା ପ୍ରଶାସନ ପକ୍ଷରୁ ତହସିଲଦାର ଫାଲଗୁନୀ ମାଝି, ବ୍ଲକ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ତଲାସି କାର୍ଯ୍ୟକୁ ଜୋରଦାର କରିଛନ୍ତି। ଜିଲା ଅଗ୍ନିଶମ ବିଭାଗ କର୍ମଚାରୀମାନେ ମଧ୍ୟ ମୋଟର ବୋଟ୍ ଯୋଗେ ନିଖୋଜଙ୍କୁ ଖୋଜାଖୋଜି କରୁଛନ୍ତି।




**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

**ନୟାପଲ୍ଲୀ ଶାଖା**
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଫୋନ୍ ନଂ.: ୦୬୭୪-୨୫୩୮୫୨୨

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**
[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ନୟାପଲ୍ଲୀ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ଚୁକ୍ତିହାରରେ ସୁଧ ଏବଂ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ଦଖଲକୁ ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ନିକଟରେ ଉତ୍ତରଦାୟୀ ରହିବେ ।

**ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା/ବନ୍ଧକଦାତାମାନେ: ଶ୍ରୀମତୀ ଲୁସି ମହାପାତ୍ର ଏବଂ ସ୍ୱ ଜାନକୀ ବଲ୍ଲଭ ପାଢ଼ୀ / ଗ୍ୟାରେଣ୍ଟିଦାତା: ଶ୍ରୀମତୀ କବିତା ମହାପାତ୍ର,** ସ୍ୱାମୀ: ସ୍ୱ ଜାନକୀ ବଲ୍ଲଭ ପାଢ଼ୀ, ସମସ୍ତଙ୍କ ଠିକଣା ସା.: ଡୁପ୍ଲେକ୍ସ ନଂ.: ୫୫, ବସନ୍ତ ବିହାର, ବ୍ରହ୍ମେଶ୍ୱରପାଟଣା, ବଡଗଡ, ଭୁବନେଶ୍ୱର | ଟ.୨୪,୨୧,୪୬୯.୮୦ + ସେବାବଦ ସୁଧ | ୧୯.୦୬.୨୦୧୮/ ୧୦.୦୯.୨୦୧୮ | ସ୍ୱ ଜାନକୀ ବଲ୍ଲଭ ପାଢ଼ୀ ଏବଂ ଶ୍ରୀମତୀ ଲୁସି ମହାପାତ୍ରଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାର ପ୍ଲଟ୍ ନଂ.: ୧୩୨୦/୪୬୬୭ ଏବଂ ୧୩୨୦/୩୦୩୮, ଖାତା ନଂ.: ୯୮୮/୧୮୧୦ ଏବଂ ୯୮୮/୧୮୧୧, **ସମୁଦାୟ କ୍ଷେତ୍ର: ଏକର୦.୦୬ଡିସିମିଲି,** ସା.: ଖଣ୍ଡପଡା ରୋଡ୍, ସିନ୍ଦୁରିଆ, ନୟାଗଡ, ଏହାର ଚତୁର୍ପାର୍ଶ୍ୱରେ ପୂର୍ବ: କମଲେଶ ପଟ୍ଟନାୟକଙ୍କ ଗୃହ, ପଶ୍ଚିମ: ଖଣ୍ଡପଡା ମେନ୍ ରୋଡ୍, ଉତ୍ତର: ୧୦ଫୁଟିଆ ଚଉଡା ରାସ୍ତା, ଦକ୍ଷିଣ: ଗଙ୍ଗାଧର ରଥଙ୍କ ଗୃହ |

ସ୍ଥାନ : ଭୁବନେଶ୍ୱର, ତାରିଖ: ୧୧.୦୯.୨୦୧୮ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ



ତୁମେ ନିଜ ଭିତରେ ପବିତ୍ରତାର ଅଗ୍ନିକୁଣ୍ଡ ଜଳାଇ କାହିଁକି ବୀରତ୍ୱର ସହିତ ତା'ଭିତରେ ପଶି ନିଜକୁ ଶୁଦ୍ଧ କରୁ ନାହଁ ? ତା' ହେଲେ ଏହି ଭୟଙ୍କର ଏବଂ ପ୍ରଚଣ୍ଡ ଧ୍ୱଂସକାରୀ ଶକ୍ତି- ଯାହାକି ସମଗ୍ର ସଭ୍ୟତାକୁ ଅନ୍ଧକାର ମଧ୍ୟରେ ନିଶ୍ଚିହ୍ନ କରିଦେବାକୁ ବସିଛି- ତାହା ଆଉ ତୁମକୁ ଆକ୍ରାନ୍ତ କରିପାରନ୍ତା ନାହିଁ।
-ଶ୍ରୀମା



# ଯୁଦ୍ଧକୁ ଅପେକ୍ଷା

ଚଳିତବର୍ଷ ମେ'ରେ ଷ୍ଟକ୍‌ହୋମ୍ ଇଣ୍ଟରନ୍ୟାଶନାଲ ପିସ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ରିପୋର୍ଟ ପ୍ରଦାନ କରିଥିଲା ଯେ, ଫ୍ରାନ୍ସକୁ ଅତିକ୍ରମ କରି ଭାରତ ବିଶ୍ୱର ପ୍ରତିରକ୍ଷା ଦିଗରେ ସର୍ବାଧିକ ଖର୍ଚ୍ଚ କରୁଥିବା ଶ୍ରେଷ୍ଠ ୫ ଦେଶ ତାଲିକାରେ ସ୍ଥାନ ପାଇଛି। ଆମେରିକା, ଚାଇନା, ସୌଦି ଆରବ ଏବଂ ରୁଷିଆ ପରେ ଭାରତ ରହିଛି। ଆମେରିକା ଓ ଚାଇନାର ପ୍ରତିରକ୍ଷା ଖର୍ଚ୍ଚ ଯଥାକ୍ରମେ ୬୧୦ ବିଲିୟନ ଡଲାର ଓ ୨୨୮ ବିଲିୟନ ଡଲାର ରହିଥିବା ବେଳେ ଭାରତର ରହିଛି ମାତ୍ର ୬୩.୯ ବିଲିୟନ ଡଲାର। କୁହାଯାଉଛି ଚାଇନାର ଅର୍ଥନୀତି ପୂର୍ବାପେକ୍ଷା ଦୁର୍ବଳ ହୋଇଯାଇଥିବାରୁ ସୈନ୍ୟ ସଂଖ୍ୟା କମାଇ ଆଧୁନିକ ଅସ୍ତ୍ରଶସ୍ତ୍ରରେ ବଳୀୟାନ ହେବାକୁ ପ୍ରସ୍ତୁତି ଆରମ୍ଭ କରିଛି। ସମ୍ଭବତଃ ତାହାକୁ ଦେଖି ଭାରତୀୟ ସେନା ତା'ର ଆକାର କମାଇବାକୁ ଯାଇ ଦେଢ଼ ଲକ୍ଷ ସୈନ୍ୟ ଓ କର୍ମଚାରୀଙ୍କୁ ଚାକିରିରୁ ବାହାର କରିଦେବା ପାଇଁ ଯୋଜନା କରିଛି। ବର୍ତ୍ତମାନ ଭାରତୀୟ ସେନାରେ ୧୪ ଲକ୍ଷ ସୈନ୍ୟ ଅଛନ୍ତି। ହେଲେ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ)ରେ ୨୨ ଲକ୍ଷ ୮୫ ହଜାର ସୈନ୍ୟ ଅଛନ୍ତି। ଉପରଲିଖିତ ଖର୍ଚ୍ଚ ପରିସଂଖ୍ୟାନକୁ ଦେଖିଲେ ଭାରତଠାରୁ ଚାଇନା ଅଧିକ ୧୬୪.୧ ବିଲିୟନ ଡଲାର ପ୍ରତିରକ୍ଷା କ୍ଷେତ୍ରରେ ଖର୍ଚ୍ଚ କରୁଛି। ତେଣୁ ଚାଇନା ସହ ଭାରତର ପ୍ରତିରକ୍ଷା ସ୍ଥିତିକୁ ତୁଳନା କରାଯିବା ଉଚିତ ନୁହେଁ।

ଭାରତ ଅଦ୍ୟାବଧି ତା'ର ସବୁ ସୀମାନ୍ତରେ ଶତ୍ରୁଙ୍କ ଗତିବିଧି ଲକ୍ଷ୍ୟ କରିବା ଲାଗି ଆଧୁନିକ ଯନ୍ତ୍ର ଖଞ୍ଜିବାରେ ସକ୍ଷମ ହୋଇପାରି ନାହିଁ। ଗତବର୍ଷ କେବଳ ଜମ୍ମୁ ଓ କଶ୍ମୀରର ନିୟନ୍ତ୍ରଣ ରେଖା (ଏଲ୍ଓସି) ନିକଟ ପୁଞ୍ଚ୍ ଓ ରାଜୌରି ସେକ୍ଟରରେ ଆମେରିକା ନିର୍ମିତ ଆକାଶମାର୍ଗରୁ ନିରୀକ୍ଷଣ କରାଯାଇପାରୁଥିବା ଡ୍ରୋନ୍ ଖଞ୍ଜା ଯାଇଥିଲା। ଏ ସବୁଥିରୁ କେତେ କାର୍ଯ୍ୟକ୍ଷମ ଥିବ, ତାହା ଭାରତୀୟ ରକ୍ଷଣାବେକ୍ଷଣର ଇତିହାସ ଦେଖିଲେ ବୁଝାପଡ଼ିବ। ୨୦୧୩ରେ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି) ଉପରେ ନଜର ରଖାଯିବା ଲାଗି ଚାଇନା ସୀମାରେ ଯେଉଁ ହାଇ ରିଜଲ୍ୟୁଶନ ସର୍ଭିଲାନ୍ସ କ୍ୟାମେରା ଲଗାଯାଇଥିଲା, ସେଗୁଡ଼ିକ କିଛିଦିନ ପରେ ଅକାମୀ ହୋଇଯାଇଥିବା ଖବର ମିଳିଥିଲା। ତେଣୁ ଭାରତ ଅଚାନକ ଚାହିଁଲେ ମଧ୍ୟ ପ୍ରତିରକ୍ଷା ସରଞ୍ଜାମ ଯୋଗାଡ଼ କରି ତାହାକୁ କାମରେ ଲଗାଇବାରେ ସକ୍ଷମ ହୋଇପାରୁ ନାହିଁ। ଯେତେବେଳେ ରାଫେଲ ଯୁଦ୍ଧ ବିମାନ ଲାଗି ରାଜିନାମା ସ୍ୱାକ୍ଷରିତ ହୋଇ ତାହା ଦୁର୍ନୀତି ଜାଲରେ ପଡ଼ିଯାଇଛି, ସେଭଳି କ୍ଷେତ୍ରରେ ଅତ୍ୟାଧୁନିକ ଯୁଦ୍ଧ ପାଇଁ ଭାରତ କିଭଳି ପ୍ରସ୍ତୁତ ହେବ ତାହା ବୁଝିବା କଷ୍ଟକର।

ଏଠାରେ ପ୍ରତିରକ୍ଷା ସମସ୍ୟା କେବଳ ଅର୍ଥ ଦୁର୍ନୀତିରେ ସୀମିତ ନୁହେଁ। ଏଭଳି ଦୁର୍ନୀତିଠାରୁ ଅଧିକ ମାରାତ୍ମକ ହେଉଛି ନିଷ୍ପତ୍ତି ନେବାରେ ଏବଂ ଅସ୍ତ୍ରଶସ୍ତ୍ର କିଣିବାରେ ଘଟୁଥିବା ଅତ୍ୟଧିକ ବିଳମ୍ବ।

ଭାରତ ସରକାର ଯଦି ପ୍ରତିରକ୍ଷା କ୍ଷେତ୍ରରେ ସଂସ୍କାର ଆଣିବାକୁ ଚାହୁଁଥା'ନ୍ତି, ତେବେ ପ୍ରଥମେ ଏହାର କ୍ରୟ ନୀତିରେ ପରିବର୍ତ୍ତନ ଆଣିବା ଦରକାର। ବୋଫର୍ସଠାରୁ ଆରମ୍ଭ କରି ଅଗୁସ୍ତା ୱେଷ୍ଟଲାଣ୍ଡ୍ ଏବଂ ଏବେ ରାଫେଲ ଚୁକ୍ତିରେ ଅନେକ ହଜାର କୋଟି ଟଙ୍କା ଦୁର୍ନୀତି ହୋଇଥିବା ବିଷୟ ସମସ୍ତଙ୍କୁ ଜଣା। ଯେହେତୁ ଏହି କ୍ରୟ ଚୁକ୍ତିରେ ବିପୁଳ ପରିମାଣର ଅର୍ଥ କାରବାର ହୋଇଥାଏ, ସେହେତୁ ଅଧିକ ପରିମାଣର ଦୁର୍ନୀତି ଆଶଙ୍କା ରହିବା ସ୍ୱାଭାବିକ। ଏ ଦିଗରେ ପ୍ରଥମେ ସ୍ୱଚ୍ଛତା ଅଣାଯିବା ଆବଶ୍ୟକ। ଯେହେତୁ ସ୍ୱଚ୍ଛତା ରଖାଯାଇପାରୁ ନାହିଁ, ସେଥିପାଇଁ ନିଷ୍ପତ୍ତି ନେବାରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବିଳମ୍ବ ଘଟୁଛି। ଆଧୁନିକ ପ୍ରତିରକ୍ଷା ସରଞ୍ଜାମ ସବୁବେଳେ ଆଧୁନିକ ହୋଇ ରହେନାହିଁ। ସମୟ ବିତିଗଲେ ଆହୁରି ଅଧିକ ଶକ୍ତିଶାଳୀ ଟେକ୍‌ନୋଲଜି ବାହାରିବାରେ ଲାଗିଛି। ଅନ୍ୟ ଦେଶଗୁଡ଼ିକରେ ଏହା ଉପରେ ସବୁବେଳେ ବିପୁଳ ଅର୍ଥ ଖର୍ଚ୍ଚ କରାଯାଇ ଗବେଷଣା କରାଯାଉଛି। ସେହି ଗବେଷଣାର ଫଳସ୍ୱରୂପ ନୂଆ ଅସ୍ତ୍ରଶସ୍ତ୍ର ସୃଷ୍ଟି ହେଉଛି। ଏଭଳି ପ୍ରଚ୍ଛଦପଟରେ ଭାରତ ତାହାର ସେନାର ଆକାର କମାଇବାର ଚେଷ୍ଟା କେତେଦୂର ଯୁକ୍ତିଯୁକ୍ତ, ତାହା କେବଳ ବିଶେଷଜ୍ଞମାନେ ମତ ଦେଇପାରିବେ। ଗୋଟାଏ ପଟେ ଯୁଦ୍ଧ ପ୍ରସ୍ତୁତିର ଅଭାବ ସହିତ ଅନ୍ୟପଟେ ଯଦି ସୈନ୍ୟ ସଂଖ୍ୟା କମିଯିବ, ତେବେ ତାହାର ସାମଗ୍ରିକ ପ୍ରଭାବ କେଉଁ ରୂପ ଧାରଣ କରିବ ତାହା ଏବେ ଆକଳନ କରିବା ଅତ୍ୟନ୍ତ କଷ୍ଟକର। ଏହାର ଅର୍ଥ ହେଲା ଏଭଳି ନିଷ୍ପତ୍ତିର ପ୍ରଭାବ ଜାଣିବାକୁ ହେଲେ ବାସ୍ତବ ଯୁଦ୍ଧ ଘଟିବା ପାଇଁ ଅପେକ୍ଷା କରିବାକୁ ପଡ଼ିବ। ସେତେବେଳେ ଯଦି ସୈନ୍ୟ ସଂଖ୍ୟା ହ୍ରାସର ନକାରାତ୍ମକ ପ୍ରଭାବ ଜଣାପଡ଼ିବ, ତେବେ ପରିସ୍ଥିତିକୁ ସୁଧାରିବାର ସୁଯୋଗ ହାତଛଡ଼ା ହୋଇଯାଇଥିବ।

## ଚିରନ୍ତନୀ

ସନ୍ଧ୍ୟା-ରାଗିଣୀ ରକତ ରାଗରେ
ବଢ଼ିଛି ଏ ମୋର ବାସନା
(ତୁମେ) ଅଳତାର ରାଗ ଚରଣେ ଲେଖି ଗୋ
ଆସନା, ମୋ ପାଶେ ଆସନା।
ମୁଁ ଯେ ବୁଝିଛି ଆକାଶ ବ୍ୟଥା
ଆଜି ଶୁଣିଛି ଦୂର ବାରତା
ତୁମେ ଦିଗ୍‌ବଳୟର କଜଳ ରଞ୍ଜି
ନ ଆସ ସୁନୀଲ ନସନା
ଆଜି ବଢ଼ିଛି ପରା ମୋ ବାସନା।
(ବିଶ୍ୱର ଆହ୍ୱାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ-ଡୋ-କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

# ତଥ୍ୟ ପ୍ରସାରରେ ଅତିରଞ୍ଜନ



**ତତ୍ତ୍ୱ ଓ ତର୍କ**

ବିମଳ ପ୍ରସାଦ ପାଣ୍ଡିଆ

ଶୁକ୍ରବାର ସକାଳୁ ସକାଳୁ ଫୋନ୍‌ଟେ ପାଇ ବଡ଼ ଆଶ୍ଚର୍ଯ୍ୟ ଲାଗିଲା। ଆରପଟରୁ ବନ୍ଧୁଜଣକ ବିକଳ ହୋଇ ପଚାରିଥିଲେ- ''ଆଜି ମୋର ଭୁବନେଶ୍ୱରରେ ଗୋଟେ ଜରୁରୀ କାମ ଅଛି, କିନ୍ତୁ ଶୁଣିଲି ସରକାର ପ୍ରବଳ ବର୍ଷାର ଚେତାବନୀ ଦେଇ ଭୁବନେଶ୍ୱରର ସମସ୍ତ ବିଦ୍ୟାଳୟ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ସାରା ଓଡ଼ିଶାର ସମସ୍ତ ଅଙ୍ଗନୱାଡି କେନ୍ଦ୍ରକୁ ବନ୍ଦ ରଖିବା ପାଇଁ ଆଦେଶ ଜାରି କରିଛନ୍ତି।'' ବଡ ଅଡୁଆ ଲାଗିଲା ମୋତେ। ପାଗ ଅବଶ୍ୟ ମେଘୁଆ ଥିଲା କିନ୍ତୁ ମୋତେ ବଡ଼ ବର୍ଷାର କୌଣସି ସୂଚନା ଦିଶୁ ନ ଥାଏ। ମୁଁ ପାଣିପାଗ ବିଭାଗରୁ ସକାଳର ଉପଗ୍ରହ ଚିତ୍ର ଦେଖିଲି, ବଡ଼ ବର୍ଷା ତ ଦୂରର କଥା ଦିନଟି ଶୁଖିଲା ରହିବାର ସମସ୍ତ ସୂଚନା ସେଥିରେ ସ୍ପଷ୍ଟ ଥିଲା। ମନରେ ଅନେକ ପ୍ରଶ୍ନ ଆସିଲା। ସରକାର କ'ଣ ସତରେ ପାଣିପାଗ ବିଭାଗର ପୂର୍ବାନୁମାନ ଆଧାରରେ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିଲେ? ସତରେ କ'ଣ ଜଳବାୟୁ ବିଭାଗ ସେମିତି ଏକ ପୂର୍ବାନୁମାନ ଜାରି କରିଥିଲା? ଯଦି ଜାରି କରିଥିଲା ତା'ହେଲେ କ'ଣ ଆମର ବର୍ଷା ପୂର୍ବାନୁମାନ ବ୍ୟବସ୍ଥା ଏତେ ଦୁର୍ବଳ? ଏହି ପ୍ରଶ୍ନ ଆମକୁ ଆନ୍ଦୋଳିତ କରିବା କଥା, କାରଣ ଭୁବନେଶ୍ୱର ଭଳି ଏକ ସହରରେ ଯେଉଁଠି ଉନ୍ନତ ଗମନାଗମନ ଓ ଯୋଗାଯୋଗ ବ୍ୟବସ୍ଥା ଅଛି, ସେଠି କାହିଁକି ସ୍କୁଲ ବନ୍ଦ ରହିବ ବୋଲି ସରକାର ଘୋଷଣା କଲେ?

ସେମିତି ଏକ ଫୋନ୍ ପାଇଥିଲି ଜୁଲାଇ ୨୨ ତାରିଖ ସକାଳୁ। ମୁମ୍ବାଇରେ ଥିବା ବନ୍ଧୁଜଣକ ସିଧା ଆରମ୍ଭ କଲେ, ''ତୁମର କିଛି ଅସୁବିଧା ହୋଇନି ତ?'' ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନର କାରଣ ପଚାରିଲି। କହିଲେ ସବୁ ଟିଭି ଚ୍ୟାନେଲରେ ଏବେ ଖବର ଚାଲିଛି ଯେ ବୁର୍ଲା ଓ ସମ୍ବଲପୁରରେ ରେକର୍ଡ ବର୍ଷା ହୋଇଛି। ମୁଁ ବି ଟିଭି ଖୋଲିଲି। ଖବର ଆସୁଥିଲା ଯେ ବୁର୍ଲାରେ ୨୪ ଘଣ୍ଟା ଭିତରେ ୬୨୨ ମିଲିମିଟର ବର୍ଷା ହୋଇଛି। ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ଟିଭିରେ ତଥା ସାମାଜିକ ଗଣମାଧ୍ୟମଗୁଡ଼ିକରେ କହିଚାଲିଥାନ୍ତି ଯେ ତାହା କୌଣସି ଏକ ଦିନରେ ହୋଇଥିବା ବର୍ଷାର ସର୍ବକାଳୀନ ରେକର୍ଡ। ଏହା ସହିତ ସମ୍ବଲପୁରରେ ୫୪୦ ମିଲିମିଟର ତଥା ଓଡ଼ିଶାର ବିଭିନ୍ନ ସ୍ଥାନରେ ସେମିତି ଭୀଷଣ ବର୍ଷା ହୋଇଥିବାର ଖବର ଆସୁଥାଏ। ମୋତେ ବଡ଼ ଆଶ୍ଚର୍ଯ୍ୟ ଲାଗିଲା କାରଣ ମୁଁ ସେହିଦିନ ସମ୍ବଲପୁରରେ ଥାଏ। ପୂର୍ବଦିନ ସନ୍ଧ୍ୟାରୁ ରାତିର ପ୍ରଥମ ପହରରେ ବର୍ଷା ଅବଶ୍ୟ ଖୁବ୍ ହୋଇଥାଏ, କିନ୍ତୁ ତାହା କେବେ ବି ୫୦୦-୬୦୦ ମିଲିମିଟର ହେବ ନାହିଁ ବୋଲି ମୁଁ ସମ୍ପୂର୍ଣ୍ଣ ନିଶ୍ଚିତ ଥାଏ। ତେବେ ଗଣମାଧ୍ୟମରେ ଯେତେବେଳେ ଏତେ ବର୍ଷା ହୋଇଛି ବୋଲି ଖବର ଆସୁଛି, ସମ୍ବଲପୁର ସହରର ସ୍ଥିତି କ'ଣ ତାହା ଦେଖିବା ପାଇଁ ବାହାରିପଡିଲି।

ନର୍ଦ୍ଦମା ଜଳ ତଥା ବର୍ଷା ସମୟରେ ବନ୍ୟାଜଳ ନିଷ୍କାସନ କରୁଥିବା ସମ୍ବଲପୁରର ଦୁଇଟି ନାଳ ହେଲା ଧୋବି ଯୋର ଓ ଟଙ୍ଗନା ନାଳ। ନାଳ ଉଚ୍ଛୁଳିବା ତ ଦୂରର କଥା, ବହୁଥିବା ପାଣିର ସ୍ତର ପ୍ରାୟ ଅଧା ହିଁ ଥିଲା। ହଁ, ଅବଶ୍ୟ ଅନେକ ଅଞ୍ଚଳରେ ଘରେ ପାଣି ପଶିଥାଏ, କିନ୍ତୁ ସେହିସବୁ ଅଞ୍ଚଳରେ ଜଳ ନିଷ୍କାସନ ବ୍ୟବସ୍ଥା ଏତେ ଖରାପ ଯେ ବେଙ୍ଗ ମୁତିଲେ ବି ତାହା ବୁଡ଼ିବ। କିଛି ପୋଲରେ ନର୍ଦ୍ଦମା ଦଳ, ପ୍ଲାଷ୍ଟିକ ଆଦି ଜମା ହେବା କାରଣରୁ ପାଣି ନିଷ୍କାସନ ହୋଇ ନ ପାରି କିଛି ଅଞ୍ଚଳ ଜଳପ୍ଲାବିତ ହୋଇଥାଏ। କିନ୍ତୁ ସେହି ମଇଳା କାଢ଼ିଦେବା ମାତ୍ରେ ପାଣି ସଙ୍ଗେ ସଙ୍ଗେ ଖସିଗଲା। କୌଣସି ଗୋଟିଏ ବି ସ୍ଥାନରେ ସର୍ବକାଳୀନ ରେକର୍ଡ ବର୍ଷାର ଟିକିଏ ବି ପ୍ରମାଣ ପାଇଲିନି। ପରଦିନ ଦେଖିଲା ବେଳକୁ ମହାନଦୀର ଖଇରମୂଳଠାରେ ମାତ୍ର ୩ ଲକ୍ଷ କ୍ୟୁସେକ୍ ପାଣି ପ୍ରବାହିତ ହେଉଥିଲା। ମୁଁ ହିସାବ କରି ଦେଖିଲି ଯେ, ହୀରାକୁଦର ଜଳଭଣ୍ଡାରରୁ ଟୋପାଏ ପାଣି ତଳକୁ ନ ଆସିଲେ ମଧ୍ୟ ଯଦି ହୀରାକୁଦ ଏବଂ ଖଇରମାଳ ମଧ୍ୟରେ ଥିବା ଅଞ୍ଚଳରେ ହାରାହାରି ୨୦୦ ମିଲିମିଟର ବର୍ଷା ହୋଇଥିବ ଏବଂ ତାହାର ମାତ୍ର ଏକ-ଚତୁର୍ଥାଂଶ ପାଣି ମହାନଦୀରେ ପ୍ରବାହିତ ହୁଏ ତେବେ ଖଇରମାଳଠାରେ ହାରାହାରି ପ୍ରାୟ ୭ ଲକ୍ଷ କ୍ୟୁସେକ୍ ପାଣି ପ୍ରବାହିତ ହେବା କଥା ଏବଂ ସର୍ବାଧିକ ଅନ୍ୟୁନ ୯ ଲକ୍ଷ କ୍ୟୁସେକ୍ ପାଣି ପ୍ରବାହିତ ହେଉଥିବା କଥା। କିନ୍ତୁ ଖଇରମାଳରେ ୪ଲକ୍ଷ କ୍ୟୁସେକ୍ ପାଣି ବି ବହିଲାନି କି ନରାଜ ବା ମୁଣ୍ଡଳୀରେ ୭ଲକ୍ଷ କ୍ୟୁସେକ୍‌ର ପ୍ରବାହ ହେଲା ନାହିଁ। ସରକାରୀ ତଥ୍ୟ ଓ ଘୋଷଣା ଯେ ସମ୍ପୂର୍ଣ୍ଣ ବିଭ୍ରାନ୍ତିକର ଥିଲା ତାହାର ପ୍ରମାଣ ଜଳ ଜଳ ଦିଶୁଥିଲା।

ମହାନଦୀର ପ୍ରବାହକୁ ନେଇ ମଧ୍ୟ ଓଡ଼ିଶା ସରକାର ସେମିତି ସମ୍ପୂର୍ଣ୍ଣ ଭ୍ରମପୂର୍ଣ୍ଣ ତଥ୍ୟ ବାରମ୍ବାର ଦେଇଛନ୍ତି। ଅଗଷ୍ଟ ଶେଷ ସପ୍ତାହରେ ସେମିତି ଏକ ଭ୍ରାନ୍ତିର ପ୍ରସାରରେ ସରକାର ଓ ସରକାରୀ ଦଳ ଜଡିତ ଥିଲେ। ଓଡ଼ିଶାର ଶାସନରେ ଥିବା ବିଭିନ୍ନ ବ୍ୟକ୍ତି ଅଭିଯୋଗ କଲେ ଯେ, ଛତିଶଗଡ଼ର ବିଭିନ୍ନ ଜଳଭଣ୍ଡାରରୁ ପାଣି ଛାଡିବା କାରଣରୁ ମହାନଦୀରେ ବଡ଼ ବନ୍ୟା ହେବାକୁ ଯାଉଛି। ବାସ୍ତବତା ହେଲା, ଛତିଶଗଡ଼ରେ ପ୍ରବଳ ବର୍ଷା ହୋଇଥିଲା କିନ୍ତୁ ଛତିଶଗଡ଼ର କୌଣସି ବଡ ବନ୍ଧ ସେମାନେ ପାଉଥିବା ପ୍ରବାହରୁ ମାତ୍ରାଧିକ ବନ୍ୟାଜଳ ତଳକୁ ଛାଡି ନ ଥିଲେ। ତାହାର ପ୍ରମାଣ ହେଲା, ପ୍ରାୟ ପ୍ରତ୍ୟେକ ଦିନ ସେହି ରାଜ୍ୟର ବଡ ଜଳଭଣ୍ଡାରର ଜଳସ୍ତର ବଢିଥିଲା। ଯଦି ସେମାନେ ଜଳଭଣ୍ଡାରକୁ ପ୍ରବେଶ କରୁଥିବା ଜଳଠାରୁ ଅଧିକ ଜଳ ଛାଡ଼ିଥାନ୍ତେ, ଜଳଭଣ୍ଡାରର ଜଳସ୍ତର ବଢ଼ି ନ ଥାନ୍ତା।

ଶାସନରେ ଥିବା ଲୋକେ ସେମିତି ଅନ୍ୟଏକ ଅଭିଯୋଗ କଲେ ଯେ କଲମା ବ୍ୟାରେଜର ଗେଟ୍ ପରିଚାଳନା ବିଷୟରେ ଛତିଶଗଡ଼ ତଥ୍ୟ ଦେଉ ନ ଥିବା ଯୋଗୁ ଓଡ଼ିଶାକୁ ବନ୍ୟା ପ୍ରଶମନ ପ୍ରସ୍ତୁତିରେ ଘୋର ଅସୁବିଧା ହେଉଛି। ଓଡ଼ିଶା ସରକାରରେ ଥିବା ନେତା ଓ ଅଫିସର କ'ଣ ଏତିକି ବି ଜାଣି ନାହାନ୍ତି ଯେ, କଲମା ଭଳି ବ୍ୟାରେଜର ଗେଟ୍ ବନ୍ୟା ସମୟରେ ପ୍ରାୟ ଖୋଲା ରହେ ଏବଂ ସେଭଳି ବ୍ୟାରେଜର ବନ୍ୟାଜଳ ଧାରଣ କରିବାର ସମ୍ଭାବନା ବିଶେଷ ନାହିଁ କି ବନ୍ୟା ସଙ୍କଟ ବଢାଇବାରେ ସେପରି ବ୍ୟାରେଜର ବିଶେଷ ଭୂମିକା ନାହିଁ?

କେନ୍ଦ୍ର ସରକାର ମଧ୍ୟ ଏମିତି ଅନେକ ଭ୍ରାନ୍ତ ତଥ୍ୟର ପ୍ରସାର କରୁଛନ୍ତି। ଏଭଳି ବିଭ୍ରାନ୍ତିର ପ୍ରସାରରେ ସରକାର ଜଡିତ ରହିବା ଚିନ୍ତାଜନକ। ଏବେ ସୂଚନାର ଅନେକ ଉତ୍ସ ରହୁଛି। ଅନେକ ଉତ୍ସ ସମ୍ପୂର୍ଣ୍ଣ ମିଥ୍ୟା ତଥ୍ୟର ପ୍ରସାର କରୁଛନ୍ତି। ସରକାର ମିଥ୍ୟା ତଥ୍ୟର ପ୍ରସାରକାରୀ ହେବା ଉଚିତ ନୁହେଁ। ଦୁଃଖର କଥା ଅନେକ ଗଣମାଧ୍ୟମ ଓ ଖବରଦାତା ମଧ୍ୟ ପ୍ରାପ୍ତ ତଥ୍ୟର ଯାଞ୍ଚ କରୁନାହାନ୍ତି ବା ଜାଣିଶୁଣି ମିଥ୍ୟା ତଥ୍ୟ ପ୍ରସାରରେ ଭାଗୀଦାର ହେଉଛନ୍ତି। କିନ୍ତୁ ଲୋକେ ଚାହିଁଲେ ତଥ୍ୟର ସତ୍ୟତାକୁ ଅତି ସହଜରେ ଯାଞ୍ଚ କରିପାରିବେ। ଏବେ ଅନେକଙ୍କ ପାଖରେ ଫୋନ୍ ଓ ଇଣ୍ଟର୍‌ନେଟ ସଂଯୋଗ ଅଛି। ଠିକ୍ ତଥ୍ୟ ଖୋଜିବା ସମସ୍ତଙ୍କ ହାତପାଆନ୍ତାରେ। ମିଥ୍ୟାର ବାରମ୍ବାର ପ୍ରସାର ଆମକୁ ଅଧିକ ବିପଦପ୍ରବଣ କରିଦେବ। ବର୍ଷା ନ ଥାଇ ସ୍କୁଲ ବନ୍ଦ କରିବା, ଛୋଟ ଏକ ପ୍ରବାହକୁ ବିଶାଳ ବନ୍ୟା ବୋଲି ଡରାଇବା ଭଳି ମିଥ୍ୟାର ବାରମ୍ବାର ପ୍ରସାର ଦ୍ୱାରା ଭବିଷ୍ୟତରେ ବଡ଼ ସମସ୍ୟାକୁ ଡାକି ଆଣିବାର ଆଶଙ୍କା ଅଛି। ପିଲାଦିନର ମିଛୁଆ ରାଧୁଆ ଗପ ମନେ ପଡିଯାଉଛି- ମିଛରେ 'ବାଘ ଖାଇଗଲା ହୋ ଧାଇଁଆସ' କହି ରାଧୁଆ ଗାଁ ଲୋକଙ୍କୁ ଡାକୁଥିଲା। ଗାଁଲୋକ ଠେଙ୍ଗାବାଡ଼ି ଧରି ଆସିଲାବେଳେକୁ ରାଧୁଆ ଗଛଡାଳରେ ବସି ହସୁଛି। କିନ୍ତୁ ସତରେ ଯେଉଁଦିନ ବାଘ ଆସି ରାଧୁଆକୁ ଖାଇଲା, ସେଦିନ ସେ ଯେତେ ଡାକିଲେ ବି ଗାଁଲୋକ ସେ ମିଛରେ ଡାକୁଛି ଭାବି ଆଉ ଆସିଲେ ନାହିଁ।

# ବନ୍ଦ ପାଳନର ଚିତ୍ର ଓ ଚରିତ୍ର



ଡ.ପ୍ରଫୁଲ୍ଲ କୁମାର ସାହୁ

ଏଇ କେତେଦିନ ହେଲା ବଢ଼ିଚାଲିଛି ଡିଜେଲ, ପେଟ୍ରୋଲ ଓ ରନ୍ଧନଗ୍ୟାସ୍ ଦର। ଏ ନେଇ ଲୋକଙ୍କ ଅସନ୍ତୋଷକୁ ଆଧାର କରି ଏବେ ସରଗରମ ହୋଇଉଠିଛି ଦେଶର ରାଜନୈତିକ ପାଣିପାଗ। ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳର ଅତ୍ୟଧିକ ମୂଲ୍ୟବୃଦ୍ଧି ତଥା ଡଲାର ତୁଳନାରେ ଟଙ୍କାର ଅବମୂଲ୍ୟାୟନ ଯୋଗୁ ତୈଳଦର ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି ବୋଲି ସଫେଇ ଦେଉଛନ୍ତି ସରକାର। ଅନ୍ୟପକ୍ଷରେ ଇନ୍ଧନର ମାତ୍ରାଧିକ ମୂଲ୍ୟ ବଢ଼େଇ ନିର୍ବାଚନରେ ଭୋଟ କିଣିବା ପାଇଁ ମୋଦି ସରକାର ଟଙ୍କା ଠୁଳ କରୁଛନ୍ତି ବୋଲି ଅଭିଯୋଗ ଆଣି ତା'ର ପ୍ରତିବାଦରେ ବିରୋଧୀଦଳଗୁଡ଼ିକ ପକ୍ଷରୁ ପର୍ଯ୍ୟାୟକ୍ରମେ ଜାରି ରହିଛି ବିକ୍ଷୋଭ, ହରତାଳ ଓ ବନ୍ଦ ପାଳନ। ଏହି କ୍ରମରେ ସୋମବାର ମୁଖ୍ୟ ବିରୋଧୀ ଦଳ କଂଗ୍ରେସର ଭାରତ ବନ୍ଦ ଡାକରା ଯୋଗୁ ୮ଘଣ୍ଟା ଧରି ଅଚଳ ହୋଇଗଲା ଦେଶର ସ୍ୱାଭାବିକ ଜୀବନଯାତ୍ରା। ତେବେ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ଲୋକଙ୍କ ଉପରେ ସରକାରଙ୍କ ତେଲ ଚଡ଼କ ଯେତିକି ପୀଡ଼ାଦାୟକ ତା'ଠାରୁ ଅଧିକ ଦୁଃଖଦାୟକ ଉକ୍ତ ପ୍ରତିବାଦର ତରିକା।

ଆମ ଦେଶରେ ମୁକ୍ତି ସଂଗ୍ରାମ ସମୟରୁ ହରତାଳର ଜନ୍ମ। ସେତେବେଳେ ବ୍ରିଟିଶ ସରକାରଙ୍କ ବିରୋଧରେ ପ୍ରତିବାଦ କରିବାକୁ ଯାଇ ଗାନ୍ଧିଜୀ ଆମକୁ ଶିଖାଇଥିଲେ ଅନଶନ, ସତ୍ୟାଗ୍ରହ ଓ ଅସହଯୋଗ। ସେଥିପାଇଁ ସ୍ୱାଧୀନତା ପ୍ରାପ୍ତିର ଆଦ୍ୟ କାଳରେ ପ୍ରତିବାଦର ଅର୍ଥ ଥିଲା- କଳମ ଛାଡ଼, କଳାବ୍ୟାଜ୍ ପରିଧାନ ଓ ଶୋଭାଯାତ୍ରା ଆଦି ଶାନ୍ତିପୂର୍ଣ୍ଣ ଆନ୍ଦୋଳନ। ମାତ୍ର ପରବର୍ତ୍ତୀ ସମୟରେ ରାଜନୀତି କଳୁଷିତ ହେବା ସହିତ ଆଦର୍ଶହୀନ ହୋଇପଡ଼ିଲା ବିକ୍ଷୋଭର ସ୍ୱରୂପ। ଏହି କ୍ରମରେ ଏବେ ପ୍ରତିବାଦ କହିଲେ ଠାକୁ ଠା ରାସ୍ତାବନ୍ଦ, ଅଖ ବନ୍ଦ, ଚକ ବନ୍ଦ, ଟ୍ରେନ୍ ବନ୍ଦ, ବସ୍ ବନ୍ଦ, ବଜାର ସହର ବନ୍ଦ, ସ୍କୁଲକଲେଜ, କୋର୍ଟକଚେରି ସବୁ ବନ୍ଦ। ସାଧାରଣତଃ ହରତାଳ କରାଯାଏ ସମୂହ ସ୍ୱାର୍ଥକୁ ନେଇ। ଏବେ କିନ୍ତୁ ଦଳୀୟ ସ୍ୱାର୍ଥ ହାସଲ ପାଇଁ ଦିଆଯାଉଛି ବନ୍ଦ ଡାକରା। ଆଗେ କେବଳ ଶାସନ କ୍ଷମତାରେ ନ ଥିବା ଦଳଗୁଡ଼ିକ ଆପଣାଉଥିଲେ ଆନ୍ଦୋଳନାତ୍ମକ ପନ୍ଥା। ଏବେ ଜନମତକୁ ନିଜ ସପକ୍ଷରେ ଜାବୁଡ଼ି ଧରିବା ପାଇଁ କ୍ଷମତାସୀନ ଦଳଗୁଡ଼ିକ ପକ୍ଷରୁ ବି ଚାଲିଛି ହରତାଳ ଓ ବିକ୍ଷୋଭ ପ୍ରଦର୍ଶନ। ସେଥିପାଇଁ ଆମ ରାଜ୍ୟରେ ଏକ ଅଛିଣ୍ଡା ଗଣିତରେ ପରିଣତ ହେଲାଣି ବନ୍ଦ ପାଳନ। ସମ୍ପୂର୍ଣ୍ଣ ଜନବିରୋଧୀ ହୋଇ ପଡ଼ିଲାଣି ତା'ର ଚିତ୍ର ଓ ଚରିତ୍ର। ଆଜି ଗୋଟିଏ ଦଳ ଭାରତ ବନ୍ଦ ଡାକରା ଦେଲାଣି ତ କାଲି ଓଡ଼ିଶା ବନ୍ଦ ଡାକରା ଦେଲାଣି ଆଉ ଗୋଟିଏ ଦଳ। ଏହା ବାଦ୍ ଆଞ୍ଚଳିକ ସମସ୍ୟାକୁ କେନ୍ଦ୍ରକରି ପ୍ରତିଦିନ ଆନ୍ଦୋଳନ ଚାଲିଛି ରାଜ୍ୟର କେଉଁଠି ନା କେଉଁଠି। ଏପରି କି ରାସ୍ତା ଦୁର୍ଘଟଣା, ଶିକ୍ଷକ ବଦଳି, ମାଙ୍କଡ଼ ଉତ୍ପାତ, ହାତୀ ଫସଲ ଖାଇଯିବା ଆଦି ଛୋଟ ଛୋଟ ଘଟଣାକୁ ନେଇ ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧ କରାଯାଉଛି।

ଗଣତାନ୍ତ୍ରିକ ବ୍ୟବସ୍ଥାରେ ସରକାରଙ୍କ ଜନବିରୋଧୀ ନିଷ୍ପତ୍ତି ବିରୋଧରେ ପ୍ରତିବାଦ କରିବାର ଅଧିକାର ସମ୍ବିଧାନପ୍ରଦତ୍ତ। ମାତ୍ର ପ୍ରତିବାଦ ଆଳରେ ଅନ୍ୟମାନଙ୍କୁ ହଇରାଣ କରିବା କେବଳ ଅମାନବିକତା ନୁହେଁ, ସାମାଜିକ ଅପରାଧ ମଧ୍ୟ। ୧୯୯୭ ମସିହାରେ ଏ ସମ୍ପର୍କିତ ଏକ ରାୟ ପ୍ରଦାନ କରି ସର୍ବୋଚ୍ଚ ଅଦାଲତ କହିଛନ୍ତି- କୌଣସି ସଙ୍ଗଠନ, ଅନୁଷ୍ଠାନ କିମ୍ବା ରାଜନୈତିକ ଦଳ ଯଦି ବନ୍ଦ ଡାକରା ଦିଅନ୍ତି ତେବେ ତାହା ସମ୍ପୂର୍ଣ୍ଣ ବେଆଇନ ଓ ଅସାମ୍ବିଧାନିକ। ତେଣୁ ଆନ୍ଦୋଳନ ଆଳରେ ଜନସାଧାରଣଙ୍କ ମୌଳିକ ଅଧିକାରକୁ କ୍ଷୁଣ୍ଣ କରିବା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ। ମାତ୍ର ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟକୁ ଅବଜ୍ଞା କରି ବନ୍ଦ ପାଳନକୁ ଏଠି ପ୍ରତିବାଦର ମାଧ୍ୟମ ଭାବରେ ସ୍ୱୀକୃତି ଦେଲେଣି ସବୁ ରାଜନୈତିକ ଦଳ। ଅଗଣତାନ୍ତ୍ରିକ ନୀତିକୁ ଆପଣେଇ ନେଇଥିବା ଏସବୁ ଦଳ ବା ସଙ୍ଗଠନର ଶୃଙ୍ଖଳା ନ ଥିବାରୁ ଅସାମାଜିକ ବ୍ୟକ୍ତିଙ୍କ କବ୍‌ଜାକୁ ଚାଲିଯାଉଛି ବନ୍ଦକାଳୀନ ପରିସ୍ଥିତି।

ବନ୍ଦ ପାଳନ ବେଳେ ଗଣ୍ଡଗୋଳ, ମାରପିଟ ଓ ପୋଡ଼ାଜଳାକୁ ଆୟୁଧ ଭାବରେ ଗ୍ରହଣ କରିନିଅନ୍ତି ଦଳର ଉତ୍ପାତିଆ କର୍ମୀ। ତାଙ୍କ କଥା ନ ମାନି ଦୋକାନ ବଜାର ଖୋଲିଲେ ସେମାନେ ଲୁଟ୍‌ପାଟ୍ କରନ୍ତି, ଗାଡ଼ି ରାସ୍ତାକୁ ବାହାର କଲେ ଟେକା ମାରି କାଚ ଭାଙ୍ଗନ୍ତି କିମ୍ବା ନିଆଁ ଲଗେଇ ସମ୍ପୂର୍ଣ୍ଣ ପୋଡ଼ି ଦିଅନ୍ତି। ବସ୍ ଷ୍ଟାଣ୍ଡ ଓ ରେଳ ଷ୍ଟେଶନ୍‌ରେ ପିଲାଛୁଆଙ୍କୁ ଧରି ଭୋକ ଉପାସରେ ଡହଳ ବିକଳ ହୁଅନ୍ତି ହଜାର ହଜାର ଯାତ୍ରୀ। ବିକ୍ଷୋଭକାରୀ ଭାବନ୍ତିନି ପ୍ରତିଦିନ ମଜୁରି ଲାଗି କିମ୍ବା ରାସ୍ତା କଡ଼ରେ ଛୋଟ ମୋଟ ବେପାର କରି ବଞ୍ଚୁଥିବା ମଣିଷଙ୍କ ଦୁଃଖ। ବନ୍ଦ ପ୍ରଭାବ କମିବା ବେଳକୁ କିଛି ରୋଗୀଙ୍କ ଜୀବନଦୀପ ଲିଭିଯିବା ସହିତ ଜଳିପୋଡ଼ି ଯାଏ ଅକଳନ ସରକାରୀ ସମ୍ପତ୍ତି। ବନ୍ଦ ପାଳନର ଆଉ ଏକ କ୍ଷତିକାରକ ଦିଗ ହେଉଛି ପ୍ରଦୂଷଣ। ବିକ୍ଷୋଭକାରୀମାନେ ଠାକୁ ଠା ଜାଳୁଥିବା ଟାୟାରରୁ ନିର୍ଗତ ହୁଏ କଳା ଧୂଆଁ, ଯେଉଁଥିରେ ଥାଏ ଅତି ମାରାତ୍ମକ ବିଷାକ୍ତ ପଦାର୍ଥ। ଏହାଦ୍ୱାରା ସୃଷ୍ଟି ହୁଏ ମୁଣ୍ଡ ବୁଲେଇବା, ଉନ୍ମାଦନା, ମାନ୍ଦା ଲାଗିବା, ଚର୍ମ ଓ ଚକ୍ଷୁ କୁଣ୍ଡେଇ ହେବା ଭଳି ସ୍ୱାସ୍ଥ୍ୟଗତ ସମସ୍ୟା। ଆମ ନେତାମାନେ ଯଦି ଏକଥା ଥରେ ଭାବନ୍ତେ ତେବେ ବଦଳି ଯାଆନ୍ତା ଆମ ପ୍ରତିବାଦର ତରିକା। ଏ ଦେଶ ଆମର ଓ ଜାତୀୟ ସମ୍ପତ୍ତି ଆମର- ଲୋକଙ୍କ ଭିତରେ ଯଦି ଏହି ଭାବନା ଭରିଯାଆନ୍ତା ତେବେ ବଦଳିଯାଆନ୍ତା ବନ୍ଦ୍‌ର ଚିତ୍ର ଓ ଚରିତ୍ର।

ଭଦ୍ରକ, ମୋ- ୯୪୩୮୫୫୦୮୮

## ଏଇ ଭାରତରେ

ମା'ର ନାଗରିକତ୍ୱ ମାମଲା ଲଢ଼ିବା ପାଇଁ ପାଖରେ ପଇସା ନ ଥିବାରୁ ଜଣେ ବ୍ୟକ୍ତି ହତାଶ ହୋଇପଡିବା ସହିତ ନିଜ ଉପରେ ଚରମ ପ୍ରତିଶୋଧ ନେଇଛନ୍ତି। ଏପରି ଏକ ଘଟଣା ଆସାମରେ ଘଟିଛି। ବିନୟ ଚାନ୍ଦ ନାମକ ଏହି ବ୍ୟକ୍ତି ଦିନ ମଜୁରିଆ। ତାଙ୍କ ମା'ଙ୍କ ନାଗରିକତ୍ୱ ପାଇଁ ଆଇନଗତ ଯୁଦ୍ଧ ଲଢ଼ି ସବୁ ପଇସା ସାରିଦେଇଥିଲେ। କାରଣ ତାଙ୍କ ମା' ଆସାମ୍ ଡାଉଟ୍‌ଫୁଲ୍ ବା ଡି-ଭୋଟର ତାଲିକାରେ ରହିଥିଲେ। ବିନୟଙ୍କ ପରିବାର ଏବଂ ପଡୋଶୀଙ୍କ କହିବାନୁଯାୟୀ, ବିନୟଙ୍କ ମା' ଫରେନର୍ସ ଟ୍ରିବ୍ୟୁନାଲ୍‌ରେ ମାମଲା ହାରିଯାଇଥିଲେ। ସେଥିପାଇଁ ବିନୟ ହାଇକୋର୍ଟ ଯିବାକୁ ଚାହିଁଥିଲେ ବି ତାଙ୍କ ପାଖରେ ପଇସା ନ ଥିଲା। ଏଥିଯୋଗୁ ସେ ମାନସିକ ସ୍ତରରେ ବିଚଳିତ ହୋଇପଡିଥିଲେ। ସେ ଅଧିକାଂଶ ସମୟ ଚାପରେ ରହୁଥିଲେ। ମୋ ପାଖରେ ତ ପଇସା ନାହିଁ, ତୋ ପାଇଁ କେମିତି ମାମଲା ଲଢ଼ିବି ବୋଲି ସେ ବାରମ୍ବାର କହୁଥିବା ତାଙ୍କ ମା' ପ୍ରକାଶ କରିଛନ୍ତି। ଉକ୍ତ ପରିବାର ପାଖରେ ୧୯୬୦ ମସିହାର ଜମି ଦଲିଲ୍ ଅଛି। ପ୍ରତ୍ୟେକ ନିର୍ବାଚନରେ ସେମାନେ ଭୋଟ ଦେଇଆସୁଛନ୍ତି। ତେବେ ବି ଫରେନର ଟ୍ରିବ୍ୟୁନାଲ୍ ଦ୍ୱାରା ସେମାନଙ୍କୁ ସନ୍ଦେହଜନକ ନାଗରିକ ବିବେଚନା କରାଯାଇଛି। ଆଇନଗତ ଲଢ଼େଇ ସେମାନଙ୍କ ପାଇଁ କଷ୍ଟକର ହୋଇପଡିଥିଲା। ତେଣୁ ସେ ଚାପରେ ରହୁଥିଲେ ବୋଲି ତାଙ୍କର ଜଣେ ପଡୋଶୀ ପ୍ରକାଶ କରିଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ବଳରେ ଆସାମରେ ଯେଉଁ ଏନ୍ଆର୍‌ସି ଚିଠା ପ୍ରସ୍ତୁତ କରାଯାଇଥିଲା ସେଥିରେ ୧.୨୫ ଲକ୍ଷ ଡି-ଭୋଟର ରହିଛନ୍ତି। ସେମାନଙ୍କ ମଧ୍ୟରେ ବିନୟଙ୍କ ପରିବାର ରହିଛି। ବିନୟଙ୍କ ମୃତ୍ୟୁ ପରେ ଉକ୍ତ ପରିବାର ଉପରେ ହତାଶାର କଳାବାଦଲ ଡାଙ୍କିହୋଇଯାଇଛି।

**୨୫ ବର୍ଷ ତଳର ଧରିତ୍ରୀ**

୧୨ ସେପ୍ଟେମ୍ବର ୧୯୯୩

- ସୋମାଲିଆରେ ଜାତିସଂଘର ହେଲିକପ୍ଟରରୁ ବେସାମରିକ ଲୋକଙ୍କ ଉପରକୁ ଗୁଳିମାଡ଼ କରାଯିବା ଫଳରେ ୧୫୦ ଜଣଙ୍କ ମୃତ୍ୟୁ।
- ନୂଆଦିଲ୍ଲୀର ରାଇସିନା ରୋଡ୍‌ସ୍ଥିତ ଜାତୀୟ ଯୁବକଂଗ୍ରେସ (ଇ) ସଦର କାର୍ଯ୍ୟାଳୟ ସମ୍ମୁଖରେ ଶକ୍ତିଶାଳୀ ବୋମା ବିସ୍ଫୋରଣ ଘଟି ୧୫ ନିହତ।

## ପାଠକ ଶ୍ରେଷ୍ଠ ବିଚାରକ

### ଧର୍ମ ଓ ଆଧ୍ୟାତ୍ମିକତା

ମହାଶୟ,

ପ୍ରକାଶ ବାବୁଙ୍କ ପ୍ରକାଶିତ ପ୍ରବନ୍ଧ 'ଧର୍ମ ଓ ଆଧ୍ୟାତ୍ମିକତା' (୧୨।୮) ପଢ଼ି ମନର ଅଳନ୍ଧୁ ଦୂର ହେଲା। କଥାରେ ଅଛି-'ଧର୍ମ ଏକା ସିନା ମହତପଣିଆ ଆଉ ସବୁ କଥା ଅଢ଼େଇ ଦିନିଆ।' କିନ୍ତୁ ଆଧ୍ୟାତ୍ମିକତାଯୁକ୍ତ ଧର୍ମ ହିଁ ଅସଲ ଧର୍ମ- ଚିତା, ଚଇତନ, ମାଳା, ତିଳକ ବାହ୍ୟ ଆଡ଼ମ୍ବର। ମୂଳକଥା ହେଲା ମାନବିକତା, ଯାହା ସୁଧା ମୂର୍ତ୍ତି ଦେଖାଇଥିଲେ ଚିତ୍ରା ପ୍ରତି। ଧୀରେ ଧୀରେ ସମାଜରେ ଧର୍ମ ନାମରେ ସାମ୍ପ୍ରଦାୟିକତା ବଢ଼ିଚାଲିଛି। ମାତ୍ର ଆଧ୍ୟାତ୍ମିକତା ଭିତରେ ସାମ୍ପ୍ରଦାୟିକତା ନାହିଁ।

ଡି. ଲକ୍ଷ୍ମୀନାରାୟଣ, ସରସ୍ୱତୀ ଶିଶୁମନ୍ଦିର, ବୁର୍ଲା, ସମ୍ବଲପୁର

### ସିନେ ଜଗତରେ ପ୍ରେମ ଓ ବିବାହ

ପୂର୍ବତନ ବିଶ୍ୱସୁନ୍ଦରୀ ପ୍ରିୟଙ୍କା ଚୋପ୍ରା ନିଜ ପ୍ରେମିକ ଆମେରିକୀୟ ଗାୟକ ନିକ୍ ଜୋନାସ୍‌ଙ୍କୁ ସାଙ୍ଗରେ ଧରି ଭାରତରେ ପହଞ୍ଚିବା ଖବର ପ୍ରକାଶ ପାଇଛି। ବଲିଉଡ୍‌ର ଚିତ୍ରତାରକାମାନେ ପ୍ରାୟ ନିଜ ପ୍ରେମିକଙ୍କୁ ଚୟନ କରି ବାହା ହେବାର ନଜିର ରହିଛି। ତେବେ ଅଭିନୟ ଜଗତରେ ପାଦ ଥାପି ଶୀର୍ଷରେ ପହଞ୍ଚିବାର ବହୁବର୍ଷ ଅତିବାହିତ ହେବା ପରେ ବୟସଜନିତ ବିଲକ୍ଷଣ ପ୍ରକାଶ ପାଇବା ବେଳକୁ ବିବାହ କଥା ମନେପଡୁଛି। ପ୍ରେମ ଓ ବିବାହ କରି ୧୫/୧୬ ବର୍ଷ ଘରସଂସାର କଲା ପରେ ଛାଡ଼ପତ୍ର ଘଟଣା ଚଳଚ୍ଚିତ୍ର ଜଗତରେ ମଧ୍ୟ କମ୍ ନୁହେଁ। ତେବେ ପ୍ରିୟଙ୍କାଙ୍କ ବୟସ ୩୫ ହୋଇଥିବା ବେଳେ ତାଙ୍କ ଆମେରିକୀୟ ପ୍ରେମିକ ତାଙ୍କଠାରୁ ବୟସରେ ୧୦ ବର୍ଷ ସାନ। ଏପରି ସମ୍ପର୍କ କେତେଦିନ ତିଷ୍ଠିବ ତାହା ସମୟ କହିବ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

### ଆବର୍ଜନା ପରିଚାଳନା ଜରୁରୀ

ଅଧୁନା ଇ-ଆବର୍ଜନା ସମସ୍ତଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ବ୍ୟବହାର ପରେ ନଷ୍ଟପ୍ରାପ୍ତ ମୋବାଇଲ ଫୋନ, ଏହାର ଜରି କଭର, କମ୍ପ୍ୟୁଟର ଯନ୍ତ୍ରାଂଶ ସବୁ ମନଇଚ୍ଛା ବାହାରେ ଫିଙ୍ଗିଦିଆଯାଏ। ଏଥିରେ ଥିବା ଓଜନିଆ ଧାତୁ, ରାସାୟନିକ ଦ୍ରବ୍ୟ, ପାରଦ, କ୍ରୋମିୟମ, କାଚଗୁଣ୍ଡ, ଫସ୍‌ଫରସ୍ ଆଦି ମାଟି ଉପରେ ଜମାହୋଇ ପରିବେଶକୁ ପ୍ରଦୂଷିତ କରିଥାଏ। ଏପରି ଇ-ଆବର୍ଜନାର ସୁପରିଚାଳନା ପାଇଁ ପରିବେଶ ବିଭାଗ, ପୌର, ମହାନଗର ନିଗମ ପ୍ରଶାସନ ସୁଚିନ୍ତିତ ପଦକ୍ଷେପ ନେବା ଜରୁରୀ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com



ଭାରତ, ଇରାନ ଓ ଆଫଗାନିସ୍ତାନ ମଧ୍ୟରେ ମଙ୍ଗଳବାର ପ୍ରଥମଥର ପାଇଁ ତ୍ରିପାକ୍ଷିକ ଆଲୋଚନା ହୋଇଛି। କାବୁଲରେ ଅନୁଷ୍ଠିତ ଏହି ବୈଠକରେ ଚାବହାର ବନ୍ଦର ପ୍ରକଳ୍ପର କାର୍ଯ୍ୟକାରିତା ସମେତ ଆତଙ୍କବାଦ ନିରୋଧୀ ଅଭିଯାନରେ ସହଯୋଗିତା ଭଳି କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନାରେ ସ୍ଥାନ ପାଇଛି। ଏଥିରେ ଭାରତ ପକ୍ଷରୁ ବହିର୍ବ୍ୟାପାର ସଚିବ ବିଜୟ ଗୋଖଲେ ଯୋଗଦେଇଥିଲେ।

■ଏନ୍‌ଟିପିସି ପ୍ରକଳ୍ପ ଅନୁମୋଦନରେ ବିଳମ୍ବ

# ବିଧାନସଭାରେ ଭାଜପା ସଦସ୍ୟଙ୍କ ହଟ୍ଟଗୋଳ

■ପ୍ରକଳ୍ପ ଅନୁମୋଦନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର

ଭୁବନେଶ୍ୱର,୧୧।୯(ବ୍ୟୁରୋ)

ତାଳଚେର ଠାରେ ଏନଟିପିସି ପ୍ରକଳ୍ପକୁ ଅନୁମୋଦନ ଦେବାରେ ରାଜ୍ୟ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଭାଜପା ବିଧାୟକମାନେ ମଙ୍ଗଳବାର ବିଧାନସଭାରେ ହଟ୍ଟଗୋଳ କରିଛନ୍ତି। ପ୍ରଶ୍ନୋତ୍ତର ଆରମ୍ଭ ହେବା ମାତ୍ରେ ଭାଜପା ବିଧାୟକ ପ୍ରଦୀପ ପୁରୋହିତ, ରବି ନାୟକ, ବିଭୂତି ଭୂଷଣ ହରିଚନ୍ଦନ ଏବଂ ଗୋବିନ୍ଦ ଦାସ ଗୃହର ମଧ୍ୟ ଭାଗକୁ ଆସି ପାଟିତୁଣ୍ଡ କରିଥିଲେ। ଓଡିଶାକୁ ପୁଞ୍ଜିପତିମାନଙ୍କୁ ଆକୃଷ୍ଟ କରିବାକୁ ଇନଭେଷ୍ଟର୍ସ ମିଟ୍ କରିବାକୁ ଯାଉଛନ୍ତି। ମାତ୍ର ରାଜ୍ୟରେ ଥିବା ଶିଳ୍ପଗୁଡିକୁ ଜାଣିଶୁଣି ଅବହେଳା କରାଯାଉଛି। ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀଠାରେ ହେବାକୁ ଥିବା ଇନଭେଷ୍ଟର୍ସ ମିଟ୍‌ରେ ଯୋଗଦେବାକୁ ଯାଇଛନ୍ତି। ଏ ବିଷୟରେ ଭାଜପା ବିଧାୟକମାନେ ସରକାରଙ୍କଠାରୁ ଜାଣିବାକୁ ଚାହିଁଥିଲେ। ହଟ୍ଟଗୋଳ ଯୋଗୁ ବାଚସ୍ପତି ପ୍ରଦୀପ ଅମାତ ଗୃହକୁ ଏକଘଣ୍ଟା ପାଇଁ ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଦେଇଥିଲେ। ପୁଣି ଗୃହ ଆରମ୍ଭ ହେବା ମାତ୍ରେ ଭାଜପା ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂଦେଓ କହିଲେ ରାଜ୍ୟ ୯୮୭୫ କୋଟି ଟଙ୍କାର ଏକ ବୃହତ୍ ପୁଞ୍ଜିନିବେଶକୁ ହରାଇବାକୁ ଯାଉଛି। ଆସନ୍ତା ୨୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେହି ପ୍ରକଳ୍ପର ଶିଳାନ୍ୟାସ କରିବାକୁ ଥିବାରୁ ଏହି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ କମିଟି ଅନୁମୋଦନ ଦେଲେ ଭଲ ହୁଅନ୍ତା ବୋଲି କନକ ବର୍ଦ୍ଧନ ବିଧାନସଭା ବାହାରେ ଗଣମାଧ୍ୟମକୁ କହିଛନ୍ତି।

ଅନ୍ୟପକ୍ଷରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉକ୍ତ ପ୍ରକଳ୍ପକୁ ଶୀଘ୍ର ଅନୁମୋଦନ ଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଛନ୍ତି। ପ୍ରକଳ୍ପ ଅନୁମୋଦନ ହୋଇ ପାରି ନ ଥିବାରୁ ଏହା ପୁଞ୍ଜି ବଜାରକୁ କଳୁଷିତ କରିବା ସହ ପୁଞ୍ଜିନିବେଶକାରୀଙ୍କ ନିକଟକୁ ଏକ ଭୁଲ ବାର୍ତ୍ତା ଯିବ ବୋଲି ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି। ସେ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଏନଟିପିସି ନିକଟ ଅତୀତରେ ୧୩୨୦ମେଗାୱାଟ କ୍ଷମତା ସମ୍ପନ୍ନ ଅତ୍ୟାଧୁନିକ ଜ୍ଞାନକୌଶଳ ତଥା ପରିବେଶ ସୁରକ୍ଷା ବ୍ୟବସ୍ଥା ଅନୁକୂଳ ପ୍ରକଳ୍ପ ପାଇଁ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ଅନୁସାରେ ଅନୁମତି ଚାହିଁଥିଲା। ମାତ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ଏପର୍ଯ୍ୟନ୍ତ ଅନୁମତି ପ୍ରଦାନ କରାଯାଇନାହିଁ। ଏନଟିପିସି ବୋର୍ଡ ୯୭୮୫କୋଟି ଟଙ୍କା ଏହି ପ୍ରକଳ୍ପ ପାଇଁ ପୁଞ୍ଜିନିବେଶର ଅନୁମୋଦନ ପ୍ରଦାନ କରିଛି। ଏହି ପ୍ରକଳ୍ପର ଭୂମି, ଜଳ, ପରିବେଶ ଓ ଅନ୍ୟାନ୍ୟ ବୈଧାନିକ ଅନୁମତି ମିଳିସାରିଛି। ଏହା ଏକ ବୃହତ୍ ପ୍ରକଳ୍ପ ହୋଇଥିବା କାରଣରୁ ରାଜ୍ୟ ସରକାରଙ୍କ ହାଇ ଲେଭଲ କମିଟି(ଏଚଏଲ୍‌ସି) ଅନୁମୋଦନ ବିନା ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରିବ ନାହିଁ। ଏପ୍ରିଲ ୧୯ରୁ ଏନଟିପିସି ତରଫରୁ ଆବେଦନ କରାଗଲେ ମଧ୍ୟ ଏ ପର୍ଯ୍ୟନ୍ତ ଅନୁମୋଦନ ମିଳିପାରି ନାହିଁ। ଏହିଭଳି ଏକ ବଡ଼ ପୁଞ୍ଜିନିବେଶ ପ୍ରସ୍ତାବ ଦୀର୍ଘ ୧୫ମାସ ଧରି ଝୁଲି ରହିବା ଆଦୌ ସମୀଚୀନ ନୁହେଁ। ଏନଟିପିସି ଛଡ଼ା ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ, ସେଲ୍, ନାଲ୍‌କୋ ଭଳି ସଂସ୍ଥା ପୁଞ୍ଜିନିବେଶ ପରିକଳ୍ପନା କରିଛନ୍ତି। ତାହା ରାଜ୍ୟର ଶିଳ୍ପ ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି।

■ସମବାୟ ବିଭାଗର ୩୪୨.୩ କୋଟିର ଅତିରିକ୍ତ ବ୍ୟୟବରାଦ

# ବହୁ ଚାଷୀ ବୀମା ଟଙ୍କା ପାଇ ନ ଥିବା ନେଇ ଅସନ୍ତୋଷ

ଭୁବନେଶ୍ୱର,୧୧।୯(ବ୍ୟୁରୋ):

୨୦୧୮-୧୯ ଆର୍ଥିକବର୍ଷ ପାଇଁ ସମବାୟ ବିଭାଗର ୩୪୨କୋଟି ୩୦ଲକ୍ଷ ୬୩ହଜାର ଟଙ୍କାର ଅତିରିକ୍ତ ବ୍ୟୟବରାଦ ବିଧାନସଭାରେ ମଙ୍ଗଳବାର ଗୃହୀତ ହୋଇଛି। ଏହି ପ୍ରସଙ୍ଗରେ ଆଲୋଚନାର ପ୍ରାରମ୍ଭରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର ସମର୍ଥନ କରୁ ନ ଥିବା କହିଛନ୍ତି। ସେ କହିଥିଲେ ଯେ, ଏହା କୋଅପରେଶନ ବିଭାଗ ନୁହେଁ ବରଂ କରପ୍ସନ ବିଭାଗ। ବିଜୟାନନ୍ଦ ସୁଗାର ମିଲ୍ କାହିଁକି ଚାଲୁ ହେଉ ନାହିଁ। ଏହା ବଲାଙ୍ଗୀର ଜିଲାର ଏକମାତ୍ର କୃଷିଭିତ୍ତିକ ଶିଳ୍ପ। ଏହି ଚିନି କଳ ଚାଲୁ କରିବା ପାଇଁ ମନ୍ତ୍ରୀ ନିଶ୍ଚିତ କରିବେ କି ବୋଲି ସେ ପ୍ରଶ୍ନ କରିଥିଲେ। ଏହାସହ ଶସ୍ୟ ବୀମା ପ୍ରସଙ୍ଗ ଉଠାଇ ସେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ତ୍ରୁଟିପୂର୍ଣ୍ଣ କ୍ରପ୍ କଟିଂ ପଲିସି ଯୋଗୁ ଚାଷୀମାନେ ବହୁଳ କ୍ଷତିଗ୍ରସ୍ତ ହୋଇଛନ୍ତି। ଏଥିପାଇଁ ମନ୍ତ୍ରୀ ତୁରନ୍ତ ପଦକ୍ଷେପ ନିଅନ୍ତୁ। ବ୍ୟାଙ୍କଗୁଡିକ ବର୍ତ୍ତମାନ ଚାଷୀଙ୍କୁ ବୀମାରାଶି ପ୍ରଦାନ ଦେବାକୁ ମନା କରିଦେଇଛନ୍ତି। ସମବାୟ ସୋସାଇଟି ଓ ବ୍ୟାଙ୍କଗୁଡିକରେ ବ୍ୟାପକ ଦୁର୍ନୀତି ଅଭିଯୋଗ ଆସୁଛି। ଧାନ ସଂଗ୍ରହ କ୍ଷେତ୍ରରେ ବ୍ୟାପକ ଦୁର୍ନୀତି ଅଭିଯୋଗ ଆସୁଛି। ସରକାରୀ କର୍ମଚାରୀ, ଏଫ୍‌ସିଆଇ ଓ ମିଲ ମାଲିକମାନେ ମିଳିତ ଭାବେ ଚାଷୀଙ୍କୁ ଲୁଟୁଛନ୍ତି। କୋଅପରେଟିଭ ବ୍ୟାଙ୍କଗୁଡିକ ଦୁର୍ନୀତିରେ ଲିପ୍ତ ଅଛନ୍ତି। ଫଳରେ ହିତାଧିକାରୀମାନଙ୍କ ନିକଟରେ ସରକାରୀ ସୁବିଧା ପହଞ୍ଚି ପାରୁନି। ଏଗୁଡିକର ତଦନ୍ତ ଭିଜିଲାନ୍ସ ଦ୍ୱାରା କରାଯାଉ। ମିଲ୍ ମାଲିକ ଏବଂ ସୋସାଇଟିଗୁଡିକ ମଧ୍ୟରେ ଭିତିରିଆ ଚୁକ୍ତି ହୋଇଛି। ରାଜ୍ୟ ସରକାର ସମ୍ପୂର୍ଣ୍ଣ ଚୁପ୍ ବସିପଡିଛନ୍ତି। ଚାଷୀମାନଙ୍କୁ ରୂପେ କାର୍ଡ ଦିଆଯାଇଛି। ମାତ୍ର ଏହି କାର୍ଡ ଜରିଆରେ ଚାଷୀମାନେ ଟଙ୍କା ପାଇପାରୁ ନାହାନ୍ତି ବୋଲି ନରସିଂହ କହିଛନ୍ତି।

ବିଜେଡି ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଏହି ବ୍ୟୟବରାଦକୁ ସମର୍ଥନ କରି କହିଛନ୍ତି ଯେ, ସମବାୟ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ। ଅତୀତରେ ସମବାୟ ବିଭାଗ କାମ କରୁ ନ ଥିଲା। ସେତେବେଳେ ମହାଜନମାନେ ଚଢା ଦରରେ ଚାଷୀମାନଙ୍କୁ ଋଣ ପ୍ରଦାନ କରୁଥିଲେ। ସେହି ସମୟରେ ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ସମବାୟ ବିଭାଗ ଆସିବା ଫଳରେ ଚାଷୀମାନଙ୍କ ଲାଗି ବହୁ ସୁବିଧା ହୋଇଛି ବୋଲି ସେ କହିଛନ୍ତି। ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ଯାହା ପ୍ରସ୍ତାବ ଆସିଛି ତାକୁ ପୂର୍ଣ୍ଣଭାବେ ସମର୍ଥନ କରୁଛି। ମାତ୍ର ମୋର କିଛି ପ୍ରଶ୍ନ ପଚାରିବା ସହ କିଛି ପ୍ରସ୍ତାବ ଦେବାର ଅଛି। ବିରୋଧୀ ଦଳ ନେତା ଚିନି କାରଖାନା କଥା ଉଠାଇଛନ୍ତି। ଏବେ ରାଜ୍ୟରେ କେବଳ ବରଗଡ ଏବଂ ଆସ୍କାକୁ ଛାଡିଦେଲେ ଆଉସବୁ ଚିନିକଳ ବନ୍ଦ ହୋଇଯାଇଛି। ବଡମ୍ବାଠାରେ ମଧ୍ୟ ଏକ କୃଷିଭିତ୍ତିକ ଚିନିକଳ ଆରମ୍ଭ କରାଯାଇଥିଲା। କିଛି ସମୟ ସେହି ଚିନି କଳକୁ ସରକାର ପରିଚାଳନା କରିଥିଲେ। ସେତେବେଳେ ମୁଁ ମଧ୍ୟ ପ୍ରତିନିଧି ଥିଲି। ସେହି ଚିନି କଳରୁ ୨କୋଟି ଟଙ୍କା ସରକାର ଲାଭ ପାଇଥିଲେ ଏବଂ ଚାଷୀମାନେ ମଧ୍ୟ ବହୁ ଲାଭବାନ ହୋଇଥିଲେ। ମାତ୍ର ବର୍ତ୍ତମାନ ତା'ର ସ୍ଥିତି କ'ଣ ମନ୍ତ୍ରୀ କହିବେ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଭାଜପା ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂଦେଓ ଏହି ପ୍ରସ୍ତାବକୁ ସମର୍ଥନ କରୁନାହାନ୍ତି କହିବା ସହ ବିଜୟାନନ୍ଦ ଚିନି କାରଖାନା କଥା ଉଠାଇଥିଲେ। ରାଜ୍ୟ ସରକାର କେବଳ ଘୋଷଣା କରିବା ଜାଣିଛନ୍ତି ମାତ୍ର ତୃଣମୂଳସ୍ତରରେ କ'ଣ ଘଟୁଛି ତା'ର ସତ୍ୟତା ସେମାନଙ୍କୁ ଜଣା ନାହିଁ। ପାଟଣାଗଡର ବହୁ ଚାଷୀଙ୍କୁ ଏପର୍ଯ୍ୟନ୍ତ ବୀମା ରାଶି ମିଳି ନଥିବା କଥା ସେ କହିଛନ୍ତି। ବିଧାୟକ ଜୀବନ ପ୍ରଦୀପ ଦାସ, ଅଂଶୁମାନ ମହାନ୍ତ, ବିଧାୟକ ଆୟୁବ ଖାନ୍, ପୂର୍ଣ୍ଣଚନ୍ଦ୍ର ସେଠୀ, ପ୍ରଦୀପ ପୁରୋହିତ, ଯୋଗେନ୍ଦ୍ର ବେହେରା ଏବଂ ପ୍ରଫୁଲ୍ଲ ମାଝି ଆଲୋଚନାରେ ଭାଗ ନେଇଛନ୍ତି।

ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି ଯେ, ଓଡିଶାରେ ସମବାୟ ବ୍ୟାଙ୍କ ଜରିଆରେ ୬୦ପ୍ରତିଶତ ଚାଷୀ ଋଣ ପାଉଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚାଷୀଙ୍କ ପାଇଁ ୧ପ୍ରତିଶତ ସୁଧରେ ୧୬ହଜାର କୋଟିରୁ ଅଧିକ ଟଙ୍କା ଋଣ ପ୍ରଦାନ ବ୍ୟବସ୍ଥା କରିଛନ୍ତି। ବିରୋଧୀ ଦଳ ନେତା ନରସିଂହ ମିଶ୍ର ବିଜୟାନନ୍ଦ ଚିନି କାରଖାନା ଖୋଲିବା କଥା କହୁଥିଲେ। ଆଉ କେତେଜଣ ସଦସ୍ୟ ଚାଷୀଙ୍କୁ ବୀମା ଟଙ୍କା ନ ମିଳିବା ଅଭିଯୋଗ ଆଣିଛନ୍ତି। ବର୍ତ୍ତମାନ ସୁଦ୍ଧା ଚାଷୀଙ୍କୁ ବୀମା ରାଶି ବାବଦରେ ୧୫ଶହ କୋଟି ଟଙ୍କା ଦିଆଯାଇଛି। ବଳକା ରାଶି ଖୁବ୍‌ଶୀଘ୍ର ବଣ୍ଟାଯିବ। ବଲାଙ୍ଗୀରରେ ୨୦୧୩-୧୪ରେ ଯେଉଁ ଚିନି କାରଖାନା ହୋଇଥିଲା ତାହା ବିଭିନ୍ନ କାରଣରୁ ବନ୍ଦ ହେଲା। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏହାକୁ କାର୍ଯ୍ୟକ୍ଷମ କରାଯିବାକୁ ଉଦ୍ୟମ ହୋଇଥିଲା। ଏହା ଉପରେ ବ୍ୟାଙ୍କ ଋଣ ରହିଛି। ବ୍ୟାଙ୍କ ପକ୍ଷରୁ ୩ଥର ଏହାର ନିଲାମ ଡକାଗଲାଣି। ହେଲେ କେହି ନିଲାମ ନେଉ ନ ଥିବାରୁ ଏହା କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଅନ୍ୟପକ୍ଷରେ ରାଜ୍ୟରେ ଗାଈ, କୁକୁଡା, ଛେଳି ଚାଷ ପାଇଁ ବିନା ଗ୍ୟାରେଣ୍ଟିରେ ୭% ସୁଧରେ ୧୫ଲକ୍ଷ ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯିବ ବୋଲି ପାତ୍ର କହିଛନ୍ତି। ଏହାପରେ ଗୃହରେ ସମବାୟ ବିଭାଗ ଅତିରିକ୍ତ ବ୍ୟୟବରାଦ ଗୃହୀତ ହୋଇଥିଲା।

ବିଧାନସଭା ପ୍ରଶ୍ନୋତ୍ତର



# ପରଲୋକରେ ସ୍ୱାଧୀନତା ସଂଗ୍ରାମୀ ଗୌରଚନ୍ଦ୍ର

ଭଦ୍ରକ ଅଫିସ,୧୧।୯


ଗୌରଚନ୍ଦ୍ର ମହାପାତ୍ର।

ସ୍ୱାଧୀନତା ଆନ୍ଦୋଳନର ଏକ ଅନିର୍ବାଣ, ପ୍ରେରଣାଦାୟୀ ଦୀପଶିଖା ନିର୍ବାପିତ ହୋଇଯାଇଛି। ବନ୍ଦେ ଉତ୍କଳ ଜନନୀର ସ୍ରଷ୍ଟା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ କନିଷ୍ଠ ପୁତ୍ର ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗୌରଚନ୍ଦ୍ର ମହାପାତ୍ରଙ୍କର ୧୦୪ବର୍ଷ ବୟସରେ ମଙ୍ଗଳବାର ସନ୍ଧ୍ୟାରେ ଭଦ୍ରକ ଜିଲା ଚିକିତ୍ସାଳୟରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ଡାକ୍ତରଖାନା ପରିସର ଲୋକାରଣ୍ୟ ହୋଇପଡିଥିଲା। ବହୁ ସ୍ୱାଧୀନତା ସଂଗ୍ରାମୀ, ରାଜନେତା, ଶିକ୍ଷାବିତ୍, ସାହିତ୍ୟିକ , ବୁଦ୍ଧିଜୀବୀ ଓ ପ୍ରଶାସନିକ ଅଧିକାରୀ ଆସି ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ତାଙ୍କ ମରଶରୀରକୁ ବିଶାଳ ଶୋଭାଯାତ୍ରାରେ ସହରର ନୂଆବଜାରସ୍ଥିତ ବାସଭବନ 'କାନ୍ତ କୁଟୀର'କୁ ନିଆଯାଇଥିଲା। ସେଠାରେ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପରିବାରର ସଦସ୍ୟ ଓ ଅନ୍ୟ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ରାତିରେ ଅନ୍ତିମ ସଂସ୍କାର ପାଇଁ ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇଛି। ବାହାରେ ରହୁଥିବା ପରିବାରର ଅନ୍ୟ ସଦସ୍ୟମାନେ ଆସି ପହଞ୍ଚିବା ପରେ ବୁଧବାର ଅନ୍ତିମ ସଂସ୍କାର ସମ୍ପନ୍ନ କରାଯିବ ।

ଗୌରଚନ୍ଦ୍ରଙ୍କ ଜନ୍ମସ୍ଥାନ ଭଦ୍ରକର ତିହିଡି ବ୍ଲକ ଅଧୀନ ତାଳପଦା ଗାଁରେ। ସେ ତାଙ୍କ ଶେଷଜୀବନ ଭଦ୍ରକ ନୂଆବଜାର 'କାନ୍ତ କୁଟୀର'ରେ କଟାଇଥିଲେ। ସେ ଏକାଧାରରେ ଜଣେ ବିଶିଷ୍ଟ ସଂଗ୍ରାମୀ, ଶିକ୍ଷାବିତ୍, ସାରସ୍ୱତ ସାଧକ ଓ ସାହିତ୍ୟ ସଂଗଠକ ଥିଲେ। ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଛାତ୍ରାବସ୍ଥାରେ ସେ ଭାରତ ଛାଡ ଆନ୍ଦୋଳନରେ ସାମିଲ ହୋଇଥିଲେ। ସେ ସବୁବେଳେ ଖଦଡ ବସ୍ତ୍ର ପରିଧାନ କରୁଥିଲେ। ଦେଶ ସ୍ୱାଧୀନ ହେବା ପରେ ଓଡିଶା ସ୍ୱାଧୀନତା ସଂଗ୍ରାମୀ ସଂଘର ଉପସଭାପତି ଭାବେ କାର୍ଯ୍ୟ କରିଥିଲେ। ଜିଲା ଓ ଜିଲା ବାହାରର ବହୁ ସଙ୍ଗଠନ ସହିତ ସେ ଜଡିତ ଥିଲେ। ଗୌରଚନ୍ଦ୍ରଙ୍କ ରଚିତ ଅନେକ ଅଗ୍ନିବର୍ଷୀ କବିତା ଓ ଅନ୍ୟ ପୁସ୍ତକ ଆଜି ବି ସଂଗ୍ରାମୀଙ୍କ ଜୟଗାଥା ମନେପକାଇ ଦିଏ । 'ଶାସନର ଚକତଳେ', 'ଆମ ଗୌରବ', 'ସେଇ ଦେଶ ମୋ ଘର', 'ସେବା ସଂଘ', 'ଗାଁ ମାଟି ଡାକ', 'କିଛି ଅଭୁଲା ସ୍ମୃତି' ଭଳି ଅମଳିନ ସୃଷ୍ଟି ତାଙ୍କୁ ଚିରକାଳ ଅମର ରଖିବ ବୋଲି ବହୁବିଶିଷ୍ଟ ବ୍ୟକ୍ତି ଶୋକ ବାର୍ତ୍ତାରେ କହିଛନ୍ତି।

## ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଶୋକ

ରାଜ୍ୟପାଳ ପ୍ରଫେସର ଡ. ଗଣେଶୀ ଲାଲ୍ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି, ମହାନ୍ ସ୍ୱାଧୀନତା ସଂଗ୍ରାମୀ ଗୌରଚନ୍ଦ୍ର ମହାପାତ୍ର ଜଣେ ଲୋକପ୍ରିୟ ଗାନ୍ଧୀବାଦୀ ନେତା ଥିଲେ। ଆମର ସାମାଜିକ ଜୀବନ ପ୍ରତି ତାଙ୍କର ଅବଦାନ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ। ସେ କେବଳ ସଂଗ୍ରାମୀ ନ ଥିଲେ, ଜଣେ ସୁସାହିତ୍ୟିକ ଓ ସୁଚିନ୍ତକ ଥିଲେ। ତାଙ୍କ ବିୟୋଗ ଏକ ଗଭୀର ଶୂନ୍ୟସ୍ଥାନ ସୃଷ୍ଟି କରିଛି। ତାଙ୍କ ଅମର ଆତ୍ମାର ସଦ୍‌ଗତି ସହ ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଜଣାଉଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି, ଜଣେ ସଚ୍ଚୋଟ ଗାନ୍ଧୀବାଦୀ ନେତା ଭାବେ ସଂଗ୍ରାମୀ ଗୌରଚନ୍ଦ୍ର ମହାପାତ୍ର ତାଙ୍କର ସମ୍ପୂର୍ଣ୍ଣ ଜୀବନକୁ ଦେଶସେବା ପାଇଁ ଉତ୍ସର୍ଗ କରିଥିଲେ। ଗାନ୍ଧୀବାଦୀ ଚିନ୍ତାଧାରାର ପ୍ରସାର କରିବା ଓ ସମାଜର ଉନ୍ନତି ପାଇଁ ସେ ଅହରହ ଉଦ୍ୟମ କରୁଥିଲେ। ତାଙ୍କ ମୃତ୍ୟୁରେ ଓଡ଼ିଶା ଆଜି ସ୍ୱାଧୀନତା ସଂଗ୍ରାମର ଜଣେ ଶେଷ ସ୍ତମ୍ଭକୁ ହରାଇଛି।

DSPL-155



ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ

ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ଶିକ୍ଷା କ୍ଷେତ୍ରରେ ସଶକ୍ତିକରଣ ନିମନ୍ତେ ଓଡିଶା ସରକାରଙ୍କ ଅବଦାନ

ବିଦ୍ୟାଳୟରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷା ପାଇଁ ବାଣୀଶ୍ରୀ ଛାତ୍ରବୃତ୍ତି ପ୍ରଦାନ

| ଶ୍ରେଣୀ | ମାସିକ ବୃତ୍ତି ରାଶି |
|---|---|
| • ପ୍ରାଥମିକ (ପ୍ରଥମ ଶ୍ରେଣୀ ରୁ ପଞ୍ଚମ ଶ୍ରେଣୀ) | ୨୦୦ ଟଙ୍କା |
| ମଧ୍ୟ ଏବଂ ଉଚ୍ଚବିଦ୍ୟାଳୟ (ଷଷ୍ଠ ରୁ ଦଶମ) (ଭାରତ ସରକାରଙ୍କ ବୃତ୍ତି ପାଇନଥିବା) | ୨୫୦ ଟଙ୍କା |
| +୨ ଏବଂ +୩ ମହାବିଦ୍ୟାଳୟ (ଭାରତ ସରକାରଙ୍କ ବୃତ୍ତି ପାଇନଥିବା) | ୩୦୦ ଟଙ୍କା |
| ମହାବିଦ୍ୟାଳୟ (ସ୍ନାତକ ଡ଼ିଗ୍ରୀ) (ଭାରତ ସରକାରଙ୍କ ବୃତ୍ତି ପାଇନଥିବା) | ୩୫୦ ଟଙ୍କା |
| ପ୍ରଯୁକ୍ତି ଏବଂ ବ୍ୟବସାୟିକ ପ୍ରଶିକ୍ଷଣ (ଭାରତ ସରକାରଙ୍କ ବୃତ୍ତି ପାଇନଥିବା) | ୩୫୦ ଟଙ୍କା |
| • ଅନ୍ୟ ରାଜ୍ୟରେ ସାଧାରଣ ବୃତ୍ତିଧାରୀ ଛାତ୍ର/ବୈଷୟିକ/ବୃତ୍ତିଗତ/ପ୍ରଥମିକସ୍ତର ଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ | ୩୫୦ ଟଙ୍କା |

- ପିତାମାତାଙ୍କର ବାର୍ଷିକ ଆୟ ୬୦,୦୦୦/- ଟଙ୍କାରୁ ଅଧିକ ହୋଇନଥିବା ।
- ଗୋଟିଏ ଶିକ୍ଷା ବର୍ଷରେ ଦଶମାସ ବୃତ୍ତି ଦିଆଯିବ ।
- ନିମ୍ନଲିଖିତ ଭତ୍ତା ଦୃଷ୍ଟିବାଧିତ ଏବଂ ଅସ୍ଥିଶଲ୍ୟ ଭିନ୍ନକ୍ଷମ ଛାତ୍ର/ଛାତ୍ରୀମାନଙ୍କ ପାଇଁ ପ୍ରଯୁଜ୍ୟ

| ଶ୍ରେଣୀ/ପ୍ରକାର | ମାସିକ ଭତ୍ତା |
|---|---|
| **ଦୃଷ୍ଟିବାଧିତ (ପଢିବା ପାଇଁ ଭତ୍ତା)** | |
| ପ୍ରାଥମିକ ବିଦ୍ୟାଳୟ (ପ୍ରଥମ ଶ୍ରେଣୀ ରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ) | ୧୦୦ ଟଙ୍କା |
| ଉଚ୍ଚ ବିଦ୍ୟାଳୟ (ଷଷ୍ଠ ଶ୍ରେଣୀ ରୁ ଦଶମ ଶ୍ରେଣୀ) | ୧୫୦ ଟଙ୍କା |
| ଅନ୍ୟାନ୍ୟ | ୨୦୦ ଟଙ୍କା |
| **ଅସ୍ଥିଶଲ୍ୟ ଭିନ୍ନକ୍ଷମ ଛାତ୍ର/ଛାତ୍ରୀମାନଙ୍କ ପାଇଁ** | |
| ଶତକଡ଼ା ୭୫ କିମ୍ବା ଅଧିକ ଭିନ୍ନକ୍ଷମମାନଙ୍କ ପାଇଁ (ପରିବହନ ଭତ୍ତା) | ୧୦୦ ଟଙ୍କା |

- ସମସ୍ତ ଦରଖାସ୍ତକାରୀ ଅଧିକ ସୂଚନା ପାଇଁ ନିଜ ନିଜର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଓ ଜିଲ୍ଲା ସମାଜିକ ସୁରକ୍ଷା ଅଧିକାରୀଙ୍କ ସହିତ ଯୋଗାଯୋଗ କରିପାରିବେ ।

E-mail : ssepdsec.od@nic.in
Facebook : www.facebook.com/ssepd
Toll Free Helpline : 1800 345 7150

46001/13/0024/1819

ଶକ୍ତି ବିଭାଗ
ଓଡ଼ିଶା ସରକାର

''ରାଜ୍ୟରେ ବର୍ଦ୍ଧିଷ୍ଣୁ ସରକାରୀ ମେଡିକାଲ କଲେଜ ସଂଖ୍ୟାକୁ ଦୃଷ୍ଟିରେ ରଖି, ଆମ ରାଜ୍ୟର ଆର୍ଥିକ ଭାବେ ଦୁର୍ବଳ ଥିବା ମେଧାବୀ ଛାତ୍ର ଛାତ୍ରୀମାନଙ୍କୁ ଡାକ୍ତରୀ ଶିକ୍ଷାର ସୁଯୋଗ ଦେଲେ ନିଶ୍ଚିତ ଭାବେ ସେମାନେ ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟ ସେବାରେ ସହାୟକ ହୋଇପାରିବେ ।''
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ମେଧାବୀ ଛାତ୍ର ଛାତ୍ରୀମାନଙ୍କ ପାଇଁ
ବିନା ଦେୟରେ ମେଡିକାଲ୍ କୋଚିଙ୍ଗ୍ ସୁବିଧା

ଶ୍ରୀ ସୁଶାନ୍ତ ସିଂ
ମାନ୍ୟବର ମନ୍ତ୍ରୀ, ଶକ୍ତି ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା

ଚଳିତ ବର୍ଷ ଚୟନ ହୋଇଥିବା ମେଧାବୀ ଛାତ୍ର ଛାତ୍ରୀମାନଙ୍କ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗଦେଇ ଉତ୍ସାହିତ କରିବେ ।

**ସ୍ଥାନ :** ଓପିଟିସିଏଲ୍ ପାୱାର ଟ୍ରେନିଂ ସେଣ୍ଟର, ଚନ୍ଦକା, ଭୁବନେଶ୍ୱର
**ତାରିଖ :** ୧୨.୦୯.୨୦୧୮, **ସମୟ :** ଅପରାହ୍ନ ୪.୩୦ ମି.



M Power
Powering Medical Education

ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ଅଧିନସ୍ଥ ସମସ୍ତ ସରକାରୀ ଉଦ୍ୟୋଗ ସେମାନଙ୍କ ସାମାଜିକ ଉତ୍ତରଦାୟିତ୍ୱ ପରିପାଳନ ମାଧ୍ୟମରେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ମେଧାବୀ ଛାତ୍ର ଛାତ୍ରୀମାନଙ୍କୁ ବିନା ଦେୟରେ ଡାକ୍ତରୀ ପ୍ରବେଶିକା ପରୀକ୍ଷା (NEET) ପାଇଁ ଆବାସିକ କୋଚିଙ୍ଗ୍ ଆକାଶ ଇନ୍‌ଷ୍ଟିଚ୍ୟୁଟ୍ (**Aakash** Institute) ମାଧ୍ୟମରେ ପ୍ରଦାନ କରୁଛନ୍ତି ।

ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା
Naveen_Odisha | CMO.Odisha | CMO_Odisha



ଭିତରେ ଚେତନାର ପରିବର୍ତ୍ତନ ନ ହେଲେ ବାହାର ପରିବର୍ତ୍ତନର କିଛି ମୂଲ୍ୟ ନାହିଁ, କାରଣ ପ୍ରଖର ବୁଦ୍ଧି ଥିଲେ ବି ଜଣେ ଅଜ୍ଞାନ ଭାବରେ କାର୍ଯ୍ୟ କରିପାରେ।

- ମନୋଜ ଦାସ



# ଗାନ୍ଧୀମାର୍ଗରେ ମହିଳାଙ୍କ ଆତ୍ମାହୁତି ଉଦ୍ୟମ




ଏବିଭିପି ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଛାତ୍ର ଅଧିକାର ସମାବେଶ ରାଲି।

## ଏବିଭିପିର ଛାତ୍ର ଅଧିକାର ସମାବେଶ

ଭୁବନେଶ୍ୱର, ୧୧।୯(ବ୍ୟୁରୋ)

ମଙ୍ଗଳବାର ସ୍ୱାମୀ ବିବେକାନନ୍ଦଙ୍କ ବିଶ୍ୱ ବିଜୟୀ ଦିବସ ଅବସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପକ୍ଷରୁ 'ଛାତ୍ର ଅଧିକାର ସମାବେଶ' ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ବଞ୍ଚାଅ-ଓଡ଼ିଶା ବଞ୍ଚାଅ ଦାବିରେ ହଜାର ହଜାର ଛାତ୍ରୀଛାତ୍ରଙ୍କ ଦୁଇଟି ଶୋଭାଯାତ୍ରା ପ୍ରଦର୍ଶନୀ ପଡ଼ିଆ ଓ ଶହୀଦନଗର ଦୁର୍ଗାପୂଜା ପଡ଼ିଆରୁ ଏକା ସମୟରେ ବାହାରି ଅପରାହ୍ଣ ଗୋଟାଏରେ ଲୋୟର ପିଏମ୍‌ଜିରେ ପହଞ୍ଚିଥିଲା। ବିଦ୍ୟାର୍ଥୀ ପରିଷଦର ରାଜ୍ୟ ସମ୍ପାଦିକା ପ୍ରିୟଙ୍କା ପ୍ରିୟଦର୍ଶିନୀ ମଲ୍ଲିକଙ୍କ ସଂଯୋଜନାରେ ଏକ ବିଶାଳ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଯୋଜକ ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟର ଛାତ୍ର ସଂସଦର ସାଧାରଣ ସମ୍ପାଦକ ବୁଦ୍ଧଦେବ ବାଗ ଛାତ୍ର ସମାଜକୁ ଉଦ୍‌ବୋଧନ ଦେଇଥିଲେ। ବିଦ୍ୟାର୍ଥୀ ପରିଷଦର ସର୍ବଭାରତୀୟ ସାଧାରଣ ସମ୍ପାଦକ ଆଶିଷ ଚୌହାନ କହିଲେ, କଲେଜ ଜମି କଲେଜ ନାଁରେ ନାହିଁ, କିନ୍ତୁ ଘରୋଇ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟକୁ ସରକାର ଜମି ଅବିଳମ୍ବେ ଯୋଗାଇ ଦେଉଛନ୍ତି। ରାଜ୍ୟର ୭୦ଭାଗ କଲେଜରେ ତାଲା ପଡିଛି, ଅଧ୍ୟାପକ, ଶିକ୍ଷକ ରାସ୍ତାରେ ଶୋଇଛନ୍ତି। ଉଚ୍ଚଶିକ୍ଷାର ଏହି ପକ୍ଷାଘାତ ଅବସ୍ଥା ପାଇଁ ସରକାର ସମ୍ପୂର୍ଣ୍ଣ ଦାୟୀ ବୋଲି ସେ କହିଛନ୍ତି। ସଭାରେ ବିଦ୍ୟାର୍ଥୀ ପରିଷଦର ରାଷ୍ଟ୍ରୀୟ ସମ୍ପାଦକ ଅଭିଳାଷ ପଣ୍ଡା ଓଡ଼ିଶାର ଯୁବ ଛାତ୍ରମାନଙ୍କ ପାଇଁ ଦୟନୀୟ ରୋଜଗାର ସ୍ଥିତି ଉପରେ ଆଲୋକପାତ କରିଥିଲେ। ବିଦ୍ୟାର୍ଥୀ ପରିଷଦର ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ପ୍ରମୁଖ ଶ୍ରୀହରି ବୋରିକର, ରାଜ୍ୟ ସହସମ୍ପାଦକ ସମୀର ରାଉତ, ଉତ୍କଳ ବିଶ୍ୱବିଦ୍ୟାଳୟର ରତନ ଦିଗଲ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ରାଜ୍ୟ ସମ୍ପାଦିକା ପ୍ରିୟଙ୍କା ପ୍ରିୟଦର୍ଶିନୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚଶିକ୍ଷା ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଦୁଇଟି ସ୍ମାରକପତ୍ର ଓ 'ଛାତ୍ର ସନନ୍ଦ' ପ୍ରଦାନ କରିଥିଲେ।

## ଶିକ୍ଷାନୁଷ୍ଠାନରୁ ଦେଢ଼ କୋଟି ଠକେଇ

### ଜଣେ ଅଟକ, କାର ଜବତ

ଭୁବନେଶ୍ୱର, ୧୧।୯(ବ୍ୟୁରୋ)

ଇନ୍‌ଫୋସିଟି ଥାନା ଅଞ୍ଚଳରେ ଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନରୁ ଦେଢ଼କୋଟି ଟଙ୍କା ଠକେଇ ଘଟଣାରେ ପୋଲିସ ଜଣେ ଅଣଓଡିଆ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏହାସହ ପୋଲିସ ଏକ ଇନୋଭା ଗାଡ଼ି ଜବତ କରିଛି। ଏହି ଠକେଇରେ ଅନ୍ୟ କେତେଜଣଙ୍କ ସମ୍ପୃକ୍ତି ଥିବା ପୋଲିସ ସନ୍ଦେହ କରୁଛି। ଅଟକ ଯୁବକଙ୍କ ଘର ଜଗତ୍‌ସିଂହପୁର ଜିଲାରେ ହୋଇଥିବା ବେଳେ ତାଙ୍କର ରାଜଧାନୀରେ ଏକାଧିକ ଘର ଓ ଫ୍ଲାଟ ରହିଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଅଟକ ବ୍ୟକ୍ତି ଜଣକ ଉକ୍ତ ଶିକ୍ଷାନୁଷ୍ଠାନରେ ଦୀର୍ଘଦିନ ହେବ ଅର୍ଥ ବିଭାଗର ଦାୟିତ୍ୱ ନେଇଥିଲେ। ସେ ନିଜେ ଅଡିଟ୍ କରିବା ସହ କର୍ମଚାରୀଙ୍କୁ ଦରମା ଦେଉଥିଲେ। କିନ୍ତୁ ଉକ୍ତ ବ୍ୟକ୍ତି ତାଙ୍କର କେତେଜଣ ସାଙ୍ଗମାନଙ୍କ ସହ ମିଶି ଶିକ୍ଷାନୁଷ୍ଠାନର ଦେଢ଼କୋଟି ଟଙ୍କା ଚଳୁ କରିଦେଇଥିଲେ। ନିଜେ ଅଡିଟ୍ ଦାୟିତ୍ୱରେ ଥିବାରୁ କେହି ଏହାର ସୁରାକ ପାଉ ନ ଥିଲେ। କିନ୍ତୁ ସଂସ୍ଥାର ଦେବାଳିଆ ପରିସ୍ଥିତି ଦେଖା ଦେବା ପରେ ଶେଷରେ ଉକ୍ତ କର୍ତ୍ତୃପକ୍ଷଙ୍କ ସନ୍ଦେହ ହୋଇଥିଲା। ସେ ଅନ୍ୟ ଜଣେ ବ୍ୟକ୍ତିଙ୍କ ଦ୍ୱାରା ଅଡିଟ୍ କରିବା ପରେ ଦେଢ଼କୋଟି ଟଙ୍କା ଠକେଇ ହୋଇଥିବା ଜଣାପଡିଥିଲା। ଏ ନେଇ ସଂସ୍ଥା ପକ୍ଷରୁ ଇନ୍‌ଫୋସିଟି ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରୁଛି। ଇନ୍‌ଫୋସିଟି ଥାନା ଅଧିକାରୀ ବିଜୟିନୀ ସିଂ କହିଛନ୍ତି, ଏକ ଠକେଇ ମାମଲାରେ ତାଙ୍କୁ ଅଟକ ରଖାଯାଇଛି। ତଦନ୍ତ ଚାଲୁଥିବାରୁ ସେ ସମ୍ପର୍କରେ କିଛି କହିହେବ ନାହିଁ। ଅନ୍ୟମାନଙ୍କୁ ଧରିବା ପାଇଁ ଆମେ ଚେଷ୍ଟା କରୁଛୁ।

ଭୁବନେଶ୍ୱର, ୧୧।୯(ବ୍ୟୁରୋ)

- ହୋମଗାର୍ଡ ଚାକିରିରୁ ଛଟେଇ ହୋଇଥିଲେ
- ପୂର୍ବରୁ କୁଆଖାଇକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ

ଲୋୟର ପିଏମ୍‌ଜିରେ ମଙ୍ଗଳବାର ଅପରାହ୍ଣରେ ଜନଗହଳି ଥିଲା। ଏକାଧିକ ସଂଗଠନ ନିଜର ଦାବି ପୂରଣ ଲାଗି ଆନ୍ଦୋଳନ କରିବା ସହ ନାରାବାଜି ଦେଉଥିଲେ। ଏହି କୋଳାହଳ ମଧ୍ୟରେ ପୋଲିସ ପୋଷାକ ପିନ୍ଧିଥିବା ଜଣେ ମହିଳା ଆତ୍ମାହୁତି ଉଦ୍ୟମ କରିଥିଲେ। ମହିଳା ଜଣକ ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ସୁରକ୍ଷାକର୍ମୀ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଆତ୍ମାହୁତି ଉଦ୍ୟମ କରିଥିବା ମହିଳା ଜଣକ ହେଲେ ମଞ୍ଚେଶ୍ୱର କୁଆଖାଇ ବସ୍ତିରେ ରହୁଥିବା କାଞ୍ଚନ ପାତ୍ର(୪୫)। କାଞ୍ଚନ ହୋମ୍‌ଗାର୍ଡ ଚାକିରି କରିଥିବାବେଳେ ତାଙ୍କୁ ୨୦୧୩ରୁ ଛଟେଇ କରାଯାଇଛି। କାଞ୍ଚନଙ୍କ ସ୍ୱାମୀ ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବାରୁ ତାଙ୍କୁ ଚାକିରିରୁ ଛଟେଇ କରାଯାଇଥିଲା। କିନ୍ତୁ ସେ ଚାକିରିରେ ନ ଥିବା ସତ୍ତ୍ୱେ ପୋଲିସ ପୋଷାକ ପିନ୍ଧି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଏଭଳି କାର୍ଯ୍ୟ ପାଇଁ କ୍ୟାପିଟାଲ ଥାନାରେ ଦଫା ୩୦୯ରେ ଏକ ମାମଲା(୩୮୭/୧୮) ରୁଜୁ ହୋଇ ତଦନ୍ତ କରାଯାଉଛି।

ସୂଚନା ଅନୁଯାୟୀ, କାଞ୍ଚନ ଏବଂ ତାଙ୍କ ସ୍ୱାମୀ ମାଡ଼ମାରି ଲୁଟପାଟ କରିବା ଅଭିଯୋଗରେ ୨୦୧୩ରେ ଶହୀଦନଗର ଥାନାରେ ଏକ ମାମଲା(୪୫୨/୧୩) ରୁଜୁ ହୋଇଛି। ସେହିପରି ୨୦୧୪ରେ ଜଣେ ଦଳିତ ଯୁବତୀଙ୍କୁ ଗଣବଳାତ୍କାର ମାମଲାରେ କାଞ୍ଚନଙ୍କ ସ୍ୱାମୀଙ୍କ ସମ୍ପୃକ୍ତି ଥିଲା। ସ୍ୱାମୀଙ୍କୁ କାଞ୍ଚନ ଆପରାଧିକ କାର୍ଯ୍ୟରେ ସହଯୋଗ କରୁଥିଲେ। ତେଣୁ ଉଭୟଙ୍କ ନାମରେ ମହିଳା ଥାନାରେ ଦଫା ୩୭୬(ଡି),୧୦୯ ଏସ୍‌ଟି/ଏସ୍‌ସି ଆକ୍ଟରେ ଏକ ମାମଲା(୯୪/୧୪) ରୁଜୁ ହୋଇଥିଲା। ଏସବୁ ଆପରାଧିକ କାର୍ଯ୍ୟରେ କାଞ୍ଚନଙ୍କ ସିଧାସଳଖ ସମ୍ପୃକ୍ତି ଥିବା ନେଇ ଜଣାପଡିବା ପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ହୋମଗାର୍ଡ ଆକ୍ଟ ୧୯୬୧ ରୁଲ୍-୮ ଅନୁସାରେ ତାଙ୍କୁ ୨୦୧୩ ନଭେମ୍ବର ୩୦ରେ ଚାକିରିରୁ ଛଟେଇ କରାଯାଇଥିଲା। ଏ ନେଇ କାଞ୍ଚନ ହାଇକୋର୍ଟରେ ପିଟିଶନ କରିଥିଲେ। କିନ୍ତୁ କୌଣସି ସୁଫଳ ମିଳି ନ ଥିଲା। ଚାକିରି ହରାଇବା ପରେ କାଞ୍ଚନ ମାନସିକ ଭାରସାମ୍ୟ ହରାଇ ବାରମ୍ବାର ଆତ୍ମହତ୍ୟା ଉଦ୍ୟମ କରୁଛନ୍ତି। ପୂର୍ବରୁ ଗତ ଜୁଲାଇ ୨୫ ତାରିଖ ଦିନ କୁଆଖାଇ ନଦୀରେ ୫ ଛାତ୍ର ବୁଡ଼ିଯାଇଥିଲେ। ସେମାନଙ୍କୁ ଅଗ୍ନିଶମ କର୍ମଚାରୀମାନେ ଖୋଜୁଥିବା ସମୟରେ କାଞ୍ଚନ କୁଆଖାଇ ଓଭରବ୍ରିଜ ଉପରୁ ନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଅଗ୍ନିଶମ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରିଥିଲେ। ଅତିରିକ୍ତ ଡିସିପି ରାଜକିଶୋର ପାଇକରାୟ କହିଛନ୍ତି, ମହିଳା ଜଣକ ବାରମ୍ବାର ଆତ୍ମହତ୍ୟା ଉଦ୍ୟମ କରୁଥିବାରୁ ତାଙ୍କ ନାମରେ ଆପରାଧିକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି।









ଭୁଲ୍ କର ପଛେ ଚିନ୍ତା ନାହିଁ, କିନ୍ତୁ ପର ବୁଦ୍ଧିରେ ନ କରି ନିଜ ବୁଦ୍ଧିରେ କର।
- ମାରିଆ ଏଡ୍ୱାର୍ଥ




ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର 'ପ୍ଲାଷ୍ଟିକ ଫ୍ରି ଓଡ଼ିଶା' ଅଭିଯାନକୁ ସମର୍ଥନ ଜଣାଉଛନ୍ତି ପୁରୀସ୍ଥିତ ବିନାୟକ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ।







'ପ୍ଲାଷ୍ଟିକ ଫ୍ରି ଓଡ଼ିଶା' ଅଭିଯାନରେ ସାମିଲ ହୋଇଥିବା ପୁରୀର ଯୁବ ସ୍ୱେଚ୍ଛାସେବୀ ଓ ସମ୍ବଲପୁର ଜିଲା ମ୍ୟୁନିସିପାଲ ବାଳିକା ଉଚ୍ଚବିଦ୍ୟାଳୟର ଛାତ୍ରୀ।

## ଘରୋଇ ବ୍ୟାଙ୍କ କର୍ମଚାରୀଙ୍କଠାରୁ ୧ ଲକ୍ଷ ଟଙ୍କା ଲୁଟ୍

**ଜଟଣୀ,୧୧।୯(ଡି.ଏନ.ଏ):** ଜଟଣୀ ଥାନା ଅଞ୍ଚଳରେ ପୁଣି ଲୁଟେରାମାନେ ସକ୍ରିୟ ହୋଇଛନ୍ତି। ଏକ ଘରୋଇ ବ୍ୟାଙ୍କ କର୍ମଚାରୀଙ୍କଠାରୁ ଦୁର୍ବୃତ୍ତମାନେ ମଙ୍ଗଳବାର ୧ ଲକ୍ଷ ୧୧ ହଜାର ଟଙ୍କା ଲୁଟି ନେଇଛନ୍ତି। ଥାନା ଅନ୍ତର୍ଗତ ବାଲିଛକ ସାହି ରାସ୍ତାରେ ମଙ୍ଗଳବାର ମଧ୍ୟାହ୍ନରେ ଏହା ଘଟିଛି। ବିଭିନ୍ନ ମହିଳା ଗୋଷ୍ଠୀଠାରୁ ଋଣ ବାବଦ ଅର୍ଥ ସଂଗ୍ରହ କରି ବନ୍ଧନ ନାମକ ଏକ ଘରୋଇ ବ୍ୟାଙ୍କର କର୍ମଚାରୀ ବିପ୍ଳବ ଦାସ ବାଇକ୍‌ରେ ଫେରୁଥିବାବେଳେ ପଲ୍‌ସରରେ ଦୁଇ ଦୁର୍ବୃତ୍ତ ଆସି ବନ୍ଧୁକ ଦେଖାଇ ଟଙ୍କା ଥିବା ବ୍ୟାଗ ତାଙ୍କଠାରୁ ଲୁଟି ନେଇ ପଳାଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ କାହାକୁ ଧରିବାରେ ସକ୍ଷମ ହୋଇନାହିଁ। ଜଟଣୀ ଥାନା ପୂର୍ବତନ ଆଇଆଇସି ସଞ୍ଜୀବ ମହାନ୍ତି ୩ ତାରିଖରେ ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ। ଏହାପରେ କମିଶନରେଟ୍ ପୋଲିସ ପକ୍ଷରୁ ଥାନାରେ ନୂଆ ଆଇଆଇସି ଭାବେ ବିଶ୍ୱରଞ୍ଜନ ସାହୁ ଯୋଗ ଦେଇଛନ୍ତି। ଲୁଟେରାମାନେ ଟଙ୍କା ଲୁଟ୍ କରି ତାଙ୍କୁ ଚ୍ୟାଲେଞ୍ଜ ଦେଇଛନ୍ତି। ସେ କିଭଳି ଭାବେ ଲୁଟେରାଙ୍କୁ ଧରୁଛନ୍ତି ତାହା ଦେଖିବାକୁ ରହିଲା ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

### ■ ନିର୍ଘଣ୍ଟ ସମୟରେ ହେବ ଶ୍ରୀମନ୍ଦିର ନୀତିକାନ୍ତି

# ନୀତି ସବ୍ କମିଟି ବୈଠକରେ ନୂତନ ନୀତି ନିର୍ଘଣ୍ଟ

**ପୁରୀ ଅଫିସ, ୧୧।୯**

ଶ୍ରୀମନ୍ଦିର ଦୈନନ୍ଦିନ ନୀତିକାନ୍ତିରେ କୌଣସି ଠିକ୍ ଠିକଣା ରହୁନାହିଁ। ବ୍ରାହ୍ମ ମୁହୂର୍ତ୍ତରେ ଦ୍ୱାର ଫିଟି ଠାକୁରଙ୍କ ମଙ୍ଗଳ ଆଳତି ହେବା କଥା। ହେଲେ ଦିନେ ଦିନେ ବହୁ ବିଳମ୍ବ ଘଟୁଛି। ଚନ୍ଦ୍ରଗ୍ରହଣ, ସୂର୍ଯ୍ୟୋପରାଗ ଇତ୍ୟାଦି କେତେକ ଜରୁରୀ ନୀତି ସମୟାନୁସାରେ ହେଉଥିଲେ ମଧ୍ୟ ଦୈନନ୍ଦିନ ଓ ପର୍ବପର୍ବାଣିରେ ସ୍ୱତ୍ୱଲିପି ଭିତ୍ତିକ ସମୟାନୁସାରେ ନୀତି ସମ୍ପାଦନ ହୋଇପାରୁ ନାହିଁ। ପହୁଡ଼ରେ ମଧ୍ୟ କୌଣସି ନିର୍ଦ୍ଦିଷ୍ଟ ସମୟ ରହୁନାହିଁ। ବିଶେଷକରି ସ୍ୱତନ୍ତ୍ର ନୀତି ନ ଥିବା ଦିନଗୁଡ଼ିକରେ ରାତ୍ର ୮ଟା କିମ୍ବା ୯ଟା ସୁଦ୍ଧା ପହୁଡ଼ ହେବାର ନଜିର ରହିଛି। ସଅଳ ପହୁଡ଼ ଦ୍ୱାରା ବହୁ ଭକ୍ତ ଦର୍ଶନରୁ ବଞ୍ଚିତ ହେଉଛନ୍ତି।

ସେହିପରି ଶ୍ରୀମନ୍ଦିରରେ ସଂସ୍କାର ଓ ଶୃଙ୍ଖଳା ଆଣିବା ଲାଗି ସୁପ୍ରିମ୍‌କୋର୍ଟ ଧାଡ଼ି ଦର୍ଶନ ପାଇଁ ପ୍ରସ୍ତାବ ଦେଇଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ତିନିଜଣିଆ କମିଟି ମଧ୍ୟ ଧାଡ଼ି ଦର୍ଶନ ଓ ଟିକେଟ ଦର୍ଶନର ରୂପରେଖ ସଂକ୍ରାନ୍ତରେ ସୁପ୍ରିମ୍‌କୋର୍ଟଙ୍କୁ ଅବଗତ କରାଇଛନ୍ତି। ତେବେ ଶ୍ରୀମନ୍ଦିରରେ ଖୁବ୍‌ଶୀଘ୍ର ଧାଡ଼ି ଏବଂ ଟିକେଟ ଦର୍ଶନ ହୋଇପାରେ ବୋଲି କୁହାଯାଉଛି। ଯଦି ଧାଡ଼ି ଏବଂ ଟିକେଟ ଦର୍ଶନ ହୁଏ ତେବେ ନୀତିକାନ୍ତି ଠିକ୍ ସମୟରେ ହେବା ଦରକାର। ନଚେତ୍ ବର୍ତ୍ତମାନ ଭଳି ନୀତି ଚାଲିଲେ ଭକ୍ତ ହଇରାଣ ହେବେ ଏବଂ ଅନେକ ଠାକୁରଙ୍କୁ ଦର୍ଶନ ନ ପାଇ ଫେରିଯିବେ, ଯାହାକି ଶ୍ରୀମନ୍ଦିର ପ୍ରଶାସନକୁ ପୁଣି ଆଇନଗତ ଅଡୁଆରେ ପକାଇପାରେ। ତେଣୁ ଏହି ବ୍ୟବସ୍ଥା ଲାଗୁ ପୂର୍ବରୁ ନୀତିକାନ୍ତିକୁ ନିର୍ଘଣ୍ଟ ସମୟରେ କରିବା ଉପରେ ଗୁରୁତ୍ୱ ଦେଇଛି ଶ୍ରୀମନ୍ଦିର ପ୍ରଶାସନ। ବିଶେଷ ନୀତି ନ ଥିବା ସାଧାରଣ ଦିନମାନଙ୍କରେ ନୀତି ସମ୍ପାଦନ ପାଇଁ ସମୟ ନିର୍ଘଣ୍ଟ କରିଛି। ମଙ୍ଗଳବାର ଅନୁଷ୍ଠିତ ନୀତି ସବ୍‌କମିଟି ବୈଠକରେ ଏହା ଉପରେ ବିସ୍ତୃତ ଆଲୋଚନା କରାଯାଇ ପ୍ରସ୍ତାବ ଉପସ୍ଥାପନ କରାଯାଇଛି। ଏଥିସହ ପ୍ରତିଦିନ ମଙ୍ଗଳ ଆଳତି ଏବଂ ସନ୍ଧ୍ୟା ଆଳତି ସମୟରେ ଟିକେଟ ଦର୍ଶନ ବ୍ୟବସ୍ଥା କରାଯିବା ଲାଗି ପ୍ରାଥମିକ ଆଲୋଚନା ହୋଇଛି। ସ୍ୱତନ୍ତ୍ର ନୀତି ଥିବା ତଥା ପର୍ବପର୍ବାଣି ଦିନଗୁଡ଼ିକ ସମ୍ପର୍କରେ ଭକ୍ତମାନଙ୍କୁ ଆଗୁଆ ସୂଚନା ଦେବା ଲାଗି ମଧ୍ୟ ବୈଠକରେ ଆଲୋଚନା କରାଯାଇଛି। ପରିଚାଳନା କମିଟିରେ ଏହି ପ୍ରସ୍ତାବ ଅନୁମୋଦନ ପାଇବା ପରେ କାର୍ଯ୍ୟକାରୀ କରାଯିବ। ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନୀତି ସବ୍ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।



■ ପରିଚାଳନା କମିଟି ଅନୁମୋଦନ ପରେ ହେବ କାର୍ଯ୍ୟକାରୀ

■ ମଙ୍ଗଳ ଆଳତି, ସନ୍ଧ୍ୟା ଆଳତିରେ ହୋଇପାରେ ଟିକେଟ ଦର୍ଶନ

**ସାଧାରଣ ଦିନର ନୀତି ନିର୍ଘଣ୍ଟ**

| | |
|---|---|
| ଦ୍ୱାରଫିଟା | ଭୋର ୫ଟା |
| ଭିତରଶୋଧ | ୫ଟା ୩୦ |
| ମଙ୍ଗଳ ଆଳତି | ସକାଳ ୬ଟା |
| ମଇଲମ-ତଡ଼ପଲାଗି | ୬ଟା ୩୦ |
| ଅବକାଶ | ୭ଟା ୩୦ |
| ରୋଷହୋମ | ୮ଟା |
| ସୂର୍ଯ୍ୟପୂଜା | ୮ଟା ୧୫ |
| ଦ୍ୱାରପାଳ ପୂଜା | ୮ଟା ୩୦ |
| ବେଶ ଶେଷ | ୮ଟା ୩୦ |
| ଗୋପାଳବଲ୍ଲଭ | ୯ଟା |
| ସକାଳ ଧୂପ (କେବଳ କୋଠଭୋଗ) | ୯ଟା ୩୦ରୁ ୧୦ଟା ୩୦ |
| ଭୋଗମଣ୍ଡପ ଉଠିବା | ୧୦ଟା ୨୦ |
| ମଇଲମ-ବେଶ | ୧୦ଟା ୪୫ରୁ ୧୧ଟା ୩୦ |
| ଭୋଗମଣ୍ଡପ ଶେଷ | ମଧ୍ୟାହ୍ନ ୧୨ଟା |
| ମଧ୍ୟାହ୍ନଧୂପ(କେବଳ କୋଠଭୋଗ) | ୧୨ଟା ୩୦ରୁ ଅପରାହ୍ନ ୨ଟା |
| ୨ୟ ଭୋଗମଣ୍ଡପ | ୧ଟା ୫୦ରୁ ୩ଟା |
| ଦକ୍ଷିଣ ଘର ଭୋଗ | ଅପରାହ୍ନ ୩ଟା |
| ମଇଲମ-ବେଶ | ଅପରାହ୍ନ ୫ଟାରୁ ସନ୍ଧ୍ୟା ୬ଟା |
| ସନ୍ଧ୍ୟା ଆଳତି | ସନ୍ଧ୍ୟା ୬ଟା ୧୦ |
| ସନ୍ଧ୍ୟା ଧୂପ | ୭ଟାରୁ ରାତି ୮ଟା ୩୦ |
| ମଇଲମ-ଚନ୍ଦଲାଗି | ୯ଟାରୁ ୯ଟା ୩୦ |
| ବଡ଼ସିଂହାର ବେଶ | ୯ଟା ୩୦ରୁ ୧୦ଟା ୩୦ |
| ବଡ଼ସିଂହାର ଭୋଗ | ରାତି ୧୧ଟାରୁ ୧୧ଟା ୩୦ |
| ରାତ୍ର ପହୁଡ଼ | ୧୨ଟା |

# ୧୩ ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ

**କଟକ ଅଫିସ,୧୧।୯**

କଟକ ଜିଲା ଅବକାରୀ ବିଭାଗ ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ପକ୍ଷରୁ ମଙ୍ଗଳବାର କଟକର ମାଲ୍‌ଗୋଦାମ ଥାନାଞ୍ଚଳରେ ଚଢାଉ କରି ୧୩୦ ଗ୍ରାମ୍‌ର ବ୍ରାଉନ ସୁଗାର ଜବତ କରାଯାଇଛି। ଏହାର ବଜାର ମୂଲ୍ୟ ୧୩ ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି କାରବାରରେ ସମ୍ପୃକ୍ତ ଖୋର୍ଦ୍ଧା ଜିଲା ନବୀନବାଗ ଅଞ୍ଚଳର ପ୍ରକାଶ କୁମାର ବାରିକଙ୍କୁ ଗିରଫ କରାଯାଇଛି। ମିଳିଥିବା ସୂଚନାନୁସାରେ, କଲେଜ ଛକ ଅଞ୍ଚଳରେ କେତେଜଣ ଅସାମାଜିକ ବ୍ୟକ୍ତି ବ୍ରାଉନ ସୁଗାର କାରବାର କରୁଥିବା ଅବକାରୀ

**ଜଣେ ଗିରଫ**

ବିଭାଗ ନିକଟରେ ସୂଚନା ପହଞ୍ଚିଥିଲା। ମଧ୍ୟାହ୍ନରେ ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ଅଧିକାରୀ ଶରତ ଚନ୍ଦ୍ର ଭଞ୍ଜଙ୍କ ନେତୃତ୍ୱରେ ଏକ ଟିମ୍ ସାଦା ପୋଷାକରେ ସେଠାରେ ଜଗି ରହିଥିଲେ। ଅଭିଯୁକ୍ତ ପ୍ରକାଶ ବ୍ରାଉନ ସୁଗାର ନେଇ ଯାଉଥିବାବେଳେ ସ୍କ୍ୱାଡ୍ ତାଙ୍କୁ କାବୁ କରିନେଇଥିଲା। ଯାଞ୍ଚ ପରେ ତାଙ୍କ ନିକଟରୁ ବ୍ରାଉନସୁଗାର ମିଳିଥିଲା। ଏନେଇ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ପ୍ରକାଶଙ୍କୁ କୋର୍ଟଚାଲାଣ କରାଯାଇଥିବା ଶରତ କହିଛନ୍ତି।




ଘରୋଇ ହୋମିଓପ୍ୟାଥିକ୍ ଚିକିତ୍ସକମାନଙ୍କୁ ପୂର୍ବଭଳି ତାଲିକାଭୁକ୍ତ କରିବା ଓ ଅନ୍ୟ କେତେକ ଦାବି ନେଇ ପ୍ରାଇଭେଟ୍ ହୋମିଓପ୍ୟାଥିକ୍ ପ୍ରାକ୍ଟିସନର୍ସ ଆସୋସିଏଶନ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଅନୁଷ୍ଠିତ ବିକ୍ଷୋଭ ଶୋଭାଯାତ୍ରା।

### ■ ଶୃଙ୍ଖଳିତ ହେବ ଆନନ୍ଦ ବଜାର

# ଥାଳି ଦରରେ ମିଳିବ ମହାପ୍ରସାଦ

**ପୁରୀ ଅଫିସ, ୧୧।୯**

■ ଖୋଲିବ ଅଭିଯୋଗ ପ୍ରକୋଷ୍ଠ

■ ତିଆରି ହେବ ୪୦ ଶେଡ୍

■ ଓଳି ଚିତ୍ର ସହ ଲାଗିବ ମହାପ୍ରସାଦ ମୂଲ୍ୟ

ଶ୍ରୀମନ୍ଦିରରେ ଶୃଙ୍ଖଳା ଓ ସ୍ୱଚ୍ଛତା ଆଣିବା ଲାଗି ସୁପ୍ରିମ୍‌କୋର୍ଟ ଏକାଧିକ ରାୟ ଦେଇଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଯେପରି କଡ଼ାକଡ଼ି ଭାବେ ପାଳନ ହେବ ତାହା ଉପରେ ଗୁରୁତ୍ୱ ଦେଇଛି ଶ୍ରୀମନ୍ଦିର ପ୍ରଶାସନ। ବିଶେଷକରି ଆନନ୍ଦ ବଜାରକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଏହାକୁ କିପରି ସୁବ୍ୟବସ୍ଥିତ ଏବଂ ଶୃଙ୍ଖଳିତ କରାଯାଇପାରିବ ସେ ନେଇ ମଙ୍ଗଳବାର ସୁଆର ମହାସୁଆର ନିଯୋଗ ସହ ଆଲୋଚନା କରିଛି ଶ୍ରୀମନ୍ଦିର ପ୍ରଶାସନ। ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଛି। ପରିଚାଳନା କମିଟି ବୈଠକ ଏହି ଆଲୋଚନାର ଚୂଡ଼ାନ୍ତ ନିଷ୍ପତ୍ତି ନେବ।

ଆନନ୍ଦ ବଜାରକୁ ପରିଷ୍କାର ପରିଚ୍ଛନ୍ନ ରଖାଯିବ। ସମ୍ପୃକ୍ତ ସମସ୍ତ ସେବକ ଏ ଦିଗରେ ପ୍ରାଥମିକତା ଦେବେ। ସେହିପରି ଆନନ୍ଦ ବଜାରରେ ଯେଉଁ ଜରି ଟଣାଯାଇଛି ତାହାକୁ କଢାଯିବ। ପ୍ରଥମ ପର୍ଯ୍ୟାୟରେ ୪୦ଟି ଶେଡ୍ (ଅବଢ଼ା ଦୋକାନ) ତିଆରି କରାଯିବ। ପ୍ରତିଦିନ ଏହି ଶେଡ୍ ଚଟାଣକୁ ଗରମ ପାଣିରେ ଧୁଆ ଯିବ। ଅନେକ ସମୟରେ ଆନନ୍ଦ ବଜାରରେ ଭକ୍ତଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ ହେଉଛି। ତେଣୁ ବୈଠକରେ ଏହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଣିକି ଆନନ୍ଦ ବଜାର ପରିସରରେ ମହାପ୍ରସାଦ ଦର ତାଲିକା (କୁଡୁଆ ଚିତ୍ର ସହ ମୂଲ୍ୟ) ସ୍ପଷ୍ଟ ଭାବେ ଲାଗିବ। ଏଥିପାଇଁ ସୁଆର ମହାସୁଆର ନିଯୋଗ ଏକ ଦର ତାଲିକା ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନକୁ ଦେଇସାରିଛି। ପ୍ରଶାସନ ଅନୁମତି ଦେବା ପରେ ଏହାକୁ ଆନନ୍ଦ ବଜାରରେ ଲଗାଯିବ। ସେହିପରି ମହାପ୍ରସାଦ ଥାଳି ବ୍ୟବସ୍ଥା ହେବ। ତିନିପ୍ରକାର ଅର୍ଥାତ୍ ୭୦ ଟଙ୍କା, ୮୦ ଟଙ୍କା ଏବଂ ୧୨୦ ଟଙ୍କାରେ ଭକ୍ତମାନେ ମହାପ୍ରସାଦ ଥାଳି ପାଇପାରିବେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଆନନ୍ଦ ବଜାରରେ ଖୋଲିବ ଅଭିଯୋଗ ପ୍ରକୋଷ୍ଠ। ଶ୍ରୀମନ୍ଦିର ପ୍ରଶାସନ ଏବଂ ସୁଆର ମହାସୁଆର ନିଯୋଗ ମିଳିତ ସହଯୋଗରେ ଖୋଲିବାକୁ ଥିବା ଏହି ଅଭିଯୋଗ ପ୍ରକୋଷ୍ଠରେ ଭକ୍ତମାନେ ଅଭିଯୋଗ କରିପାରିବେ।

ଶ୍ରୀମନ୍ଦିର ରୋଷଘରେ ଥିବା ୨୫୦ ଚୁଲିକୁ ଶ୍ରୀମନ୍ଦିର ପ୍ରଶାସନ ନିଜ ନିୟନ୍ତ୍ରଣକୁ ନେବା ପାଇଁ ସୁପ୍ରିମ୍‌କୋର୍ଟ କହିଥିଲେ। ସୁଆର ସେବକଙ୍କୁ ଚୁଲି ବର୍ଷିକିଆ ଲାଇସେନ୍ସ ଦିଆଯିବ ବୋଲି ମୁଖ୍ୟ ପ୍ରଶାସକ କହିଥିଲେ। କିନ୍ତୁ ବୈଠକରେ ସୁଆର ସେବକମାନେ ଲାଇସେନ୍ସ ଶବ୍ଦକୁ ବିରୋଧ କରିଥିଲେ। ଲାଇସେନ୍ସ ସ୍ଥାନରେ ଅଧିକାର ଶବ୍ଦ ବ୍ୟବହାର କରିବାକୁ ଆଲୋଚନା ହୋଇଛି। ବୈଠକରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଏସ୍‌ପି ଡା. ସାର୍ଥକ କୁମାର ଷଡ଼ଙ୍ଗୀଙ୍କ ସମେତ ପରିଚାଳନା କମିଟି ସଦସ୍ୟ ଅନନ୍ତ ତିଆଡ଼ି, ବାବନ ମହାସୁଆର, କୃଷ୍ଣଚନ୍ଦ୍ର ସାମନ୍ତରା ପ୍ରମୁଖ ଉପସ୍ଥିତ ଥିଲେ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ metroselfie@gmail.com ରେ ଆମର ସେଲ୍‌ଫି କର୍ଣ୍ଣରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ଣ୍ଣର



@ ରୋଜାଲିନ



@ ଦେବୀ



@ କାର୍ତ୍ତିକ



@ ପ୍ରଦୀପ



@ ସ୍ମାରକ



@ ରାକେଶ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | metroselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)



ଭୁଲ୍‌ଟା ବୁଝିବା ମାତ୍ରେ ଲଜ୍ଜିତ ହୋଇଯିବା ଭଳି ସଦ୍‌ଗୁଣ ଆଉ କିଛି ନାହିଁ।
-ଡାୟୋଜିନିସ୍



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ୧୦ମ କଟକଫାବ୍-୨୦୧୮, ଗେଟ୍ ନଂ. ୩, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା।
- ମହାନଗର ନିଗମ ବସ୍ତିବାସିନ୍ଦାଙ୍କ ବିକ୍ଷୋଭ, ମାଷ୍ଟରକ୍ୟାଣ୍ଟିନ୍ ଛକ, ପୂର୍ବାହ୍ନ ୧୦ଟା ୩୦।
- 'ଦୃଷ୍ଟାନ୍ତ ସମ୍ମାନ-୨୦୧୮' ପ୍ରଦାନ ଉତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- ମିରର୍ ପକ୍ଷରୁ ଷଷ୍ଠ ରାଷ୍ଟ୍ରୀୟ ଏକକ ନାଟକ ଉତ୍ସବ 'ଏକା'ର ଉଦ୍‌ଯାପନୀ ସନ୍ଧ୍ୟା, ଭଞ୍ଜ କଳାମଣ୍ଡପ, ସନ୍ଧ୍ୟା ୬ଟା ୩୦।

**ବାରଙ୍ଗ**
- ଚଳିତବର୍ଷ ଚୟନ ହୋଇଥିବା ମେଧାବୀ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ଓପିଟିସିଏଲ୍ ପାୱାର ଟ୍ରେନିଂ ସେଣ୍ଟର, ଚନ୍ଦକା, ଅପରାହ୍ନ ୪ଟା ୩୦।

**ବାଲିଅନ୍ତା**
- ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର, ବାଲିଅନ୍ତା ହାଇସ୍କୁଲ ପରିସର, ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ନାବାଳିକାଙ୍କୁ ଅପହରଣ ଘଟଣା
### ଅଭିଯୁକ୍ତଙ୍କ ମଉସା, ମାଉସୀ ଗିରଫ

**ଭୁବନେଶ୍ୱର, ୧୧।୯(ବ୍ୟୁରୋ):** ନାବାଳିକାଙ୍କୁ ଅପହରଣ ଘଟଣାରେ ମୁଖ୍ୟ ସହଯୋଗୀ ଥିବା ଏକ ଦମ୍ପତିଙ୍କୁ ମଞ୍ଚେଶ୍ୱର ପୋଲିସ ମଙ୍ଗଳବାର ଗିରଫ କରିଛି। ସେମାନେ ହେଲେ ଅଭିଯୁକ୍ତଙ୍କ ମଉସା ଅଶୋକ ପଟ୍ଟନାୟକ ଏବଂ ମାଉସୀ ସବିତା ପଟ୍ଟନାୟକ। ସେମାନେ ମଞ୍ଚେଶ୍ୱର ଥାନା ଅଧୀନ କୁମ୍ଭିରିଆ ବସ୍ତିରେ ରୁହନ୍ତି। ସୂଚନା ମୁତାବକ, କୁମ୍ଭିରିଆ ବସ୍ତିର ସତ୍ୟବାନ ସ୍ୱାଇଁ ନାମକ ଯୁବକ ଉକ୍ତ ନାବାଳିକାଙ୍କୁ ଏକତରଫା ପ୍ରେମ କରୁଥିଲେ। ଗତ ମାର୍ଚ୍ଚରେ ସେ ତାଙ୍କୁ ଅପହରଣ କରିନେଇଥିଲେ। ଏ ନେଇ ଅଭିଯୋଗ ପରେ ଥାନାରେ ମାମଲ(୧୪୩/୧୮) ରୁଜୁ ହୋଇଥିଲା। ପୋଲିସ ନାବାଳିକାଙ୍କ ମୋବାଇଲ ଫୋନକୁ ଟ୍ରାକ କରି ଅଭିଯୁକ୍ତ ସତ୍ୟବାନଙ୍କୁ କଟକରୁ ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ପରବର୍ତ୍ତୀ ସମୟରେ ନାବାଳିକାଙ୍କ ବୟାନ ମୁତାବକ ସତ୍ୟବାନଙ୍କ ମଉସା ଓ ମାଉସୀ ତାଙ୍କୁ ଅପହରଣ କରିବାରେ ମୁଖ୍ୟ ସହଯୋଗୀ ଥିବା ଜଣାପଡ଼ିଥିଲା। ପୋଲିସ ମଙ୍ଗଳବାର କୁମ୍ଭିରିଆ ବସ୍ତିରେ ଚଢ଼ାଉ କରି ଉଭୟଙ୍କୁ ଗିରଫ କରିଛି।

### ଅବକାରୀ ଚଢ଼ାଉ, ୧୧ଗିରଫ

**କଟକରୋଡ୍, ୧୧।୯(ଡି.ଏନ୍.ଏ.):** ଭୁବନେଶ୍ୱର ଅବକାରୀ ବିଭାଗ ଓ ଫ୍ଲାଇଙ୍ଗ ସ୍କ୍ୱାଡ ପକ୍ଷରୁ ମଙ୍ଗଳବାର ରାଜଧାନୀର ଚୁନକୋଳି ବସ୍ତି, ମୁଣ୍ଡା ସାହି, ସାଲିଆ ସାହି ଓ ଫାଳିକିଆ ବଜାର ବସ୍ତିରେ ଚଢ଼ାଉ କରି ୧୧ଜଣ ମଦ ବ୍ୟବସାୟୀଙ୍କୁ ଗିରଫ କରିଛି। ସେମାନେ ହେଲେ ସମ୍ବାରୀ ପୂର୍ତ୍ତି, ସୁହାଗିନି ହେମ୍ବ୍ରମ, ଚୁଡାମଣି ହାଁସଦା, ଅନନ୍ତ କଦମସେଠ, ବାସୁଦେବ ସୋରେନ, ସିଦ୍ଧ ସୋରେନ, ଦିଲୀପ ଟୁଡ୍ଡୁ, ଅଜୁ ସିଂ, ଚନ୍ଦ୍ରମଣି ସାହୁ, ବିଜୟ୍ ମାରାଣ୍ଡି ଓ କାହ୍ନା ସାମଲ। ଏମାନଙ୍କଠାରୁ ୮ହଜାର ଲିଟର ପୋଚ ଓ ୪୦୦ଲିଟର ରନ୍ଧା ମଦ ସହ ଅନ୍ୟାନ୍ୟ ମଦ ତିଆରି ସରଞ୍ଜାମ ଜବତ କରାଯାଇଛି। ଏନେଇ ୧୧ଟି ମାମଲା ରୁଜୁ ହୋଇଛି।

### ଦୂତୀଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର,୧୧।୯(ବ୍ୟୁରୋ):** ଏସିଆନ୍ ଗେମ୍ସରେ ଉଭୟ ୧୦୦ ଏବଂ ୨୦୦ ମିଟର ଦୌଡ଼ରେ ରୌପ୍ୟପଦକ ହାସଲ କରି ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଥିବା ଓଡ଼ିଆ ଧାବିକା ଦୂତୀ ଚାନ୍ଦଙ୍କୁ ବ୍ଲିସ୍‌ଫୁଲ୍ ଯୋଗ ସେଣ୍ଟର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏ ନେଇ ନ୍ୟୁ ଫରେଷ୍ଟ ପାର୍କସ୍ଥିତ ଅନୁଷ୍ଠାନ ପରିସରରେ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା। ବ୍ଲିସ୍‌ଫୁଲ୍ ଯୋଗ ସେଣ୍ଟରର ଅଧ୍ୟକ୍ଷା ତଥା ପ୍ରତିଷ୍ଠାତା ସୌମ୍ୟା ଦାଶ ଉପସ୍ଥିତ ରହି ଦୂତୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧନା ପର୍ବ ପରେ ଦୂତୀ ଏସିଆନ୍ ଗେମ୍ସରେ ନିଜର ଅନୁଭୂତି ସମ୍ପର୍କରେ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ସେଣ୍ଟରର ସମସ୍ତ ସଦସ୍ୟ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ପୋଲିସର ଦୁର୍ବ୍ୟବହାର ଅଭିଯୋଗ
# ପୁରୀଘାଟ ଥାନାରେ ଭଙ୍ଗାରୁଜା, ରାସ୍ତାରୋକୋ

କଟକ ଅଫିସ,୧୧।୯

କଟକ ପୋଲିସର ପିଛା ଛାଡୁନି ବିବାଦ। କିଛିଦିନ ତଳେ ଆଇନଜୀବୀଙ୍କୁ ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଏପର୍ଯ୍ୟନ୍ତ ପୋଲିସ-ଆଇନଜୀବୀଙ୍କ ମଧ୍ୟରେ ଲାଗି ରହିଥିବା ବିବାଦର ସମାଧାନ ହୋଇ ନ ଥିବାବେଳେ ଆଉଏକ ଘଟଣାକୁ ନେଇ ମଙ୍ଗଳବାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ୨ନଂ. ବ୍ଲକ୍ କଂଗ୍ରେସ ସଭାପତି ବିଜୟ ବାରିକଙ୍କୁ ଗିରଫ ଘଟଣାରେ ପୋଲିସର ଦୁର୍ବ୍ୟବହାରକୁ ନେଇ ପୁରୀଘାଟ ଥାନାରେ ଉତ୍ତେଜନା ଦେଖାଦେଇଥିଲା। କଂଗ୍ରେସ କର୍ମୀମାନେ ଥାନା ଘେରାଉ କରିବା ସହ ଭିତରେ ପଶି ଭଙ୍ଗାରୁଜା କରିଥିଲେ। ଏଥିସହ ରାସ୍ତା ଅବରୋଧ କରିବାରୁ ଦୀର୍ଘ ସମୟ ଧରି ଯାତ୍ରୀମାନେ ଖରାରେ ହନ୍ତସନ୍ତ ହୋଇଥିଲେ। ଘଟଣାସ୍ଥଳରେ ଏସିପି ଅନିଲ କୁମାର ମିଶ୍ର ଓ ପ୍ରମୋଦ କୁମାର ରଥ ପହଞ୍ଚି କଂଗ୍ରେସ କର୍ମୀଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

ସୂଚନାନୁସାରେ, ଏକ ଗଣ୍ଡଗୋଳ ଘଟଣାରେ ବିଜୟଙ୍କ ନାମରେ ପୁରୀଘାଟ ଥାନାରେ ମାମଲା ଥିଲା। ଏହାର ବିଚାର ଏବେ କଟକ ଏସ୍‌ଡିଜେମ୍ କୋର୍ଟରେ ଚାଲିଛି। ତେବେ ବାରମ୍ବାର ନୋଟିସ ସତ୍ତ୍ୱେ ବିଜୟ କୋର୍ଟରେ ହାଜର ହେଉ ନ ଥିବାରୁ ତାଙ୍କ ବିରୋଧରେ ଜାମିନଯୁକ୍ତ ଗିରଫ ପରୱାନା ଜାରି କରାଯାଇଥିଲା। କୋର୍ଟଙ୍କ ନିର୍ଦ୍ଦେଶ ପରେ ସୋମବାର ରାତିରେ ପୁରୀଘାଟ ପୋଲିସ ବିଜୟଙ୍କୁ ଗିରଫ କରିଥିଲା। ଏହି ଖବର ପ୍ରଚାରିତ ହେବା ପରେ କେତେଜଣ କଂଗ୍ରେସ କର୍ମୀ ଥାନାରେ ପହଞ୍ଚି ବିଜୟଙ୍କୁ ଛାଡି ଦେବାକୁ ପୋଲିସକୁ କହିଥିଲେ। ଏହାକୁ ନେଇ ପୋଲିସ ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ତେବେ କଂଗ୍ରେସ କର୍ମୀଙ୍କ ଅଭିଯୋଗ ଅନୁଯାୟୀ, ସେମାନେ ଥାନାକୁ ଯାଇଥିବାବେଳେ ପୋଲିସ ସେମାନଙ୍କୁ ୩ ଘଣ୍ଟା ବାହାରେ ବସାଇଥିଲା। ପରେ ଥାନାଧିକାରୀ ରଶ୍ମୀ ରଞ୍ଜନ ସାହୁ ସେମାନଙ୍କୁ ଦୁର୍ବ୍ୟବହାର କରିଥିଲେ। ଏପରି ଅଭିଯୋଗକୁ ନେଇ ମଙ୍ଗଳବାର ସକାଳେ ଏହାକୁ ନେଇ ଥାନାରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରଥମେ କେତେଜଣ କଂଗ୍ରେସ ନେତା ବେଲ୍‌ବଣ୍ଡ୍ ଦେଖାଇ ବିଜୟଙ୍କୁ ଛାଡିଦେବାକୁ କହିଥିଲେ। ମାତ୍ର ପୋଲିସ କିଛି ଶୁଣି ନ ଥିଲା। ମଧ୍ୟାହ୍ନ ପ୍ରାୟ ୧୨ଟାରେ ଶହ ଶହ କଂଗ୍ରେସ କର୍ମୀ ଥାନାକୁ ଘେରିଯାଇଥିଲେ। ବିଜୟଙ୍କୁ ଛାଡିଦେବା ସହ ଥାନାଧିକାରୀ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଦାବି କରିଥିଲେ। କେତେଜଣ ଉତ୍ତ୍ୟକ୍ତ କର୍ମୀ ଥାନା ଭିତରେ ପଶି ଭଙ୍ଗାରୁଜା କରିଥିଲେ। ପରେ ବିଜୟଙ୍କୁ ପୋଲିସ ଛାଡ଼ି ଦେଇଥିଲା। କିନ୍ତୁ କଂଗ୍ରେସ କର୍ମୀମାନେ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ନିକଟସ୍ଥ କାଠଯୋଡି ରିଂବନ୍ଧ ରାସ୍ତାକୁ ଅବରୋଧ କରିଥିଲେ। ଘଟଣାସ୍ଥଳରେ ଏସିପି ପ୍ରମୋଦ ରଥ ଓ ଅନିଲ କୁମାର ମିଶ୍ର ପହଞ୍ଚି ନଗର କଂଗ୍ରେସ ସଭାପତି ମହମ୍ମଦ ମୋକିମଙ୍କ ସହ ଆଲୋଚନା କରିଥିଲେ। ମାତ୍ର କଂଗ୍ରେସ କର୍ମୀମାନେ ସେମାନଙ୍କ ଜିଦ୍‌ରେ ଅଟଳ ରହିଥିଲେ। ଥାନାଧିକାରୀ ସାହୁ ଥାନାରୁ ବାହାରି ଆଲୋଚନାସ୍ଥଳକୁ ଆସିଥିଲେ। ଘଟଣାକୁ ନେଇ ବହୁ ସମୟ ଧରି ଆଲୋଚନା ଓ ବୁଝାଶୁଝା ପରେ ଆନ୍ଦୋଳନ ହଟିଥିଲା। ତେବେ ଆନ୍ଦୋଳନ ଯୋଗୁ ୩ ଘଣ୍ଟା ଧରି ରାସ୍ତାରେ ବହୁ ଗାଡିମୋଟର ଅଟକି ରହିଥିଲା। ଯାତ୍ରୀମାନେ ଖରାରେ ହନ୍ତସନ୍ତ ହୋଇଥିଲେ। କେତେକ ବାଇକ, କାର, ଅଟୋ ରାସ୍ତା ତଳକୁ ଖସି କାଠଯୋଡି ନଦୀ କୂଳେ କୂଳେ ରାସ୍ତା ପାର ହେଉଥିବା ଦେଖିବାକୁ ମିଳିଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହା ଭିତରେ ଏକ ଆମ୍ବୁଲାନ୍ସ ପ୍ରାୟ ୧ ଘଣ୍ଟା ଧରି ଫସି ରହିଥିଲା। ଉକ୍ତ ଆମ୍ବୁଲାନ୍ସଟି ଜଣେ ରୋଗୀଙ୍କୁ ନେଇ ବାଦାମବାଡିରୁ ପୁରୀଘାଟ ଆଡକୁ ଯାଉଥିଲା। ରାସ୍ତା ଜାମ ଯୋଗୁ ଭିଡ଼ ଭିତରୁ ଆମ୍ବୁଲାନ୍ସଟି ବାହାରିପାରି ନ ଥିଲା। ପରିସ୍ଥିତି ଶାନ୍ତ ପଡିବା ପରେ ପୋଲିସ କର୍ମଚାରୀ ପହଞ୍ଚି ଆମ୍ବୁଲାନ୍ସକୁ ବାଟ କଢ଼ାଇ ନେଇଥିଲେ।




- କଂଗ୍ରେସ ନେତାଙ୍କ ଗିରଫକୁ ନେଇ ଉତ୍ତେଜନା
- ୩ ଘଣ୍ଟା ଧରି ଅଟକି ରହିଲା ଗାଡିମୋଟର
- ଘଣ୍ଟାଏ ଫସି ରହିଲା ଆମ୍ବୁଲାନ୍ସ



### ନବନିର୍ମିତ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ମେଡିକାଲ କଲେଜ ମାନ୍ୟତା ଦାବି

ଭୁବନେଶ୍ୱର,୧୧।୯(ବ୍ୟୁରୋ)

ରାଜ୍ୟ ସରକାର ନିକଟ ଅତୀତରେ ଲୋକାର୍ପଣ କରିଥିବା ନବନିର୍ମିତ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ମେଡିକାଲ କଲେଜ ମାନ୍ୟତା ଦେବାକୁ ଦାବି ହୋଇଛି। ସଦର ମହକୁମା ଦକ୍ଷିଣକାଳୀ ରୋଡ୍‌ରେ ଅବସ୍ଥିତ ଏହି ୭ ମହଲା ବିଶିଷ୍ଟ ଚିକିତ୍ସାଳୟରେ ୩୦୦ ଶଯ୍ୟା ରହିଛି। ଏଥିସହ ଏଠାରେ ୨୪୨ ରୁମ୍, ୨୧୫ ଏ.ସି. ରୁମ୍, ୨୫୬ ଶୌଚାଳୟ, ୪ ଅପରେଶନ ଥିଏଟର୍, ୨୪ କ୍ୟାବିନ୍ ସାଙ୍ଗକୁ ୬ଟି ଲିଫ୍ଟର ସୁବିଧା ଉପଲବ୍ଧ କରାଯାଇଛି। ସରକାରଙ୍କ ନିୟମାନୁଯାୟୀ, ସମସ୍ତ ୩୦୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟ ମେଡିକାଲ କଲେଜ(ଭେଷଜ ଚିକିତ୍ସାଳୟ) ପାଇଁ ଉପଯୁକ୍ତ। ତେଣୁ ଢେଙ୍କାନାଳର ଏହି ନୂତନ ଚିକିତ୍ସାଳୟକୁ ସରକାର ତୁରନ୍ତ ମେଡିକାଲ କଲେଜର ମାନ୍ୟତା ପ୍ରଦାନ କରିବାକୁ ଢେଙ୍କାନାଳ ବିକାଶ ପରିଷଦ ପକ୍ଷରୁ ଦାବି କରାଯାଇଛି। ଏ ନେଇ ମଙ୍ଗଳବାର ପରିଷଦ ପକ୍ଷରୁ ନେହେରୁ ଯୁବକେନ୍ଦ୍ରଠାରେ ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟକୁ ମେଡିକାଲ କଲେଜ କରାଗଲେ, ଏଠାକାର ଅଧିବାସୀମାନଙ୍କ ସହ ଆଠଗଡ଼, ବଡ଼ମ୍ବା, ନରସିଂହପୁର, ଯାଜପୁର ଅଞ୍ଚଳର ଲୋକେ ମଧ୍ୟ ଉପକୃତ ହୋଇପାରିବେ ବୋଲି ପରିଷଦ ଆବାହକ ରାଜା ନାରାୟଣ ତ୍ରିପାଠୀ କହିଛନ୍ତି।

# ଶିଶୁକନ୍ୟାଙ୍କୁ ବଳାତ୍କାର

କଟକରୋଡ୍, ୧୧।୯(ଡି.ଏନ୍.ଏ.)

**ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର**

ବଡ଼ଗଡ଼ ଥାନା ଅଞ୍ଚଳରେ ମଙ୍ଗଳବାର ଜଣେ ୫ ବର୍ଷୀୟା ଶିଶୁକନ୍ୟାଙ୍କୁ ବଳାତ୍କାର କରାଯାଇଥିବା ନେଇ ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ଜଣେ ସମ୍ପର୍କୀୟ ନାବାଳକ ଏହି କାଣ୍ଡ ଘଟାଇଥିବା ଜଣାପଡ଼ିଛି।

ସୂଚନା ମୁତାବକ, ଶିଶୁକନ୍ୟା ଜଣକ ଘର ନିକଟରେ ଖେଳୁଥିଲେ। ଏହି ସମୟରେ ଉକ୍ତ ନାବାଳକ ତାଙ୍କୁ ଦୋକାନକୁ ଖାଇବାକୁ ଯିବା ପାଇଁ ଡାକି ନେଇଥିଲେ। ପରେ ଘର ନିକଟ ଏକ ନିଛାଟିଆ ଜାଗାକୁ ନେଇ ତାଙ୍କୁ ବଳାତ୍କାର କରିଥିଲେ। ଝିଅଟି ଚେତାଶୂନ୍ୟ ଅବସ୍ଥାରେ ପଡ଼ିଥିବା ବେଳେ ନାବାଳକ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଝିଅଟିକୁ ଦେଖି ତାଙ୍କ ପରିବାର ଲୋକଙ୍କ ସହାୟତାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ସେଠାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଘଟଣା ସମ୍ପର୍କରେ ନାବାଳିକାଙ୍କ ପରିବାରବର୍ଗ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅପରାହ୍ନ ପ୍ରାୟ ୩ଟାରେ ଉକ୍ତ ଅଞ୍ଚଳରେ ପହଞ୍ଚି ଘଟଣାର ତଦନ୍ତ କରିଥିବା ସ୍ଥାନୀୟ ଲୋକଙ୍କଠାରୁ ସୂଚନା ମିଳିଛି। ଏ ସଂକ୍ରାନ୍ତରେ ବଡ଼ଗଡ଼ ଥାନାଧିକାରୀ ଦିଲୀପ କୁମାର ସ୍ୱାଇଁ କୁହନ୍ତି, ଘଟଣା ଘଟିଥିବା ସତ୍ୟ, କିନ୍ତୁ ଏହା ଆମ ଥାନା ଅଞ୍ଚଳର ନୁହେଁ। ଏ ବିଷୟରେ ଏସିପିଙ୍କ ସହ ଯୋଗାଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ। ତେବେ ଜୋନ-୪ ଏସିପି ଅମରେନ୍ଦ୍ର ପଣ୍ଡାଙ୍କ ସହ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ବ୍ୟସ୍ତ ଥିବା କହି ଫୋନ କାଟିଦେଇଥିଲେ।

### ୨୭ଦିନରେ ଶିକ୍ଷକଙ୍କ ଅହୋରାତ୍ର ଆନ୍ଦୋଳନ
## ବ୍ଲକ ସ୍ତରରେ ଗଣଧାରଣା ଆରମ୍ଭ

ଭୁବନେଶ୍ୱର, ୧୧।୯(ବ୍ୟୁରୋ)

ଲୋୟର ପିଏମ୍‌ଜିରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଅହୋରାତ୍ର ଧାରଣା ମଙ୍ଗଳବାର ୨୭ ଦିନରେ ପହଞ୍ଚିଛି। ଏଥିସହ ବ୍ଲକ ସ୍ତରରେ ଆନ୍ଦୋଳନକୁ ଜୋରଦାର କରାଯାଇଛି। ୩୧୪ ବ୍ଲକ ଆଗରେ ଆରମ୍ଭ ହୋଇଥିବା ଗଣଧାରଣାକୁ ସଫଳ ହୋଇଥିବା ମିଳିତ ମଞ୍ଚ ଆବାହକ ମଣ୍ଡଳୀ ସଦସ୍ୟ ପବିତ୍ର ମହାଲା, ଗୋଲକ ନାୟକ ଓ ପ୍ରକାଶ ଚନ୍ଦ୍ର ମହାନ୍ତି କହିଛନ୍ତି। ବ୍ଲକ ସମ୍ମୁଖରେ ଶିକ୍ଷକ, ଅଧ୍ୟାପକ, ଶିକ୍ଷାକର୍ମଚାରୀମାନେ ଧାରଣା ଦେଇଛନ୍ତି। ଆୟୋଜିତ ପ୍ରତିବାଦ ସଭାରେ ବ୍ଲକର ନିର୍ବାଚିତ ଲୋକ ପ୍ରତିନିଧି, ଶିକ୍ଷାବିତ୍, ପୁରାତନ ଶିକ୍ଷକ/ଅଧ୍ୟାପକ ତଥା ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗଠନ କରିଥିବା ପରିଚାଳନା କମିଟିର ସଦସ୍ୟ ଯୋଗଦେଇ ସରକାରଙ୍କୁ ସମାଲୋଚନା କରିଛନ୍ତି। ସରକାର ଆଉ କାଳକ୍ଷେପଣ ନୀତି ଗ୍ରହଣ କଲେ ରାଜ୍ୟର ଛାତ୍ର, ଅଭିଭାବକ, ପରିଚାଳନା କମିଟି ସଦସ୍ୟ ଓ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସରକାରଙ୍କୁ କଡ଼ା ଚେତାବନୀ ଦେଇଛନ୍ତି। ଅନ୍ୟପଟେ ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ମଙ୍ଗଳବାର ଲୋୟର ପିଏମ୍‌ଜିରେ ପହଞ୍ଚି ଶିକ୍ଷକ, ଅଧ୍ୟାପକଙ୍କ ଗଣଧାରଣାକୁ ସମର୍ଥନ କରିବା ସହିତ ସରକାର ତୁରନ୍ତ ସମସ୍ୟାର ସମାଧାନ କରିବା ପାଇଁ ପରାମର୍ଶ ଦେଇଛନ୍ତି।

# ଗାନ୍ଧୀମାର୍ଗକୁ ଆପଣେଇଲେ ବିକାଶ ସମ୍ଭବ




ଆଚାର୍ଯ୍ୟ ବିନୋବା ଭାବେଙ୍କ ୧୨୪ତମ ଜୟନ୍ତୀ ଉତ୍ସବରେ ଯୋଗ ଦେଇଥିବା ଅତିଥି।

ଭୁବନେଶ୍ୱର, ୧୧।୯(ବ୍ୟୁରୋ)

**ଚଣ୍ଡି ପ୍ରସାଦ ଭଟ୍ଟଙ୍କୁ ଗାନ୍ଧୀ ବିନୋବା ଶାନ୍ତି ପୁରସ୍କାର**

ଦିନକୁ ଦିନ ସମାଜରେ ହିଂସା, ଅସହିଷ୍ଣୁତା ବଢ଼ିବାରେ ଲାଗିଛି। ଗଣତାନ୍ତ୍ରିକ ମୂଲ୍ୟବୋଧ ହ୍ରାସ ପାଉଛି। ତେଣୁ ଗାନ୍ଧୀମାର୍ଗକୁ ଆପଣେଇ ପାରିଲେ ହିଁ ବିକାଶ ହୋଇପାରିବ ବୋଲି ବିଶିଷ୍ଟ ଗାନ୍ଧିବାଦୀ, ପରିବେଶବିତ୍ ତଥା ଚିପ୍‌କୋ ଆନ୍ଦୋଳନର ପୁରୋଧା ପଦ୍ମଭୂଷଣ ଚଣ୍ଡୀ ପ୍ରସାଦ ଭଟ୍ଟ କହିଛନ୍ତି। ସୂଚନାଭବନଠାରେ ମଙ୍ଗଳବାର ଅନୁଷ୍ଠିତ ଭାରତରତ୍ନ ଆଚାର୍ଯ୍ୟ ବିନୋବା ଭାବେଙ୍କ ୧୨୪ତମ ଜୟନ୍ତୀ ଉତ୍ସବରେ ଚଣ୍ଡୀ ପ୍ରସାଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଥିଲେ।

ବିନୋବା ସେବା ପ୍ରତିଷ୍ଠାନ ପକ୍ଷରୁ ନୂଆଦିଲ୍ଲୀର ଗାନ୍ଧୀ ସ୍ମୃତି ଦର୍ଶନ ସମିତି ଏବଂ ଗାନ୍ଧୀ ଗ୍ଲୋବାଲ ଫାଉଣ୍ଡେଶନ ମିଳିତ ସହଯୋଗରେ ଏହି ଉତ୍ସବ ଆୟୋଜିତ ହୋଇଥିଲା। ଏହି ଅବସରରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ବର୍ଷବ୍ୟାପୀ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ଏଥିରେ ଚଣ୍ଡୀ ପ୍ରସାଦ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଯୋଗଦେଇ ଗ୍ରାମୋଦ୍ୟୋଗ, ଗ୍ରାମ୍ୟ କୁଟୀର ଶିଳ୍ପ ଦ୍ୱାରା ଲୋକଙ୍କୁ କର୍ମନିଯୁକ୍ତି ମିଳିବା ସହ ଏକ ସନ୍ତୁଳିତ ସମାଜ ନିର୍ମାଣ କରିହେବ। ଫଳରେ ଗାନ୍ଧିଜୀଙ୍କ ଗ୍ରାମସ୍ୱରାଜ ସ୍ୱପ୍ନ ସାକାର ହୋଇପାରିବ। ରାଜ୍ୟ ସଭା ସଦସ୍ୟ ପଦ୍ମବିଭୂଷଣ ରଘୁନାଥ ମହାପାତ୍ର ଗାନ୍ଧୀ ଓ ବିନୋବାଙ୍କ ମାର୍ଗକୁ ଅନୁସରଣ କରି ଗାଁର ଉନ୍ନତି ପାଇଁ କାର୍ଯ୍ୟ କଲେ ହିଁ ଦେଶର ବିକାଶ ହୋଇପାରିବ ବୋଲି କହିଥିଲେ। ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକ କହିଥିଲେ, ଦିନକୁ ଦିନ ଛାତ୍ର ଓ ଯୁବପିଢ଼ିଙ୍କ ମଧ୍ୟରେ ଦେଶାତ୍ମବୋଧ ଭାବନା କମି କମି ଯାଉଛି। ସମାଜରେ ହିଂସା ଓ ଦ୍ୱେଷ ବୃଦ୍ଧି ପାଉଛି। ତେଣୁ ଗାନ୍ଧିଜୀଙ୍କ ବିଚାର ହିଁ ସମାଜ ଗଠନର ମୂଳପିଣ୍ଡ ବୋଲି ସେ ଗୁରୁତ୍ୱାରୋପ କରିଥିଲେ।

ବିନୋବା ସେବା ପ୍ରତିଷ୍ଠାନର ସାଧାରଣ ସମ୍ପାଦକ ମନୋଜ ଜେନା କହିଥିଲେ, ଉଭୟ ଗାନ୍ଧିଜୀ ଓ ବିନୋବାଙ୍କ ଦର୍ଶନ ଏବଂ ବିଚାର ଘରେ ଘରେ ପହଞ୍ଚାଇବା ଲକ୍ଷ୍ୟରେ ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ବର୍ଷବ୍ୟାପୀ କାର୍ଯ୍ୟକ୍ରମ କରାଯିବ। ଗାନ୍ଧୀ ଚେତନା ଯାତ୍ରା, ଗାନ୍ଧୀ ଯୁବ ଶିବିର, ଗାନ୍ଧୀ ଶିଶୁ ମହୋତ୍ସବ, ଗାନ୍ଧୀ ସାହିତ୍ୟ ସମାରୋହ, ପରିବେଶ ଓ ଗାନ୍ଧୀ ସମ୍ମିଳନୀ, କସ୍ତୁରବା ମହିଳା ସମ୍ମିଳନୀ, ଗାନ୍ଧୀ କଥା, ଗାନ୍ଧୀ ସ୍ୱାସ୍ଥ୍ୟ ଶିବିର, ଅନ୍ତର୍ଜାତୀୟ ଗାନ୍ଧୀ ୧୫୦ ସମ୍ମିଳନୀ, ଗାନ୍ଧୀ ସାଇକେଲ ଯାତ୍ରା କରାଯିବ। ଏମ୍‌ପି ପ୍ରସନ୍ନ ପାଟଶାଣୀ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ମହିଳା କମିଶନ ସଦସ୍ୟା ନମ୍ରତା ଚଢ଼ା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଚଣ୍ଡୀ ପ୍ରସାଦ ଭଟ୍ଟଙ୍କୁ ଚଳିତବର୍ଷ ପାଇଁ ଗାନ୍ଧୀ ବିନୋବା ଶାନ୍ତି ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଓଡ଼ିଶା ଗାନ୍ଧୀବାଦୀ ଫୋରମର ଅଧ୍ୟକ୍ଷା ଡ. ରୀନା ରାଉତରାୟ ଅତିଥି ପରିଚୟ ଦେଇଥିଲେ। ପ୍ରତିଷ୍ଠାନର ସଦସ୍ୟ ବାସୁଦେବ ଭଟ୍ଟ ଧନ୍ୟବାଦ ଅର୍ପଣ କରିଥିଲେ।

### ସ୍ୱାମୀ ବିବେକାନନ୍ଦଙ୍କ ସିକାଗୋ ଭାଷଣର ସ୍ମୃତିବାର୍ଷିକୀ ସଭା
# ନିଜ ଭିତର ଚେତନା ଶକ୍ତିକୁ ଜାଗ୍ରତ କର

ଭୁବନେଶ୍ୱର,୧୧।୯(ବ୍ୟୁରୋ)

ପ୍ରତ୍ୟେକ ମଣିଷର ଚେତନ ଓ ଅବଚେତନ ଉପରେ ଏକ କଠିନସ୍ତର ରହିଛି। ଏହି ଜଡ଼ଜଗତ ଉପରେ ସ୍ୱପ୍ନ ଓ କଳ୍ପନାର ଆଉ ଏକ ଜଗତ ରହିଥିବା ବିଶ୍ୱାସକୁ ନେଇ ଆମେ ବଞ୍ଚିଛୁ। ଏଣୁ ଆମ ଭିତରେ ପ୍ରଶ୍ନ ପଚାରିବାର ସଂସ୍କାର ରହିବା ଉଚିତ। ପିଲାମାନଙ୍କ ମଧ୍ୟରେ ଥିବା ପ୍ରଶ୍ନାନୁକୂଳ ମନଟିକୁ ସେମାନେ ବଞ୍ଚାଇ ରଖି ନିଜ ଭିତର ଚେତନା ଶକ୍ତିକୁ ଜାଗ୍ରତ କରିବା ଉଚିତ ବୋଲି ଜ୍ଞାନପୀଠ ବିଜେତା କବି ଡ. ସୀତାକାନ୍ତ ମହାପାତ୍ର ମତବ୍ୟକ୍ତ କରିଛନ୍ତି। ସ୍ୱାମୀ ବିବେକାନନ୍ଦଙ୍କ ସିକାଗୋ ଭାଷଣର ୧୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ଅଖିଳ ଭାରତ ବିବେକାନନ୍ଦ ଯୁବ ମହାମଣ୍ଡଳ ପକ୍ଷରୁ ଏହାର ସ୍ମୃତିବାର୍ଷିକୀ ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ରେଡ୍‌କ୍ରସ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଡ. ମହାପାତ୍ର ଏହା କହିଛନ୍ତି।

ସମ୍ମାନିତ ଅତିଥି ଭାବେ ଭଦ୍ରକସ୍ଥିତ ରାମକୃଷ୍ଣ ଶାରଦା ଆଶ୍ରମର ଅଧ୍ୟକ୍ଷ ସ୍ୱାମୀ ରାମେଶ୍ୱରାନନ୍ଦ, ସାହିତ୍ୟିକ ପ୍ରଫେସର ଅବଦୁଲ ଓସିଦ୍ ଖାଁ, ସମ୍ମାନିତ ବକ୍ତା ଭାବେ ଅଖିଳ ଭାରତ ବିବେକାନନ୍ଦ ଯୁବ ମହାମଣ୍ଡଳ ସମ୍ପାଦକ ବିଶ୍ୱରଞ୍ଜନ ଶତପଥୀ, ଅନ୍ୟ ଅତିଥି ଭାବେ ଭୁବନେଶ୍ୱରସ୍ଥିତ ହ୍ୟୁମାନ ଲାଇଫ୍ ସେଣ୍ଟର ନିର୍ଦ୍ଦେଶକ ଫାଦର ଟୋନି ଜୋନ୍ ଓ ଅଖିଳ ଭାରତ ବିବେକାନନ୍ଦ ଯୁବ ମହାମଣ୍ଡଳ ଉପସଭାପତି ମନୋଜ କୁମାର ମହାପାତ୍ର ଉପସ୍ଥିତ ଥିଲେ। ବରିଷ୍ଠ ସାମ୍ବାଦିକ ବିଘ୍ନେଶ୍ୱର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଏଥିରେ ବହୁ ଛାତ୍ରୀଛାତ୍ର ଯୋଗଦେଇ ବକ୍ତୃତା ପ୍ରଦାନ କରିଥିଲେ।




ବିଭିନ୍ନ ଦାବିରେ ମଙ୍ଗଳବାର ଓଡ଼ିଶା ଜିଇଓଟେଗ୍ କର୍ମଚାରୀ ମହାସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର୍ ପିଏମ୍‌ଜିଠାରେ ବିକ୍ଷୋଭ।

# ବନ୍ଦ ହେବ ଅଣପଞ୍ଜୀକୃତ ଶିଶୁଯତ୍ନ ଗୃହ

ଭୁବନେଶ୍ୱର,୧୧।୯(ବ୍ୟୁରୋ)

**ଶିଶୁଯତ୍ନ ଗୃହ, ମୁକ୍ତ ଆଶ୍ରୟସ୍ଥଳ ପ୍ରକଳ୍ପ ସଂଯୋଜକଙ୍କ ଏକଦିବସୀୟ କର୍ମଶାଳା**

ସମାଜର ନିରାପତ୍ତା ବଳୟ ମଧ୍ୟରେ ଶିଶୁମାନଙ୍କୁ ରଖିବା ସମସ୍ତଙ୍କ ପ୍ରାଥମିକ କର୍ତ୍ତବ୍ୟ। ସେମାନଙ୍କ ଉପଯୁକ୍ତ ଯତ୍ନ, ସୁରକ୍ଷା ସୁନିଶ୍ଚିତ କରିବା ସହିତ ସେମାନଙ୍କୁ ସୁରକ୍ଷିତ ଜୀବନ ପ୍ରଦାନ କରିବା ପାଇଁ ସମସ୍ତେ ପ୍ରଚେଷ୍ଟା କରିବା ଉଚିତ। ରାଜ୍ୟ ସରକାର ଏ ଦିଗରେ କାର୍ଯ୍ୟ କରୁଥିଲେ ମଧ୍ୟ ବ୍ୟକ୍ତିଗତ ଏବଂ ଗୋଷ୍ଠୀଗତ ଭାବେ ଉଦ୍ୟମ ହେବା ଆବଶ୍ୟକ। ବିଶେଷକରି ବିଭିନ୍ନ ଆଶ୍ରୟ ଗୃହର କର୍ମକର୍ତ୍ତାମାନେ ଏ ଦିଗରେ ସଚେତନ ହେଲେ ସେଠାରେ ରହୁଥିବା ଶିଶୁମାନଙ୍କୁ ଉପଯୁକ୍ତ ପରିବେଶ ମିଳିବ ଏବଂ ସେମାନଙ୍କ ଶାରୀରିକ ଓ ବୌଦ୍ଧିକ ବିକାଶ ସମ୍ଭବ ହୋଇପାରିବ ବୋଲି ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ କହିଛନ୍ତି।

ଶିଶୁଯତ୍ନ ଗୃହ, ପର୍ଯ୍ୟବେକ୍ଷଣ ଗୃହ, ସ୍ୱତନ୍ତ୍ର ଗୃହର ଅଧ୍ୟକ୍ଷା-ଅଧ୍ୟକ୍ଷ, ମୁକ୍ତ ଆଶ୍ରୟସ୍ଥଳର ପ୍ରକଳ୍ପ ସଂଯୋଜକମାନଙ୍କର ଏକଦିବସୀୟ ରାଜ୍ୟସ୍ତରୀୟ ସଚେତନତା କର୍ମଶାଳାକୁ ଉଦ୍‌ଘାଟନ କରି ମନ୍ତ୍ରୀ ଏହା କହିଥିଲେ। ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି, ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ମଙ୍ଗଳବାର ସ୍ଥାନୀୟ ଇଉ୍‌କଲ ଅଡିଟୋରିୟମ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ଯୋଗଦେଇ ସରକାର ଶିଶୁଯତ୍ନ ଗୃହଗୁଡ଼ିକର ଫଳପ୍ରଦ ତଦାରଖ ଉପରେ ଗୁରୁତ୍ୱ ଦେଉଥିବା କହିଥିଲେ। ଶିଶୁଯତ୍ନ ଗୃହରେ ରହୁଥିବା ଶିଶୁମାନଙ୍କୁ ସର୍ବୋତ୍ତମ ସୁବିଧା ଯଥା ମୌଳିକ ଆବଶ୍ୟକତା ସହ ସ୍ନେହ, ପ୍ରେମ ଓ ଯତ୍ନ ପ୍ରଦାନ କରିବାକୁ ସେ ଅଂଶଗ୍ରହଣକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହାସହ ଶିଶୁଯତ୍ନ ଗୃହଗୁଡ଼ିକ ଯଥାଶୀଘ୍ର ପଞ୍ଜୀକରଣ କରିବା ପାଇଁ ଏହି କର୍ମଶାଳାରେ ମତ ପ୍ରକାଶ ପାଇଥିଲା। ସେହିଭଳି ଅଣପଞ୍ଜୀକୃତ ଗୃହଗୁଡ଼ିକୁ କିଶୋର ନ୍ୟାୟ(ଯତ୍ନ ଓ ଶିଶୁ ସୁରକ୍ଷା) ଆଇନ ୨୦୧୫ ଅନୁଯାୟୀ ବନ୍ଦ କରିଦିଆଯିବ ବୋଲି ଆଲୋଚନା ହୋଇଥିଲା। ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ତଥା ସମାଜ କଲ୍ୟାଣ, ସମନ୍ୱିତ ଶିଶୁ ବିକାଶ ଯୋଜନାର ନିର୍ଦ୍ଦେଶକ ଡି. ପ୍ରଶାନ୍ତ କୁମାର ରେଡ୍ଡୀ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। କର୍ମଶାଳାରେ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଡ. ଡି.ପି. ଚୌଧୁରୀ, ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ବଲୱନ୍ତ ସିଂ, ପୋଲିସ ମହାନିରୀକ୍ଷକ ଅରୁଣ ବୋଥ୍ରା, କାର୍ଯ୍ୟକ୍ରମ ଅଧିକାରୀ ସଂଗ୍ରାମ କିଶୋର ସାମଲ ଓ ସୁଜାତା ମହାନ୍ତି ଉପସ୍ଥିତ ଥିଲେ। ପ୍ରାୟ ୨୧୧ଟି ଆଶ୍ରୟ ଗୃହର ପ୍ରତିନିଧିମାନେ ଏହି ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶିଶୁଯତ୍ନ ଗୃହଗୁଡ଼ିକରେ ରହୁଥିବା ଶିଶୁମାନଙ୍କର ଯତ୍ନ, ନିରାପତ୍ତା, ସୁରକ୍ଷା ସମ୍ପର୍କରେ ସଚେତନ କରାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

### ରେଳଧାରଣାରୁ ଯୁବ ସରପଞ୍ଚଙ୍କ ମୃତଦେହ ଉଦ୍ଧାର

ସାକ୍ଷୀଗୋପାଳ, ୧୧।୯(ଡି.ଏନ୍.ଏ.)

ପୁରୀ ଜିଲା ସତ୍ୟବାଦୀ ବ୍ଲକ ବୀରରାମଚନ୍ଦ୍ରପୁର ପଞ୍ଚାୟତର ଯୁବ ସରପଞ୍ଚ ଅଜୟ ବେହେରା(୩୪)ଙ୍କ ସନ୍ଦେହଜନକ ଭାବେ ସୋମବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଛି। ଖୋର୍ଦ୍ଧାରୋଡ-ପୁରୀ ରେଳପଥ ବାଲିସାହି ରେଳଫାଟକ ଠାରୁ ଅଳ୍ପଦୂର ରେଳଧାରଣା ଉପରୁ ତାଙ୍କ ବିଭତ୍ସ ମୃତଦେହକୁ ଉଦ୍ଧାର କରାଯାଇଛି। ତାଙ୍କୁ ହତ୍ୟା କରିବା ପରେ ପ୍ରମାଣ ନଷ୍ଟ କରିବା ଲକ୍ଷ୍ୟରେ ଦୁର୍ବୃତ୍ତମାନେ ରେଳଧାରଣାରେ ପକାଇଦେଇଥିବା ସନ୍ଦେହ କରାଯାଉଛି। ପରିବାର ଲୋକଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ପଟ୍ଟନାୟିକିଆ ଛକ ନିକଟରେ ତାଙ୍କର ଏକ ହେଟେଲ ରହିଛି। ସୋମବାର ରାତିରେ ସେ ଘରକୁ ଫେରିବା ପରେ ପୁଣି ବାହାରକୁ ଯାଇଥିଲେ। ମାତ୍ର ଆଉ ଫେରି ନ ଥିଲେ। ସାକ୍ଷୀଗୋପାଳ ରେଲୱେ ଫାଣ୍ଡି ଅଧିକାରୀ ପ୍ରସନ୍ନ କୁମାର ପାତ୍ର ମୃତଦେହ ଜବତ କରିବା ସହ ଖୋର୍ଦ୍ଧାରୋଡ ରେଲୱେ ଥାନାରେ ୭୬/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛନ୍ତି।

# ବନ୍ୟାଞ୍ଚଳରେ ପ୍ରାଣୀସମ୍ପଦର ପରିଚାଳନା

ଡା. ସାରଦା ପ୍ରସନ୍ନ ସାହୁ
ଡା.ରଞ୍ଜନ କୁମାର ମହାନ୍ତ

ବନ୍ୟା ସମୟରେ ଆମମାନଙ୍କର ଜୀବନଧାରଣରେ ବିଭିନ୍ନ ସମସ୍ୟା ଥିବାରୁ ଗୃହପାଳିତ ପ୍ରାଣୀଙ୍କର ସୁରକ୍ଷା ତଥା ଯତ୍ନ କଥା ପ୍ରାୟତଃ ଭୁଲିଯାଇଥାଉ । କିନ୍ତୁ ବନ୍ୟା ସମୟରେ ଏହି ପ୍ରାଣୀଙ୍କର ସମୁଚିତ ପରିଚାଳନା କରାଯାଇପାରିଲେ, ବନ୍ୟା ପରେ ଏହି ପ୍ରାଣୀସମ୍ପଦ ଜୀବନ ଜୀବିକାର ଆଧାର ହୋଇପାରିବେ ।





**ବନ୍ୟା ସମୟର ଯତ୍ନ :**

ବନ୍ୟାଘେରରେ ଥିବା ପ୍ରାଣୀଙ୍କୁ ତୁରନ୍ତ ସ୍ଥାନାନ୍ତର କରାନ୍ତୁ । ଗୋରୁଙ୍କୁ ବାହାରକୁ ନ ଛାଡି ଗୁହାଳରେ ବାନ୍ଧିରଖନ୍ତୁ। ଗୁହାଳରୁ ପାଣି ସଫା କରି ବିଶୋଧକ ଦ୍ରବ୍ୟ ଯଥା ବ୍ଲିଚିଂ ପାଉଡର୍, ଚୂନ ପାଉଡର୍, ଫିନାଇଲ୍, ପୋଟାସିୟମ୍ ପରମାଙ୍ଗାନେଟ୍ ଦ୍ରବଣ ଆଦିରେ ଭଲଭାବରେ ଧୋଇ ଦିଅନ୍ତୁ । ଧୋଇସାରିବା ପରେ ଯଦି ଚଟାଣ ଓଦା ଥାଏ ତେବେ ପାଉଁଶ, ବାଲି, କରତଗୁଣ୍ଡ ବା ଶୁଖିଲା ଅଖା ପକାନ୍ତୁ । ବର୍ଷାରେ ଗୋରୁଙ୍କୁ ଓଦା କରାଇବା ଅନୁଚିତ୍ । ବର୍ଷା ପାଣି ଛିଟାରୁ ପ୍ରାଣୀଙ୍କୁ ଦୂରେଇ ରଖିବା ପାଇଁ ଗୁହାଳ ଘରଟିରେ ଖାଲିଥିବା ଜାଗାଗୁଡ଼ିକୁ ଶୁଖିଲା ଅଖା ବା ମୋଟା ପଲିଥିନ୍‌ରେ ଘୋଡେଇ ରଖନ୍ତୁ । ପାଣି ଜମି ରହିଥିବାରୁ ମଶା, ମାଛି, ଡାଆଁଶ ତଥା ଅଣୁଜୀବଙ୍କ ବଂଶ ବୃଦ୍ଧି ଘଟିଥାଏ। ଏହି ଅଣୁଜୀବ ଯଥା ଜୀବାଣୁ, ଭୂତାଣୁ, କବକ ଓ ଅନ୍ୟାନ୍ୟ ପରଜୀବୀମାନେ ଗୋସମ୍ପଦରେ ରୋଗର କାରକ ଓ ବାହକ ହିସାବରେ କାମକରିଥାନ୍ତି। ତେଣୁ ପାଣି ଜମି ରହିଥିବା ସ୍ଥାନରେ ବିଶୋଧକ ଦ୍ରବ୍ୟ ପକାଇବା ସହ ଜମି ରହିଥିବା ପାଣିକୁ ସଫଳ ଭାବରେ ନିଷ୍କାସନ କରନ୍ତୁ।

ବନ୍ୟା ସମୟରେ ମୁଖ୍ୟତଃ ପିଇବା ପାଣି ଓ ଖାଦ୍ୟର ସୁପରିଚାଳନା କରାଯିବା ଜରୁରୀ। କାରଣ ଏହି ଦୁଇଟି ମାଧ୍ୟମରେ ରୋଗ ବ୍ୟାପିବାର ଅଧିକ ଆଶଙ୍କା ଥାଏ। ପାଣି ପିଇବାକୁ ଦେବା ପୂର୍ବରୁ ଉଭୟ ପାଣି ଓ ପାଣି ପାତ୍ରକୁ ବିଶୋଧିତ କରନ୍ତୁ। ପାଣିର ବିଶୋଧୀକରଣ ପାଇଁ ବିଭିନ୍ନ ରାସାୟନିକ ପଦାର୍ଥ ଯଥା ବ୍ଲିଚିଂ ପାଉଡର୍, ଚୂନ ପାଉଡର୍, ଫଟିକିରି ପାଉଡର, କ୍ଲୋରିନ୍ ବଟିକା, ହାଲୋଜେନ୍ ବଟିକା ଆଦି ବ୍ୟବହାର କରାଯାଇଥାଏ । ଅନୁମାନ ହିସାବରେ ଏକ ବାଲ୍‌ଟି ପାଣିରେ ୫ ରୁ ୭ଟି କ୍ଲୋରିନ୍ ବା ହାଲୋଜେନ୍ ବଟିକା ବା ୪୫ରୁ ୬୦ ଗ୍ରାମ୍ ଚୂନ ପାଉଡର୍ ବା ୧୦୦ ଗ୍ରାମ୍ ଫଟିକିରି ପାଉଡର ବା ୫ ରୁ ୧୦ ଗ୍ରାମ୍ ବ୍ଲିଚିଂ ପାଉଡର ପକାଇ ବିଶୋଧିତ କରାଇପାରିବେ । ପାଣିକୁ ଫୁଟାଇବା ପରେ ଛାଣି ପିଇବାକୁ ଦେଲେ ଭଲ । ଗଭୀର ନଳକୂପର ପରିଷ୍କାର ପାଣି ମଧ୍ୟ ପାନୀୟ ଜଳ ହିସାବରେ ବ୍ୟବହାର କରାଯାଇପାରିବ ।

ସାଧାରଣତଃ ବନ୍ୟା ପୂର୍ବରୁ ରଖିଥିବା ଶୁଖିଲା ଖାଦ୍ୟ, ଘାସ, ନଡା, ପରିବା ଚୋପା ଆଦି ବନ୍ୟା ସମୟରେ ଖାଇବାକୁ ଦିଆଯାଇଥାଏ । ବର୍ଷା ପାଣି ଯୋଗୁଁ ସାଇତି ରଖିଥିବା ଖାଦ୍ୟ ପଦାର୍ଥରେ ଫିମ୍ପି ଲାଗିଯାଇଥିଲେ ତାହା ଖାଇବାକୁ ଦିଅନ୍ତୁନାହିଁ। ଏହା ଖାଇବାଫଳରେ ତରଳ ଝାଡା ହୋଇଥାଏ । ଘାସକୁ କାଟି ଛୋଟ ଛୋଟ କରି ଖାଇବାକୁ ଦିଅନ୍ତୁ । ଘାସ ଖାଇବାକୁ ଦେବାବେଳେ ସେଥିରୁ ଅନାବନା ଓ ଖାଦ୍ୟଅନୁପଯୋଗୀ ଘାସ ବାଛି ଦେବା ଭଲ । ଓଦା ବା ଫିମ୍ପି ହୋଇଯାଇଥିବା ତଥା ବାସି ବା ରନ୍ଧା ଖାଦ୍ୟ ଖାଇବାକୁ ଦିଅନ୍ତୁ ନାହିଁ। ରିଲିଫ୍‌ରେ ମିଳୁଥିବା ଦାନାକୁ ସାଇତି ରଖି ଅଳ୍ପ ଅଳ୍ପ କରି ଖାଇବାକୁ ଦେବା ଦରକାର ।

ବନ୍ୟା ସମୟରେ ପ୍ରାଣୀଙ୍କର ରୋଗ ପ୍ରତିରୋଧକ ଶକ୍ତି କମିଯିବା ଫଳରେ ବିଭିନ୍ନ ରୋଗ ଯଥା ସାହାଣା, ବଜବଜିଆ, ଅଢେଇଦିନିଆ ଜ୍ୱର, ଫାଟୁଆ, ଗୋମଡକ, ଥନହରା, କାଶ, ଗଳାଫୁଲା ଆଦି ଦେଖାଯାଇଥାଏ । ତାଛଡା କୃମି ଓ ଟିଙ୍କ ଜନିତ ସଂକ୍ରାମକ ରୋଗ ମୁଖ୍ୟତଃ ଗୋପାଳକମାନଙ୍କ ପାଇଁ କଷ୍ଟକର ପରିସ୍ଥିତି ସୃଷ୍ଟି କରିଥାଏ । ପାଣି ଜମିରହିବା ଫଳରେ କୃମିଙ୍କ ବଂଶ ବୃଦ୍ଧି ଲାଗି ଅନୁକୂଳ ପରିବେଶ ସୃଷ୍ଟି କରିଥାଏ। ବର୍ଷାଦିନରେ ସନ୍ତସନ୍ତିଆ ସ୍ଥାନ କୃମିଙ୍କ ଅଣ୍ଡାରୁ ଲାର୍ଭାରେ ପରିଣତ ହେବାସହିତ ଘାସ ପତ୍ରରେ ବା ଜଳର ଉପର ସ୍ତରରେ ଲାଗିରହିଥାନ୍ତି। ପ୍ରାଣୀଟି ସେଇ ଘାସ ଖାଇବା, ମାଟି ଚାଟିବା, ଚାରଣ ଭୂଇଁରେ ଖାଇବା ବା ପାଣି ପିଇବା ଦ୍ୱାରା କୃମି ଶରୀରରେ ପ୍ରବେଶ କରିଥାନ୍ତି। କୃମି ମୁକ୍ତ କରିବା ପାଇଁ କୃମିନାଶକ ଔଷଧ ଖାଇବାକୁ ଦିଅନ୍ତୁ । ତରଳ ଝାଡ଼ା ହେଉଥିଲେ ହଠାତ୍ କୃମି ଔଷଧ ଦିଅନ୍ତୁ ନାହିଁ। ବନ୍ୟା ସମୟରେ କୌଣସି ରୋଗର ଲକ୍ଷଣ ଦେଖାଯିବା ମାତ୍ରେ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ। ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିକରିବା ପାଇଁ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶରେ ଔଷଧ ଖାଇବାକୁ ଦିଅନ୍ତୁ। ନିମ୍ବପତ୍ର, ହଳଦୀ ପାଉଡର୍ ଓ ତୁଳସୀ ପତ୍ର ଦିନକୁ ଦୁଇ ଥର କରି ସାତ ଦିନ ଯାଏ ଖାଇବାକୁ ଦେବା ଫଳରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ସହିତ କୃମିନାଶକ ହିସାବରେ ମଧ୍ୟ କାମ କରିଥାଏ । ବନ୍ୟା ପୂର୍ବରୁ ଟିକାକରଣ କରି ନ ଥିଲେ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରି ଶୀଘ୍ର ଟିକା ଦେଇଦିଅନ୍ତୁ। ପ୍ରାଣୀ ଚିକିତ୍ସା ଶିବିରର ଲାଭ ନିଅନ୍ତୁ । ବନ୍ୟା ସମୟରେ ଲେପଟୋସ୍ପାଇରା ଭଳି କିଛି ରୋଗ ପଶୁଙ୍କଠାରୁ ମଣିଷମାନଙ୍କୁ ବ୍ୟାପି ମହାମାରୀର ରୂପ ନେଇଥାଏ, ତେଣୁ ଏ ସବୁ ବିଷୟରେ ସଚେତନ ରୁହନ୍ତୁ।

ବନ୍ୟାର ଭୟାବହତା ସମୟ ସମୟରେ ମହାମାରୀର ରୂପନେବା ସହିତ ଅପମୃତ୍ୟୁର ମଧ୍ୟ କାରଣ ହୋଇଥାଏ । ପ୍ରାଣୀଙ୍କ ମୃତଦେହଗୁଡ଼ିକୁ ଏଣେ ତେଣେ ନ ପକାଇ ଏକ ଗଭୀର ଗାତ କରି ପୋତି ଦିଅନ୍ତୁ । ଗାତଟିକୁ ମାଟିଦେଇ ବନ୍ଦ କରିବା ପୂର୍ବରୁ ୨ଇଞ୍ଚ ବହଳର ମୋଟା ଚୂନ ଧାର ପକାନ୍ତୁ । ଗାତକରୁଥିବା ଜାଗାଟି ଏକ ଉଚ୍ଚା ସ୍ଥାନରେ କରନ୍ତୁ ଯେମିତି ଗାତ ଭିତରେ ବନ୍ୟା ପାଣି ପ୍ରବେଶ କରିପାରୁ ନ ଥିବ । ମୃତ ପ୍ରାଣୀଙ୍କ ଆକାରକୁ ନେଇ ଗାତର ମାପ ଅନୁମାନ କରନ୍ତୁ । ଗାତର ଗଭୀରତା ୪ ରୁ ୫ ଫୁଟ୍ ହେବା ଦରକାର । ଗୋ-ମୂତ୍ର ଓ ମଳକୁ ପରିଷ୍କାର ଭାବରେ ନିଷ୍କାସିତ କରାନ୍ତୁ।

ବନ୍ୟା ସମୟରେ ପାଣିର ଉଚ୍ଚତା ବୃଦ୍ଧିହେତୁ ବିଭିନ୍ନ କୀଟ, ଜନ୍ତୁ ଓ ସରୀସୃପମାନେ ଉପରକୁ ଉଠି ଆସିଥାନ୍ତି। ସେମାନେ ଆଶ୍ରା ପାଇଁ ଗୁହାଳ ଭିତରକୁ ପଶି ଆସି ଗୋରୁଙ୍କର ଶରୀରରେ କ୍ଷତ ସୃଷ୍ଟି କରିଥାନ୍ତି। ବେଳେବେଳେ ଏହା ବିଷକ୍ରିୟା ଜନିତ ଆଘାତ ହେବା ଫଳରେ ଜୀବନ ହାନି ଘଟିଥାଏ। ତେଣୁ ଏଥିପ୍ରତି ଯତ୍ନବାନ ହୁଅନ୍ତୁ।

**ବନ୍ୟା ଛାଡ଼ିଯିବା ପରେ...**

ବନ୍ୟା ପାଣି ଛାଡିଗଲା ପରେ ପଚା ଘାସ, ଅପରିଷ୍କାର ମାଟି ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁମାନ ଚାରଣଭୂମି ଉପରେ ମାଡି ଯାଇଥାଏ। ତେଣୁ ବନ୍ୟାର ଛାଡିବାର ୧୦ରୁ ୧୫ ଦିନ ଯାଏ ଗୋରୁଙ୍କୁ ବାହାରକୁ ଚରିବାକୁ ଛାଡନ୍ତୁ ନାହିଁ । ପାଣି ବୁଡିରହିଥିବା ଘାସ ବୁଦା ଅଞ୍ଚଳରେ ଗେଣ୍ଡା ସଂଖ୍ୟା ବୃଦ୍ଧିଘଟି କେତେକ କଲିଜା କୃମିଙ୍କର ବଂଶ ବୃଦ୍ଧିରେ ସହାୟକ ହୋଇଥାଏ। ପାଣି ଛାଡିଗଲା ପରେ ନୂଆ ଘାସ କଁଅଳିଲା ପରେ ଚରିବାକୁ ଗଲେ କିଛି ଅସୁବିଧା ନାହିଁ । ମଶା, ମାଛି, ଡାଆଁଶ ନିରାକରଣ ଲାଗି ଧୂଆଁ ଦିଅନ୍ତୁ । ପିଇବା ପାଣିକୁ ବିଶୋଧିତ କରି ବ୍ୟବହାର କରନ୍ତୁ । ଖାଦ୍ୟସାର ଏ,ସି,ଡି,ଇ ଆଦି ଥିବା ଭିଟାମିନ୍ ପାଉଡର, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଓ କୃମିନାଶକ ଔଷଧ ଖୁଆନ୍ତୁ।

*-ପ୍ରାଣୀଧନ ଅଧିକାରୀ, ପଶୁପାଳନ ଦୁଗ୍ଧ ଓ ମତ୍ସ୍ୟ ବିଭାଗ, ଭାରତ ସରକାର*
*ମୋ:୯୪୩୮୪୦୮୧୦୫*

*-ପ୍ରାଣୀ ବିଜ୍ଞାନ ବିଶେଷଜ୍ଞ, ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ*

# ରବି ଚିନାବାଦାମ

ରବି ବାଦାମପାଇଁ ଜମି ପ୍ରସ୍ତୁତ କରନ୍ତୁ। ବାଦାମ ଫସଲରେ ଟୀକା ଓ ମୂଳ ସଢ଼ା ରୋଗ ହେବାର ଆଶଙ୍କା ରହିଛି। ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ କାର୍ବେଣ୍ଡାଜିମ୍ ଓ ମାଙ୍କୋଜେବ୍ ମିଶ୍ରଣକୁ ଦୁଇଗ୍ରାମ ହିସାବରେ ୧୦ଦିନ ଅନ୍ତରରେ ଦୁଇଥର ସିଞ୍ଚନ କରନ୍ତୁ। ବାୟୁମଣ୍ଡଳରେ ଅଧିକ ଆର୍ଦ୍ରତା ଥିଲେ ପତ୍ରପୋଡା ଦାଗ ଲାଗିବାର ଆଶଙ୍କା ରହିଛି। ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୩ଗ୍ରାମ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ସଅଳ ଲଗାଯାଇଥିବା ଚିନାବାଦାମ ଫସଲ ଅମଳ ଅବସ୍ଥାରେ ଥିଲେ ଜମିରୁ ପାଣି ଶୁଖିଗଲେ ପାଗ ଦେଖି ଅମଳ କରନ୍ତୁ। ବିଡାବାନ୍ଧି ଗଛଗୁଡିକ ଓଲଟାଇ ରଖନ୍ତୁ। ଯେପରିକି ଫଳ ବାଦାମ ଗୁଡିକ ଉପରକୁ ରହିବ।



# ଆଖୁରେ ରୋଗ ଦମନ ଲାଗି...

ଆଖୁ କିଆରିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ଅଗବିନ୍ଧା ପୋକର ଦମନ ଲାଗି ଟ୍ରାଇକୋଗ୍ରାମା ଜାପୋନିକମ୍ ନାମକ ପରାଶ୍ରୟୀ କୀଟ ହେକ୍ଟର ପ୍ରତି ୫୦ ହଜାର ହିସାବରେ ୧୦ ଦିନ ବ୍ୟବଧାନରେ ୩-୪ ଥର ଛାଡ଼ନ୍ତୁ । ଏହା ବ୍ୟତୀତ ଆଲୋକ ଯନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରି ଦିଅନ୍ତୁ। ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ କୁଇନାଲ୍‌ଫସ୍ କିମ୍ବା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଏସ୍‌ପି ସିଞ୍ଚନ କରନ୍ତୁ । ଜାହାଜ ପୋକ ଦେଖାଗଲେ ହେକ୍ଟର ପ୍ରତି ଇପିରିନିଆ ମେଲାନୋଲିଉକା ପରଜିବୀର ୫୦୦୦ କୋଷା କିମ୍ବା ୪ ରୁ ୫ ଲକ୍ଷ ଅଣ୍ଡା ଅନ୍ୟ ଚାଷୀଭାଇଙ୍କ କ୍ଷେତରୁ ସଂଗ୍ରହ କରି ଜମିରେ ଛାଡ଼ନ୍ତୁ ।

- ଦହିଆ ପୋକର ଦମନ ଲାଗି ପ୍ରତି ଲିଟର ପାଣିରେ ୦.୩ ଗ୍ରାମ୍ ହିସାବରେ ଥାଇଓମିଥୋକ୍‌ଜାମ୍ ୨୫% ଡବ୍ଲୁ.ପି. କିମ୍ବା ୨ ମି.ଲି. ପ୍ରୋଫେନୋଫସ୍ ୫୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ ।
- ନାଲିଶଢ଼ା ରୋଗ ଦମନ ସକାଶେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୧.୫ ଗ୍ରାମ୍ ଥାୟୋଫେନେଟ୍ ମିଥାଇଲ୍ ମିଶାଇ ସିଞ୍ଚନ କରନ୍ତୁ ।
- ଆକ୍ରାନ୍ତ ହୋଇଥିବା ବୁଦା ଉପାଡ଼ି ଦେଇ ନଷ୍ଟ କରିଦିଅନ୍ତୁ ।



# ଜୀବାଣୁ ସାର



ରାହୁଲ ବେହେରା

'ଜୀବାଣୁ ସାର' କହିଲେ ସାଧାରଣତଃ କେତେକ ଅଣୁଜୀବ, ଯାହାଙ୍କୁ ମାଟିରେ ସିଧାସଳଖ ଭାବେ ହେଉ ଅଥବା ମଞ୍ଜି ସହ କିମ୍ବା ଚେର ଦ୍ୱାରା ନିବେଶିତ କରାଯାଇଥାଏ। ମାଟିରେ ଥିବା ବିଭିନ୍ନ ପ୍ରକାର ଉପକାରୀ ଅଣୁଜୀବଙ୍କୁ ଗବେଷଣାଗାରରେ ଚିହ୍ନଟ କରାଯାଇ, ସେମାନଙ୍କର କୃତ୍ରିମ ଉପାୟରେ ବଂଶବୃଦ୍ଧି ଘଟାଇ ନାନା ପ୍ରକାରରେ ଫସଲରେ ବ୍ୟବହାର କରାଯାଇଥାଏ। ଏହି ଅଣୁଜୀବ ମୁଖ୍ୟତଃ ବାୟୁମଣ୍ଡଳର ଯବକ୍ଷାରଜାନକୁ ମାଟିରେ ହେଉ ଅଥବା ଗଛର ଚେରରେ ବିବନ୍ଧିତ କରିଥାଆନ୍ତି। ମାଟିରେ ରହୁଥିବା ଅଦ୍ରବଣୀୟ ଅଗ୍ରହଣୀୟ ଫସ୍‌ଫରସ୍‌କୁ ଦ୍ରବଣୀୟ ତଥା ଗ୍ରହଣୀୟ କରି ଗଛକୁ ଯୋଗାଇ ଥାଆନ୍ତି ଏବଂ ମାଟିରେ ପ୍ରୟୋଗ କରାଯାଇଥିବା ଜୀବଜନ୍ତୁ ତଥା ଗଛଲତା ଇତ୍ୟାଦିର ଜୈବ ପଦାର୍ଥକୁ ଶଢ଼ାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଆନ୍ତି।

**ଆଜୋଟୋବ୍ୟାକ୍ଟର**

ଏହା ଗୋଟାଏ ଅସହଜୀବୀ ପରଜୀବୀ ଯବକ୍ଷାରଜାନ ବିବନ୍ଧନ କରିପାରୁଥିବା ବୀଜାଣୁ। ଏହି ଆଜୋଟୋବ୍ୟାକ୍ଟରର ବିଭିନ୍ନ ପ୍ରଜାତି ମାଟିରେ ଥିବା ଅଙ୍ଗାର ଜାତୀୟ ପଦାର୍ଥ ଖାଇ ଶକ୍ତି ଗ୍ରହଣ, ଯବକ୍ଷାରଜାନ ବିବନ୍ଧନର କ୍ଷମତା ଓ ନିଜର ବଂଶବୃଦ୍ଧି ଘଟାଇଥାନ୍ତି।

- ଆଜୋଟୋବ୍ୟାକ୍ଟର କଲ୍‌ଚର ପ୍ରୟୋଗ ଫଳରେ ଏଥିରେ ଥିବା ଜୀବାଣୁ ବୃଦ୍ଧିରେ ସହାୟକ ହୋଇଥାଏ। ଗଛର ବୃଦ୍ଧି ପାଇଁ ଏହି ବୀଜାଣୁ ଅକ୍ସିନ, ଭିଟାମିନ୍, ବୃଦ୍ଧି ପଦାର୍ଥ ତଥା କବକ ନାଶୀ ପଦାର୍ଥମାନ ସଂଶ୍ଳେଷଣ କରିଥାଏ।
- ଗହମ, ଧାନ, ବାର୍ଲି, ଓଟ୍, ମକା, ଆଖୁ ଏବଂ ପନିପରିବା ଆଦି ଯଥା-ଆଳୁ, ବାଇଗଣ, ବିଲାତିବାଇଗଣ, ବନ୍ଧାକୋବି ଏବଂ ପିଆଜ ଆଦିରେ ଆଜୋଟୋବ୍ୟାକ୍ଟର କଲ୍‌ଚର ପ୍ରୟୋଗ ଫଳରେ ଅମଳ ଶତକଡ଼ା ୭ ରୁ ୧୨ ଭାଗ ବୃଦ୍ଧି ଘଟିଥାଏ।
- ବିଭିନ୍ନ ଗବେଷଣାଲବ୍ଧ ଜ୍ଞାନକୁ ନେଇ ପର୍ଯ୍ୟାଲୋଚନା କଲେ ଜଣାପଡ଼େ ଯେ ରୁଷିଆ, ଇସ୍ରାଏଲ୍ ଏବଂ ଭାରତରେ ଆଜୋଟୋବ୍ୟାକ୍ଟରକୁ ନେଇ ଯେତେ ପରୀକ୍ଷା କରାଯାଇଛି ସେମାନଙ୍କ ମଧ୍ୟରୁ ପ୍ରାୟ ଶତକଡ଼ା ୬୦ ଭାଗ ପରୀକ୍ଷାର ଫଳ ସ୍ୱରୂପ ଏହାର ଉପଚାର ଫସଲର ଅମଳ ବୃଦ୍ଧିରେ ସହାୟକ ହୋଇଥାଏ। ମାତ୍ର ୪୦ ଭାଗ ପରୀକ୍ଷାର ଫଳ ସେତେଟା ଉତ୍ସାହଜନକ ନୁହେଁ।
- ବିଭିନ୍ନ ଗବେଷଣାରୁ ଜଣାପଡ଼ିଛି ଯେ, ପନିପରିବା ଫସଲରେ ଶତକଡ଼ା ୨ ରୁ ୪୫ ଭାଗ, କପାରେ ୭ ରୁ ୨୮ ଭାଗ ଏବଂ ଆଖୁରେ ୯ ରୁ ୨୪ ଭାଗ ଅମଳ ବୃଦ୍ଧି ଘଟିଥାଏ।

ଆଜୋସ୍ପିରିଲମ୍ - ଏହାର ବ୍ୟବହାର ଫଳରେ ଫସଲର ନାଇଟ୍ରେଟ୍, ଆମୋନିୟମ୍, ଫସ୍‌ଫରସ୍, ପୋଟାସିୟମ ଏବଂ ଲୌହ ଆଦି ଗ୍ରହଣ କରିବାର କ୍ଷମତା ବୃଦ୍ଧି ଘଟିଥାଏ।

- ପରୀକ୍ଷାରୁ ଜଣାପଡ଼ିଛି ଜୋଆର ମଞ୍ଜିରେ ଆଜୋସ୍ପିରିଲମ୍ ଉପଚାର କରିବା ଫଳରେ ଏହା ଏହି ଫସଲର କାଣ୍ଡବିନ୍ଧା ମାଛିର ଆକ୍ରମଣରେ ପ୍ରତିରୋଧକ ଶକ୍ତି ବୃଦ୍ଧି ଘଟାଇଥାଏ, କାରଣ ଆଜୋସ୍ପିରିଲମ ଉପଚାର ଫଳରେ ଜୋଆର କାଣ୍ଡରେ ଉପସ୍ଥିତି ବୃଦ୍ଧି ଘଟାଇଥାଏ, ଯାହାକି କାଣ୍ଡବିନ୍ଧା ମାଛିର ଆକ୍ରମଣକୁ ସହ୍ୟ କରିପାରିଥାଏ।
- ଏହି ଜାତୀୟ ଫସଲ ଯଥା ଜୋଆର୍ ଏବଂ ମକାଜାତୀୟ ଫସଲରେ କେତେକାଂଶରେ ସହଜୀବୀ ପ୍ରକ୍ରିୟାରେ ସଂଶ୍ଳିଷ୍ଟ ଥାଏ କାରଣ ଏ ପ୍ରକାର ଉଦ୍ଭିଦ ଖାଦ୍ୟ ପ୍ରସ୍ତୁତି ଦ୍ରୁତ ବେଗରେ କରିଥାଆନ୍ତି ଏବଂ ସବୁଠାରୁ କମ୍ ଆଲୋକ ଶ୍ୱସନ ଘଟିଥାଏ।
- ଅଳ୍ପ ଓଦାଳିଆ ବା ଶୁଖିଲା ଦୋରସା, ବାଲିଆ ଦୋରସା ଏବଂ ଦୋରସା ମାଟିରେ ଆଜୋଟୋବ୍ୟାକ୍ଟରର ପ୍ରୟୋଗ କରାଯାଇଥାଏ, କାରଣ ଏହି ମାଟିରେ ବାୟୁ ଚଳାଚଳ ଭଲ ରୂପେ ହୋଇଥାଏ। ଅମ୍ଳଜାନର ଅଭାବ ହେଲେ ଏ ପ୍ରକାର ବୀଜାଣୁ ବଞ୍ଚିପାରନ୍ତି ନାହିଁ।କାଦୁଅ, ଚିକିଟା ବା ମଟାଳ ମାଟିରେ ବେଶି ପାଣି ରହିଥାଏ। ଏ କ୍ଷେତ୍ରରେ ଆଜୋସ୍ପିରିଲମ୍ ହିଁ ବ୍ୟବହାର କରାଯାଇଥାଏ, କାରଣ ଏ ପ୍ରକାରର ମାଟିରେ ଭଲ ରୂପେ ବାୟୁ ଚଳାଚଳ ହୋଇପାରି ନ ଥାଏ ଏବଂ ଏହି ବୀଜାଣୁଗୁଡ଼ି ଶେଷରେ ଅମ୍ଳଜାନର ଅଭାବ ହେଲେ ମଧ୍ୟ ବଞ୍ଚିପାରେ।

*-କାର୍ଯ୍ୟକ୍ରମ ସହଯୋଗୀ (ମୃତ୍ତିକା ବିଜ୍ଞାନ), କୃଷି ବିଜ୍ଞାନ କେନ୍ଦ୍ର, ମାଲକାନଗିରି*



## ପ୍ରଥମ ପୃଷ୍ଠାରୁ...

### ଶିକ୍ଷକଙ୍କ ପାଇଁ ବିଧାନସଭା...

୧୧ଟା ୩୦ ମିନିଟରେ ପୁଣି ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ଶୂନ୍ୟ କାଳ ଶେଷ ହେବା ପରେ ବିରୋଧୀ ଦଳ ପକ୍ଷରୁ ଦିଆଯାଇଥିବା 'ରାଜ ରାସ୍ତାରେ ଶିକ୍ଷକ, ସ୍କୁଲରେ ତାଲା । ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା' ଶୀର୍ଷକ ମୁଲତବୀ ପ୍ରସ୍ତାବ ଉପରେ ଆଲୋଚାନ ଆରମ୍ଭ ହୋଇଥିଲା। ବିରୋଧୀ ଦଳ ନେତା ନରସିଂହ ମିଶ୍ର ମୁଲତବୀ ପ୍ରସ୍ତାବକୁ ସମର୍ଥନ କରି ସରକାରଙ୍କ ଉପରେ ବର୍ଷିଥିଲେ। ସେ କହିଲେ, କେବଳ ସ୍କୁଲ ବନ୍ଦ ନାହିଁ, କଲେଜ ମଧ୍ୟ ବନ୍ଦ ରହିଛି। ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ସହିତ ଉଚ୍ଚଶିକ୍ଷା ମନ୍ତ୍ରୀ ମଧ ଶିକ୍ଷକ ସମସ୍ୟା ଉପରେ ଗୃହରେ ଉତ୍ତର ଦେବା କଥା। ସମ୍ବିଧାନର ଅନୁଚ୍ଛେଦ ୨୧(୨) ଅନୁଯାୟୀ ଶିକ୍ଷା ଏକ ମୌଳିକ ଅଧିକାର। ୬ ବର୍ଷରୁ ୧୪ ବର୍ଷ ଯାଏ ସମସ୍ତଙ୍କୁ ଗୁଣାତ୍ମକ ଶିକ୍ଷା ଦେବା ସରକାରଙ୍କ କର୍ତ୍ତବ୍ୟ। ଶିକ୍ଷା ଦେବା ପାଇଁ ସରକାର ସ୍କୁଲ ପ୍ରତିଷ୍ଠା କରିବେ। ସ୍କୁଲରେ ଭଲ ଶିକ୍ଷକ ନିଯୁକ୍ତି ଦେବେ ଓ ସେମାନଙ୍କୁ ଭଲ ଦରମା ଦେବେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ସ୍କୁଲରେ ୬୦ ଜଣ ପିଲାଙ୍କ ପାଇଁ ୨ଜଣ ଶିକ୍ଷକ, ୬୧ରୁ ୯୦ ଛାତ୍ରଙ୍କ ପାଇଁ ୩ ଏବଂ ୧୦୦ ପିଲାଙ୍କ ପାଇଁ ୫ ଶିକ୍ଷକ ଓ ଜଣେ ପ୍ରଧାନ ଶିକ୍ଷକ ରହିବା ଜରୁରୀ। ସରକାର ଇସ୍ୟୁକୁ ଡାଇଭର୍ଟ କରୁଛନ୍ତି। ଛତା, ଜୋତା, କମ୍ବଳ ବାଣ୍ଟିବାକୁ ପଇସା ଅଛି। ଶିକ୍ଷକଙ୍କୁ ଦରମା ଦେବାକୁ ପଇସା ନାହିଁ। ଶସ୍ତା ଲୋକପ୍ରିୟତା ପାଇଁ ସରକାର ଏଭଳି କରୁଛନ୍ତି। ଶିକ୍ଷା ଏକ ଯୁଗ୍ମ ଦାୟିତ୍ୱ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଶିକ୍ଷା ପାଇଁ ଅର୍ଥ ଖର୍ଚ୍ଚ କରିବେ। ଶିକ୍ଷକମାନେ ଆନ୍ଦୋଳନ କରୁଛନ୍ତି। ଛାତ୍ରମାନଙ୍କର ଦୋଷ କ'ଣ। ସେମାନେ କାହିଁକି ଶିକ୍ଷାରୁ ବଞ୍ଚିତ ହେବେ। ସରକାର ନିଜର ସାମ୍ବିଧାନିକ କର୍ତ୍ତବ୍ୟ ପାଳନ କରୁନାହାନ୍ତି। ବହୁବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ମଧ୍ୟ କିଛି ଲାଭ ହେଉ ନାହିଁ। ବାଚସ୍ପତି ଗୃହ କାର୍ଯ୍ୟ ବନ୍ଦ କରି ସର୍ବଦଳୀୟ ବୈଠକ ଡାକି ଆଲୋଚନା କରନ୍ତୁ। ଏହି ସମୟରେ କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି, ଅଂଶୁମାନ ମହାନ୍ତି, ଚିରଞ୍ଜୀବ ବିଶ୍ୱାଳ, ପ୍ରଫୁଲ୍ଲ ମାଝି, ଦେବେନ୍ଦ୍ର ଶର୍ମା, ଚନ୍ଦ୍ର ଶେଖର ମାଝି ପ୍ରମୁଖ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ହଟ୍ଟଗୋଳ କରିବା ସହ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ଶିକ୍ଷାକୁ ଖାଇଲା କିଏ... ନବୀନ ପଟ୍ଟନାୟକ ଆଉ କିଏ, ଶିକ୍ଷକ ଆନ୍ଦୋଳନ ବନ୍ଦ କରିବା ଆମର ଦାବି... ଆମର ଦାବି... ସ୍ଲୋଗାନ ଦେଇ ହଟ୍ଟଗୋଳ କରିଥିଲେ। ଭାଜପା ସଦସ୍ୟମାନେ ମଧ କଂଗ୍ରେସ ସହ ତାଳ ମିଳାଇଥିଲେ। ଫଳରେ ମୁଲତବୀ ଆଲୋଚନା ଅଧାରୁ ହଟ୍ଟଗୋଳରେ ଫସି ଯାଇଥିଲା। କେବଳ ବିରୋଧୀ ଦଳ ନେତାଙ୍କୁ ବାଦ୍ ଦେଲେ ଅନ୍ୟ କୌଣସି ସଦସ୍ୟ ମୁଲତବୀ ଆଲୋଚନାରେ ଭାଗ ନେଇ ନ ଥିଲେ। ବାଚସ୍ପତି ଶାସକ ଦଳ ସଭ୍ୟ ସମୀର ରଞ୍ଜନ ଦାଶ ଓ ମହେଶ ସାହୁଙ୍କୁ କହିବାକୁ ଡାକିଥିଲେ। ହଟ୍ଟଗୋଳ ମଧ୍ୟରେ ସେମାନେ ନିଜର ମତ ରଖି ପାରି ନ ଥିଲେ। ବାଚସ୍ପତି ତରବରିଆ ଭାବେ ମୁଲତବୀ ଆଲୋଚନାକୁ ଶୀଘ୍ର ଶେଷ କରି ଗୃହକୁ ୧୨ଟା ୫୫ ମିନିଟରେ ଅପରାହ୍ନ ୩ଟା ଯାଏ ମୁଲତବୀ ଘୋଷଣା କରି ଦେଇଥିଲେ। ଅପରାହ୍ନରେ ବିରୋଧୀ କଂଗ୍ରେସ ସଦସ୍ୟମାନେ ପୁଣି ହଟ୍ଟଗୋଳ କଲେ। ଭାଜପା ବିଧାୟକ ଦଳ ନେତା କେ.ଭି. ସିଂଦେଓ ଶିକ୍ଷକଙ୍କ ପ୍ରସଙ୍ଗ ଉଠାଇ ସମସ୍ୟା ସମାଧାନ କରିବା ଲାଗି ସର୍ବଦଳୀୟ ବୈଠକ ଡାକିବାକୁ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କଲେ। ବିରୋଧୀ ଦଳ ମୁଖ୍ୟ ସଚେତକ ତାରାପ୍ରସାଦ ବାହନୀପତି ମଧ କେ.ଭି.ଙ୍କ ସହ ସ୍ୱର ମିଳାଇ କହିଲେ ଆଗକୁ ଗଣେଶ ପୂଜା । ୩୦ ଲକ୍ଷ ପିଲାଙ୍କ ଭବିଷ୍ୟତ ବିପଦରେ । ସର୍ବଦଳୀୟ ବୈଠକ ଡାକି ଆଲୋଚନା କରାଯାଉ। ନଚେତ ଗୃହ ଚାଲିପାରିବ ନାହିଁ କହି ଗୃହର ମଧ୍ୟଭାଗକୁ ଆସି ପାଟିତୁଣ୍ଡ କଲେ। ଗୃହ କାର୍ଯ୍ୟ ସ୍ୱାଭାବିକ କରିବାକୁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ଏଥିପାଇଁ ଗୃହକୁ ୩୦ ମିନିଟ ପାଇଁ ମୁଲତବୀ ଘୋଷଣା କରିଥିଲେ। କିନ୍ତୁ ବୈଠକ ଅଧିକ ସମୟ ଚାଲିବାରୁ ବାଚସ୍ପତି ଗୃହକୁ ଆଉ ୨ ଥର ୩୦ ମିନିଟ ଲେଖାଏ ମୁଲତବୀ ଘୋଷଣା କରିଥିଲେ। ସର୍ବଦଳୀୟ ବୈଠକରେ ଶିକ୍ଷକଙ୍କ ସମସ୍ୟା ଆଲୋଚନା ହେଲା। ଶିକ୍ଷକମାନଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବାକୁ ବାଚସ୍ପତି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କୁ ନିର୍ଦ୍ଦେଶ ଦେଲେ। ଫଳରେ ଗୃହକାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

### ଆଶା, ଅଙ୍ଗନୱାଡି କର୍ମୀଙ୍କ ...

ଅଙ୍ଗନୱାଡି କର୍ମୀଙ୍କ ପାରିଶ୍ରମିକରେ ମଧ୍ୟ ଆଖିଦୃଶିଆ ବୃଦ୍ଧି କରାଯାଇଛି। ଯେଉଁ କର୍ମୀମାନେ ମାସିକ ୩୦୦୦ ଟଙ୍କା ପାରିଶ୍ରମିକ ପାଉଥିଲେ ସେମାନେ ୪୫୦୦ ଟଙ୍କା ଏବଂ ୨୨୦୦ ଟଙ୍କା ପାଉଥିବା କର୍ମୀମାନେ ୩୫୦୦ ଟଙ୍କା ପାଇବେ। ଅଙ୍ଗନୱାଡ଼ି ସହାୟିକାମାନଙ୍କ ପାରିଶ୍ରମିକ ମଧ୍ୟ ୧୫୦୦ ଟଙ୍କାରୁ ବୃଦ୍ଧି ପାଇ ୨୨୫୦ ଟଙ୍କା ହୋଇଛି। ବର୍ଦ୍ଧିତ ପାରିଶ୍ରମିକ ଅକ୍ଟୋବରରୁ ଲାଗୁ ହେବ ଏବଂ ନଭେମ୍ବରରୁ ସେମାନେ ଏହା ପାଇପାରିବେ। କମନ୍ ଆପ୍ଲିକେଶନ୍ ସଫ୍ଟୱେର୍ (ଆଇସିଡିଏସ୍-ସିଏଏସ୍) ବ୍ୟବହାର କରିଲେ ଅଙ୍ଗନୱାଡ଼ି କର୍ମୀମାନେ ୨୫୦ରୁ ୫୦୦ ଟଙ୍କା ଲେଖାଏ ଅତିରିକ୍ତ ଭତ୍ତା ପାଇପାରିବେ। ଏହା ପ୍ରଦର୍ଶନ ଭିତ୍ତିକ ହେବ ବୋଲି ଆଶା, ଏଏନ୍‌ଏମ୍, ଅଙ୍ଗନୱାଡ଼ି କର୍ମୀଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ବାର୍ତ୍ତାଳାପ କରି ପ୍ରଧାନମନ୍ତ୍ରୀ ଏହା ଘୋଷଣା କରିଛନ୍ତି। ଦେଶର ବିଭିନ୍ନ ପ୍ରାନ୍ତର ଆଶା, ଏଏନ୍‌ଏମ୍, ଅଙ୍ଗନୱାଡ଼ି କର୍ମୀଙ୍କ ସହ ପ୍ରଧାନମନ୍ତ୍ରୀ ମଙ୍ଗଳବାର ଭିଡିଓ କନ୍‌ଫରେନ୍ସିଂ ଜରିଆରେ ସିଧାସଳଖ ଭାବବିନିମୟ କରିଥିଲେ। ମୋଦିଙ୍କ ଘୋଷଣା ପରେ ଦେଶରେ ୧୨,୮୩,୭୦୭ ଅଙ୍ଗନୱାଡ଼ି କର୍ମୀ, ୧୦,୫୦,୫୬୪ ସହାୟିକା ଏବଂ ୧୦,୨୩,୧୩୬ ଆଶାକର୍ମୀ ଏଥିରୁ ଉପକୃତ ହୋଇପାରିବେ। ପ୍ରକାଶ ଯେ, ଇଣ୍ଟିଗ୍ରେଟେଡ୍ ଚାଇଲ୍ଡ ଡେଭ୍‌ଲପ୍‌ମେଣ୍ଟ ସର୍ଭିସ୍ (ଆଇସିଡିଏସ୍)ଯୋଜନାରେ ବର୍ତ୍ତମାନ ଦେଶବ୍ୟାପୀ ୧୪ ଲକ୍ଷ ଅଙ୍ଗନୱାଡ଼ି କେନ୍ଦ୍ର ରହିଛି ଏବଂ ଏଥିରୁ ୧୦ କୋଟି ହିତାଧିକାରୀ ଉପକୃତ ହେଉଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ୬ ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ମହିଳା ଏବଂ ସ୍ତନ୍ୟପାନ କରାଉଥିବା ମହିଳା। ସେପ୍ଟେମ୍ବରକୁ 'ପୋଷଣ ମାସ' ଭାବେ ଘୋଷଣା କରି ଦେଶର ପ୍ରତିଟି ଘରେ ପୋଷଣ ସମ୍ପର୍କିତ ସଚେତନତା ବାର୍ତ୍ତା ପହଞ୍ଚାଇବା ଲକ୍ଷ୍ୟ ରଖିଛନ୍ତି କେନ୍ଦ୍ର ସରକାର। ଏଥିଲାଗି ମୋଦି ଏଭଳି ଘୋଷଣା କରିଥିବା ଜଣାପଡ଼ିଛି।

### ଖାଇକୁ ଖସିଲା ...

କାର୍ଯ୍ୟ ଆରମ୍ଭ ହେବା ପରେ ଜଗତିଆଲ ଜିଲାପାଳ ଏ. ଶରତ, ଏସ୍‌ପି ସିନ୍ଧୁ ଶର୍ମା ଏବଂ ଅନ୍ୟ ଅଧିକାରୀ ଓ ଉଦ୍ଧାରକାରୀ ଦଳ ଦୁର୍ଘଟଣାସ୍ଥଳରେ ପହଞ୍ଚିଥିଲେ। ଆହତମାନଙ୍କୁ କରିମ୍‌ନଗର ଜିଲା ହସ୍ପିଟାଲକୁ ଚିକିତ୍ସା ପାଇଁ ନିଆଯାଇଥିବାବେଳେ ସେଠାରେ ଆଉ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ଜଗତିଆଲ୍ ଏବଂ ପେଦ୍ଦାପଲ୍ଲୀ ଜିଲାର। ସେମାନଙ୍କ ମଧ୍ୟରେ ଡ୍ରାଇଭର ବି.ଶ୍ରୀନିବାସଙ୍କ ସମେତ ୩୬ ମହିଳା ଓ ୫ ଶିଶୁ ଅଛନ୍ତି। ଆହତଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି ବୋଲି ତେଲେଙ୍ଗାନା ଅର୍ଥମନ୍ତ୍ରୀ ଏଲେଲା ରାଜେନ୍ଦର ସୂଚନା ଦେଇଛନ୍ତି। ପାହାଡ଼ିଆ ରାସ୍ତାରେ ଡ୍ରାଇଭର ଶ୍ରୀନିବାସଙ୍କ ଗାଡ଼ି ଚଳାଇବାର ଅନୁଭୂତି ନ ଥିବାରୁ ଦୁର୍ଘଟଣା ଘଟିଥିବା ପରିବହନ ମନ୍ତ୍ରୀ ପି. ମହେନ୍ଦର ରେଡ୍ଡୀ କହିଛନ୍ତି। କାମଚଳା ମୁଖ୍ୟମନ୍ତ୍ରୀ କେ.ଚନ୍ଦ୍ରଶେଖର ରାଓ ଦୁର୍ଘଟଣାକୁ ନେଇ ଦୁଃଖପ୍ରକାଶ କରିବା ସହ ମୃତକଙ୍କ ପରିବାର ଲୋକଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଦେବାକୁ ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଏହାକୁ ନେଇ ଶୋକବ୍ୟକ୍ତ କରିଛନ୍ତି।



ଜିଓ ଫୋନରେ ହ୍ୱାଟ୍ସଆପ୍ ସେବା ଆରମ୍ଭ ହୋଇଛି। ମଙ୍ଗଳବାର ଠାରୁ ଏହି ସୁବିଧା ସମସ୍ତ ଜିଓ ଫୋନରେ ଉପଲବ୍ଧ ହେବ। ଏଥିପାଇଁ ଫେସ୍‌ବୁକ୍ ଓ ହ୍ୱାଟ୍ସଆପ୍ ସହଯୋଗ କରିଛନ୍ତି।
– ଆକାଶ ଅମ୍ବାନୀ, ଡାଇରେକ୍ଟର, ରିଲାଏନ୍ସ ଜିଓ ଇନଫୋକମ୍



ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକରେ ରିଜର୍ଭ ବ୍ୟାଙ୍କର ମନୋନୀତ ସଦସ୍ୟ ରହିବା ଅନୁଚିତ। ଏହାଦ୍ୱାରା ସେମାନଙ୍କୁ ଆର୍‌ବିଆଇ ନିୟନ୍ତ୍ରଣ କରୁଛି ବୋଲି ଆଶଙ୍କା ପ୍ରକାଶ ପାଉଛି।
– ରଘୁରାମ ରାଜନ, ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର

## ସଂକ୍ଷେପରେ

### ଆଣ୍ଟିଗୁଆରୁ ଭିଡିଓ ଜାରି କଲେ ଚୋକ୍‌ସୀ
#### ଇଡିର ସବୁ ଅଭିଯୋଗ ମିଛ

**ନୂଆଦିଲ୍ଲୀ,୧୧-୯:** ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ମହାଦୁର୍ନୀତିର ଅନ୍ୟତମ ଅଭିଯୁକ୍ତ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସୀ ନିଜକୁ ନିର୍ଦ୍ଦୋଷ ଦର୍ଶାଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ସମସ୍ତ ଅଭିଯୋଗକୁ ମିଥ୍ୟା ବୋଲି କହିଛନ୍ତି। ଦେଶରୁ ଫେରାର ହୋଇ ଆଣ୍ଟିଗୁଆରେ ଲୁଚିଥିବା ମେହୁଲ ଏକ ଭିଡିଓ ଜାରି କରି କହିଛନ୍ତି ଯେ, ତାଙ୍କ ବିରୋଧରେ ଇଡି ପକ୍ଷରୁ ଅଣାଯାଇଥିବା ସମସ୍ତ ଅଭିଯୋଗ ମିଛ। ତାଙ୍କର ସମସ୍ତ ସମ୍ପତ୍ତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବେଆଇନ ଭାବେ ଜବତ କରିଛି। ସେ କହିଛନ୍ତି ଯେ, ଭାରତୀୟ ପାସ୍‌ପୋର୍ଟକୁ ରଦ୍ଦ କରିବା ପାଇଁ ବହୁବାର ଉଦ୍ୟମ କରିଥିଲେ। ଭାରତୀୟ ପାସ୍‌ପୋର୍ଟ କର୍ତ୍ତୃପକ୍ଷ ତାଙ୍କର ପାସ୍‌ପୋର୍ଟକୁ ରଦ୍ଦ କରିଛନ୍ତି। ଫଳରେ ତାଙ୍କର ଯିବା ଆସିବାରେ ବନ୍ଦ ହୋଇଯାଇଛି। ଫେବୃଆରୀ ୧୬ରେ ତାଙ୍କୁ ଏକ ଇ-ମେଲ ମିଳିଥିଲା। ଭାରତ ଲାଗି ସେ ବିପଦ ଥିବାରୁ ତାଙ୍କର ପାସ୍‌ପୋର୍ଟକୁ ରଦ୍ଦ କରାଯାଉଛି ବୋଲି ସେଥିରେ ଦର୍ଶାଯାଇଥିଲା। ଏହାପରେ ସେ ଫେବୃୟାରୀ ୨୦ରେ ମୁମ୍ବାଇର ଆଞ୍ଚଳିକ ପାସପୋର୍ଟ ଅଫିସକୁ ଏକ ଇ-ମେଲ ପଠାଇଥିଲେ ବୋଲି ଚୋକ୍‌ସୀ କହିଛନ୍ତି। ସେଥିରେ ସେ ତାଙ୍କର ପାସ୍‌ପୋର୍ଟକୁ ପୁନରାୟ କାଏମ କରିବାକୁ ଅନୁରୋଧ କରିଥିଲେ। କିନ୍ତୁ ତାହାକୁ ଅଣଦେଖା କରାଗଲା। ଭାରତ ଲାଗି ସେ କିଭଳି ବିପଦ ବୋଲି ଜାଣିବାକୁ ଚାହିଁଥିଲେ ହେଁ ତାହା ତାଙ୍କୁ କୁହାଯାଉନାହିଁ।

### ଦୁଇ ଦିନରେ ନିବେଶକଙ୍କ ୪ ଲକ୍ଷ କୋଟି ବୁଡ଼ିଲା

**ମୁମ୍ବାଇ,୧୧-୯:** ଟଙ୍କାର ମୂଲ୍ୟ ହ୍ରାସର ପ୍ରଭାବ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ବେଶ୍ ଅନୁଭୂତ ହେଉଛି। ସୋମବାର ସେନସେକ୍ସରେ ୪୬୭.୬୫ ପଏଣ୍ଟ କମିବା ପରେ ମଙ୍ଗଳବାର ୫୦୯.୦୪ ପଏଣ୍ଟ ହ୍ରାସ ପାଇ ୩୭,୪୧୩.୧୩ରେ ବନ୍ଦ ହୋଇଛି। ଦୁଇ ଦିନ ଭିତରେ ସେନସେକ୍ସ ପାଖାପାଖି ୧୦୦୦ ପଏଣ୍ଟ ଖସି ସାରିଲାଣି। ସେହିପରି ସୋମବାର ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜର ନିଫ୍ଟି ୧୫୧ ପଏଣ୍ଟ ହ୍ରାସ ପାଇବା ପରେ ମଙ୍ଗଳବାର ୧୫୦.୬୦ ପଏଣ୍ଟ କମି ୧୧,୨୮୭.୫୦ରେ ପହଞ୍ଚିଛି। ଦୁଇ ଦିନରେ ଏହା ୩୦୦ ପଏଣ୍ଟ ହ୍ରାସ ପାଇଲାଣି। ଫଳରେ ନିବେଶକଙ୍କ ପ୍ରାୟ ୪.୨ ଲକ୍ଷ କୋଟି ଟଙ୍କା ବୁଡିଗଲାଣି। ହେଭିୱେଟ ଶେୟାର ସମେତ ପ୍ରାୟ ସମସ୍ତ ସେକ୍ଟରରେ ଶେୟାର ମୂଲ୍ୟ କମିଛି। ଅନ୍ତର୍ଜାତୀୟ ଷ୍ଟକ ବଜାର ହ୍ରାସ ପାଇବାର ପ୍ରଭାବ ଭାରତୀୟ ଷ୍ଟକ ବଜାରରେ ଦେଖିବାକୁ ମିଳିଛି। ଦେଶର ଶେୟାର ବଜାର ହ୍ରାସ ପାଇବା ଚଳିତ ସପ୍ତାହ ପର୍ଯ୍ୟନ୍ତ ଜାରି ରହିବ ବୋଲି ଟୌରସ ଆସେଟ ମ୍ୟାନେଜମେଣ୍ଟ ଏମ୍‌ଡି ଆର.କେ. ଗୁପ୍ତା ପ୍ରକାଶ କରିଛନ୍ତି।

# ତେଲରୁ ରାଜ୍ୟକୁ ୨୨,୭୦୦କୋଟି ଅଧିକ ଲାଭ

ନୂଆଦିଲ୍ଲୀ,୧୧-୯

ଟଙ୍କାର ମୂଲ୍ୟ ହ୍ରାସ ସାଙ୍ଗକୁ ତେଲ ଦର ବଢ଼ିବାକୁ ନେଇ ବିରୋଧୀ ଦଳଗୁଡିକ ହୋହଲ୍ଲା କରୁଥିଲେ ହେଁ ଏଥିଯୋଗୁ ରାଜ୍ୟଗୁଡିକ ଯେ ଲାଭବାନ ହେଉଛନ୍ତି ଏକଥା ଷ୍ଟେଟବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ରିପୋର୍ଟ କହୁଛି। ରିପୋର୍ଟରେ ଦର୍ଶାଯାଇଛି ଯେ, ଆଜିଯାଏ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ଯେତିକି ଖସିଛି ସେଥିରେ ରାଜ୍ୟଗୁଡିକ ମାଲାମାଲ୍ ହୋଇଛନ୍ତି। ଟଙ୍କାର ମୂଲ୍ୟ କମିବା ଯୋଗୁ ରାଜ୍ୟଗୁଡିକ ବଜେଟ ଲକ୍ଷ୍ୟଠାରୁ ପ୍ରାୟ ୨୨,୭୦୦ କୋଟି ଟଙ୍କା ଅଧିକ ଲାଭ ହାସଲ କରିସାରିଛନ୍ତି। ମଙ୍ଗଳବାର ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୭୮ ଡଲାର ଅତିକ୍ରମ କରିଯାଇଥିବା ବେଳେ ଟଙ୍କା ମୂଲ୍ୟ ୨୮ ପଇସା ହ୍ରାସ ପାଇ ସର୍ବନିମ୍ନ ସ୍ତର ୭୨.୭୦ ଛୁଇଁଛି। ଏସ୍‌ବିଆଇ ରିସର୍ଚ୍ଚ ରିପୋର୍ଟରେ କୁହାଯାଇଛି ଯେ, ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ଗୋଟିଏ ଡଲାର ବୃଦ୍ଧି ପାଇଲେ ୧୯ ରାଜ୍ୟର ରାଜସ୍ୱରେ ଅତିକମରେ ୧୫୧୩ କୋଟି ଟଙ୍କା ଲେଖାଏ ବଢ଼ିଯିବ। ମହାରାଷ୍ଟ୍ର ୩୩୮୯ କୋଟି ଟଙ୍କା ସହ ସର୍ବାଧିକ ଲାଭାନ୍ୱିତ ହେବ ଏବଂ ଏହା ପଛକୁ ୨୮୪୨ କୋଟି ଟଙ୍କା ସହ ଗୁଜରାଟ ଦ୍ୱିତୀୟ ସ୍ଥାନରେ ରହିବ। ମାର୍ଚ୍ଚରୁ ପେଟ୍ରୋଲ ଓ ଡିଜେଲ ଦର ଯଥାକ୍ରମେ ୫.୬୦ ଟଙ୍କା ଓ ୬.୩୧ ଟଙ୍କା ବଢ଼ିସାରିଛି। ପେଟ୍ରୋଲ ଲିଟର ପିଛା ଏବେ ମହାରାଷ୍ଟ୍ରରେ ୮୯ ଟଙ୍କା ରହିଛି ଯାହାକି ରାଜ୍ୟଗୁଡ଼ିକ ମଧ୍ୟରେ ସର୍ବାଧିକ। କାରଣ ଏହା ୩୯.୧୨ ପ୍ରତିଶତ ଭାଟ୍ ଆଦାୟ କରିଥାଏ। ତେବେ ଗୋଆରେ ସର୍ବନିମ୍ନ ୧୬.୬୬ ପ୍ରତିଶତ ଭାଟ୍ ଆଦାୟ ହୁଏ। ତେଲରୁ ରାଜସ୍ୱ ଆଦାୟ ବୃଦ୍ଧି ପାଇବା କାରଣରୁ ରାଜ୍ୟଗୁଡିକର ବିତ୍ତୀୟ ନିଅଣ୍ଟ ପରିମାଣ କମିବାରେ ଏହା ସହାୟକ ହେଉଛି। ତେଲର ଦରବୃଦ୍ଧି ଯୋଗୁ ରାଜ୍ୟଗୁଡିକର ବିତ୍ତୀୟ ନିଅଣ୍ଟ ପରିମାଣରେ ୧୫ରୁ ୨୦ ବେସିସ୍ ପଏଣ୍ଟ ହ୍ରାସ ପାଇବ। ବଜେଟ ଲକ୍ଷ୍ୟ ଠାରୁ ଅଧିକ ରାଜସ୍ୱ ଆଦାୟ କାରଣରୁ ସେମାନେ ପେଟ୍ରୋଲ ଲିଟର ପିଛା ୩.୨୦ ଟଙ୍କା ଏବଂ ଡିଜେଲ ଲିଟର ପିଛା ୨.୩୦ ଟଙ୍କା ହ୍ରାସ କରିପାରିବେ ବୋଲି ରିପୋର୍ଟରେ କୁହାଯାଇଛି। ଏହାଦ୍ୱାରା ସେମାନଙ୍କ ରାଜସ୍ୱ ଆଦୌ ପ୍ରଭାବିତ ହେବ ନାହିଁ। ମହାରାଷ୍ଟ୍ର,ମଧ୍ୟପ୍ରଦେଶ, ପଞ୍ଜାବ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ରାଜସ୍ଥାନ ଓ କର୍ନାଟକ ପେଟ୍ରୋଲ ୩ଟଙ୍କା ଓ ଡିଜେଲ ଅଢ଼େଇ ଟଙ୍କା ହ୍ରାସ କରି ବିତ୍ତୀୟ ବୋଝ ଉଠାଇପାରିବେ। ଅନ୍ୟପକ୍ଷରେ ରାଜ୍ୟଗୁଡିକ ମୂଳ ଦର (ଅଶୋଧିତ ତୈଳ ଦର, ପରିବହନ ଏବଂ କମିଶନକୁ ହିସାବକୁ ନେଲେ) ଉପରେ ଭାଟ୍ ଲାଗୁ କଲେ ଡିଜେଲରେ ଲିଟର ପିଛା ୩.୭୫ ଟଙ୍କା ଏବଂ ପେଟ୍ରୋଲରେ ଲିଟର ପିଛା ୫.୭୫ ଟଙ୍କା ହ୍ରାସ କରିପାରିବେ। ତେବେ ଏଥିଯୋଗୁ ସେମାନେ ମୋଟ୍‌ରେ ପ୍ରାୟ ୧୨୦୦୦ କୋଟି ଟଙ୍କା( ନେଟ୍ କ୍ଷତି ୩୪,୬୨୭ କୋଟି ଟଙ୍କା– ତେଲ ଦର ବୃଦ୍ଧିରୁ ୨୨,୭୦୦କୋଟି ଲାଭ) କ୍ଷତି ସହିବେ। ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୭୫ ଡଲାର ଏବଂ ଟଙ୍କାର ମୂଲ୍ୟ ୭୨କୁ ନେଇ ଉକ୍ତ ହିସାବ କରାଯାଇଛି ବୋଲି ରିପୋର୍ଟରେ ସ୍ପଷ୍ଟ ଉଲ୍ଲେଖ ରହିଛି।

#### ଟଙ୍କାର ମୂଲ୍ୟ ହ୍ରାସ

- ତେଲ ଦର ୧ ଡଲାର ବଢ଼ିଲେ ରାଜ୍ୟକୁ ୧୫୧୩ କୋଟି ରାଜସ୍ୱ
- ମାର୍ଚ୍ଚରୁ ପେଟ୍ରୋଲ ୫.୬୦ଟଙ୍କା ଓ ଡିଜେଲ ୬.୩୧ ଟଙ୍କା ବଢ଼ିଛି
- ବେସ୍ ପ୍ରାଇସରେ ଭାଟ୍ ଲାଗିଲେ ରାଜ୍ୟକୁ ୧୨ହଜାର କୋଟି କ୍ଷତି

#### ୯୦ ଟଙ୍କା ଟପିଲା ପେଟ୍ରୋଲ

**ନୂଆଦିଲ୍ଲୀ,୧୧-୯:** ପେଟ୍ରୋଲ ଦର ମଙ୍ଗଳବାର ଲିଟର ପିଛା ୯୦ ଟଙ୍କାର ମନୋବୈଜ୍ଞାନିକ ସୀମା ଟପିଯାଇଛି। ମହାରାଷ୍ଟ୍ରର ପରବନୀରେ ପେଟ୍ରୋଲ ଲିଟର ପିଛା ୯୦.୧୧ଟଙ୍କାରେ ବିକ୍ରି କରାଯାଉଥିଲା। ପରବନୀ ଜିଲା ପେଟ୍ରୋଲ ଡିଲର୍ସ ଆସୋସିଏସନ ସଭାପତି ସଞ୍ଜୟ ଦେଶମୁଖ କହିଥିଲେ ଯେ, ମଙ୍ଗଳବାର ଡିଜେଲ ଦର ମଧ ଲିଟର ପିଛା ୭୮.୦୬ଟଙ୍କାରେ ବିକ୍ରି ହେଉଛି। ସୋମବାର ପେଟ୍ରୋଲ ଲିଟର ପିଛା ୮୯.୯୭ ଟଙ୍କା ଏବଂ ଡିଜେଲ ଲିଟର ପିଛା ୭୭.୯୨ଟଙ୍କାରେ ବିକ୍ରି ହେଉଥିଲା। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୮୦.୮୭ ଟଙ୍କା ଏବଂ ଡିଜେଲ ୭୨.୯୭ଟଙ୍କାରେ ବିକ୍ରି ହେଉଥିଲା। ଉଭୟ ତେଲରେ ୧୪ ପଇସା ବୃଦ୍ଧି କରାଯାଇଛି। ସେହିପରି ମୁମ୍ବାଇରେ ପେଟ୍ରୋଲ ଓ ଡିଜେଲ ଦର ଲିଟର ପିଛା ଯଥାକ୍ରମେ ୮୮.୨୬ଟଙ୍କା ଏବଂ ୭୭.୪୭ ଟଙ୍କାରେ ପହଞ୍ଚି ନୂଆ ରେକର୍ଡ କରିଛି।

#### ତେଲ ଦର ୧ ଟଙ୍କା କମାଇଲା ପଶ୍ଚିମବଙ୍ଗ

**କୋଲକାତା,୧୧-୯:** ରାଜସ୍ଥାନ ଓ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କର ପଦାଙ୍କ ଅନୁସରଣ କରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଙ୍ଗଳବାର ପେଟ୍ରୋଲ ଓ ଡିଜେଲ ଉପରୁ ୧ ଟଙ୍କା ହ୍ରାସ ସମ୍ପର୍କରେ ସଚିବାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଥିଲେ। ତୈଳ ଦର ଅହେତୁକ ବୃଦ୍ଧି ପାଇବା ନେଇ ଜନ ଅସନ୍ତୋଷର ଫଳସ୍ୱରୂପ କଂଗ୍ରେସ ଓ ୨୨ଟି ବିରୋଧୀ ଦଳ ପକ୍ଷରୁ ସୋମବାର ଆହୂତ ଭାରତ ବନ୍ଦ ପ୍ରାୟତଃ ସଫଳ ହୋଇଛି। ମଙ୍ଗଳବାର ମଧ ତେଲ ଦର ବଢ଼ିଛି। ଅନ୍ତର୍ଜାତୀୟ ବଜାରରେ ତେଲ ଦର କମ୍ ଥିଲେ ମଧ କେନ୍ଦ୍ର ସରକାର ୯ ଥର ଉତ୍ପାଦ ଶୁଳ୍କ ବଢ଼ାଇଥିଲେ ବୋଲି ମମତା ଟୁଇଟର ଜରିଆରେ ଅଭିଯୋଗ କରିଥିଲେ।

## ବଜାରରେ କର୍ଲଅନ୍‌ର 'ଏସ୍‌ଟିଆର୍ ୮ ଟେକ୍ନୋଲୋଜି'




ଭୁବନେଶ୍ୱର,୧୧-୯

ପ୍ରମୁଖ ମ୍ୟାଟ୍ରେସ, ହୋମ ଫର୍ଣ୍ଣିଚର ଓ ଫର୍ଣ୍ଣିସିଂ ବ୍ରାଣ୍ଡ କମ୍ପାନୀ କର୍ଲଅନ୍ ଏହାର ନୂଆ ଉତ୍ପାଦ 'ଏସ୍‌ଟିଆର୍ ୮ ଟେକ୍ନୋଲୋଜି'କୁ ବଜାର ପ୍ରବେଶ କରାଇଛି। କମ୍ପାନୀର ମୁଖ୍ୟ ମାର୍କେଟିଂ ଅଧିକାରୀ ଆଶୁତୋଷ ବୈଦ୍ୟ, ଭୁବନେଶ୍ୱର ପ୍ଲାଣ୍ଟର ଫ୍ୟାକ୍ଟ୍ରି ମ୍ୟାନେଜର ଜେ. ପଣ୍ଡା ଏବଂ ପୂର୍ବାଞ୍ଚଳ ଆଞ୍ଚଳିକ ବାଣିଜ୍ୟ ପ୍ରବନ୍ଧକ ଅର୍ନବ ରାଏ ଚୌଧୁରୀ ଉପସ୍ଥିତ ରହି ଏହାକୁ ଉନ୍ମୋଚନ କରିଥିଲେ। ଏହି ଟେକ୍ନୋଲୋଜି ଦ୍ୱାରା ଗ୍ରାହକମାନେ ମାଟ୍ରେସର ଦୃଢ଼ତା ଏବଂ କୋମଳତା ଲାଭ କରିପାରିବେ। ଏହା ୨୦-୪୦% ହାଲକା ହୋଇଥିବା ବେଳେ ସମୟର ଆବଶ୍ୟକତାକୁ ଆଧାର କରି ନୂଆ ଟେକ୍ନୋଲୋଜି ଆସିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଆଗାମୀ ଦିନରେ କମ୍ପାନୀ ୧୨୫ ପ୍ରକାରର ନୂଆ ଉତ୍ପାଦ ଏବଂ ଅଭିନବ ଟେକ୍ନୋଲୋଜିଯୁକ୍ତ ମ୍ୟାଟ୍ରେସ ବଜାରକୁ ଆଣିବାକୁ ଯୋଜନା ରଖିଛି। ୨୦୨୦ ସୁଦ୍ଧା ପୂର୍ବାଞ୍ଚଳରେ ୨୦୦ ଷ୍ଟୋର ସହ ୧୦୦ ବ୍ରାଣ୍ଡ ଆଉଟଲେଟ ଖୋଲିବା ନେଇ ପ୍ରସ୍ତାବ ରହିଛି। ବର୍ତ୍ତମାନ ୧୫୦୦ ମଲ୍ଟି ବ୍ରାଣ୍ଡ ଆଉଟଲେଟରେ ସେବା କମ୍ପାନୀ ଯୋଗାଉଥିବା ସୂଚନା ଦେଇଛି। ପୂର୍ବାଞ୍ଚଳରେ ଗତ ବର୍ଷ କମ୍ପାନୀ ୧୯% ବିକ୍ରି ଅଭିବୃଦ୍ଧି ହାସଲ କରିଛି। ଏହା ସମୁଦାୟ ବିକ୍ରିର ୧୮ରୁ ୨୦% ବୋଲି ବୈଦ୍ୟ କହିଛନ୍ତି।


୧



୨


୩

## ଓଡ଼ିଶାରେ ହିରୋର ଏକ୍ସଟ୍ରିମ୍ ୨୦୦ଆର୍

ଭୁବନେଶ୍ୱର, ୧୧-୯(ବ୍ୟୁରୋ)

ପ୍ରମୁଖ ଦୁଇଚକିଆ ଯାନ ନିର୍ମାତା ହିରୋ ମୋଟୋକର୍ପ ଲିମିଟେଡ୍ ଏହାର ନୂତନ ପ୍ରିମିୟମ ମୋଟରସାଇକେଲ୍ 'ଏକ୍ସଟ୍ରିମ୍ ୨୦୦ଆର୍'କୁ ମଙ୍ଗଳବାର ଓଡିଶା ବଜାରରେ ପ୍ରବେଶ କରାଇଛି। କଟକ ଏବଂ ଭୁବନେଶ୍ୱରରେ ଥିବା ହିରୋ ମୋଟୋକର୍ପର ବିଭିନ୍ନ ଡିଲର୍‌ଶିପ୍ ପଏଣ୍ଟରେ କମ୍ପାନୀ ଅଧିକାରୀ ଏବଂ ଶୋ'ରୁମ୍ ସ୍ୱତ୍ୱାଧିକାରୀଙ୍କ ଉପସ୍ଥିତିରେ ଏହାକୁ ଉନ୍ମୋଚନ କରାଯାଇଛି। ଏହାର ଭୁବନେଶ୍ୱର ଏକ୍ସ-ଶୋ'ରୁମ୍ ମୂଲ୍ୟ ୯୦,୯୦୦ ଟଙ୍କା ରହିଛି। ପାନ୍ଥର ବ୍ଲାକ୍-କୁଲ୍ ସିଲ୍‌ଭର, ପାନ୍ଥର ବ୍ଲାକ୍-ରେଡ୍, ସ୍ପୋର୍ଟସ୍ ରେଡ୍, ଚାର୍‌କୋଲ ଗ୍ରେ– ଅରେଞ୍ଜ୍ ଏବଂ ଟେକ୍ନୋ ବ୍ଲୁ ଭଳି ୫ଟି ଡୁଆଲ୍ ଟୋନ୍ କଲର ସ୍କିମ୍‌ରେ ଏହା ଉପଲବ୍ଧ। ଯୁବବର୍ଗଙ୍କୁ ଦୃଷ୍ଟିରେ ରଖି ନ୍ୟୁ ରେଞ୍ଜ୍ ପ୍ରିମିୟମ୍ ବାଇକ୍ କ୍ଷେତ୍ରରେ ଚଳିତ ବର୍ଷ କମ୍ପାନୀ ପ୍ରଥମ ଥର ପାଇଁ ଏଭଳି ଯାନ ବଜାରକୁ ଆଣିଛି। ଏଥିରେ ସମସ୍ତ ପ୍ରକାରର ସୁରକ୍ଷା ବୈଶିଷ୍ଟ୍ୟ ସହିତ ଆଣ୍ଟି-ଲକ୍ ବ୍ରେକ୍ ସିଷ୍ଟମ ରହିଛି। ବିଏସ୍-୪ ଆଧାରିତ ଏହି ୨୦୦ ସିସି ଇଞ୍ଜିନ ବିଶିଷ୍ଟ ବାଇକ୍ ଘଣ୍ଟାକୁ ୧୧୪ କି.ମି. ବେଗରେ ଗତି କରିବାର ସାମର୍ଥ୍ୟ ରଖେ ବୋଲି କମ୍ପାନୀ ପ୍ରକାଶ କରିଛି।

୧ ଲକ୍ଷ୍ମୀସାଗରସ୍ଥିତ ଭାରତ ମୋଟର୍ସଠାରେ ନୂତନ ଯାନର ବଜାର ପ୍ରବେଶ ଅବସରରେ କମ୍ପାନୀର ଓଡ଼ିଶା ମୁଖ୍ୟ ଅବ୍‌ଦୁଲ୍ ଅହଦ୍ ଏବଂ ଭାରତ ମୋଟର୍ସର ସିଇଓ ଆଦିତ୍ୟ ବିକ୍ରମ ଦିଦ୍ୱାନିଆଙ୍କ ସହ ଅନ୍ୟମାନେ।

୨ କଟକସ୍ଥିତ ସନି ମୋଟରଠାରେ ନୂତନ ଯାନ ବଜାର ପ୍ରବେଶ ଅବସରରେ ଅଭିନେତା ଅଂଶୁମାନଙ୍କ ସହ ଶୋ'ରୁମ୍‌ର ମ୍ୟାନେଜିଂ ପାର୍ଟନର ଉମରଜିତ ସିଂ, ଅର୍ଶଦୀପ ସିଂ ଓ କମ୍ପାନୀର ଅଧିକାରୀ ବୃନ୍ଦ।।

୩ ସ୍ଥାନୀୟ ଫାୟାର ଷ୍ଟେଶନ ସ୍ଥିତ ରୋହନ ହିରୋ ଶୋ'ରୁମ୍‌ରେ 'ଏକ୍ସଟ୍ରିମ୍ ୨୦୦ଆର'କୁ ଉନ୍ମୋଚନ କରୁଛନ୍ତି ଶୋ'ରୁମ୍‌ର ସ୍ୱତ୍ୱାଧିକାରୀ ରାଜୀବ ଦୁବେ।

୪ କଟକ ସ୍ଥିତ ଜେଏମ୍‌ଜି ଶୋ'ରୁମ୍‌ରେ ନୂତନ ଯାନ ବଜାର ପ୍ରବେଶ ଅବସରରେ ଶୋ'ରୁମ୍‌ର ଏମ୍‌ଡି ପ୍ରଦୀପ ଅଗ୍ରୱାଲଙ୍କ ସମେତ କମ୍ପାନୀ ଅଧିକାରୀ ଓ ଗ୍ରାହକ ବୃନ୍ଦ।

୫ କଟକ ସ୍ଥିତ ଏସେନ୍ ଅଟୋମୋବାଇଲ୍‌ଠାରେ ଶୋ'ରୁମ୍‌ର ସ୍ୱତ୍ୱାଧିକାରୀ ହେମନ୍ତ ଠାକର ଏବଂ ସୌରଭ ଠାକର ନୂତନ ଯାନ ବଜାର ପ୍ରବେଶ କରାଉଛନ୍ତି। ଏହି ଅବସରରେ ମହିଳା ହକି ତାରକା ସୁନୀତା ଲାକ୍ରା, ଦୀପଗ୍ରେସ୍ ଏକ୍କା, ନମିତା ଟୋପ୍ପୋ, ଲିଲିମା ମିଞ୍ଜ ଅତିଥି ଭାବେ ଯୋଗ ଦେଇଛନ୍ତି।



୪


୫

## ମୋବିଷ୍ଟାର ଆଣିଲା ୫ ସେଲ୍‌ଫି ସ୍ମାର୍ଟଫୋନ



କମ୍ପାନୀର ସେଲ୍‌ସ ଉପସଭାପତି ହରଦୀପ ସିଂ ଜୋହର (ବାମ) ଏବଂ ସିଇଓ କାର୍ଲ ଙ୍ଗୋ।

ଭୁବନେଶ୍ୱର,୧୧-୯(ବ୍ୟୁରୋ)

ପ୍ରମୁଖ ସ୍ମାର୍ଟଫୋନ୍ ବ୍ରାଣ୍ଡ ମୋବିଷ୍ଟାର ପକ୍ଷରୁ ଓଡିଶା ବଜାରରେ ସେଲ୍‌ଫି ଫିଚର ଉପଲବ୍ଧ ଥିବା ୫ ନୂଆ ସ୍ମାର୍ଟଫୋନର ବଜାର ପ୍ରବେଶ ହୋଇଛି। କମ୍ପାନୀର ସହପ୍ରତିଷ୍ଠାତା ତଥା ସିଇଓ କାର୍ଲ ଙ୍ଗୋ, ଉତ୍ତର ଏବଂ ପୂର୍ବାଞ୍ଚଳ ସେଲ୍‌ସ ଉପସଭାପତି ହରଦୀପ ସିଂ ଜୋହର ପ୍ରମୁଖ ଉପସ୍ଥିତ ରହି ସ୍ମାର୍ଟଫୋନଗୁଡିକର ବଜାର ପ୍ରବେଶ କରାଇଛନ୍ତି। ନୂଆ ଫୋନଗୁଡିକ ମଧ୍ୟରେ ସି୧ ଲାଇଟ୍, ସି୧, ସି୨, ଇ୧ ସେଲ୍‌ଫି ଏବଂ ଏକ୍ସ୧ ଡୁଆଲ ଭଳି ମଡେଲ ରହିଛି। ସେଲ୍‌ଫି ପ୍ରେମୀଙ୍କୁ ସୁଲଭ ମୂଲ୍ୟରେ ସ୍ମାର୍ଟଫୋନ ପ୍ରଦାନ ଲାଗି କମ୍ପାନୀ ଏଭଳି ପଦକ୍ଷେପ ଗ୍ରହଣ କରିଥିବା ସୂଚନା ଦେଇଛି। ୧୧ ସେପ୍ଟେମ୍ବରଠାରୁ ଫୋନଗୁଡିକ ଅଫ୍‌ଲାଇନରେ ମିଳିବ। କମ୍ପାନୀର ସି୧ ଲାଇଟ ମଡେଲ ୪୩୪୦ ଟଙ୍କାରେ ଉପଲବ୍ଧ ହେଉଥିବା ବେଳେ ସି୧ ୫୪୦୦ଟଙ୍କା, ସି୨ ୬୩୦୦ ଟଙ୍କା, ଇ୧ ସେଲଫି ୮,୪୦୦ ଟଙ୍କା ଏବଂ ଏକ୍ସ୧ ଡୁଆଲ ୧୦,୫୦୦ ଟଙ୍କାରେ ଉପଲବ୍ଧ ହେବ।

## ଅଫ୍‌ଲାଇନ ବଜାରରେ ସ୍ଥିତି ଦୃଢ଼ୀକରଣ ଲକ୍ଷ୍ୟ: କାର୍ଲ

**ଗ୍ରାହକଙ୍କ ଚାହିଦାରେ ଦ୍ରୁତ ପରିବର୍ତ୍ତନ ଆସିଛି। ସେଲ୍‌ଫି ଫିଚର ରହିଥିବା ଫୋନଗୁଡିକୁ ନେଇ ଏବେ ଚାରିଆଡେ କ୍ରେଜ୍। ଏହାକୁ ନଜରରେ ରଖି ବଜାରର ପ୍ରମୁଖ ସ୍ମାର୍ଟଫୋନ କମ୍ପାନୀଗୁଡିକ ସେମାନଙ୍କ କୌଶଳରେ ପରିବର୍ତ୍ତନ ଆଣିଛନ୍ତି। ସୁଲଭ ମୂଲ୍ୟରେ ସେଲ୍‌ଫି ଫୋନ ଗ୍ରାହକଙ୍କୁ ଯୋଗାଣ ନେଇ କମ୍ପାନୀଗୁଡିକ ପ୍ରାଥମିକତା ଦେଉଛନ୍ତି। ଏ ସମ୍ପର୍କରେ ମୋବିଷ୍ଟାରର ସିଇଓ କାର୍ଲ ଙ୍ଗୋ ଧରିତ୍ରୀକୁ ଦେଇଥିବା ସାକ୍ଷାତକାର...**

**ଭାରତୀୟ ସ୍ମାର୍ଟଫୋନ ବଜାରକୁ କେମିତି ଦେଖୁଛନ୍ତି?**
ଭାରତ ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ମାର୍ଟଫୋନ ବଜାର । ବିଶ୍ୱର ଏକ ପ୍ରମୁଖ ସ୍ମାର୍ଟଫୋନ ବଜାର ହୋଇଥିବାରୁ ଏଠାରେ ଅନେକ କମ୍ପାନୀ ନିଜର ଉପସ୍ଥିତି ଜାହିର କରିଛନ୍ତି। ଏହି ଧାରାରେ ଆମେ ୫ ନୂଆ ସେଲଫିଭିତ୍ତିକ ପ୍ରଡକ୍ଟକୁ ବଜାର ପ୍ରବେଶ କରାଇଛୁ। ମୋଟ ସ୍ମାର୍ଟଫୋନ ବିକ୍ରିର ୭୦% ବର୍ତ୍ତମାନ ଅଫ୍‌ଲାଇନରେ ବିକ୍ରି ହେଉଛି। ଏହା ଆମ ଲାଗି ଏକ ସୁଯୋଗ। ଅଫ୍‌ଲାଇନରେ ସ୍ଥିତି ଦୃଢୀକରଣ ନେଇ ଯୋଜନା ଧାର୍ଯ୍ୟ କରିଛୁ। ସେହିଭଳି ବିକ୍ରି ହେଉଥିବା ମୋଟ୍ ସ୍ମାର୍ଟଫୋନର ପ୍ରାୟ ୫୦% ଗ୍ରାହକ ୧୦ ହଜାର ବର୍ଗରେ ପ୍ରଡକ୍ଟକୁ ଚୟନ କରୁଛନ୍ତି। ଏହାକୁ ଧ୍ୟାନରେ ରଖି ଆମେ ସୁଲଭ ମୂଲ୍ୟରେ ସେଲ୍‌ଫି ଫୋନ ବଜାରକୁ ଆଣିଛୁ। ଏହାବାଦ ଗ୍ରାହକଙ୍କ ମଧ୍ୟରେ ସେଲ୍‌ଫି ଫୋନ୍ ଚାହିଦା ବଢ଼ିଥିବାରୁ ଏହାକୁ ନେଇ ଫୋନଗୁଡିକ ପ୍ରସ୍ତୁତ ହୋଇଛି। ସୁଲଭ ମୂଲ୍ୟଯୁକ୍ତ ମଡେଲଗୁଡିକ ଗ୍ରାହକଙ୍କୁ ଉନ୍ନତ ସେଲଫି ଅଭିଜ୍ଞତା ପ୍ରଦାନ ଦିଗରେ ସହାୟକ ହେବ। ଏହା ଗ୍ରାହକଙ୍କ ଦ୍ୱାରା ବିଶେଷ ଭାବେ ଆଦୃତ ହେବ ବୋଲି ଆଶା।

**ମୋବିଷ୍ଟାର ପ୍ରଡକ୍ଟ ସମ୍ପର୍କରେ କ'ଣ କହିବେ?**
ଆମେ ଗ୍ରାହକଙ୍କ ପ୍ରକୃତ ଆବଶ୍ୟକତାକୁ ବୁଝିଛୁ। 'ଏନ୍‌ଜଏ ମୋର' ମୂଳମନ୍ତ୍ରକୁ ନେଇ ଆଗକୁ ବଢୁଛୁ। ଭାଲ୍ୟୁ ଫର୍ ମନି, ଉନ୍ନତ ୟୁଜର ଅଭିଜ୍ଞତା , ଗ୍ରାହକ ସନ୍ତୁଷ୍ଟି ନେଇ ବିଭିନ୍ନ ପଦକ୍ଷେପ ନେଇଛୁ। ଏହି ଧାରାରେ ଆମର ପ୍ରଡକ୍ଟଗୁଡିକ ଡିଜାଇନ ହୋଇଛି। ଉନ୍ନତ ଉତ୍ପାଦ ଯୋଗାଣ ନେଇ ପ୍ରତିଶ୍ରୁତିବଦ୍ଧ ରହିଛୁ। ଏଠାରେ ୨୦୦ ସହରର ୬୦୦ ଡିଷ୍ଟ୍ରିବ୍ୟୁଟରଙ୍କ ସହ ଯୋଡି ହେବାକୁ ଲକ୍ଷ୍ୟ ରହିଛି। ବର୍ତ୍ତମାନ ସୁଦ୍ଧା ୨୦ ରାଜ୍ୟର ୪୫୦ ଡିଷ୍ଟ୍ରିବ୍ୟୁଟରଙ୍କ ସହ ଯୋଡି ହୋଇଛୁ। ସେହିଭଳି ୧୦୦୦ ସର୍ଭିସ ସେଣ୍ଟର ଦ୍ୱାରା ସେବା ଯୋଗାଣ ଯୋଜନା କରିଛୁ।

**ଓଡିଶା ବଜାରକୁ ନେଇ କ'ଣ ଯୋଜନା ରହିଛି?**
ପୂର୍ବାଞ୍ଚଳ ରାଜ୍ୟଗୁଡିକ ମଧ୍ୟରେ ଓଡିଶା ଉପରେ ଆମେ ବିଶେଷ ଭାବେ ଫୋକସ୍ କରିଛୁ। ୨୧ ଡିଷ୍ଟ୍ରିବ୍ୟୁଟର ଓ ୧୫୦୦ ରିଟେଲ ଆଉଟଲେଟରେ ମୋବିଷ୍ଟାରର ସ୍ମାର୍ଟଫୋନଗୁଡିକ ଉପଲବ୍ଧ କରାଇବାକୁ ପଦକ୍ଷେପ ନିଆଯାଉଛି। ଏଠାରେ ପ୍ରାଥମିକ ପର୍ଯ୍ୟାୟରେ ୨୬ ସର୍ଭିସ ସେଣ୍ଟର ଦ୍ୱାରା ସେବା ପ୍ରଦାନ ଲକ୍ଷ୍ୟ ରହିଛି। ଗ୍ରାହକଙ୍କୁ ଷ୍ଟୋରଗୁଡିକରେ ଉନ୍ନତ କ୍ରୟ ଅଭିଜ୍ଞତା ପ୍ରଦାନ ନେଇ ଯତ୍ନବାନ ରହିଛୁ। ସେହିଭଳି ସେମାନଙ୍କ ଚାହିଦା ପରିପୂରଣ ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି।

**ଘରୋଇ ବଜାରରେ ମାନୁଫାକଚରିଂ ଲାଗି କିଛି ବ୍ୟବସ୍ଥା କରିଛନ୍ତି କି?**
ଘରୋଇ ବଜାରରେ ଆମର ନିଜସ୍ୱ ମାନୁଫାକଚରିଂ ୟୁନିଟ୍ ନାହିଁ। ବର୍ତ୍ତମାନ ଆମେ ଏଠାରେ ଏକ ଷ୍ଟ୍ରାଟେଜିକ ପାର୍ଟନର ସହ ଚୁକ୍ତି କରିଛୁ। ସେଠାରେ ମୋବିଷ୍ଟାର ଫୋନଗୁଡିକ ପ୍ରସ୍ତୁତ ହେଉଛି।

**ଅନ୍‌ଲାଇନ ସ୍ମାର୍ଟଫୋନ ବଜାର ବୃଦ୍ଧି ନେଇ କ'ଣ ମତ ଦେବେ?**
ଅନ୍‌ଲାଇନ୍ ବଜାର ବୃଦ୍ଧି ପରିଲକ୍ଷିତ ହେଉଛି। ମାତ୍ର ଏବେ ମଧ ଅଫ୍‌ଲାଇନ ବଜାର ପ୍ରମୁଖ ସ୍ଥାନରେ ରହିଛି। ଏଠାରେ ଅନ୍‌ଲାଇନର ବଜାର ଅଂଶ ୩୦% ରହିଛି। ଏହାକୁ ଧ୍ୟାନରେ ରଖି ଫ୍ଲିପକାର୍ଟ ସହ ଚୁକ୍ତିରେ ସାମିଲ ହୋଇଛୁ।

## ସୁନ୍ଦରମ୍ ଏନ୍‌ଏଫ୍‌ଓ ସବ୍‌ସ୍କ୍ରିପଶନର ଶେଷ ଦିନ ଆଜି

ନୂଆଦିଲ୍ଲୀ,୧୧-୯

SUNDARAM MUTUAL
UNEARTHING OPPORTUNITIES

ସେବା କ୍ଷେତ୍ରର ବର୍ଦ୍ଧିତ ଚାହିଦାକୁ ଧ୍ୟାନରେ ରଖି ପ୍ରମୁଖ ଫଣ୍ଡ୍ ହାଉସ ସୁନ୍ଦରମ୍ ମ୍ୟୁଚୁଆଲ୍ ଫଣ୍ଡ ପକ୍ଷରୁ ନୂଆ ଫଣ୍ଡ୍ ଅଫର(ଏନ୍‌ଏଫ୍‌ଓ) 'ସୁନ୍ଦରମ୍ ସର୍ଭିସ ଫଣ୍ଡ୍' ସମ୍ପର୍କରେ ଘୋଷଣା ହୋଇଥିଲା। ଏହା ଏକ ଓପନ୍ ଏଣ୍ଡେଡ୍ ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡ୍ ହୋଇଥିବା ବେଳେ ଏଥିଲାଗି ସବ୍‌ସ୍କ୍ରିପଶନର ଶେଷ ତାରିଖ ସେପ୍ଟେମ୍ବର ୧୨ ରହିଛି। ଦେଶର ସେବା କ୍ଷେତ୍ର ସର୍ବାଧିକ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି ନିବେଶ(ଏଫ୍‌ଡିଆଇ) ଆକୃଷ୍ଟ କରିବାକୁ ସକ୍ଷମ ହୋଇଛି। ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ କ୍ଷେତ୍ରଗୁଡିକ ମଧ୍ୟରେ ଏହା ସ୍ଥାନିତ ହୋଇଛି। ସେବା କ୍ଷେତ୍ରର ଅବଦାନ ଦେଶର ଜିଡିପିକୁ ୫୩% ରହିଛି। ମାତ୍ର ଉକ୍ତ କ୍ଷେତ୍ର ମୋଟ୍ ବଜାର କ୍ୟାପିଟାଲାଇଜେଶନର ମାତ୍ର ୩୫%। ଏହି କ୍ଷେତ୍ରରେ ସୂଚୀକୃତ କମ୍ପାନୀଗୁଡିକ ଲାଗି ଭାଲୁଏଶନ ସମ୍ପ୍ରସାରଣର ପର୍ଯ୍ୟାପ୍ତ ସୁଯୋଗ ରହିଛି। ଏଭଳି ବିଭିନ୍ନ ପ୍ରସଙ୍ଗକୁ ଧ୍ୟାନରେ ରଖି ସୁନ୍ଦରମ୍ ପକ୍ଷରୁ ଏନ୍‌ଏଫ୍‌ଓ ସମ୍ପର୍କରେ ଘୋଷଣା କରାଯାଇଥିଲା। ଏଥିରେ ସର୍ବନିମ୍ନ ନିବେଶ ରାଶି ୫ ହଜାର ଟଙ୍କା ରହିଛି। ନିବେଶକଙ୍କୁ ଦୀର୍ଘ ମିଆଦୀ ଭିତ୍ତିରେ ଲାଭ ପ୍ରଦାନ କରିବା ଏଭଳି ଫଣ୍ଡର ଲକ୍ଷ୍ୟ ବୋଲି ସୁନ୍ଦରମ୍ ପକ୍ଷରୁ ସୂଚନା ରହିଛି।



> କ୍ୟାରିୟରର ଅନ୍ତିମ ଟେଷ୍ଟରେ ମୁଁ ୯୬ ରନ କରି ଚାପରେ ରହିଥିବା ବେଳେ ଯଶପ୍ରୀତ୍ ବୁମ୍ରାଙ୍କ ଓଭର ଥ୍ରୋ ମୋତେ ଆଶୀର୍ବାଦ ଭଳି ହୋଇଥିଲା ।
>
> –ଆଲିଷ୍ଟର କୁକ୍, ଇଂଲଣ୍ଡ କ୍ରିକେଟର



> ଇଂଲଣ୍ଡ ପରିବେଶରେ କିଭଳି ବୋଲିଂ କରିବାକୁ ହେବ ତାହାର କୌଶଳ ବିପକ୍ଷ ଦଳର ପେସ୍ ବୋଲର ଷ୍ଟୁଆର୍ଟ ବ୍ରଡ ଓ ଜେମ୍ସ ଆଣ୍ଡରସନଙ୍କଠାରୁ ମୁଁ ହାସଲ କରିପାରିଛି।
>
> –ମହମ୍ମଦ ଶାମି, ଭାରତୀୟ ସ୍ପିଡ୍‌ଷ୍ଟର

## ସଂକ୍ଷେପରେ

### ସର୍ବୋଚ୍ଚ ମାରାଥନ୍ ଦୌଡ଼ରେ ସୌଭାଗ୍ୟ



କଟକ ଅଫିସ,୧୧।୯-ହିମାଳୟର ଲଦାଖ ଘାଟିରେ ଗତ ୯ ତାରିଖରେ ଅନୁଷ୍ଠିତ ହୋଇଥିଲା ବିଶ୍ୱର ସର୍ବୋଚ୍ଚ ମାରାଥନ ଦୌଡ଼। ୧୧,୫୦୦ ଫୁଟ ଉଚ୍ଚ ସ୍ଥାନରେ ହେଉଥିବା ଏହି ପ୍ରତିଯୋଗିତାରେ ଭୁବନେଶ୍ୱର ସାଇକ୍ଲିଂ ଓ ଆଡଭେଞ୍ଚର୍ସ କ୍ଲବର ସଦସ୍ୟ ସୌଭାଗ୍ୟ କୁମାର ରଥ ଅଂଶଗ୍ରହଣ କରି ସଫଳତା ହାସଲ କରିଛନ୍ତି। ୪୨ କିମି ବିଶିଷ୍ଟ ଦୂରତାକୁ ସୌଭାଗ୍ୟ ନିର୍ଦ୍ଧାରିତ ସମୟ ପୂର୍ବରୁ ଶେଷ କରିଥିଲେ। ଅମ୍ଳଜାନ ଅଭାବରୁ ଦୌଡ଼ିବାରେ ବାଧା ସୃଷ୍ଟି ହୋଇଥିଲେ ମଧ ସୌଭାଗ୍ୟ ୫ ଘଣ୍ଟା ୫୮ ମିନିଟ ୩୯ ସେକେଣ୍ଡରେ ଲକ୍ଷ୍ୟ ଅତିକ୍ରମ କରିଥିଲେ। ନିର୍ଦ୍ଧାରିତ ସମୟ ଥିଲା ୬ ଘଣ୍ଟା ୩୦ ମିନିଟ୍। ପ୍ରତିଯୋଗିତାରେ ବିଶ୍ୱରୁ ୬ ହଜାରରୁ ଅଧିକ ପ୍ରତିଯୋଗୀ ଭାଗ ନେଇଥିଲେ। ଅନ୍ୟପକ୍ଷରେ ସୌଭାଗ୍ୟଙ୍କ ପତ୍ନୀ ଡ. ସାଗରିକା ମିଶ୍ର ମଧ ୭ କିମି ବିଶିଷ୍ଟ ରନ୍ ଫର ରନ୍ ପ୍ରତିଯୋଗିତାରେ ଭାଗ ନେଇ ପଦକ ଜିତିଥିଲେ ।

### ଜାତୀୟ ଫେନ୍ସିଂ ଆଜିଠାରୁ

କଟକ ଅଫିସ,୧୧।୯-ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ବୁଧବାରଠାରୁ ଆରମ୍ଭ ହେବ ୨୦ତମ ସବ୍‌ଜୁନିୟର ଓ ୧୫ତମ କ୍ୟାଡେଟ୍ ଜାତୀୟ ଫେନ୍ସିଂ ଚାମ୍ପିୟନଶିପ୍। ପ୍ରତିଯୋଗିତାରେ ୨୯ଟି ରାଜ୍ୟର ମୋଟ୍ ୧୨୦୪ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିବେ। ୧୬ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଜାତୀୟ ପ୍ରତିଯୋଗିତା ନିମନ୍ତେ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ସରିଛି ବୋଲି ଓଡ଼ିଶା ରାଜ୍ୟ ଫେନ୍ସିଂ ଆସୋସିଏଶନ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଫଏଲ, ଏପି, ସାବ୍ରେ ରାଉଣ୍ଡ ନିମନ୍ତେ ରାଜ୍ୟ କ୍ୟାଡେଟ୍ ବାଳକ, କ୍ୟାଡେଟ୍ ବାଳିକା, ସବ୍‌ଜୁନିୟର ବାଳକ ଓ ସବ୍‌ଜୁନିୟର ବାଳିକା ଦଳ ଘୋଷଣା କରାଯାଇଛି। ମଧୁସୂଦନ ପୋଢ଼ ଓ କରିସ୍ମା ରାଉତ ସବ୍‌ଜୁନିୟର ଦଳର କୋଚ୍ ରହିଥିବା ବେଳେ ଶିବରାମ ଭୂୟାଁ, ଟି. ରୋଜାଲିନ ମ୍ୟାନେଜର ରହିଛନ୍ତି। ସେହିପରି କ୍ୟାଡେଟ ଦଳର କୋଚ୍ ରହିଛନ୍ତି ସୁକାନ୍ତ ସେଠ ଓ କରିସ୍ମା ରାଉତ ।

## ରାହୁଲ, ରିଷଭଙ୍କ ଲଢୁଆ ଶତକ ଫିକା ପଡ଼ିଲା

# ଭାରତର ୪ର୍ଥ ପରାଜୟ





ଶତକ ହାସଲ ପରେ ଲୋକେଶ ରାହୁଲ ଓ ରିଷଭ ପନ୍ତ।

**ଲଣ୍ଡନ, ୧୧।୯(ପି.ଟି.)**

ଓପନର ଲୋକେଶ ରାହୁଲ ଓ ଯୁବ ଉଇକେଟ କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କ ଲଢୁଆ ଶତକ ସତ୍ତ୍ୱେ ଭାରତ ଘରୋଇ ଇଂଲଣ୍ଡଠାରୁ ପଞ୍ଚମ ତଥା ଅନ୍ତିମ ଟେଷ୍ଟ ମ୍ୟାଚରେ ୧୧୮ ରନରେ ପରାସ୍ତ ହୋଇଛି। ଫଳରେ ୫ ମ୍ୟାଚ ବିଶିଷ୍ଟ ଏହି ହାଇପ୍ରୋଫାଇଲ ସିରିଜରେ ଇଂଲଣ୍ଡ ୪–୧ ବ୍ୟବଧାନରେ ବିଜୟୀ ହୋଇଛି। ବିଦାୟୀ ଟେଷ୍ଟରେ ଇଂଲଣ୍ଡର ଅଭିଜ୍ଞ ଓପନର ଆଲିଷ୍ଟର କୁକ୍ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ସେହିପରି ଭାରତୀୟ ଅଧିନାୟକ ବିରାଟ କୋହଲି ଓ ଇଂଲଣ୍ଡ ଯୁବ ଅଲରାଉଣ୍ଡର ସାମ କୁରାନ ଯୁଗ୍ମ ଭାବେ ମ୍ୟାନ୍ ଅଫ୍ ଦ ସିରିଜ୍ ବିବେଚିତ ହୋଇଛନ୍ତି।

ସ୍ଥାନୀୟ ଓଭାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ପ୍ରଥମ ଇନିଂସରେ ୪୦ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିବା ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୧୧୨.୧ ଓଭରରେ ୮ ଉଇକେଟ ହରାଇ ୪୨୩ ରନ କରି ଇନିଂସ ଘୋଷଣା କରିଥିଲା। ଫଳରେ ଭାରତ ସମ୍ମୁଖରେ ୪୬୪ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଭାରତ ମଙ୍ଗଳବାର ଅନ୍ତିମ ଦିବସରେ ୯୪.୩ ଓଭରରେ ୩୪୫ ରନ କରି ଅଲଆଉଟ ହେବା ସହ ପରାସ୍ତ ହୋଇଛି। ରାହୁଲ ୧୪୯ ଓ ରିଷଭ ୧୧୪ ରନର ଶତକୀୟ ପାଳି ଖେଳି ଇଂଲଣ୍ଡ ବୋଲରଙ୍କୁ ନିରାଶ କରିଥିଲେ ମଧ ଶେଷରେ ପ୍ୟାଭିଲିୟନ ଫେରିଛନ୍ତି। ଇଂଲଣ୍ଡ ବିଜୟୀ ହୋଇଥିଲେ ମଧ ରାହୁଲ ଓ ରିଷଭଙ୍କ ଲଢୁଆ ଶତକ ଅନ୍ତିମ ଦିବସର ମୁଖ୍ୟ ଘଟଣାଥିଲା।

ଚତୁର୍ଥ ଦିବସର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୫୮/୩ରୁ ଭାରତ ଖେଳ ଆରମ୍ଭ କରିଥିଲା। ଦୁଇ ଓଭରନାଇଟ ବ୍ୟାଟ୍ସମ୍ୟାନ ରାହୁଲ ଓ ଅଜିଙ୍କ୍ୟ ରାହାନେ ଦେଖିଚାହିଁ ଆରମ୍ଭ କରିଥିଲେ। ୧୦ ରନରୁ ଖେଳ ଆରମ୍ଭ କରି ରାହାନେ ୩୭ ରନ କରି ମୋଇନ ଅଲୀଙ୍କ ବଲରେ କିଟନ ଜେନିଙ୍ଗ୍ସଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ସେହିପରି ରାହୁଲ ୪୬ ରନରୁ ଖେଳ ଆରମ୍ଭ କରି ଦମ୍‌ଦାର ପ୍ରଦର୍ଶନ କରି ଶତକ ହାସଲ କରିଥିଲେ। ତେବେ ସେ ୧୪୯ ରନ କରିଥିବା ବେଳେ ସ୍ପିନର ଆଦିଲ ରସିଦଙ୍କ ବଲ୍‌ରେ କ୍ଲିନ ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ରାହାନେଙ୍କ ପରେ ପ୍ରଥମ ଇନିଂସରେ ୫୬ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ନବାଗତ ହନୁମା ବିହାରୀ ଖାତା ଖୋଲିବା ପୂର୍ବରୁ ବେନ ଷ୍ଟୋକ୍ସଙ୍କ ବଲରେ ଉଇକେଟ କିପର ଜନି ବେୟାରଷ୍ଟୋଙ୍କୁ କ୍ୟାଚ୍ ଦେଇଥିଲେ। ଏହାପରେ ରିଷଭ ବ୍ୟାଟିଂ କରିବାକୁ ଆସି ୧୧୪ ରନ କରିଥିବା ବେଳେ ମୋଇନଙ୍କୁ କ୍ୟାଚ୍ ଦେଇ ରସିଦଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ରାହୁଲ ଓ ରାହାନେ ଚତୁର୍ଥ ଉଇକେଟ ଯୋଡିରେ ୧୧୮ ରନ ସଂଗ୍ରହ କରିଥିଲେ। ସେହିପରି ଷଷ୍ଠ ଉଇକେଟ ଯୋଡିରେ ରାହୁଲ ଓ ରିଷଭ ୨୦୪ ରନ କରି ଇଂଲଣ୍ଡ ବୋଲରଙ୍କୁ ହତାଶ କରିଥିଲେ। ଏହାପରେ ରବୀନ୍ଦ୍ର ଜାଡେଜା ୧୩, ଈଶାନ୍ତ ଶର୍ମା ୫ ରନ କରି ଆଉଟ ହୋଇଥିବା ବେଳେ ମହମ୍ମଦ ସାମି ଖାତା ଖୋଲିପାରି ନ ଥିଲେ। ଯଶପ୍ରୀତ ବୁମରା ବିନାସ୍କୋରରେ ଅପରାଜିତ ରହିଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ଜେମ୍ସ ଆଣ୍ଡରସନ ସର୍ବାଧିକ ୩, ରସିଦ ଓ ସାମ କୁରାନ ଦୁଇଟି ଲେଖାଏ, ଷ୍ଟୁଆର୍ଟ ବ୍ରଡ, ମୋଇନ ଓ ବେନ୍ ଷ୍ଟୋକ୍ସ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ପୂର୍ବରୁ ଟସ୍ ଜିତି ଇଂଲଣ୍ଡ ପ୍ରଥମ ଇନିଂସରେ ୧୨୨ ଓଭରରେ ୩୩୨ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଭାରତ ପ୍ରଥମ ଇନିଂସରେ ୯୫ ଓଭରରେ ୨୯୨ ରନ କରି ଅଲଆଉଟ ହୋଇଥିଲା।

### ଇଂଲଣ୍ଡ ୪-୧ରେ ସିରିଜ୍ ବିଜୟୀ

- କୁକ୍ ମ୍ୟାନ୍ ଅଫ୍ ଦି ମ୍ୟାଚ୍
- ବିରାଟ କୋହଲି, ସାମ୍ କୁରାନ ପ୍ଲେୟର ଅଫ୍ ଦି ସିରିଜ୍

### ସଂକ୍ଷିପ୍ତ ସ୍କୋର

**ଇଂଲଣ୍ଡ ପ୍ରଥମ ଇନିଂସ:** ୧୨୨ ଓଭରରେ ୩୩୨। **ଭାରତ ପ୍ରଥମ ଇନିଂସ:** ୯୫ ଓଭରରେ ୨୯୨। **ଇଂଲଣ୍ଡ ଦ୍ୱିତୀୟ ଇନିଂସ:** ୧୧୨.୩ ଓଭରରେ ୪୨୩/୮ (ଇନିଂସ ଘୋଷଣା)। **ଭାରତ ଦ୍ୱିତୀୟ ଇନିଂସ:** ୯୪.୩ ଓଭରରେ ୩୪୫ ଅଲଆଉଟ (ରାହୁଲ– ୧୪୯, ରିଷଭ– ୧୧୪, ରାହାନେ–୩୭, ଆଣ୍ଡରସନ– ୩/୪୫, କୁରାନ– ୨/୨୩, ରସିଦ– ୨/୬୩)।

## ଦ୍ରୋଣାଚାର୍ଯ୍ୟ, ଧ୍ୟାନଚାନ୍ଦ ପୁରସ୍କାର

# ଜଷ୍ଟିସ୍ ମୁଦ୍‌ଗଲ ଚୟନ କମିଟି ମୁଖ୍ୟ

**ନୂଆଦିଲ୍ଲୀ, ୧୧।୯ (ପି.ଟି.)**

ଚଳିତ ବର୍ଷର ଦ୍ରୋଣାଚାର୍ଯ୍ୟ ଓ ଧ୍ୟାନଚାନ୍ଦ ପୁରସ୍କାର ବିଜେତାଙ୍କୁ ଚୟନ କରିବା ଲାଗି ଯେଉଁ ୧୧ଜଣିଆ ସିଲେକ୍ସନ କମିଟି ଗଠନ କରାଯାଇଛି ଜଷ୍ଟିସ ମୁକୁଲ ମୁଦ୍‌ଗଲ ତାହାର ଅଧ୍ୟକ୍ଷ ରହିବେ। କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ତରଫରୁ ଅବଶ୍ୟ ଏ ନେଇ ବିଧିବଦ୍ଧ ଘୋଷଣା କରାଯାଇ ନାହିଁ। ମୁଦ୍‌ଗଲ ହେଉଛନ୍ତି ପଞ୍ଜାବ ଓ ହରିୟାଣା ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତି। ସେ ୨୦୧୩ ଆଇପିଏଲ ସ୍ପଟ ଫିକ୍ସିଂ ସ୍କାଣ୍ଡାଲ ତଦନ୍ତ ଲାଗି ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ ତଦନ୍ତ କମିଟିର ମୁଖ୍ୟ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ସିଲେକ୍ସନ କମିଟି ବୈଠକ ଚଳିତମାସ ୧୬ରେ ଦିଲ୍ଲୀରେ ବସିବ। ସିଲେକ୍ସନ କମିଟିରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜେତା ଏୟାର ପିସ୍ତଲ ଶୁଟର ସମରେଶ ଜଙ୍ଗ୍ ଓ ବ୍ୟାଡମିଣ୍ଟନ ଖେଳାଳି ଅଶ୍ୱିନ ପୋନାପ୍ପା ସ୍ଥାନ ପାଇଛନ୍ତି। ଏଥିରେ ପୂର୍ବତନ ଜାତୀୟ ବକ୍ସିଂ କୋଚ୍ ଜି.ଏସ୍. ସାନ୍ଧୁ, ହକି କୋଚ୍ ଏ.କେ.ବଂଶାଲ, ଆର୍ଚେରୀ କୋଚ୍ ସଞ୍ଜୀବା ସିଂଙ୍କ ବ୍ୟତୀତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ସ୍ୱତନ୍ତ୍ର ମହାନିର୍ଦ୍ଦେଶକ ଓଁକାର କେଡିଆ ଏବଂ ଯୁଗ୍ମ ସଚିବ(କ୍ରୀଡ଼ା) ଇନ୍ଦର ଧାମିଜା ମଧ ସଦସ୍ୟ ରହିଛନ୍ତି। ପ୍ୟାନେଲରେ ଦୁଇ ଜଣ କ୍ରୀଡ଼ା ଜର୍ନାଲିଷ୍ଟ ଏବଂ ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ୍ ସିଇଓ କମାଣ୍ଡର ରାଜେଶ ରାଜଗୋପାଳନ ମଧ ଏହି କମିଟିରେ ସ୍ଥାନ ପାଇଛନ୍ତି। ବିଗତ ୪ବର୍ଷ ମଧ୍ୟରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା କୋଚ୍‌ଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ଜଣେ ଖେଳାଳି ସକ୍ରିୟ ଥିବା ସମୟରେ ଏବଂ ଅବସର ପରେ ତାଙ୍କର ଖେଳ ପ୍ରତି ରହିଥିବା ଅବଦାନକୁ ବିଚାର କରାଯାଇ ଧ୍ୟାନଚାନ୍ଦ ପୁରସ୍କାର ବିଜେତାଙ୍କୁ ବଛାଯାଇଥାଏ। ସୂଚନାଯୋଗ୍ୟ, ଏସିଆନ ଗେମ୍ସ ଯୋଗୁ ଏଥର ଜାତୀୟ କ୍ରୀଡ଼ା ପୁରସ୍କାର ଉତ୍ସବ ଅଗଷ୍ଟ ୨୯ ପରିବର୍ତ୍ତେ ସେପ୍ଟେମ୍ବର ୨୫ରେ ଆୟୋଜିତ ହେବ।

# ଭାରତ ଏ’–ଅଷ୍ଟ୍ରେଲିଆ ଏ’ ସିରିଜ ବରାବର

**ବେଙ୍ଗାଲୁରୁ, ୧୧।୯(ପି.ଟି.)**

ଆଲୁରସ୍ଥିତ କେଏସ୍‌ସିଏ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ଦ୍ୱିତୀୟ ଅନଅଫିସିଆଲ ଟେଷ୍ଟ ମ୍ୟାଚରେ ଭାରତ ଏ’ ୬ଉଇକେଟରେ ଅଷ୍ଟ୍ରେଲିଆ ଏ’କୁ ପରାସ୍ତ କରିଛି। ଏହି ବିଜୟ ଦ୍ୱାରା ଦୁଇ ଦଳ ମଧ୍ୟରେ ଚାଲିଥିବା ଦୁଇ ମ୍ୟାଚ ବିଶିଷ୍ଟ ସିରିଜ ୧–୧ରେ ବରାବର ଭାବେ ଶେଷ ହୋଇଛି। କ୍ରିଷ୍ଣାପ୍ପା ଗୋଥାମ (୩/୩୯) ଓ କୁଲ୍‌ଦୀପ ଯାଦବ (୩/୪୬)ଙ୍କ ଚମତ୍କାର ବୋଲିଂ ପରେ ଅଙ୍କିତ ବାଓନେଙ୍କ ୧୮ବଲ୍‌ରୁ ଅପରାଜିତ ୨୮ ରନ ଦଳକୁ ବିଜୟୀ କରାଇବାରେ ବିଶେଷ ସହାୟକ ହୋଇଥିଲା। ମଙ୍ଗଳବାର ସକାଳେ ଅଷ୍ଟ୍ରେଲିଆ ଏ’ ପୂର୍ବଦିନର ଅସମାପ୍ତ ସ୍କୋର ୩୮/୨ରୁ ଖେଳ ଆରମ୍ଭ କରିଥିଲା। ଟ୍ରାଭିସ ହେଡ୍ (୪୭) ଓ ପିଟର ହ୍ୟାଣ୍ଡସ୍କମ୍ବ (୫୬) ତୃତୀୟ ଉଇକେଟରେ ୭୯ରନଯୋଗ କରିଥିଲେ। ଫଳରେ ଏକଦା ୨ ଉଇକେଟରେ ୧୧୬ ରନ କରି ଭ୍ରମଣକାରୀ ଦଳ ଭଲ ସ୍ଥିତିରେ ରହିଥିଲା। କିନ୍ତୁ ଶାହବାଜ ନଦିମ (୨/୬୭) ହେଡ୍‌ଙ୍କୁ ଆଉଟ କରିବା ପରେ ଅଷ୍ଟ୍ରେଲିଆ ଏ’ର ଶେଷ ୬ ଉଇକେଟ ୭୩ ରନରେ ପତନ ଘଟିଥିଲା। ମିଚେଲ ମାର୍ଶ (୭୯ବଲ୍‌ରୁ ୩୬) ଏବଂ ମାଇକେଲ ନେସେର (୧୧୨ ବଲ୍‌ରୁ ୧୭ରନ) ଧୈର୍ଯ୍ୟର ସହିତ ବ୍ୟାଟିଂ କରିଥିଲେ ମଧ ୧୬ ଓଭର ପାଖାପାଖି ତିଷ୍ଠିପାରିଥିଲେ। ଭ୍ରମଣକାରୀ ଦଳ ଏହାର ଦ୍ୱିତୀୟ ଇନିଂସରେ ୨୧୩ ରନ କରିପାରିଥିଲା। ମ୍ୟାଚରେ ବିଜୟ ପାଇଁ ଘରୋଇ ଦଳ ୮ ଓଭରରେ ୫୫ ରନ ଆବଶ୍ୟକ କରୁଥିଲା। ଭାରତ ଏ’ ପକ୍ଷରୁ ବ୍ୟାଟିଂ ଓପନ କରିବାକୁ ଆସି ଉଭୟ ଶ୍ରେୟାସ ଆୟାର ଓ ଶୁବମନ ଗିଲ୍ ଶସ୍ତାରେ ଆଉଟ୍ ହୋଇଯାଇଥିଲେ। ଭାରତ ଏକଦା ୩.୫ ଓଭରରେ ୨୫ ରନ ସ୍କୋର କରି ୪ ଉଇକେଟ ହରାଇଥିଲା। ମାତ୍ର କ୍ରିସ୍ ଟ୍ରିମେନଙ୍କ ୫ମ ଓଭରରେ ବାଓନେ ୧୬ ରନ ସଂଗ୍ରହ କରି ମ୍ୟାଚର ଗତିପଥ ବଦଳାଇ ଦେଇଥିଲେ।

### ସଂକ୍ଷିପ୍ତ ସ୍କୋର

**ଅଷ୍ଟ୍ରେଲିଆ ଏ’:** ୩୪୬ ଓ ୨୧୩।
**ଭାରତ ଏ’:** ୫୦୫ ଏବଂ (ଟାର୍ଗେଟ ୫୫) ୫୫/୪।

## ରାଜ୍ୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଯାପିତ

# ଆୟୁଷଙ୍କୁ ଟ୍ରିପଲ ଟାଇଟଲ୍



ରାଜ୍ୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ।

**ଭୁବନେଶ୍ୱର, ୧୧।୯(କ୍ରୀଡ଼ା ପ୍ରତିନିଧି)**

ଶହୀଦ ନଗର ଇନ୍‌ଡୋର ହଲ୍‌ରେ ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଏଥିରେ ମୟୂରଭଞ୍ଜର ଆୟୁଷ ପଟ୍ଟନାୟକ ପୁରୁଷ ସିଙ୍ଗଲ୍ସ, ୧୭ ଏବଂ ୧୯ ବର୍ଷରୁ କମ୍ ବର୍ଗରେ ଚାମ୍ପିୟନ ହୋଇ ଟ୍ରିପଲ ଟାଇଟଲ ହାସଲ କରିଛନ୍ତି। ଏହା ବ୍ୟତୀତ ସେ ପ୍ରଜେଶ କୁମାର ମୁର୍ମୁଙ୍କୁ ସାଥିକରି ୧୯ ବର୍ଷରୁ କମ୍ ବାଳକ ଡବଲ୍ସରେ ରନର୍ସଅପ୍ ହେବାର କୃତିତ୍ୱ ମଧ ଅର୍ଜନ କରିଛନ୍ତି। ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଆୟୁଷ ଭୁବନେଶ୍ୱରର କେ. ମୁରଲୀକ୍ରିଷ୍ଣାଙ୍କୁ, ୧୭ ବର୍ଷରୁ କମ୍ ବାଳକ ଫାଇନାଲରେ ସମ୍ବଲପୁରର ନନ୍ଦିସ ପୋଦ୍ଦାରଙ୍କୁ ଏବଂ ୧୯ ବର୍ଷରୁ କମ୍ ଫାଇନାଲରେ ଭୁବନେଶ୍ୱରର ପ୍ରଜେଶଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ମହିଳା ବିଭାଗ ଫାଇନାଲରେ କଟକର ଶ୍ରୁତି ସ୍ୱାଇଁ ଭୁବନେଶ୍ୱରର ଯଶଶ୍ରୀ ସାମଲଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ପୁରୁଷ ଡବଲ୍ସରେ ଅଭିଷେକ ପଟ୍ଟନାୟକ ଓ ବିକ୍ରାନ୍ତ ଜାନିଙ୍କ ଯୋଡ଼ି ଟାଇଟଲ ହାସଲ କରିଛନ୍ତି। ୧୭ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସରେ ସୁନ୍ଦରଗଡ଼ର କ୍ରିଷ୍ଟିକା ବିରୋକ, ବାଳକ ଡବଲ୍ସରେ ଅବିନାଶ ମହାନ୍ତି–ଅମ୍ଳାନ କେଶରୀ ଗାର୍ନିକ, ୧୩ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ଜିତେନ ମହାନନ୍ଦିଆ, ବାଳିକା ସିଙ୍ଗଲ୍ସରେ ଈଶାନି ସାହୁ, ୧୫ ବର୍ଷରୁ କମ୍ ବାଳକ ଡବଲ୍ସରେ ଅଭିଜିତ ମହାରଣା–ଅମ୍ରିତ ମହାନ୍ତି, ସିଙ୍ଗଲ୍ସରେ ଅଭିଜିତ ମହାରଣା ଓ ବାଳିକା ସିଙ୍ଗଲ୍ସରେ କ୍ରିଷ୍ଟିକା ବିରୋକ ଚାମ୍ପିୟନ ହୋଇଛନ୍ତି। ୧୯ ବର୍ଷରୁ କମ୍ ଡବଲ୍ସରେ ଅବିନାଶ ମହାନ୍ତି–ଅମ୍ଳାନ କେଶରୀ ଗାର୍ନିକ ଓ ବାଳିକା ସିଙ୍ଗଲ୍ସରେ ଯଶଶ୍ରୀ ସାମଲ ଚାମ୍ପିୟନ ହୋଇଛନ୍ତି। କ୍ରୀଡ଼ା ସଚିବ ବିଶାଲ ଦେବ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।

**ନିକଟ ଅତୀତରେ ଇଣ୍ଡୋନେସିଆର ଜାକର୍ତ୍ତାରେ ଶେଷ ହୋଇଥିବା ଏସିଆନ ଗେମ୍ସ–୨୦୧୮ରେ ଭାରତୀୟ ମହିଳା ହକି ଦଳ ରୌପ୍ୟ ପଦକ ଜିତିଥିଲା । ଫାଇନାଲରେ ଜାପାନଠାରୁ ପରାସ୍ତ ହୋଇଥିବା ଭାରତୀୟ ଦଳରେ ଓଡ଼ିଶାର ୪ଜଣ ଖେଳାଳି ରହିଥିଲେ। ସେମାନଙ୍କ ମଧ୍ୟରୁ ସୁନିତା ଲାକ୍ରା ଅନ୍ୟତମ। ସୁନ୍ଦରଗଡ଼ ଜିଲାର ରାଜଗାଙ୍ଗପୁର ସହରରେ ଜନ୍ମିତ ସୁନିତା ଜାତୀୟ ଦଳର ଅଧିନାୟିକା ଦାୟିତ୍ୱ ସମ୍ଭାଳିବା ସହ ଇତି ମଧ୍ୟରେ ୧୦୦ରୁ ଉର୍ଦ୍ଧ୍ୱ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ସାରିଲେଣି । କଟକରେ ଏକ ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିବା ସୁନୀତାଙ୍କ ସହ ସାକ୍ଷାତକାର...**



ସୁନିତା ଲାକ୍ରା

# ‘ଅନ୍ତର୍ଜାତୀୟ ସ୍ତରର ଟୁର୍ନାମେଣ୍ଟ ଆବଶ୍ୟକ’

**❍ ଜାପାନ ବିପକ୍ଷ ଫାଇନାଲ ମ୍ୟାଚ୍ ପୂର୍ବରୁ ଯୋଜନା କ’ଣ ଥିଲା?**

➭ ଟୁର୍ନାମେଣ୍ଟ ଆରମ୍ଭରୁ ଆମେ ଭଲ ପ୍ରଦର୍ଶନ କରିବୁ ବୋଲି ଆଶା ନେଇ ଯାଇଥିଲୁ । ୨୦୧୪ ସଂସ୍କରଣରେ ଭାରତ ବ୍ରୋଞ୍ଜ ଜିତିଥିଲା । ଏଣୁ ଏଥର ସ୍ୱର୍ଣ୍ଣ ଜିତିବୁ ବୋଲି ଲକ୍ଷ୍ୟ ରହିଥିଲା । ଫାଇନାଲରେ ଶକ୍ତିଶାଳୀ ଜାପାନ ବିପକ୍ଷରେ ପ୍ରଦର୍ଶନ ଭଲ ରହିଥିଲେ ମଧ ଅଳ୍ପ ଗୋଲ ବ୍ୟବଧାନ(୧–୨)ରେ ହାରିଲୁ । ପୂର୍ବରୁ ଜାପାନଠାରୁ ଭାରତ ବୃହତ ଗୋଲ ବ୍ୟବଧାନରେ ପରାସ୍ତ ହେଉଥିଲା । ଦଳ ପୂର୍ବାପେକ୍ଷା ଭଲ ପ୍ରଦର୍ଶନ କରୁଛି ।

**❍ ଏସିଆନ ଗେମ୍ସରେ କେଉଁ ଦଳ ବିପକ୍ଷ ମ୍ୟାଚ୍‌ରେ ଅଧିକ ରୋମାଞ୍ଚ ରହିଥିଲା ?**

➭ ପ୍ରତିଯୋଗିତାର ସମସ୍ତ ମ୍ୟାଚ୍‌କୁ ଖେଳାଳି ମାନେ ଉତ୍ସାହର ସହ ଖେଳିଥିଲେ । ବ୍ୟକ୍ତିଗତ ଭାବେ କହିବାକୁ ଗଲେ ଦକ୍ଷିଣ କୋରିଆ ବିପକ୍ଷ ମ୍ୟାଚ୍ ମୋ ପାଇଁ ରୋମାଞ୍ଚକର ଥିଲା । ଏହି ମ୍ୟାଚ୍‌କୁ ଭାରତ ୪–୧ ଗୋଲରେ ଜିତିଥିବା ବେଳେ ପ୍ରତିମିନିଟର ଖେଳରେ ଉଭୟ ଦଳର ପ୍ରଦର୍ଶନ ଉଚ୍ଚକୋଟୀର ରହିଥିଲା ।

**❍ ଓଡ଼ିଶାରେ ମହିଳା ହକିର ଭବିଷ୍ୟତକୁ କିପରି ଦେଖୁଛନ୍ତି?**

➭ ଆଗ ଅପେକ୍ଷା ଓଡ଼ିଶାରେ ମହିଳା ହକି ଖେଳାଳି ଉତ୍କୃଷ୍ଟ ପ୍ରଦର୍ଶନ କରିବାରେ ଲାଗିଛନ୍ତି। ଏହି ଧାରା ବଜାୟ ରହିବା ଉଚିତ୍ । ଗତ ଏସିଆନ ଗେମ୍ସରେ ଜାତୀୟ ଦଳରେ ରାଜ୍ୟର ୪ ଜଣ ଖେଳାଳି ରହିଥିଲେ । ଆଗାମୀ ସଂସ୍କରଣ ଗୁଡ଼ିକରେ କିପରି ଏହି ସଂଖ୍ୟା ବୃଦ୍ଧି ହେବ, ଓଡ଼ିଶାରୁ ଅଧିକ ଖେଳାଳି ଜାତୀୟ ଦଳରେ ସ୍ଥାନ ପାଇବେ ତାହାକୁ ଦୃଷ୍ଟି ଦେବା ଦରକାର ।

**❍ ରାଜ୍ୟରେ ମହିଳା ହକିର ବିକାଶ ନିମନ୍ତେ ଠିକ ପଦକ୍ଷେପ ନିଆଯାଉଛି କି?**

➭ ପୂର୍ବଭଳି ସମସ୍ୟା ନାହିଁ । ଖେଳାଳିମାନେ ପ୍ରୋତ୍ସାହନ ପାଉଛନ୍ତି । ହେଲେ ରାଜ୍ୟରେ ଅଧିକରୁ ଅଧିକ ମହିଳା ହକି ଟୁର୍ନାମେଣ୍ଟ କରାଯିବା ପ୍ରଥମ କର୍ତ୍ତବ୍ୟ । ଯାହା ଫଳରେ ମହିଳା ହକି ଖେଳାଳିମାନଙ୍କ ଦକ୍ଷତା ବୃଦ୍ଧି ପାଇବ । ଏହାଛଡ଼ା ରାଜ୍ୟରେ ଏକ ଖୁବଶୀଘ୍ର ଅନ୍ତର୍ଜାତୀୟ ସ୍ତରର ମହିଳା ହକି ଟୁର୍ନାମେଣ୍ଟ କରାଯିବାର ଆବଶ୍ୟକତା ରହିଛି ବୋଲି ମୁଁ ଆଶା କରେ। ଅନ୍ତର୍ଜାତୀୟ ସ୍ତରର ଟୁର୍ନାମେଣ୍ଟ କରାଗଲେ ରାଜ୍ୟରେ ମହିଳା ହକି ଖେଳାଳିଙ୍କ ଉତ୍ସାହ ଦ୍ୱିଗୁଣିତ ହେବ ।

**❍ ହକିରେ କ୍ୟାରିୟର ଆରମ୍ଭ କରୁଥିବା ମହିଳା ଖେଳାଳିମାନଙ୍କ ନିମନ୍ତେ କ’ଣ ପରାମର୍ଶ ଦେବେ?**

➭ ଭଲ ପ୍ରଦର୍ଶନ କଲେ ଜାତୀୟ ଦଳରେ ସ୍ଥାନ ପାଇବାର ସୁଯୋଗ ରହିଛି । ଓଡ଼ିଶାର ଖେଳାଳିମାନେ ଜାତୀୟ ଦଳରେ ନିୟମିତ ଭାବେ ସ୍ଥାନ ମଧ ପାଉଛନ୍ତି । ଏଣୁ ଭଲଭାବେ ନିଜ କ୍ୟାରିୟରକୁ ଆରମ୍ଭ କରନ୍ତୁ । ଏବେ ବିଭିନ୍ନ ସ୍ତରରୁ ପ୍ରୋତ୍ସାହନ ମଧ ମିଳୁଛି । ଭଲ ଖେଳିଲେ ହକିରେ ନିଜ କ୍ୟାରିୟରକୁ ସୁନ୍ଦର ଭାବେ ଗଢ଼ି ପାରିବେ ।

(ରିପୋର୍ଟ– କୁମାରଶ୍ରୀ)



“ୟୁଏସ୍ ଓପନ ମହିଳା ସିଙ୍ଗଲ୍ସ ଫାଇନାଲରେ ସେରେନା ୱିଲିୟମ୍ସଙ୍କ ଭଳି ପ୍ରତିଷ୍ଠିତ ଖେଳାଳି ଚେୟାର ଅମ୍ପାୟରଙ୍କୁ ଯେଉଁଭଳି ଗାଳିଗୁଲଜ କଲେ ତାହା ଗ୍ରହଣୀୟ ନୁହେଁ।

–ମାର୍ଟିନା ନାଭ୍ରାଟିଲୋଭା, ପୂର୍ବତନ ଟେନିସ ଖେଳାଳି



“ଡ୍ରଗ୍ସ କବଳରୁ ମୁକ୍ତି ପାଇବା ପରେ ମେକ୍ସିକାନ କ୍ଲବ ଡୋରାଡସ ଟିମ୍‌ର ନୂଆ ମ୍ୟାନେଜର ଭାବେ ନିଯୁକ୍ତି ମୋ ପାଇଁ ପୁନର୍ଜନ୍ମ ସଦୃଶ ।

–ଡିଏଗୋ ମାରାଡୋନା, ଆର୍ଜେଣ୍ଟିନା ଫୁଟ୍‌ବଲ କିମ୍ବଦନ୍ତୀ

## ସଂକ୍ଷେପରେ

### ଅର୍ଜୁନ ପୁରସ୍କାର ପାଇଁ ଅମିତ୍‌ଙ୍କ ନାମ ସୁପାରିସ



**ନୂଆଦିଲ୍ଲୀ, ୧୧।୯(ପି.ଟି.):** ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ମଙ୍ଗଳବାର ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତା ବକ୍ସର ଅମିତ୍ ପଙ୍ଘାଲଙ୍କ ନାମକୁ ଚଳିତ ବର୍ଷ ଲାଗି ସମ୍ମାନଜନକ ଅର୍ଜୁନ ପୁରସ୍କାର ପାଇଁ ସୁପାରିସ କରାଯାଇଛି। ନିକଟରେ ଜାକର୍ତ୍ତାରେ ଶେଷ ହୋଇଥିବା ଏସିଆନ ଗେମ୍ସର ଅଷ୍ଟାଦଶ ସଂସ୍କରଣରେ ଅମିତ୍ ଲାଇଟ୍‌ଫ୍ଲାଏୱେଟ୍ ୪୯କିଗ୍ରା ବର୍ଗରେ ଡିଫେଣ୍ଡିଂ ଅଲିମ୍ପିକ୍ସ ଚାମ୍ପିୟନ ଉଜବେକିସ୍ତାନର ହସନବଏ ଡସମାଟୋଭଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଦେଶର ୩ୟ ବକ୍ସର ଭାବେ ଅମିତ୍‌ଙ୍କ ନାମ କ୍ରୀଡ଼ାର ଏହି ଦ୍ୱିତୀୟ ସର୍ବୋଚ୍ଚ କ୍ରୀଡ଼ା ପୁରସ୍କାର ପାଇଁ ସୁପାରିସ କରାଯାଇଛି। ଏଥିପୂର୍ବରୁ ସୋନିଆ ଲାଥର ଓ ଗୌରବ ବିଧୁରୀଙ୍କ ନାମ ଅର୍ଜୁନ ପୁରସ୍କାର ପାଇଁ ସୁପାରିସ ହୋଇଛି। ‘ଏହି ସମ୍ମାନଜନକ ପୁରସ୍କାର ପାଇଁ ମୋ ନାମ ସୁପାରିସ କରାଯାଇଥିବାରୁ ମୁଁ ବହୁତ ଖୁସି, ଯାହାକୁ ବର୍ଣ୍ଣନା କରିପାରିବି ନାହିଁ’ ବୋଲି ଅଷ୍ଟମ ଭାରତୀୟ ବକ୍ସର ଭାବେ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ସଫଳତା ପାଇଥିବା ୨୨ ବର୍ଷୀୟ ଅମିତ୍ କହିଛନ୍ତି।

### ଦ୍ୱିତୀୟ ରାଉଣ୍ଡରେ ସିନ୍ଧୁ, ଶ୍ରୀକାନ୍ତ, ପ୍ରଣୟ

**ଟୋକିଓ,୧୧।୯(ପି.ଟି.):** ଜାପାନ ଓପନ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟରେ ୩ଜଣ ଭାରତୀୟ ଖେଳାଳି ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜୟିନୀ ପି.ଭି. ସିନ୍ଧୁ, କିଦାମ୍ବୀ ଶ୍ରୀକାନ୍ତ ଓ ଏଚ୍.ଏସ୍. ପ୍ରଣୟ ପ୍ରଥମ ରାଉଣ୍ଡ ମୁକାବିଲାରେ ବିଜୟୀ ହୋଇଛନ୍ତି। ତୃତୀୟ ସିଡ ମାନ୍ୟତା ପାଇଥିବା ସିନ୍ଧୁ ୫୩ ମିନିଟରେ ଅଣ ସିଡ୍ ସ୍ଥାନୀୟ ଖେଳାଳି ସାୟାକା ସାକାହାଶୀଙ୍କୁ ୨୧-୧୭, ୭-୨୧, ୨୧-୧୩ରେ ହରାଇ ଅଗ୍ରଗତି କରିଛନ୍ତି। ସିନ୍ଧୁ ପରବର୍ତ୍ତୀ ରାଉଣ୍ଡରେ ଚାଇନାର ଫାଙ୍ଗଜି ଗାଓଙ୍କୁ ଭେଟିବେ। ପୁରୁଷ ସିଙ୍ଗଲ୍ସରେ ପ୍ରଣୟ ଏବେକାର ଏସିଆନ ସ୍ୱର୍ଣ୍ଣ ପଦକ ବିଜେତା ଇଣ୍ଡୋନେସିଆର ଜୋନାଥନ କ୍ରିଷ୍ଟିଙ୍କୁ ପ୍ରଥମ ରାଉଣ୍ଡରେ ୨୧-୧୮, ୨୧-୧୭ରେ ହରାଇ ଅଗ୍ରଗତି କରିଛନ୍ତି। ସେହିପରି ଶ୍ରୀକାନ୍ତ ଚାଇନାର ୟୁଜିଆଙ୍ଗ୍ ହୁଆଙ୍ଗଙ୍କୁ ପ୍ରଥମ ରାଉଣ୍ଡରେ ୨୧-୧୩, ୨୧-୧୫ରେ ହରାଇ ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି। ଉଭୟ ଶ୍ରୀକାନ୍ତ ଓ ପ୍ରଣୟ ଗତ ଏସିଆନ ଗେମ୍ସର ଦ୍ୱିତୀୟ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଥିଲେ। ତେବେ ଅନ୍ୟତମ ଭାରତୀୟ ଖେଳାଳି ସମୀର ବର୍ମା ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ମିକ୍ସଡ ଇଭେଣ୍ଟରେ ଭାରତର ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଅଶ୍ୱିନୀ ପୋନାପ୍ପା ଓପନିଂ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ତେବେ ଅନ୍ୟତମ ଭାରତୀୟ ମିକ୍ସଡ ଡବଲ୍ସ ଯୋଡି ପ୍ରଣବ ଜେରୀ ଚୋପ୍ରା ଓ ଏନ୍. ସିକ୍କି ରେଡ୍ଡୀ ପ୍ରଥମ ରାଉଣ୍ଡରେ ୨୧- ୯, ୨୧- ୬ରେ ମାଲେସିଆ ଯୋଡି ମାଥ୍ୟୁ ଫୋଗାର୍ଟି ଓ ଇସାବେଲ ଝୋଙ୍ଗଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

### ଜୁନିୟର ପୁରୁଷ ସ୍କିଟ୍ ଟିମ୍‌କୁ ରୌପ୍ୟ

**ଚାଙ୍ଗୱନ(ଦକ୍ଷିଣ କୋରିଆ), ୧୧।୯ (ପି.ଟି.):** ଭାରତୀୟ ଜୁନିୟର ପୁରୁଷ ସ୍କିଟ୍ ଶୁଟିଂ ଦଳ ଏଠାରେ ଚାଲିଥିବା ଆଇଏସ୍ଏସ୍ଏଫ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି। କିନ୍ତୁ ଏହି ଇଭେଣ୍ଟରେ ସିନିୟର ଭାରତୀୟ ଶୁଟର୍ ନିରାଶ କରିଛନ୍ତି। ଗୁର୍‌ନିହାଲ ସିଂ ଗର୍ଚା (୧୧୯ ସ୍କୋର), ଅନଜିତ୍ ସିଂ ନାରୁକା (୧୧୭) ଓ ଆୟୁଷ ରୁଦ୍ରରାଜୁ (୧୧୯)ଙ୍କୁ ନେଇ ଗଠିତ ଭାରତୀୟ ଜୁନିୟର ପୁରୁଷ ଦଳ ଫାଇନାଲରେ ମୋଟ୍ ୩୫୫ ସ୍କୋର କରିବା ସହ ୨ୟ ସ୍ଥାନରେ ରହିଥିଲା। ଚେକ୍ ରିପବ୍ଲିକ (୩୫୬) ଓ ଇଟାଲୀ (୩୫୪) ଦଳକୁ ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ମିଳିଥିଲା। ସେହିଭଳି ଜୁନିୟର ମହିଳା ୫୦ ମିଟର ରାଇଫଲ ୩ ପୋଜିଶନ ପ୍ରତିଯୋଗିତାରେ ଭାରତୀୟ ମହିଳା ଦଳ ୩୩୮୩ ସ୍କୋର କରିବା ସହ ୧୪ତମ ସ୍ଥାନରେ ରହି ଫାଇନାଲକୁ ଯୋଗ୍ୟତା ହାସଲ କରିବାରେ ବିଫଳ ହୋଇଥିଲେ।

■ କଳିଙ୍ଗ ଷ୍ଟାଡ଼ିୟମ୍‌ରେ ଜାତୀୟ ଓପନ୍ ଆଥଲେଟିକ୍ସ ଚାମ୍ପିୟନଶିପ୍

# ଭାଗ ନେବେ ତାରକା ଆଥ୍‌ଲେଟ

ଭୁବନେଶ୍ୱର, ୧୧।୯ (ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ୨୫ରୁ ୨୮ ତାରିଖ ମଧ୍ୟରେ ୫୮ତମ ଜାତୀୟ ଓପନ୍ ଆଥଲେଟିକ୍ସ ଚାମ୍ପିୟନଶିପ ଆୟୋଜନ ହେବ। ଚଳିତ ସେସନର ଏହା ଶେଷ ମେଜର ଚାମ୍ପିୟନଶିପ୍ ହୋଇଥିବାରୁ ବିଭିନ୍ନ ଦୃଷ୍ଟିକୋଣରୁ ଏହାର ଗୁରୁତ୍ୱ ବେଶ୍ ବଢିଯାଇଛି। ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫଆଇ) ସାଧାରଣ ସମ୍ପାଦକ ସି.କେ. ଭାଲସନ ମଙ୍ଗଳବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଯୋଗ ଦେଇ ଏହି ଆଥଲେଟିକ୍ ଚାମ୍ପିୟନଶିପ୍ ସଂକ୍ରାନ୍ତରେ ବିଶେଷ ଭାବେ ସୂଚନା ପ୍ରଦାନ କରିଥିଲେ। ଏହି ମେଗା ଇଭେଣ୍ଟରେ ପାଖାପାଖି ୬୦୦ ଆଥଲେଟ୍ ଅଂଗ୍ରହଣ କରିବେ। ଦେଶର ସବୁ ରାଜ୍ୟ ଓ ରେଲୱେ, ସର୍ଭିସେସ, ଏଲଆଇସି ଓ ପୋଲିସ ଭଳି ବୋର୍ଡରୁ ଆଥଲେଟମାନେ ଭାଗ ନେବେ ବୋଲି ସେ କହିଥିଲେ। ସବୁଠାରୁ ବଡ଼ କଥା ହେଉଛି ଜାପାନ ଭଳି ଦେଶରୁ ମଧ୍ୟ ଆଥଲେଟମାନେ ଏହି ଚାମ୍ପିୟନଶିପ୍‌ରେ ଭାଗ ନେବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ୩ଜଣ ଜାପାନୀ ମହିଳା ସ୍ପ୍ରିଣ୍ଟର ଏହି ଇଭେଣ୍ଟରେ ଏଥର ଭାଗ ନେବେ। ଜାପାନର ହିଟୋମି ସିମୁରା ମହିଳା ୧୦୦ ମିଟର ହର୍ଡଲ୍ସ, ସାୟାକା ଆଓକି ମହିଳା ୪୦୦ ମିଟର ହର୍ଡଲ୍ସ ଓ ତାକେଇସି କୋନୋମି ୪୦୦ ମିଟର ରେସ୍‌ରେ ଅଂଶଗ୍ରହଣ କରିବେ। ଏଥିରେ ଅଂଶଗ୍ରହଣ କରିବାକୁ ଜାପାନ ଖେଳାଳିମାନେ ଅନୁରୋଧ କରିଥିଲେ



ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦେଉଛନ୍ତି ଏଏଫ୍ଆଇ ସାଧାରଣ ସମ୍ପାଦକ ସି.କେ. ଭାଲସନ (ମଝି)।

ଓ ଏହାକୁ ଆମେ ସାଦରେ ଗ୍ରହଣ କରିଛୁ ବୋଲି ଭାଲସନ କହିଛନ୍ତି। ଭାରତ ଏବେ ଏସିଆରେ ଅନ୍ୟତମ ଆଥଲେଟିକ୍ ପାୱାର ହାଉସ ରୂପେ ଉଭା ହୋଇଛି। ତେଣୁ ବିଦେଶରୁ ମଧ୍ୟ ଖେଳାଳିମାନେ ଆମ ଜାତୀୟ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଏହା ମଧ୍ୟ ଖୁସିର କଥା ବୋଲି ସେ କହିଛନ୍ତି। ଏହି ଚାମ୍ପିୟନଶିପ୍‌ରେ ଦେଶର ତାରକା ଆଥଲେଟ ଅଂଶଗ୍ରହଣ କରିବେ ବୋଲି ସେ ସୂଚନା ଦେଇଥିଲେ। ତାରକା ଜାଭେଲିନ ଥ୍ରୋୟର ନିରଜ ଚୋପ୍ରା ମଧ୍ୟ ଏଥିରେ ଅଂଶଗ୍ରହଣ କରିବେ। ତେବେ ତାରକା ମହିଳା ସ୍ପ୍ରିଣ୍ଟର ହିମା ଦାସ ଇଞ୍ଜୁରି କାରଣରୁ ଏଥିରେ ଭାଗ ନେବେ ନାହିଁ। ଓଡ଼ିଆ ମହିଳା ସ୍ପ୍ରିଣ୍ଟର ଶ୍ରାବଣୀ ନନ୍ଦ ମଧ୍ୟ ଇଞ୍ଜୁରି କାରଣରୁ ଅଂଶଗ୍ରହଣ କରିବେ ନାହିଁ। ତେବେ ଅନ୍ୟ ତାରକା ଆଥଲେଟଙ୍କ ଅଂଶଗ୍ରହଣ କରିବା ନେଇ ପରେ ଘୋଷଣା କରାଯିବ ବୋଲି ଭାଲସନ କହିଥିଲେ।

ଭୁବେନେଶ୍ୱର ଏବେ ‘ପାରାଡାଇଜ ସିଟି ଅଫ୍ ସ୍ପୋର୍ଟ୍ସ’ ଅର୍ଥାତ କ୍ରୀଡ଼ାର ସ୍ୱର୍ଗ ବନିଯାଇଛି ବୋଲି ଭାଲସନ କହିଥିଲେ। ଏଥି ପାଇଁ ସେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଦେବା ସହ ଭୂୟସୀ ପ୍ରଶଂସା କରିଛନ୍ତି । ଓଡ଼ିଶା ସରକାରଙ୍କ ପ୍ରଚେଷ୍ଟାରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଗୋଟିଏ ପରେ ଗୋଟିଏ ମେଜର ଇଭେଣ୍ଟ ବେଶ୍ ସଫଳତା ସହ ଆୟୋଜିତ ହୋଇଛି। ବିଶ୍ୱକ୍ରୀଡ଼ା ମାନଚିତ୍ରରେ ଭୁବନେଶ୍ୱର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ମାତ୍ର ୯୦ ଦିନ ମଧ୍ୟରେ ସରକାରଙ୍କ ପ୍ରଚେଷ୍ଟାରେ ଏଠାରେ ଗତବର୍ଷ ଏସିଆନ ଆଥଲେଟିକ୍ସ ଗେମ୍ସ ବେଶ୍ ସଫଳତାର ସହ ଆୟୋଜିତ ହୋଇଥିଲା ଓ ସାରା ବିଶ୍ୱ ପାଇଁ ଏହା ଏକ ଉଦାହରଣ ସୃଷ୍ଟି କରିଥିଲା ବୋଲି ଭାଲସନ କହିଛନ୍ତି। ଏଥିପାଇଁ ସେ ଓଡ଼ିଶା ସରକାର ଓ ଓଡ଼ିଶା ଆଥଲେଟିକ ଆସୋସିଏଶନ (ଓଏଏ)କୁ କୃତଜ୍ଞତା ଜଣାଇଛନ୍ତି। ପୁଣି ଥରେ କଳିଙ୍ଗ ଷ୍ଟାଡ଼ିୟମରେ ଆଉ ଏକ ମେଗା ଇଭେଣ୍ଟର ଆୟୋଜନ ସଫଳ ହେବ ବୋଲି ଭାଲସନ କହିଛନ୍ତି।

ଜାକର୍ତ୍ତାଠାରେ ଅନୁଷ୍ଠିତ ହୋଇଥିବା ୧୮ତମ ଏସିଆନ ଗେମ୍ସରେ ଭାରତୀୟ ଆଥଲେଟମାନେ ଐତିହାସିକ ପ୍ରଦର୍ଶନ କରିଥିଲେ। ଭାରତୀୟ ଆଥଲେଟମାନେ ଟ୍ରାକ ଆଣ୍ଡ ଫିଲ୍ଡରେ ଏଥର ୭ ସ୍ୱର୍ଣ୍ଣ, ୧୦ ରୌପ୍ୟ ଓ ୨ଟି ବ୍ରୋଞ୍ଜ ପଦକ ସହ ମୋଟ ୧୯ଟି ପଦକ ହାସଲ କରିଥିଲେ। ଏଥିପାଇଁ ସବୁ ଆଥଲେଟ, କୋଚ, ସପୋର୍ଟ ଷ୍ଟାଫ, କ୍ରୀଡ଼ା ପ୍ରଶଂସକ ଓ ଗଣମାଧ୍ୟମଗୁଡ଼ିକୁ ଆମେ ଧନ୍ୟବାଦ ଜଣାଉଛୁ ବୋଲି ଭାଲସନ କହିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ବିଶ୍ୱସ୍ତରୀୟ ସୁବିଧା ସୁଯୋଗ ରହିଛି। ଏକ ସୁନ୍ଦର ଅଭ୍ୟାସ ପଡିଆ ଓ ୱାର୍ମଅପ୍ ଟ୍ରାକ ଆଥଲେଟଙ୍କୁ ବେଶ୍ ସହାୟତା ପ୍ରଦାନ କରିବ। ଏହି ପ୍ରତିଯୋଗିତାରେ ସବୁ ଆଥଲେଟ ବିଶ୍ୱସ୍ତରୀୟ ପ୍ରଦର୍ଶନ କରିବେ ବୋଲି ଭାଲସନ ଆଶାପ୍ରକାଶ କରିଛନ୍ତି। ୪ ଦିନ ଧରି ଚାଲିବାକୁ ଥିବା ଏହି ଚାମ୍ପିୟନଶିପ୍‌ରେ ପ୍ରତିଦିନ ସକାଳେ ୨ଘଣ୍ଟା ଓ ସନ୍ଧ୍ୟାବେଳେ ୩ ଘଣ୍ଟାର ଖେଳ ଆୟୋଜନ ହେବ। କିଛି ଦିନ ତଳେ ଏସିଆନ ଗେମ୍ସରେ ୧୦୦ ଓ ୨୦୦ ମିଟର ଦୌଡରେ ରୌପ୍ୟ ପଦକ ହାସଲ କରିଥିବା ମହିଳା ତାରକା ସ୍ପ୍ରିଣ୍ଟର ଦୂତୀ ଚାନ୍ଦଙ୍କୁ ଓଡ଼ିଶା ସରକାର ୩ କୋଟି ଟଙ୍କା ପୁରସ୍କାର ପ୍ରଦାନ କରିଛନ୍ତି। ପୁଣି ଏଥି ସହିତ ସରକାର ଦୂତୀଙ୍କ ଅଲିମ୍ପିକ୍ସ ପ୍ରସ୍ତୁତି ପାଇଁ ସବୁ ଖର୍ଚ୍ଚ ବହନ କରିବାକୁ ଘୋଷଣା କରିଛନ୍ତି। ସରକାରଙ୍କ ଏହି ପଦକ୍ଷେପ ଅତ୍ୟନ୍ତ ପ୍ରଶଂସା ଯୋଗ୍ୟ। ଅନ୍ୟ କୌଣସି ସରକାର ପଦକ ବିଜେତାଙ୍କୁ ଏତେ ପରିମାଣର ଅର୍ଥ ପୁରସ୍କାର ବାବଦରେ ପ୍ରଦାନ କରିନାହାନ୍ତି। ସରକାରଙ୍କ ଏହି ପଦକ୍ଷେପ ଦୃଷ୍ଟାନ୍ତମୂଳକ ଓ କ୍ରୀଡ଼ା ପାଇଁ ଶୁଭଙ୍କର ବୋଲି ସେ କହିଛନ୍ତି।

ଏହି ଚାମ୍ପିୟନଶିପ୍‌ର ସୁପରିଚାଳନା ପାଇଁ ୮୦ଜଣ ଟେକନିକାଲ ଷ୍ଟାଫ୍ ଦାୟିତ୍ୱରେ ରହିବେ। ସେହିପରି ୫୦ଜଣ ଭଲ୍ୟୁଣ୍ଟିୟର ମଧ୍ୟ ନିୟୋଜିତ ହେବେ। ଅଂଶଗ୍ରହଣ କରିବାକୁ ଥିବା ଆଥଲେଟମାନଙ୍କ ରହିବା ସୁବ୍ୟବସ୍ଥା କରାଯାଇଛି। ଏଥିପାଇଁ ରାଜଧାନୀର ବିଭିନ୍ନ ହୋଟେଲଗୁଡିକୁ ବୁକ୍ କରାଯାଇଛି। ନଭେମ୍ବର– ଡିସେମ୍ବରରେ ଖେଳାଯିବାକୁ ଥିବା ହକି ବିଶ୍ୱକପ୍ ପାଇଁ ଚାଲିଥିବା ପୁନର୍ଗଠନ କାର୍ଯ୍ୟ ଆୟୋଜନରେ ବାଧା ସୃଷ୍ଟି କରିବ ନାହିଁ ବୋଲି ଭାଲସନ ସ୍ପଷ୍ଟ କରିଥିଲେ। ମୁଖ୍ୟ ଷ୍ଟାଡିୟମରେ ଏହି ଚାମ୍ପିୟନଶିପ୍ ଆୟୋଜନ ହେବ। ତେଣୁ ପୁନର୍ଗଠନ କାର୍ଯ୍ୟ କୌଣସିମତେ ବାଧା ଉପୁଜାଇବ ନାହିଁ। ୨୩ ତାରିଖରୁ ଆଥଲେଟମାନେ ପହଞ୍ଚିବା ଆରମ୍ଭ କରିବେ। ଏପରିକି ୨୪ ତାରିଖରେ ମଧ୍ୟ କେତେକ ଆଥଲେଟ ଭୁବନେଶ୍ୱରରେ ପହଞ୍ଚିବେ ବୋଲି ଭାଲସନ କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ସୁମିତ୍ ପାଣ୍ଡେ, ପ୍ରବୋଧ ମହାନ୍ତି, ମନୋଜ ପାଢୀ, ରାଜୀବ ସେଠ ପ୍ରମୁଖ କ୍ରୀଡ଼ା ଅଧିକାରୀ ଯୋଗ ଦେଇଥିଲେ।

## ଭାରତୀୟ ମହିଳା ଦଳର ବୃହତ୍ ବିଜୟ

**ଗାଲେ, ୧୧।୯:** ଘରୋଇ ଶ୍ରୀଲଙ୍କା ମହିଳା କ୍ରିକେଟ ଦଳ ବିପକ୍ଷରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଦିନିକିଆ ସିରିଜର ପ୍ରଥମ ମ୍ୟାଚ୍‌କୁ ଭାରତ ୯ ଉଇକେଟ୍‌ରେ ବୃହତ ବ୍ୟବଧାନରେ ବିଜୟ ହାସଲ କରିଛି। ଶ୍ରୀଲଙ୍କା ପକ୍ଷରୁ ଧାର୍ଯ୍ୟ ୯୯ ରନର ଛୋଟିଆ ଲକ୍ଷ୍ୟକୁ ମିଥାଲି ରାଜଙ୍କ ନେତୃତ୍ୱାଧୀନ ଭାରତ ୩୦ ଓଭର ଓ ୯ ଉଇକେଟ୍ ସୁରକ୍ଷିତ ଥାଇ ହାସଲ କରିନେଇଛି। ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନସିଲ (ଆଇସିସି) ମହିଳା ଚାମ୍ପିୟନଶିପ୍ ତୃତୀୟ ରାଉଣ୍ଡ ପରିପ୍ରେକ୍ଷୀରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଏହି ସିରିଜ ଅନୁଷ୍ଠିତ ହେଉଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ଭାରତୀୟ ବୋଲରଙ୍କୁ ଉଚିତ୍ ମୁକାବିଲା କରି ନ ପାରି ୩୫.୧ ଓଭରରେ ମାତ୍ର ୯୮ ରନ କରି ଅଲ୍‌ଆଉଟ୍ ହୋଇଥିଲା । ଜବାବରେ ୯୯ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଭାରତ ପକ୍ଷରୁ ଦୁଇ ଓପନର ପୁନମ ଯାଦବ ଓ ସ୍ମୃତି ମନ୍ଧନା ୯୬ ରନ ଯୋଗ କରି ଶ୍ରୀଲଙ୍କା ଦଳକୁ ନିରାଶ କରିଥିଲେ। ବିଜୟ ପାଇଁ ଆଉ ୩ ରନ ଆବଶ୍ୟକ ହେଉଥିବାବେଳେ ପୁନମ ୨୪ ରନ କରି ଆଉଟ୍ ହୋଇଥିଲେ। ଏହାପରେ ଅଧିନାୟିକା ମିଥାଲି ଓ ସ୍ମୃତି ଦଳକୁ ଆଉ କୌଣସି କ୍ଷତି ନ ପହଞ୍ଚାଇ ୯ ଉଇକେଟ୍‌ରେ ବୃହତ ବିଜୟୀ କରାଇଥିଲେ। ମନ୍ଧନା ଦ୍ରୁତ ବ୍ୟାଟିଂ କରି ୭୬ ବଲରୁ ୧୧ ଚୌକା ଓ ୨ ଛକା ସହ ୭୩ ରନ କରି ଅପରାଜିତ ରହିଥିଲେ। ଏହି ବିଜୟ ସହ ଭାରତ ୩ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୧–୦ରେ ଅଗ୍ରଣୀ ଲାଭ କରିଛି। ସିରିଜର ୨ୟ ମ୍ୟାଚ୍ ଗୁରୁବାର ଖେଳାଯିବ।



ବେଙ୍ଗାଲୁରୁଠାରେ ଚାଲିଥିବା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଫେଡେରେଶନ୍ ଅଫ୍ ଇଣ୍ଡିଆର ବାର୍ଷିକ ସମ୍ମିଳନୀ ଅବସରରେ କ୍ୟୁସ୍ପୋର୍ଟ୍ସ ତାରକା ପଙ୍କଜ ଆଡ଼ଭାନୀଙ୍କ ସହ ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ।

## ଫାଓ ଲିଗ୍: ବର୍ଷା ଯୋଗୁ ମ୍ୟାଚ୍ ବାତିଲ

**କଟକ ଅଫିସ, ୧୧।୯:** ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ରେ ମଙ୍ଗଳବାର ଫଳଶୂନ୍ୟ ରହିଥିଲା। ଓଜିପି ଓ ଟାଉନକ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଗୋଲ ଶୂନ୍ୟ ରହିଥିବା ବେଳେ ରାଧାରମଣ କ୍ଲବ ଓ ଓଡ଼ିଶା ପୋଲିସ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ଟି ବର୍ଷା ଯୋଗୁ ବାତିଲ ହୋଇଥିଲା। ୪୩ ମିନିଟ ଖେଳ ସୁଦ୍ଧା ଓଡ଼ିଶା ପୋଲିସ ୩–୧ଗୋଲରେ ଆଗୁଆ ରହିଥିବା ବେଳେ ପ୍ରବଳ ବର୍ଷା ହେବାରୁ ମ୍ୟାଚ୍ ବାତିଲ ହୋଇଥିଲା।

# ପ୍ରୋ–କବାଡ଼ିରେ ମନସ୍ୱିନୀ ବୈଷୟିକ ଅଫିସିଆଲ୍

ରସୁଲପୁର,୧୧।୯(ଡିଏନଏ)

ଯାଜପୁର ଜିଲା କବାଡି ପାଇଁ ଆଉ ଏକ ଭଲ ଖବର । ଅକ୍ଟୋବର ୫ରୁ ଆରମ୍ଭ ହେବାକୁ ଯାଉଥିବା ୬ଷ୍ଠ ପ୍ରୋ–କବାଡି ଲିଗ୍ ପାଇଁ ମନସ୍ୱିନୀ ସାହୁ ବୈଷୟିକ ଅଫିସିଆଲ ଭାବରେ ମନୋନୀତ ହୋଇଛନ୍ତି । ସେ ପ୍ରଥମେ ତାଲିମ ଶିବିରରେ ଯୋଗଦେବେ। ଓଡ଼ିଶା କବାଡି ଆସୋସିଏଶନ ସମ୍ପାଦକ ଅଜୟ ବେହେରା, ରେଫରି ବୋର୍ଡ ଅଧ୍ୟକ୍ଷ ପହଲି ଚନ୍ଦ୍ର ପ୍ରଧାନଙ୍କ ପ୍ରଚେଷ୍ଟା ଫଳରେ ତାଙ୍କୁ ଏହି ସଫଳତା ମିଳିଛି ବୋଲି ମନସ୍ୱିନୀ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ରାଜ୍ୟର ଦ୍ୱିତୀୟ ମହିଳା ଭାବେ ସେ ଏହି ସଫଳତା ପାଇଛନ୍ତି ।

ଯାଜପୁର କବାଡି ଆସୋସିଏଶନର ପୂର୍ବତନ ମହିଳା ଖେଳାଳି ତଥା ଯାଜପୁର ମହିଳା କବାଡି ଦଳର ପୂର୍ବତନ ଅଧିନାୟିକା ମନସ୍ୱିନୀ ଭାରତୀୟ ଆମେଚର କବାଡି ପକ୍ଷରୁ ସ୍ୱୀକୃତିପ୍ରାପ୍ତ ଅଫସିଆଲ ଭାବେ ଦାୟିତ୍ୱ ତୁଲାଇବାକୁ ଯାଉଛନ୍ତି । ପୂର୍ବରୁ ଭୁବନେଶ୍ୱର କବାଡି ଆସୋସିଏଶନର ସସ୍ମିତା ଦାସଙ୍କୁ ଏହି ସଫଳତା ମିଳିଥିଲା । ତାଙ୍କ ସହ ଚଳିତଥର ମନସ୍ୱିନୀ ପ୍ରଶିକ୍ଷଣ ଶିବିରରେ ଯୋଗଦେବେ । ଚଳିତ ମାସ ୧୪ ରୁ ୨୦ ମଧ୍ୟରେ ମୁମ୍ବାଇଠାରେ ଅଫିସିଆଲ ଟ୍ରେନିଂ କ୍ୟାମ୍ପ ଅନୁଷ୍ଠିତ ହେବ । ଉଭୟ କ୍ରୀଡାବିତ୍ ଏହି କ୍ୟାମ୍ପରେ ଯୋଗଦେବା ପାଇଁ ମୁମ୍ବାଇ ଯିବେ ବୋଲି ଓଡିଶା କବାଡି ଆସୋସିଏଶନ ପକ୍ଷରୁ ସ୍ଥିର କରାଯାଇଛି । ମନସ୍ୱିନୀଙ୍କ ଏହି ସଫଳତାରେ ଯାଜପୁର କବାଡି ଆସୋସିଏଶନରେ ଖୁସିର ଲହରି ଖେଳି ଯାଇଛି । ଯାଜପୁର ଜିଲା ଆଥଲେଟିକ୍ ଆସୋସିଏଶନର ସମ୍ପାଦକ ସମ୍ବିତ୍ ମହାନ୍ତି, ସହ–ସମ୍ପାଦକ ନିରଞ୍ଜନ ପୃଷ୍ଟି, ଯାଜପୁର କବାଡି ଆସୋସିଏଶନର ମୁଖ୍ୟ ପ୍ରାୟୋଜକ ଲିଙ୍କନ ଫାର୍ମାସିଉଟିକାଲସ୍‌ର ଜୋନାଲ ପରିଚାଳକ ଅଭୟ କୁମାର ମହାନ୍ତି, ଉପ–ସଭାପତି ନିଗମାନନ୍ଦ ମହାନ୍ତି, ସମ୍ପାଦକ ରବୀନ୍ଦ୍ର ପୃଷ୍ଟି, ସହ–ସମ୍ପାଦକ ସମରେନ୍ଦ୍ର ଦାଶ, ପ୍ରଶିକ୍ଷକ କୃଷ୍ଣକାନ୍ତ ପଣ୍ଡା, ଜିଲା କବାଡି ସମ୍ପାଦକ ରମେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ମନସ୍ୱିନୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି । ମନସ୍ୱିନୀ ଏହା ପୂର୍ବରୁ ଜାତୀୟ ଓ ରାଜ୍ୟସ୍ତରରେ ବହୁ କବାଡି ପ୍ରତିଯୋଗିତାରେ ଅଫିସିଆଲ ଭାବରେ ସଫଳତାର ସହ କାର୍ଯ୍ୟ ସମ୍ପାଦନ କରିଛନ୍ତି । ତାଙ୍କର ଏହି ସଫଳତା ଯାଜପୁର ଜିଲା ପାଇଁ ଗୌରବ ଆଣିଛି । ଏଥିପାଇଁ ତାଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି ।




ମନସ୍ୱିନୀ ସାହୁ

DSPL-154

सत्यमेव जयते
ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରାଳୟ, ଭାରତ ସରକାର



ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

## ଭିନ୍ନକ୍ଷମ ବିଦ୍ୟାର୍ଥୀଙ୍କଠାରୁ ଶିକ୍ଷାବୃତ୍ତି ପାଇଁ ନ୍ୟାସନାଲ ସ୍କଲାରସିପ୍ ପୋର୍ଟାଲ୍ (ଏନ୍ଇଏସ୍‌ପି)ରେ ଆବେଦନ ପତ୍ର ଆମନ୍ତ୍ରଣ

ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ୨୦୧୮-୧୯ ବର୍ଷ ପାଇଁ ଭିନ୍ନକ୍ଷମ ବିଦ୍ୟାର୍ଥୀଙ୍କ ଠାରୁ ପ୍ରାକ୍-ମାଟ୍ରିକ୍, ମାଟ୍ରିକ ପରବର୍ତ୍ତୀ ଓ ଉପର ଶ୍ରେଣୀ ଶିକ୍ଷାବୃତ୍ତି ପାଇଁ ନ୍ୟାସନାଲ ଇ-ସ୍କଲାରସିପ୍ ପୋର୍ଟାଲ (ଏନ୍ଇଏସ୍‌ପି)ରେ ଆବେଦନ ପତ୍ର ଆମନ୍ତ୍ରଣ କରୁଛନ୍ତି ।

| ଶିକ୍ଷାବୃତ୍ତି ପ୍ରକାର ଓ ସଂଖ୍ୟା | ଯୋଗ୍ୟତା | ଆୟସୀମା | ସମୟସୀମା Fresh / Renewal |
|---|---|---|---|
| ପ୍ରାକ୍-ମାଟ୍ରିକ୍ (୯୨୮) | ଯେକୌଣସି ପ୍ରକାର ୪୦% କିମ୍ବା ତହିଁରୁ ଅଧିକ ଭିନ୍ନକ୍ଷମ ହୋଇଥିବା ନବମ ଓ ଦଶମ ଶ୍ରେଣୀ ବିଦ୍ୟାର୍ଥୀ | ପିତାମାତାଙ୍କର ବାର୍ଷିକ ଆୟ ସମସ୍ତ ସୂତ୍ରରୁ ୨.୫୦ ଲକ୍ଷ ଟଙ୍କାରୁ ଅଧିକ ହୋଇନଥିବ । | ୩୦ ସେପ୍ଟେମ୍ବର ୨୦୧୮ |
| ମାଟ୍ରିକ୍ ପରବର୍ତ୍ତୀ (୭୮୯) | ଯେକୌଣସି ପ୍ରକାର ୪୦% କିମ୍ବା ତହିଁରୁ ଅଧିକ ଭିନ୍ନକ୍ଷମ ହୋଇଥିବା ଏକାଦଶ, ଦ୍ୱାଦଶ ଓ ସ୍ନାତକ ଶ୍ରେଣୀର ବିଦ୍ୟାର୍ଥୀ | ପିତାମାତାଙ୍କର ବାର୍ଷିକ ଆୟ ସମସ୍ତ ସୂତ୍ରରୁ ୨.୫୦ ଲକ୍ଷ ଟଙ୍କାରୁ ଅଧିକ ହୋଇନଥିବ । | ୩୧ ଅକ୍ଟୋବର ୨୦୧୮ |
| ଉପର ଶ୍ରେଣୀ (୧୪) | ସ୍କିମ୍‌ରେ ଦର୍ଶାଯାଇଥିବା ଅନୁଷ୍ଠାନରେ ଯେକୌଣସି ବିଷୟରେ ଡିପ୍ଲୋମା/ ଡିଗ୍ରୀ କିମ୍ବା ପିଜି ଶ୍ରେଣୀର ବିଦ୍ୟାର୍ଥୀ | ପିତାମାତାଙ୍କର ବାର୍ଷିକ ଆୟ ସମସ୍ତ ସୂତ୍ରରୁ ୬ ଲକ୍ଷ ଟଙ୍କାରୁ ଅଧିକ ହୋଇନଥିବ । | ୩୧ ଅକ୍ଟୋବର ୨୦୧୮ |

ଆଗ୍ରହୀ ଓ ଯୋଗ୍ୟ ପ୍ରାର୍ଥୀ ନ୍ୟାସନାଲ ଇ-ସ୍କଲାରସିପ୍ ପୋର୍ଟାଲ ଜରିଆରେ ସ୍କିମ୍ ଅନୁଯାୟୀ ସେମାନଙ୍କର ଆବେଦନ ପତ୍ର ଦାଖଲ କରିପାରିବେ । କେବଳ ଅନ୍-ଲାଇନ ଆବେଦନ ପତ୍ର ଗ୍ରହଣ କରାଯିବ । ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ **www.scholarships.gov.in** ରେ ଆବଶ୍ୟକୀୟ କାଗଜପତ୍ର ସହ ଆବେଦନ ପତ୍ର ଦାଖଲ ଓ ପଞ୍ଜିକରଣ କରିବାକୁ ଅନୁରୋଧ କରାଯାଉଛି । ରାଜ୍ୟ ପାଇଁ ସୀମିତ ସଂଖ୍ୟକ ଶିକ୍ଷାବୃତ୍ତିର ପ୍ରାବଧାନ ଥିବାରୁ ପ୍ରଥମେ ଆବେଦନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅଗ୍ରାଧିକାର ଦିଆଯିବ । ସ୍କିମ୍, ଯୋଗ୍ୟତା, ମାର୍ଗଦର୍ଶନାବଳୀ ଓ ଅନ୍ୟାନ୍ୟ ସୂଚନା ପାଇଁ ଦୟାକରି ଦେଖନ୍ତୁ **www.scholarships.gov.in** । ସ୍କୁଲ ଓ କଲେଜ କର୍ତ୍ତୃପକ୍ଷମାନେ ସେମାନଙ୍କ **User ID** ଏବଂ **Password** ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କିମ୍ବା ରାଜ୍ୟ ନୋଡାଲ ଅଧିକାରୀଙ୍କ ଠାରୁ ପାଇ ପାରିବେ ।

ଯୋଗାଯୋଗ : ୯୪୩୭୭ ୪୨୪୧୧ / ୮୮୯୫୧୯୨୯୦୩

46001/13/0023/1819

E-mail : ssepdsec.od@nic.in
Facebook www.facebook.com/ssepd
Toll Free Helpline 18003457150

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ





# ସ୍ୱାଭାବିକ ହେଲା ପୁରୀ-ଭୁବନେଶ୍ୱର ବସ ଚଳାଚଳ

- ନିର୍ଦ୍ଧାରିତ ପରମିଟ୍ ଅନୁଯାୟୀ ଚାଲିବ ବସ
- ସ୍ଥାୟୀ ସମାଧାନ ପାଇଁ ଖୁବ୍‌ଶୀଘ୍ର ବସିବ ଉଚ୍ଚସ୍ତରୀୟ ବୈଠକ

**ପୁରୀ ଅଫିସ, ୧୧।୯**

ପୁରୀ-ଭୁବନେଶ୍ୱର ମଧ୍ୟରେ ଘରୋଇ ବସ ଚଳାଚଳ ମଙ୍ଗଳବାର ଅପରାହ୍ଣ ୩ଟାରୁ ସ୍ୱାଭାବିକ ହୋଇଛି। ଜିଲା ପ୍ରଶାସନର ହସ୍ତକ୍ଷେପ ଫଳରେ ଏହା ସମ୍ଭବ ହୋଇଛି। ନିର୍ଦ୍ଧାରିତ ପରମିଟ୍ ସମୟ ଅନୁଯାୟୀ ବସ ଚଳାଚଳ କରିବାକୁ ପୁରୀ ଏବଂ ଭୁବନେଶ୍ୱର ଘରୋଇ ବସ ମାଲିକ ସଂଘଙ୍କୁ ପ୍ରଶାସନ ନିର୍ଦ୍ଦେଶ ଦେଇଛି। ଖୁବ୍‌ଶୀଘ୍ର ରାଜ୍ୟ ପରିବହନ କମିଶନରଙ୍କ ଅଧ୍ୟକ୍ଷତାରେ ବୈଠକ ବସି ବସ୍ ଚଳାଚଳ ସମୟ ନିର୍ଦ୍ଧାରଣ ସମସ୍ୟାର ସ୍ଥାୟୀ ସମାଧାନ ହେବ ବୋଲି ଜଣାପଡିଛି।

ବସ୍ ଚଳାଚଳ ସମୟ ନିର୍ଦ୍ଧାରଣକୁ ନେଇ ଭୁବନେଶ୍ୱର ବସ୍ ମାଲିକ ସଂଘ ଏବଂ ପୁରୀ ଘରୋଇ ବସ ମାଲିକ ସଂଘ ମୁହାଁମୁହିଁ ହୋଇଥିଲେ। ଭୁବନେଶ୍ୱର ସଂଘ ପୁରୀ ମାଲିକଙ୍କ ଏକାଧିକ ବସକୁ ବରମୁଣ୍ଡା ବସଷ୍ଟାଣ୍ଡରେ ଅଟକାଇ ରଖିଥିଲେ। ପୁରୀ ମାଲିକ ମଧ୍ୟ ପୁରୀ ବସଷ୍ଟାଣ୍ଡରେ ଭୁବନେଶ୍ୱର ମାଲିକଙ୍କ ଏକାଧିକ ବସକୁ ଅଟକ ରଖିଥିଲେ। ଗତ ୭ତାରିଖରୁ ପୁରୀ-ଭୁବନେଶ୍ୱର ମଧ୍ୟରେ ଘରୋଇ ବସ ଚଳାଚଳ ବନ୍ଦ ରହିଥିଲା। ଏଥିରେ ପୁରୀ ଓ ଖୋର୍ଦ୍ଧା ଜିଲା ପ୍ରଶାସନ ହସ୍ତକ୍ଷେପ କରି ନ ଥିଲା। ପୁରୀ ମାଲିକଙ୍କ ବସକୁ ଭୁବନେଶ୍ୱରରେ ପୂରାଇ ଦିଆଯିବ ନାହିଁ ବୋଲି ସୋମବାର ସନ୍ଧ୍ୟାରେ ଭୁବନେଶ୍ୱର ବସ୍ ମାଲିକ ସଂଘ ଚେତାବନୀ ଦେଇଥିଲା। ଏହାଛଡ଼ା ପୁରୀ-କଟକ ମଧ୍ୟରେ ବସ୍ ଚଳାଚଳ ବନ୍ଦ କରାଯିବ ବୋଲି ମଧ୍ୟ ଧମକ ଦେଇଥିଲା। ମଙ୍ଗଳବାର ସକାଳେ ପୁରୀରୁ କଟକ ଅଭିମୁଖେ ଗୋପୀନାଥ ଓ କାଳିଆ ବସ ଯାଇଥିଲା। ଭୁବନେଶ୍ୱର କଳ୍ପନା ଛକରେ ଭୁବନେଶ୍ୱର ବସ ମାଲିକ ଉକ୍ତ ବସରୁ ଯାତ୍ରୀଙ୍କୁ ଓହ୍ଲାଇ ଫେରାଇ ଦେଇଥିଲେ। ଫଳରେ ପୁରୀ-କଟକ ମଧ୍ୟରେ ବସ ଚଳାଚଳ ବି ଠପ୍ ହୋଇଯାଇଥିଲା। ଏହାପରେ ଜିଲା ପ୍ରଶାସନର ଚିନ୍ତା ବଢିଥିଲା। ଆଞ୍ଚଳିକ ପରିବହନ ଅଧିକାରୀ ସଞ୍ଜୟ କୁମାର ମହାନ୍ତି, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ପଟ୍ଟନାୟକ, ଟ୍ରାଫିକ ଇନ୍ସପେକ୍ଟର ବାମଦେବ ସ୍ୱାଇଁ ପୁରୀ ବସଷ୍ଟାଣ୍ଡକୁ ଯାଇ ପୁରୀ ଘରୋଇ ବସ ମାଲିକ ସଂଘ କାର୍ଯ୍ୟାଳୟରେ ସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ମାଲିକ ସଂଘର ସମ୍ପାଦକ ଲୋକନାଥ ପାଣି, ଆବାହାକ ଚଣ୍ଡୀ ପ୍ରସାଦ ସିଂ ଓ ଅନ୍ୟାନ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଭୁବନେଶ୍ୱର ଆଞ୍ଚଳିକ ପରିବହନ ଅଧିକାରୀ ଭୁବନେଶ୍ୱର ବସ୍ ମାଲିକ ସଂଘ ସହ ଆଲୋଚନା କରିଥିଲେ। ପୁରୀ ଘରୋଇ ବସ୍ ମାଲିକ ସଂଘ ବୈଠକରେ ୪ଦଫା ଦାବି ଉପସ୍ଥାପନ କରିଥିଲା। କଳ୍ପନା ଛକରେ ପୋଲିସ ଫାଣ୍ଡି ପ୍ରତିଷ୍ଠା, ପୁରୀ ମାଲିକଙ୍କ ବସକୁ ବରମୁଣ୍ଡାରେ ଅଟକାଇ ରଖିଥିବା ଭୁବନେଶ୍ୱର ବସ୍ ମାଲିକ ସଂଘର କର୍ମକର୍ତ୍ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ, ପୁରୀ-ଭୁବନେଶ୍ୱର ବସ ଚଳାଚଳ ସମୟ ପୁନଃ ଧାର୍ଯ୍ୟ ଓ ସମସ୍ୟାର ସ୍ଥାୟୀ ସମାଧାନ କରାଯାଉ ବୋଲି ଦାବି ହୋଇଥିଲା। ଦୀର୍ଘ ସମୟ ଧରି ଆଲୋଚନା ପରେ ନିର୍ଦ୍ଧାରିତ ପରମିଟ୍ ସମୟ ଅନୁଯାୟୀ ବସ ଚଳାଚଳ ଲାଗି ସ୍ଥିର ହୋଇଥିଲା। ବର୍ତ୍ତମାନ ପୁରୀ-ଭୁବନେଶ୍ୱର ପରମିଟ୍‌ରେ ଅନୁଯାୟୀ ବସ୍‌ଗୁଡିକ ମଧ୍ୟରେ ବ୍ୟବଧାନ ୩ ରୁ ୪ମିନିଟ ରହିଛି। ଏଥିଯୋଗୁ ବିବାଦ ମୁଣ୍ଡଟେକୁଛି। ୨ବର୍ଷ ମଧ୍ୟରେ ୧୦ଥର ବସ ଚଳାଚଳ ବନ୍ଦ ରହିଲାଣି। ଖୁବ୍‌ଶୀଘ୍ର ଉଚ୍ଚସ୍ତରୀୟ ବୈଠକ ବସିବ ବୋଲି କହିଛନ୍ତି ପୁରୀ ଘରୋଇ ବସ ମାଲିକ ସଂଘର ସମ୍ପାଦକ ପାଣି ଏବଂ ଭୁବନେଶ୍ୱର ବସ ମାଲିକ ସଂଘର ଯୁଗ୍ମ ସମ୍ପାଦକ ଉପେନ୍ଦ୍ର ପ୍ରଧାନ।

# ଟ୍ରଲରରେ ଯାନ୍ତ୍ରିକ ତ୍ରୁଟି, ଉଦ୍ଧାର ହେଲେ ୯ ମତ୍ସ୍ୟଜୀବୀ

**ବ୍ରହ୍ମଗିରି, ୧୧।୯(ଡି.ଏନ୍.ଏ.):** ଅରଖକୁଦା ସାମୁଦ୍ରିକ ଥାନା ଅନ୍ତର୍ଗତ ସାନପାଟଣା ନୂଆମୁହାଣ ନିକଟ ସମୁଦ୍ରରେ ଏକ ଟ୍ରଲର ଅଚଳ ହୋଇପଡ଼ିଥିଲା। ସୋମବାର ରାତି ୯ଟାରେ ଉକ୍ତ ଟ୍ରଲରଟି ଭାସି ଭାସି କୂଳରେ ଲାଗିବା ପରେ ଘଟଣା ଜଣାପଡ଼ିଥିଲା। ତେବେ ଏଥିରେ ଥିବା ବାଲେଶ୍ୱର ଚାନ୍ଦିପୁରର ନିରଞ୍ଜନ ଖଟୁଆ ଓ ନରେନ୍ଦ୍ର ମଲ୍ଲିକଙ୍କ ସମେତ ୯ ଜଣ ଉଦ୍ଧାର ପାଇଛନ୍ତି। ସେମାନଙ୍କ ସୂଚନା ଅନୁସାରେ, ବାଲେଶ୍ୱର ଚାନ୍ଦିପୁରରୁ ଗତ ଏକ ସପ୍ତାହ ତଳୁ ବାହାରିଥିଲେ। ସୋମବାର ଅପରାହ୍ଣରେ ହଠାତ୍ ଟ୍ରଲରର ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ସେତେବେଳେ ପ୍ରଖର ସ୍ରୋତ ଥିବାରୁ ମତ୍ସ୍ୟଜୀବୀମାନେ ଭୟଭୀତ ହୋଇପଡ଼ିଥିଲେ। ଚାଳକ ଧିରେ ଧିରେ ଟ୍ରଲରକୁ ସମୁଦ୍ର ଉପକୂଳରେ ଲଗାଇଥିଲେ।











1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ଶତପଥୀ



ଗୋଖାଦ୍ୟ ଦୁର୍ନୀତି ମାମଲାରେ ଜେଲଦଣ୍ଡ ଭୋଗୁଥିବା ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆର୍‌ଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବ ଏବେ ଡିପ୍ରେଶନ ବା ବିଷାଦଗ୍ରସ୍ତ ହୋଇଥିବା ସୂଚନା ମିଳିଛି। ରାଞ୍ଚିସ୍ଥିତ ରାଜେନ୍ଦ୍ର ଆୟୁର୍ବେଦ ସଂସ୍ଥାର ନିର୍ଦ୍ଦେଶକ ଆର୍ କେ ଶ୍ରୀବାସ୍ତବ ଏହି ସୂଚନା ଦେଇଛନ୍ତି। ଦିଲ୍ଲୀସ୍ଥିତ ଏମ୍ସର ଡାକ୍ତରମାନେ ମଧ୍ୟ ଏହା କହିଛନ୍ତି। ସେଠାରେ ଚିକିତ୍ସିତ ହେଉଥିବା ବେଳେ ଡାକ୍ତରମାନେ ରିପୋର୍ଟରେ ଏହା ଉଲ୍ଲେଖ କରିଛନ୍ତି।




# ସରଣ୍ଡା ଜଙ୍ଗଲରୁ ୪୦ କିଲୋ ଲ୍ୟାଣ୍ଡମାଇନ ଜବତ

**ରାଉରକେଲାଅଫିସ,୧୧।୯ :** ଝାରଖଣ୍ଡ ସୀମା ସରଣ୍ଡା ଜଙ୍ଗଲରୁ ୪୦ କିଲୋ ଓଜନର ଏକ ଲ୍ୟାଣ୍ଡମାଇନ ଜବତ ହୋଇଛି। ମଙ୍ଗଳବାର ସିଆରପିଏଫ ଜବାନମାନଙ୍କ ଦ୍ୱାରା କମ୍ବିଂ ବେଳେ ଏହାକୁ ଉଦ୍ଧାର କରାଯାଇଛି। ମାଓବାଦୀଙ୍କ ଦ୍ୱାରା ଏକ ନିଛାଟିଆ ସ୍ଥାନରେ ତାର ଘେର ମଧ୍ୟରେ ଏହି ଲ୍ୟାଣ୍ଡମାଇନ ଖଞ୍ଜା ଯାଇଥିବା ସୂଚନା ମିଳିଛି। ଏକ ବଡ଼ଧରଣର ବିସ୍ଫୋରଣ ଘଟାଇବାକୁ ଯାଇ ମାଓବାଦୀମାନେ ଏହି ଲ୍ୟାଣ୍ଡମାଇନ ବିଛାଇଥିବା ଆଶଙ୍କା କରାଯାଉଛି। ସୀମାନ୍ତ ଛୋଟାନାଗ୍ରା ବଡ଼ିଆର ଗାଁରୁ ପ୍ରାୟ ୫କିମି ଦୂର ଜଙ୍ଗଲରୁ ଏହି ଲ୍ୟାଣ୍ଡମାଇନ୍‌କୁ ଠାବ କରାଯାଇଥିଲା। ତେବେ ଏ ସମ୍ପର୍କରେ ରାଉରକେଲା ପୋଲିସ ନିକଟରେ ସୂଚନା ନ ଥିବା ଜଣାଯାଇଛି।




## ଏସ୍‌ସିଏସ୍‌ଟି ବିଭାଗ ହାଇସ୍କୁଲରେ ଗୁଣାତ୍ମକ ଶିକ୍ଷାଦାନ ପାଇଁ ଯୋଜନା

# ଚଳିତବର୍ଷରୁ ୨୧ ହାଇସ୍କୁଲରେ ଯୁକ୍ତ୨ ବିଜ୍ଞାନ ପାଠ୍ୟକ୍ରମ

**ଭୁବନେଶ୍ୱର, ୧୧।୯(ବ୍ୟୁରୋ)**

ଅନୁସୂଚିତ ଜାତି(ଏସ୍‌ସି) ଓ ଅନୁସୂଚିତ ଜନଜାତି(ଏସ୍‌ଟି) ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ହାଇସ୍କୁଲରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ଶିକ୍ଷାଦାନ ପଦ୍ଧତିର ପୁନର୍ଗଠନ କରାଯାଇଛି। ଜନଜାତି ବହୁଳ ଅଞ୍ଚଳରେ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ପ୍ରଦାନ ଲାଗି ବିଭାଗ ପକ୍ଷରୁ ୨୦୧୭-୧୮ ଶିକ୍ଷାବର୍ଷରେ ମୟୂରଭଞ୍ଜ, ଗଜପତି, କଳାହାଣ୍ଡି, ସମ୍ବଲପୁର, କେନ୍ଦୁଝର, ସୁନ୍ଦରଗଡ଼, ରାୟଗଡ଼ା, ମାଲକାନଗିରି, ନବରଙ୍ଗପୁର ଜିଲାର ୨୬ ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭାବେ ଉନ୍ନୀତ କରାଯାଇ ଯୁକ୍ତ୨ ବିଜ୍ଞାନ ପାଠପଢ଼ା ଚାଲିଛି। ସେହିପରି ଚଳିତ ୨୦୧୮-୧୯ ଶିକ୍ଷାବର୍ଷରେ ରାଜ୍ୟ ସରକାର ଗଜପତି, କନ୍ଧମାଳ, ସୁନ୍ଦରଗଡ଼, ନବରଙ୍ଗପୁର, କୋରାପୁଟ, ରାୟଗଡ଼ା, ମାଲକାନଗିରି, କଳାହାଣ୍ଡି, ମୟୂରଭଞ୍ଜ ଓ ବଲାଙ୍ଗୀର ଜିଲାର ଅଧିକ ୨୧ଟି ହାଇସ୍କୁଲରେ ଯୁକ୍ତ୨ ବିଜ୍ଞାନ ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ଉନ୍ନୀତ ବିଦ୍ୟାଳୟଗୁଡ଼ିକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ନିମନ୍ତେ ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗ ପକ୍ଷରୁ ୭ଟି ବିଷୟ ଯଥା- ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନି, ଗଣିତ, ପ୍ରାଣୀବିଜ୍ଞାନ, ଉଦ୍ଭିଦ ବିଜ୍ଞାନ, ଓଡ଼ିଆ ଓ ଇଂଲିଶ ବିଭାଗରେ ୨୩୦ ପିଜିଟିଙ୍କୁ ନିଯୁକ୍ତି ଦେବା ଲାଗି ଓଡ଼ିଶା ଲୋକସେବା ଆୟୋଗଙ୍କୁ ଅନୁରୋଧ କରାଯାଇଥିଲା। ଇତିମଧ୍ୟରେ ଓପିଏସ୍‌ସି ପକ୍ଷରୁ ଏହି ବିଦ୍ୟାଳୟଗୁଡ଼ିକ ପାଇଁ ୧୫୪ ଜଣ ପ୍ରାର୍ଥୀଙ୍କ ନାମ ଚୟନ କରାଯାଇଛି। ସପ୍ତମ ବେତନ କମିଶନଙ୍କ ସୁପାରିସ ଅନୁସାରେ ପିଜିଟି ଶିକ୍ଷକମାନେ ବେତନ ପାଇବେ। ଅତିଶୀଘ୍ର ରାଜ୍ୟ ସରକାର ୧୫୪ ଜଣ ନବନିଯୁକ୍ତ ପୋଷ୍ଟ ଗ୍ରାଜୁଏଟ୍ ଶିକ୍ଷକଙ୍କୁ ନିଯୁକ୍ତି ଦେବେ ଏବଂ ଚଳିତ ବର୍ଷରୁ ଶିକ୍ଷାଦାନ ଆରମ୍ଭ ହେବ ବୋଲି ଅନୁସୂଚିତ ଜାତି, ଜନଜାତି ଉନ୍ନୟନ, ସଂଖ୍ୟାଲଘୁ, ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି କହିଛନ୍ତି।








“ ଭୁଲ୍‌ଟା ବୁଝିବା ମାତ୍ରେ ଲଜ୍ଜିତ ହୋଇଯିବା ଭଳି ସଦ୍‌ଗୁଣ ଆଉ କିଛି ନାହିଁ।

-ଡାୟୋଜିନିସ୍



## ସଂକ୍ଷେପରେ

### ବ୍ଲକ୍‌ସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର

**ଆଠଗଡ଼,୧୧।୯(ସ୍ୱ.ପ୍ର.):** ଆଠଗଡ଼ ବ୍ଲକ ଶିକ୍ଷା ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ସ୍ଥାନୀୟ ବିଶ୍ୱନାଥ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ଶିକ୍ଷୟିତ୍ରୀ ଅର୍ଚ୍ଚନା ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରକୁ ବ୍ଲକ୍ ଶିକ୍ଷା ଅଧିକାରୀ ରୁଦ୍ର ନାରାୟଣ ସାମଲ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବିଦ୍ୟାଧର ମହାପାତ୍ର ଯୋଗ ଦେଇଥିଲେ। ବ୍ଲକର ୨୧ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶିକ୍ଷକ ପର୍ଶୁରାମ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଗୋପବନ୍ଧୁ ବିଜ୍ଞାନ କଲେଜ ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ଚିତ୍ତରଞ୍ଜନ ପଟ୍ଟନାୟକ, ଧନ୍ଦାମୂଳକ ଶିକ୍ଷାର ଅଧ୍ୟାପକ ଚିତ୍ତରଞ୍ଜନ ଜେନା ବିଚାରକ ଓ ବିଶେଷଜ୍ଞ ଭାବେ ଯୋଗ ଦେଇଥିଲେ। ଆଲୋଚନାଚକ୍ରରେ ବେଣ୍ଟପଦା ଉଚ୍ଚ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ର ସୁନିଲ କୁମାର ସାହୁ ପ୍ରଥମ ସ୍ଥାନ ଅଧିକାର କରି ଜିଲାସ୍ତରୀୟ ଆଲୋଚନାଚକ୍ରକୁ ମନୋନୀତ ହୋଇଛନ୍ତି।

### ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଆଠଗଡ଼ ଉପଖଣ୍ଡରେ ୧୨୩୧୨ ଆବେଦନକାରୀ

**ଆଠଗଡ଼,୧୧।୯(ସ୍ୱ.ପ୍ର.):** ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହେବା ପାଇଁ ଧାର୍ଯ୍ୟ କରାଯାଇଥିବା ଦରଖାସ୍ତ ଗ୍ରହଣର ତାରିଖ ଶେଷ ହୋଇଛି। ଅଗଷ୍ଟ ୧୩ରୁ ସେପ୍ଟେମ୍ବର ୧୦ ପର୍ଯ୍ୟନ୍ତ ଲୋକେ ଆବେଦନ କରିଛନ୍ତି। ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦରେ ୫୧୮ ଜଣ ଆବେଦନ କରିଥିବାବେଳେ ଆଠଗଡ଼ ବ୍ଲକରେ ୨୯୪୬, ତିଗିରିଆରେ ୧୮୧୭, ବଡ଼ମ୍ବାରେ ୩୬୧୪ ଓ ନରସିଂହପୁରରେ ୩୪୧୭ ଜଣ ଆବେଦନ କରିଛନ୍ତି। ଶେଷ ତାରିଖ ସୁଦ୍ଧା ଆଠଗଡ଼ ଉପଖଣ୍ଡରେ ୧୨୩୧୨ଜଣ ଆବେଦନ କରିଥିବା ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଛି। ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ଆବେଦନକାରୀଙ୍କ ଦରଖାସ୍ତ ଯାଞ୍ଚ ହେବାପରେ ଯୋଗ୍ୟଙ୍କୁ ଯୋଜନାରେ ସାମିଲ କରାଯିବ ବୋଲି ଆଠଗଡ଼ ସହକାରୀ ଯୋଗାଣ ଅଧିକାରୀ ନିରୋଦ ରଞ୍ଜନ ଦାସ କହିଛନ୍ତି।

### ତହସିଲଦାରଙ୍କ ସହ ଓୟୁଡବ୍ଲ୍ୟୁଜେ ସଂଘ କର୍ମକର୍ତ୍ତାଙ୍କ ସାକ୍ଷାତ

**ବଡ଼ମ୍ବା,୧୧।୯(ଡି.ଏନ.ଏ.):** ବଡ଼ମ୍ବାର ନୂତନ ତହସିଲଦାର ଅନିଲ କୁମାର ପଟ୍ଟନାୟକ ଓ ଅତିରିକ୍ତ ତହସିଲଦାର ସୁରଥଚନ୍ଦ୍ର ରାଉତଙ୍କୁ ମଙ୍ଗଳବାର ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ(ଓୟୁଡବ୍ଲ୍ୟୁଜେ)ବଡ଼ମ୍ବା ଶାଖାର ସଦସ୍ୟମାନେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ସମୟରେ ବ୍ଲକ ଅଧୀନ ୩ ରାଜସ୍ୱ ସର୍କଲର ଜନସାଧାରଣ କିପରି ସୁବିଧାରେ ଏବଂ ସମୟଉପଯୋଗୀ ପ୍ରଶାସନିକ ସେବା ପାଇପାରିବେ ସେନେଇ ଆଲୋଚନା କରାଯାଇଥିଲା। ତହସିଲ କର୍ମଚାରୀ ଓ ଅଞ୍ଚଳବାସୀଙ୍କ ସହଯୋଗରେ ସମସ୍ତ ସେବାମୂଳକ କାର୍ଯ୍ୟକୁ ତ୍ୱରାନିତ କରାଯିବ ବୋଲି ତହସିଲଦାର ପଟ୍ଟନାୟକ କହିଥିଲେ। ସଂଘ ସଦସ୍ୟ ସନ୍ତୋଷ ପଟ୍ଟନାୟକ, ମାୟାଧର ମଲ୍ଲିକ, ବରଦାଚରଣ ପଟ୍ଟନାୟକ, ଅମରେଶ ରଥ, ପ୍ରମୋଦ କୁମାର ପଣ୍ଡା ଓ ମନୋଜ କୁମାର ନାୟକ ପ୍ରମୁଖ ସାକ୍ଷାତରେ ସାମିଲ ହୋଇଥିଲେ।

### ଜଗତପୁରରେ ବୋମାମାଡ଼

**କଟକ ଅଫିସ,୧୧।୯:** ଜଗତପୁର ଅଞ୍ଚଳରେ ସୋମବାର ରାତିରେ ବୋମା ମାଡ଼ ହୋଇଛି। ଏଥିରେ ଏକ ଦୋକାନ କ୍ଷତିଗ୍ରସ୍ତ ହୋଇଥିବା ନେଇ ମାଲିକ ଅଶୋକ ସ୍ୱାଇଁ ଜଗତପୁର ଥାନାରେ ମଙ୍ଗଳବାର ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଶୋକ ଚାଉଳିଆଗଞ୍ଜ ଥାନା ଅପର୍ଣ୍ଣାନଗରରେ ରୁହନ୍ତି। ତାଙ୍କର ଜଗତପୁର ଥାନା ଅଣ୍ଡେଇସାହି ଅଞ୍ଚଳରେ ଏକ ପୋଷାକ ଦୋକାନ ରହିଛି। ସୋମବାର ଦୋକାନ ବନ୍ଦ କରି ଅଶୋକ ଘରକୁ ଆସିଥିଲେ। ରାତି ପ୍ରାୟ ୧୧ଟାବେଳେ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ଅଶୋକଙ୍କୁ ଫୋନ୍ କରି ତାଙ୍କ ଦୋକାନ ଉପରକୁ ବୋମାମାଡ ହୋଇଥିବା ଜଣାଇଥିଲେ। ଅଶୋକ ପହଞ୍ଚି ଦୋକାନ କିଛି ଅଂଶ ଭାଙ୍ଗି ଯାଇଥିବା ଦେଖିଥିଲେ। ଦୋକାନ ପାଖରେ ବୋମାର କିଛି ଅଂଶ ପଡ଼ିଥିଲା। ତେବେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ବୋମାମାଡ କରାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି।

■ ଆଦିମାତା ଛକରୁ ମନ୍ତ୍ରୀସାହି ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ

# ମରାମତି ଦାବିରେ ରାସ୍ତାରୋକୋ

**ବାଙ୍କୀ,୧୧।୯(ସ୍ୱ.ପ୍ର./ବି.ପ୍ର.)**



ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

ବାଙ୍କୀ ଏନଏସି ଅଧୀନ ଆଦିମାତା ଛକଠାରୁ ମନ୍ତ୍ରିସାହି ପର୍ଯ୍ୟନ୍ତ ମୁଖ୍ୟରାସ୍ତା ଶୋଚନୀୟ ହୋଇପଡ଼ିଛି। ରାସ୍ତାର ଅଧିକାଂଶ ସ୍ଥାନରେ ଖାଲ ହୋଇ ବର୍ଷା ପାଣି ଜମି ରହୁଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହେଉଛି। ଏହି ରାସ୍ତାଦେଇ ଦୈନିକ ଶହଶହ ଗାଡ଼ିମୋଟର ଯାତାୟାତ କରିଥାଏ। ଜନ ସାଧାରଣ ରାସ୍ତା ଦେଇ ଖୋର୍ଦ୍ଧା, ହଳଦିଆ ଓ ଭୁବନେଶ୍ୱର ଯାଇଥାନ୍ତି। ପ୍ରତିବର୍ଷ ମରାମତି ନାମରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନାହିଁ। ରାସ୍ତାରେ ପ୍ରତିଦିନ ଶହଶହ ଛାତ୍ରୀଛାତ୍ର ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି। ରାସ୍ତା ଶୋଚନୀୟ ହୋଇଥିବାରୁ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏ ସମ୍ପର୍କରେ ସାହାଡ଼ାପଦା ୧୨ ଓ ୧୩ ନମ୍ବର ୱାର୍ଡର ଜନ ସାଧାରଣ ଏନଏସି କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଲିଖିତ ଅଭିଯୋଗ କରି ରାସ୍ତା ମରାମତି ପାଇଁ ଦାବି କରୁଛନ୍ତି। ହେଲେ ସେମାନଙ୍କ କଥାକୁ କେହି କର୍ଣ୍ଣପାତ କରୁନାହାନ୍ତି। ଯାହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଫଳରେ ମଙ୍ଗଳବାର ସକାଳ ୭ଟାରେ ସାହାଡାପଦା ୧୨ ଓ ୧୩ ନମ୍ବର ୱାର୍ଡର ଜନ ସାଧାରଣଙ୍କ ସମେତ ତ୍ରିନାଥ କ୍ଲବ ଗଜପତି ପୂଜା କମିଟି ଏବଂ ମା'ମଙ୍ଗଳା ପୂଜା କମିଟି ସଭ୍ୟମାନେ ଶୀଘ୍ର ରାସ୍ତା ମରାମତି ଦାବିକରି ପାଇକ ସାହି ଛକରେ ରାସ୍ତାରୋକୋ କରିଥିଲେ। ଏହି ରାସ୍ତାରୋକୋ ଯୋଗୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଅନ୍ୟପକ୍ଷରେ ୱାର୍ଡବାସୀଙ୍କ ପକ୍ଷରୁ ଧାରଣା ଦିଆଯିବା ସମ୍ପର୍କରେ ବାଙ୍କୀ ଉପଜିଲାପାଳ, ଏନଏସି ନିର୍ବାହୀ ଅଧିକାରୀ, ବାଙ୍କୀ ଥାନା ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ଅଧିକାରୀ ଧାରଣା ସ୍ଥଳକୁ ଆସି ନ ଥିଲେ। ଫଳରେ ଜନସାଧାରଣ ଉତ୍ତ୍ୟକ୍ତ ହୋଇ ଅନୁରୂପ ଭାବେ ଏନଏସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ

■ ଦୈନିକ ଘଟୁଛି ଛୋଟବଡ଼ ଦୁର୍ଘଟଣା
■ ଦାବି ସତ୍ତ୍ୱେ ହେଉନି ମରାମତି
■ ଖାଲ ଯୋଗୁ ଜମି ରହୁଛି ବର୍ଷାପାଣି

ବସିଥିଲେ। ଖବର ପାଇ ବାଙ୍କୀ ଥାନା ଅଧୀକାରୀ ସମୀର କୁମାର ପଣ୍ଡା ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ଏନ୍‌ଏସି କର୍ତ୍ତୃପକ୍ଷ ଆନ୍ଦୋଳନକାରୀଙ୍କୁ ଭେଟି ପୂର୍ତ୍ତ ବିଭାଗକୁ ରାସ୍ତା ହସ୍ତାନ୍ତର କରାଯାଇଛି। ପୂର୍ତ୍ତ ବିଭାଗ ଟେଣ୍ଡର କରିବାପରେ କାମ ଆରମ୍ଭ କରାଯିବ ବୋଲି କହିଥିଲେ। ଏହାପରେ ଆନ୍ଦୋଳନକାରୀ ରାସ୍ତାରୋକୋରୁ ଓହରି ଯାଇଥିଲେ। ଗ୍ରାମର ସରୋଜ ନାୟକ, ସୌମ୍ୟ ରଞ୍ଜନ ମହାପାତ୍ର, ଜଗନ୍ନାଥ ନାୟକ, କାହ୍ନୁ ଚରଣ ବେହେରା, ରମେସ ଚନ୍ଦ୍ର ସୁବୁଦ୍ଧି, ଅଜିତ୍ ସୁବୁଦ୍ଧି, ଧୁଶାସନ ନାୟକ ଓ ରୋହିତ ନାୟକଙ୍କ ସମେତ ୨ ପୂଜା କମିଟି ସଭ୍ୟ ରାସ୍ତାରୋକରେ ସାମିଲ ହୋଇଥିଲେ।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦ୍ୱାରା ଡାକ୍ତରଖାନା ନୂତନ ଗୃହ ଉଦ୍‌ଘାଟିତ

**ନିଶ୍ଚିନ୍ତକୋଇଲି,୧୧।୯(ସ୍ୱ.ପ୍ର.)**

ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ମଙ୍ଗଳବାର ନିଶ୍ଚିନ୍ତକୋଇଲି ବ୍ଲକ ଗସ୍ତରେ ଆସି ଅସୁରେଶ୍ୱର ସ୍ୱାସ୍ଥ୍ୟକେନ୍ଦ୍ର ନୂତନ ଗୃହ ସମେତ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ମନ୍ତ୍ରୀ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ରାଜ୍ୟ ସରକାର ସ୍ୱାସ୍ଥ୍ୟକ୍ଷେତ୍ରରେ ବହୁ ପଦକ୍ଷେପ ନେଉଛନ୍ତି। ନୂଆ ମେଡିକାଲ କଲେଜ ସ୍ଥାପନଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟବୀମା ଏପରି କି ଆଶା କର୍ମୀଙ୍କୁ ପ୍ରୋତ୍ସାହନ ରାଶି ଯୋଗାଇବାରେ ସଫଳ ହୋଇଛନ୍ତି। ମୁଖ୍ୟବକ୍ତା ବ୍ଲକ ଅଧକ୍ଷା ସବିତା ଓଝା ଅସୁରେଶ୍ୱର ପଞ୍ଚାୟତରେ ବହୁ ଜନକଲ୍ୟାଣ କାର୍ଯ୍ୟକ୍ରମ କରାଯାଇଛି ବୋଲି କହିଛନ୍ତି। ସମ୍ମାନିତ ଅତିଥି ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ସମିତିସଭ୍ୟ ସଂଘ ଉପଦେଷ୍ଟା ଅଶୋକ ଓଝା, ପ୍ରାକ୍ତନ ବ୍ଲକ ଅଧକ୍ଷ ଗିରିଶ ମହାପାତ୍ର, ସରପଞ୍ଚ ମହେଶ୍ୱର ବାରିକ ଓ ସମିତିସଭ୍ୟ ଅନ୍ତରାମ ସିଂ ପ୍ରମୁଖ ଯୋଗଦେଇ ସରକାରଙ୍କ ଜନକଲ୍ୟାଣ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ପୂର୍ବାହ୍ନରେ ମନ୍ତ୍ରୀ ଜେନା ଏନଆର୍‌ଏଚ୍‌ଏମ୍ ଅନୁଦାନରେ ଅସୁରେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୦.୫୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଡାକ୍ତର କ୍ୱାର୍ଟର, ୩୭.୦୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଦୁଇଟି ପାରାମେଡିକାଲ ଡାକ୍ତର କ୍ୱାର୍ଟର ଓ ୧୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଉପସ୍ୱାସ୍ଥ୍ୟକେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଆୟୋଜିତ ଉତ୍ସବରେ କଟକ ସିଡିଏମଓ ହରପ୍ରସାଦ ପଟ୍ଟନାୟକ, ଅସୁରେଶ୍ୱର ଡାକ୍ତରଖାନା ମେଡିକାଲ ଅଫିସର ମୃତ୍ୟୁଞ୍ଜୟ ମିଶ୍ର, ଏନ୍‌ଆର୍‌ଏଚ୍‌ଏମ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ଉଦୟଶ୍ରୀ ମହାପାତ୍ର ଓ କନିଷ୍ଠ ଯନ୍ତ୍ରୀ ଚନ୍ଦନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ପରେ ମନ୍ତ୍ରୀ ଏକ ଶୋଭାଯାତ୍ରାରେ ଯାଇ ୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଦିକ୍ଷିଣପଡ଼ା ଅଙ୍ଗନୱାଡ଼ି କେନ୍ଦ୍ର ଓ ୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ କୋଇଲୋ ଦଧିବାମନଜୀଉ ଅଙ୍ଗନୱାଡ଼ି କେନ୍ଦ୍ର ଉଦ୍‌ଘାଟନ କରିଥିଲେ। ଏହାପରେ ଅପରାହ୍ନରେ ଜେନା ପୁରୁଂଶ ଜଳ ସମ୍ପଦ ବିଭାଗର ନୂତନ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଉତ୍ସବରେ କେନ୍ଦ୍ରାପଡ଼ା ଜଳ ସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରବୋଧ କୁମାର ରାଉତ, ସହକାରୀ ନିର୍ବାହୀ ଯନ୍ତ୍ରୀ ସମୀର ପରିଡ଼ା ଓ ପୁରୁଂଶ କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମନ୍ତ୍ରୀ ଶୁଭଦ୍ରା ମହତାବ ମହାବିଦ୍ୟାଳୟକୁ ଯାଇ ସେଠାରେ ଶୁଭଦ୍ରା ମହତାବଙ୍କ ୪୦ ତମ ଶ୍ରାଦ୍ଧବାର୍ଷିକୀ ଉତ୍ସବରେ ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ଅଧକ୍ଷ ଶରତ ପାଢ଼ୀ, ବ୍ଲକ ଅଧକ୍ଷା ଶ୍ରୀମତୀ ଓଝା, ମହାବିଦ୍ୟାଳୟ ପୂର୍ବତନ ଅଧକ୍ଷ ଉମାକାନ୍ତ ମହନ୍ତ, ଡ. ରାମନାଥ ସାହୁ ଓ ଅଧ୍ୟାପକ ମନମୋହନ ଖଟୁଆ ପ୍ରମୁଖ ଯୋଗଦେଇ ଶୁଭଦ୍ରାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ମୁଖପତ୍ର ଶୁଭଦ୍ରାକୁ ମନ୍ତ୍ରୀ ଜେନା ଓ ଅତିଥିମାନେ ଉନ୍ମୋଚନ କରିଥିଲେ। ବିଜୁ ଯୁବବାହିନୀ ଉପଦେଷ୍ଟା ଇଂ. ପତିତପାବନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଯୁବତୀଯୁବକମାନେ ମନ୍ତ୍ରୀଙ୍କ ଗସ୍ତକୁ ଶାନ୍ତିପୂର୍ଣ୍ଣଭାବେ ପରିଚାଳନା କରିଥିଲେ। ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି, ନିଶ୍ଚିନ୍ତକୋଇଲି ସରପଞ୍ଚ ରବୀନ୍ଦ୍ର ସେଠୀ, ପ୍ରମୋଦ ସ୍ୱାଇଁ, ସମିତି ସଭ୍ୟ ପ୍ରମୋଦ ପରିଡ଼ା ଓ ଯୁବ ବିଜେଡି ସଭାପତି ମିହିର ମିଶ୍ରଙ୍କ ସମେତ ବିଜୁ ଜନତା ଦଳର କର୍ମୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ମନ୍ତ୍ରୀ ପ୍ରତାପ ଜେନା ଡାକ୍ତର କ୍ୱାର୍ଟର ଉଦ୍‌ଘାଟନ କରୁଛନ୍ତି।

# ବ୍ଲକ କାର୍ଯ୍ୟାଳୟ ଆଗରେ ମିଳିତ ମଞ୍ଚ ଶିକ୍ଷକଙ୍କ ଧାରଣା

**ବଡ଼ମ୍ବା,୧୧।୯(ଡି.ଏନ.ଏ.)**



ବଡମ୍ବା ବ୍ଲକ ଆଗରେ ମିଳିତ ମଞ୍ଚ ଶିକ୍ଷକ ଧାରଣା ଦେଇଛନ୍ତି।

ବ୍ଲକଗ୍ରାଣ୍ଟ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ମିଳିତ ମଞ୍ଚ ବଡ଼ମ୍ବା ଶାଖା ପକ୍ଷରୁ ବଡ଼ମ୍ବା ବ୍ଲକ କାର୍ଯ୍ୟାଳୟ ଆଗରେ ମଙ୍ଗଳବାର ଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବ୍ଲକଗ୍ରାଣ୍ଟ ଉଚ୍ଛେଦ ଓ ପୂର୍ଣ୍ଣ ଅନୁଦାନ ଦାବି ସମେତ ଅନ୍ୟ କେତେକ ଦାବିନେଇ ଏହି ଆନ୍ଦୋଳନ କରାଯାଇଛି। ଫଳରେ ବ୍ଲକର ୧୩ ହାଇସ୍କୁଲ, ୧୩ ମଇ ବିଦ୍ୟାଳୟ ଓ ୩ ମହାବିଦ୍ୟାଳୟରେ ପାଠପଢ଼ା ବାଧାପ୍ରାପ୍ତ ହୋଇଛି। ଏହି ଧାରଣା ବୁଧବାର ମଧ୍ୟ ଅନୁଷ୍ଠିତ ହେବ ବୋଲି ଆନ୍ଦୋଳନକାରୀ ସୂଚନା ଦେଇଛନ୍ତି। ସଂଘ ଆବାହକ ବିଜୟ କୁମାର ପରିଡ଼ା, ବିଜୟ ଛତ୍ର, ଶ୍ୟାମବନ୍ଧୁ ବେଉରା ଓ ମାନଗୋବିନ୍ଦ ପାତ୍ରଙ୍କ ନେତୃତ୍ୱରେ ବଡ଼ମ୍ବାର ଶତାଧିକ ସ୍କୁଲ୍, କଲେଜ ଶିକ୍ଷକ ଓ କର୍ମଚାରୀ ଧାରଣରେ ସାମିଲ ହୋଇଥିଲେ। ଆଗାମୀ ଦିନରେ ଆନ୍ଦୋଳନ ରତ ଶିକ୍ଷକ ଓ କର୍ମଚାରୀ ଗାଁଗାଁ ବୁଲି ଅଭିଭାବକ, ଗ୍ରାମବାସୀ ଓ ଛାତ୍ରୀଛାତ୍ରଙ୍କୁ ଘଟଣା ସମ୍ପର୍କରେ ସଚେତନ କରିବେ ବୋଲି କହିଛନ୍ତି। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୭ଦଫା ଦାବିପତ୍ର ବିଡିଓ ସଦାନନ୍ଦ ସେଠୀଙ୍କୁ ପ୍ରଦାନ କରାଯାଇଛି।

**ବାଙ୍କୀ,(ସ୍ୱ.ପ୍ର.):** ବ୍ଲକଗ୍ରାଣ୍ଟ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ମିଳିତମଞ୍ଚ ପକ୍ଷରୁ ମଙ୍ଗଳବାର ଡମପଡ଼ା ବ୍ଲକ୍ କାର୍ଯ୍ୟାଳୟ ମୁଖ୍ୟ ଫାଟକ ଆଗରେ ଧାରଣା ଦିଆଯାଇଛି। ବିଭିନ୍ନ ଦାବି ପୂରଣ କରିବାରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ସେମାନେ ଏହି ଆନ୍ଦୋଳନ ଚଳାଇଛନ୍ତି। ଅଧ୍ୟାପକ ଯୁଗଳ କିଶୋର ମଣ୍ଡଳ, ଯୋଗୀନାଥ ମଲ୍ଲିକ, ପ୍ରଶାନ୍ତ ତ୍ରିପାଠୀ, ପ୍ରଭାତ ବଳିୟାର ସିଂ, ଡମପଡ଼ା ବ୍ଲକ୍ ଓଷ୍ଟା ସମ୍ପାଦକ କାହ୍ନୁ ଚରଣ ସ୍ୱାଇଁ, ପବିତ୍ର ମୋହନ ଷଡ଼ଙ୍ଗୀ, କବିତା ମହାନ୍ତି, ଶିଶିର କୁମାର ମହାପାତ୍ର, ବେଣୁଧର ଦେବତା, କୃଷ୍ଣଚନ୍ଦ୍ର ବେଉରା, କୃପାସିନ୍ଧୁ ପଲାଇ, ସଚ୍ଚଦାନନ୍ଦ ସାମଲ, ମଧୁସୂଦନ ମହାରଣା, ପ୍ରେମାନନ୍ଦ ସାହୁ, ଶ୍ରୀକାନ୍ତ ଦାଶ, ଦିଲୀପ କୁମାର ସାହୁ ଓ ନିରଞ୍ଜନ ସାହୁ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ।

**ମାହାଙ୍ଗା/ଲଳିତଗିରି,(ସ୍ୱ.ପ୍ର):** ବ୍ଲକଗ୍ରାଣ୍ଟ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ମିଳିତମଞ୍ଚ ମାହାଙ୍ଗା ଶାଖା ପକ୍ଷରୁ ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ୭ ଦଫା ଦାବିରେ ଦିଆଯାଇଥିବା ଏହି ଧାରଣାରେ ନଳିନୀ ସାହୁ, ପ୍ରଣବ କିଶୋର ନାୟକ, ବୀରବର ସ୍ୱାଇଁ, ସୁରେନ୍ଦ୍ର ନାଥ ଲେଙ୍କା, ନରହରି ସାହୁ, ଚକ୍ରଧର ନାୟକ, ସନ୍ତୋଷ କୁମାର ମହାନ୍ତି, ଗଣେଶ୍ୱର ସାହୁ, ଅଜିତ କୁମାର ସ୍ୱାଇଁ, ପବିତ୍ର କୁମାର ସିଂହ, ବାସୁଦେବ ବେଦାନ୍ତ ଓ ମନୋରଞ୍ଜନ ବେହୁରା ପ୍ରମୁଖ ସାମିଲ ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

# ଏସ୍‌ସିବିରେ ୧୪୩ ଡେଙ୍ଗୁ ରୋଗୀ

**କଟକ ଅଫିସ, ୧୧।୯**

ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଏସ୍‌ସିବି ମେଡିକାଲରେ ୧୪୩ ଜଣ ଡେଙ୍ଗୁ ରୋଗୀ ଚିକିତ୍ସିତ ହେଉଛନ୍ତି । ୱାର୍ଡରେ ୧୨୬ ଜଣ ରୋଗୀ ଚିକିତ୍ସିତ ହେଉଥିବା ବେଳେ ଆଇସିୟୁରେ ୧୭ ଜଣ ଗୁରୁତରଙ୍କୁ ଚିକିତ୍ସା କରାଯାଉଛି । ମଙ୍ଗଳବାର ମେଡିକାଲରେ ମୋଟ ୧୫୪ ଜଣ ରୋଗୀଙ୍କ ରକ୍ତନମୁନା ପରୀକ୍ଷା କରାଯାଇଥିଲା । ସେଥିରୁ ୫୫ଟି ନମୁନାରେ ଡେଙ୍ଗୁ ପଜିଟିଭ ଚିହ୍ନଟ କରାଯାଇଛି । ଚିହ୍ନଟ ରୋଗୀଙ୍କ ମଧ୍ୟରେ ଜଗତ୍‌ସିଂହପୁରରୁ ସର୍ବାଧିକ ୨୧ ଜଣ ରୋଗୀ ଥିବାବେଳେ କଟକରୁ ୧୬ ଜଣ ରୋଗୀ ରହିଛନ୍ତି ।

# ଫସଲ କ୍ଷତିର ସହାୟତା ଦିଆଯାଉ

## ଉପଜିଲାପାଳଙ୍କୁ ଚାଷୀଙ୍କ ଦାବିପତ୍ର

**ବାଙ୍କୀ,୧୧।୯(ବି.ପ୍ର.)**

ମହାନଦୀରେ ବନ୍ୟା ଆସିବାରୁ ବାଙ୍କୀ ଡମପଡ଼ା ବ୍ଲକର ହଜାର ହଜାର ହେକ୍ଟର ଚାଷ ଜମି କ୍ଷତିଗ୍ରସ୍ତ ହୋଇଛି। ଚାଷୀ ଆଧୁନିକ କିସମର ଧାନ ଓ ପନିପରିବା କରି ପରିବାର ପ୍ରତିପୋଷଣ କରୁଥିବାବେଳେ ଚଳିତ ବର୍ଷ ଅଗଷ୍ଟରେ ୪ଥର ବନ୍ୟା ଆସିବାରୁ ଧାନ ଓ ପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଫଳରେ ମଙ୍ଗଳବାର ବିଲିପଡା ପଞ୍ଚାୟତର ଚାଷୀ ରବୀନ୍ଦ୍ର ରାଉତ, ଅକ୍ରୁର ରାଉତ, ବାନାମ୍ବର ସାହୁ, ବାଇଧର ସାହୁ, ସମୀର ସ୍ୱାଇଁ, ଶରତ ମନ୍ତ୍ରୀ, ରବୀନ୍ଦ୍ର ସାହୁ, ରମେଶ ଚନ୍ଦ୍ର ପ୍ରଧାନ, ମୁରଲି ପ୍ରଧାନ, ବାଜି ପ୍ରଧାନ, ଅଜିତ ବେହେରା ଓ ଜଟାଧାରୀ ରାଉତ ପ୍ରମୁଖ ୨୦ ଚାଷୀ ପଚାଷଢ଼ା ଧାନ ଗଛ ଧରି ବାଙ୍କୀ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ କ୍ଷତିପୂରଣ ପାଇବାକୁ ଦାବି କରିଛନ୍ତି। ଏଥିସହିତ ଏକ ଦାବିପତ୍ର ମାଧ୍ୟମରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ସାମିଲ କରିବା ଓ କ୍ଷତିଗ୍ରସ୍ତ ଚାଷୀଙ୍କ ଋଣ ଛାଡ କରିବା ପାଇଁ ଦାବି କରିଛନ୍ତି। ଆସନ୍ତା ରବି ଋତୁରେ ଫସଲ କରିବା ପାଇଁ ସହାୟତା ପ୍ରଦାନ କରିବାକୁ ମଧ୍ୟ ଅନୁରୋଧ କରାଯାଇଛି। ଚାଷୀଙ୍କ ଦାବିପତ୍ରକୁ ଉପଜିଲାପାଳଙ୍କ କାର୍ଯ୍ୟାଳୟର ସହକାରୀ ଜିଲାପାଳ ଦେବଦତ୍ତ ଦାସ ଗ୍ରହଣ କରି ଉପଜିଲାପାଳଙ୍କୁ ଅବଗତ କରାଯିବ ବୋଲି କହିଥିଲେ। ପରେ ଚାଷୀମାନେ ଫେରି ଆସିଥିଲେ।



ସହକାରୀ ଉପଜିଲାପାଳଙ୍କୁ ଚାଷୀ ଦାବିପତ୍ର ଦେଉଛନ୍ତି।

■ ନିର୍ମାଣ ଶ୍ରମିକ ମେଳା ବାତିଲ

# ଅସନ୍ତୁଷ୍ଟ ଶ୍ରମିକଙ୍କ ରାସ୍ତା ଅବରୋଧ

**ସାଲେପୁର,୧୧।୯(ଡି.ଏନ.ଏ.)**



ନିର୍ମାଣ ଶ୍ରମିକମାନେ ରାସ୍ତା ଅବରୋଧ କରିଛନ୍ତି।

କଟକ ଜିଲା ଶ୍ରମବିଭାଗ ପକ୍ଷରୁ ସାଲେପୁର ବ୍ଲକ ମହଣ ପଞ୍ଚାୟତ ବଳଭଦ୍ରପୁର ପଡ଼ିଆଠାରେ ମଙ୍ଗଳବାର ନିର୍ମାଣ ଶ୍ରମିକ ମେଳା ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଥିଲ। ଫଳରେ ଅଞ୍ଚଳର ପଞ୍ଜିକରଣଭୁକ୍ତ ବହୁ ଶ୍ରମିକ ମେଳା ସ୍ଥଳକୁ ଆସିଥିଲେ। ତେବେ ସେଠାରେ ପହଞ୍ଚି ମେଳା ହେଉ ନ ଥିବା ଦେଖିବାକୁ ପାଇଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। କୌଣସି ସୂଚନା ଦିଆ ନ ଯାଇ ମେଳା ବାତିଲ କରାଯାଇଥିବାରୁ ଶ୍ରମିକମାନେ ହତାଶ ହୋଇ ପଡ଼ିଥିଲେ। କେତେଜଣ ଶ୍ରମିକଙ୍କ କହିବା ଅନୁସାରେ ମେଳାରେ ସେମାନଙ୍କୁ ସାଇକେଲ୍ ଏବଂ ସହାୟତା ଦେବା ପାଇଁ ଶ୍ରମିକ ସଂଘ ପକ୍ଷରୁ କୁହାଯାଇଥିଲା। ତେବେ କୌଣସି କାରଣରୁ ହଠାତ୍ ମେଳାକୁ ବନ୍ଦ କରି ଦିଆଯାଇଛି। ମେଳାସ୍ଥଳରୁ ବହୁଶ୍ରମିକ ଘରକୁ ଫେରିଥିବା ବେଳେ ଅନ୍ୟ କେତେଜଣ କଟକ-ଚାନ୍ଦବାଲି ରାସ୍ତାର ଶିଶୁଆ ବଜାରଠାରେ ରାସ୍ତା ଅବରୋଧ କରିଥିଲେ। ଏପରି କି ଆନ୍ଦୋଳନକାରୀ ଶ୍ରମିକମାନେ ରାସ୍ତା ଉପରେ ଟାୟାର ଜଳାଇ ପ୍ରତିବାଦ କରିଥିଲେ। ଫଳରେ ଦିନ ୧୧ଟାରୁ ୧ଟା ପର୍ଯ୍ୟନ୍ତ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ଘଟଣାସ୍ଥଳରେ ସାଲେପୁର ଆଇଆଇସି ଦେବେନ୍ଦ୍ର କୁମାର ମଲ୍ଲିକ ଏବଂ ବହୁ ପୋଲିସ୍ ଫୋର୍ସ ପହଞ୍ଚି ଆନ୍ଦୋଳନରୁ ନିବୃତ ରହିବା ପାଇଁ ଶ୍ରମିକମାନଙ୍କୁ ବୁଝାଇଥିଲେ। ଆନ୍ଦୋଳନକାରୀ ଆଇଆଇସିଙ୍କ ମାଧ୍ୟମରେ ଜିଲାପାଳଙ୍କୁ ଘଟଣା ସମ୍ପର୍କରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପରେ ଆନ୍ଦୋଳନକାରୀ ରାସ୍ତା ଅବରୋଧରୁ ଓହରି ଯାଇଥିଲେ। ଆନ୍ଦୋଳନରେ ପ୍ରତାପ ବେହେରା, ସୁନାକର ଭୋଇ, ବାସୁଦେବ ନନ୍ଦ, ତୁଷାର ଦାସ, ଭଞ୍ଜୟ ସାହୁ, ଭୀମସେନ ବେହେରା, ଦୁର୍ଲ୍ଲଭ ନନ୍ଦୀ, ମହେରାଜ ଖାଁ, ସୁକାନ୍ତ ମଣ୍ଡଳ, ଶୁକଦେବ ଦାସ, ପ୍ରେମାନନ୍ଦ ସ୍ୱାଇଁ, ମଧୁସୂଦନ ପାତ୍ର, ତ୍ରିଲୋଚନ ସାମଲ, ବିଷ୍ଣୁଚନ୍ଦ୍ର ଦାସ, ଯଶୋବନ୍ତ ଦାସ, ସୁରେନ୍ଦ୍ର ନାଥ ଓ ଗୋପୀନାଥ ନାୟକଙ୍କ ସମେତ ବହୁ ଶ୍ରମିକ ସାମିଲ୍ ହୋଇଥିଲେ। ମେଳାରେ ଶ୍ରମିକଙ୍କୁ ବଣ୍ଟାହେବା ପାଇଁ ଥିବା ସାଇକେଲ୍ ଗୁଡ଼ିକୁ ୨ଦିନ ତଳୁ ଶ୍ରମ ବିଭାଗ ପକ୍ଷରୁ ବାସୁଦେବପୁର ବଟଗୋସ୍ୱାମୀ ସ୍କୁଲ୍ ପରିସରରେ ଫିଟିଂ କରାଯାଉଥିଲା। ଏଥିସହ ସଭାସ୍ଥଳରେ ମଞ୍ଚ ମଧ୍ୟ କରାଯାଇଥିଲା। ଏପରି କି ମେଳାସ୍ଥଳରେ ବିଧାୟକ ପ୍ରକାଶ ବେହେରା, ବ୍ଲକ ଅଧ୍ୟକ୍ଷା ମମତା ରାଉତ, ସରପଞ୍ଚ ଲକ୍ଷ୍ମୀପ୍ରିୟା ମହାନ୍ତିଙ୍କ ଫଟୋ ଥାଇ ଏକ ବ୍ୟାନର ଲଗାଯାଇଲା। ଏଥିସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ଅଧ୍ୟକ୍ଷ ସୁବାସ ସିଂ, ଜିଲାପରିଷଦ ଅଧ୍ୟକ୍ଷା ଜ୍ୟୋତିରେଖା ନାୟକ, ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ଜେନା, ଜିଲାପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି, ପ୍ରାକ୍ତନ ଜିଲାପରିଷଦ ଅଧ୍ୟକ୍ଷ ପ୍ରଶାନ୍ତ ବେହେରା ଓ ମହଣ ସମିତି ସଭ୍ୟ ଦିଲୀପ ଦାଶଙ୍କ ଫଟୋଚିତ୍ର ଥାଇ ଏକ ବ୍ୟାନର୍ ଲଗାଯାଇଥିଲା। ମଞ୍ଚ ସମ୍ମୁଖ ଗେଟ୍‌ରେ ନବୀନ ପଟ୍ଟନାୟକଙ୍କ ଫଟୋ ଚିତ୍ରର ବ୍ୟାନର୍ ଲଗାଯାଇଥିଲା। ଏଭଳି ସ୍ଥିତିରେ ରାଜନୈତିକ ଛକାପଞ୍ଝାକୁ ନେଇ ମେଳା ବାତିଲ୍ ହୋଇଥିବା ଚର୍ଚ୍ଚା ହେଉଛି। ମେଳାରେ ଜିଲା ଶ୍ରମବିଭାଗ ପକ୍ଷରୁ ବିଧାୟକ ବେହେରାଙ୍କୁ ମୁଖ୍ୟ ଅତିଥି କରାଯାଇଥିଲା। ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ଅଧ୍ୟକ୍ଷ ସୁବାସ ସିଂଙ୍କୁ ମୁଖ୍ୟବକ୍ତା କରାଯାଇଥିବା ଜିଲା ଶ୍ରମଅଧିକାରୀ ବନମାଳୀ ମହାପାତ୍ର ସୂଚନା ଦେଇଛନ୍ତି। ମେଳା ବନ୍ଦ ସମ୍ପର୍କରେ ଜିଲା ଶ୍ରମଅଧିକାରୀ ମହାପାତ୍ରଙ୍କୁ ପଚାରିବାରେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ।

■ ରାଜନୈତିକ ଛକାପଞ୍ଝା ନେଇ ଚର୍ଚ୍ଚା
■ ଆଗୁଆ ସୂଚନା ନ ପାଇ ନିରାଶ ହେଲେ ଶ୍ରମିକ



ଭୁଲ୍‌ଟା ବୁଝିବା ମାତ୍ରେ ଲଜ୍ଜିତ ହୋଇଯିବା ଭଳି ସଦ୍‌ଗୁଣ ଆଉ କିଛି ନାହିଁ।
-ଡାୟୋଜିନିସ୍



## ସଂକ୍ଷେପରେ

### ଜଗତପୁରରେ ବୋମାମାଡ଼, ଦୋକାନ କ୍ଷତିଗ୍ରସ୍ତ

କଟକ ଅଫିସ,୧୧।୯- ଜଗତପୁର ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରେ ବୋମା ମାଡ଼ ହୋଇଛି। ଏଥିରେ ଏକ ଦୋକାନ କ୍ଷତିଗ୍ରସ୍ତ ହୋଇଥିବା ନେଇ ମାଲିକ ଅଶୋକ କୁମାର ସ୍ୱାଇଁ ଜଗତପୁର ଥାନାରେ ମଙ୍ଗଳବାର ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁସାରେ, ଅଶୋକ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଅପର୍ଣ୍ଣାନଗରରେ ରୁହନ୍ତି। ତାଙ୍କର ଜଗତପୁର ଥାନା ଅନ୍ତର୍ଗତ ଅଣ୍ଡେଇସାହି ଅଞ୍ଚଳରେ ଏକ ପୋଷାକ ଦୋକାନ ରହିଛି। ସୋମବାର ରାତିରେ ଦୋକାନ ବନ୍ଦ କରି ଅଶୋକ ଘରକୁ ଆସିଥିଲେ। ରାତି ପ୍ରାୟ ୧୧ଟାବେଳେ ଜଣେ ବ୍ୟକ୍ତି ଅଶୋକଙ୍କୁ ଫୋନ୍ କରି ତାଙ୍କ ଦୋକାନ ଉପରକୁ ବୋମାମାଡ ହୋଇଥିବା ଜଣାଇଥିଲେ। ଦୋକାନ କିଛି ଅଂଶ ଭାଙ୍ଗି ଯାଇଥିବାବେଳେ ନିକଟରେ ବୋମାର କିଛି ଅଂଶ ପଡ଼ିଥିଲା। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ବୋମାମାଡ କରାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି।

### ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ, ନାବାଳକ ଅଟକ

ଚୌଦ୍ୱାର,୧୧।୯(ଡି.ଏନ୍.ଏ.):ଚୌଦ୍ୱାର ଥାନା ଅଞ୍ଚଳର ଜନୈକା ନାବାଳିକାକୁ ବଳାତ୍କାର ଉଦ୍ୟମ କରାଯାଇଥିବା ନେଇ ଥାନାରେ ମଙ୍ଗଳବାର ଅଭିଯୋଗ ହୋଇଛି। ନାବାଳିକାଙ୍କ ମା'ଙ୍କ ଲିଖିତ ଅଭିଯୋଗ ଅନୁଯାୟୀ, ଷଷ୍ଠଶ୍ରେଣୀରେ ପଢୁଥିବା ତାଙ୍କ ଝିଅ ସକାଳୁ ଟ୍ୟୁଶନ ଯିବା ବାଟରେ ଉକ୍ତ ଗ୍ରାମର ଜଣେ ନାବାଳକ ତାଙ୍କୁ ଟଣାଓଟରା କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପୋଲିସ ନାବାଳକକୁ ଥାନାକୁ ଆଣି ପଚରାଉଚରା କରିଥିବାବେଳେ ନାବାଳିକାଙ୍କୁ ପରିବାର ଜିମା ଦେଇଛି।

### କୁଶଳୀ ଶ୍ରମିକଙ୍କୁ ସହାୟତା ବଣ୍ଟନ

କଟକ ସଦର, ୧୧।୯ (ଡି.ଏନ.ଏ.)- କଟକ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ କଟକ ସଦର ବ୍ଲକ ଅଧୀନ କନ୍ଦରପୁର ପଞ୍ଚାୟତ କାର୍ଯ୍ୟାଳୟରେ କୁଶଳି ଶ୍ରମିକମାନଙ୍କୁ ସହାୟତା ବଣ୍ଟନ କରାଯାଇଛି। ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ କୁମାର ଭୋଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ପ୍ରାଧିକରଣର ସଭ୍ୟା ଶର୍ମିଷ୍ଠାରାଣୀ ନନ୍ଦ, କଟକ ସଦର ବ୍ଲକ ଅଧକ୍ଷା ଶ୍ରୀମନ୍ତିନୀ ବେହେରା, ସରପଞ୍ଚ ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଯତୀନ କୁମାର ରାଉଳ, ସମିତିସଭ୍ୟ ପ୍ରଭାକର ବେହେରା ଯୋଗଦେଇ ୪୦ ଜଣ ଶ୍ରମିକଙ୍କୁ କିଟ୍ ଓ ସାଇକେଲ ବଣ୍ଟନ କରିଥିଲେ। ଦୁଃଖୀଶ୍ୟାମ ମୁଦୁଲି ଓ ଅକ୍ଷୟ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଏସ୍‌ସିବିରେ ୧୪୩ ଡେଙ୍ଗୁ ରୋଗୀ

କଟକ ଅଫିସ, ୧୧।୯

ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଏସ୍‌ସିବି ମେଡିକାଲରେ ୧୪୩ ଜଣ ଡେଙ୍ଗୁ ରୋଗୀ ଚିକିତ୍ସିତ ହେଉଛନ୍ତି । ୱାର୍ଡରେ ୧୨୬ ଜଣ ରୋଗୀ ଚିକିତ୍ସିତ ହେଉଥିବା ବେଳେ ଆଇସିୟୁରେ ୧୭ ଜଣ ଗୁରୁତରଙ୍କୁ ଚିକିତ୍ସା କରାଯାଉଛି । ମଙ୍ଗଳବାର ମେଡିକାଲରେ ମୋଟ ୧୫୪ ଜଣ ରୋଗୀଙ୍କ ରକ୍ତନମୁନା ପରୀକ୍ଷା କରାଯାଇଥିଲା । ସେଥିରୁ ୫୫ଟି ନମୁନାରେ ଡେଙ୍ଗୁ ପଜିଟିଭ ଚିହ୍ନଟ କରାଯାଇଛି। ଜଗତ୍‌ସିଂହପୁରର ୨୧ ଜଣ ଓ କଟକରୁ ୧୬ ଜଣ ରୋଗୀ ରହିଛନ୍ତି ।

### ଶିକ୍ଷକଙ୍କ ଧାରଣା

ଟାଙ୍ଗୀ/ କଣ୍ଟାପଡ଼ା,୧୧।୯(ଡି.ଏନ୍.ଏ.)- ଟାଙ୍ଗୀ-ଚୌଦ୍ୱାର ବ୍ଲକ ମିଳିତ ଶିକ୍ଷକ ମଞ୍ଚ ପକ୍ଷରୁ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ଅଶୋକ କୁମାର ପରିଜାଙ୍କ ପୌରହିତ୍ୟ କରିଥିଲେ। ଏ ନେଇ ଏକ ସ୍ମାରକପତ୍ର ବିଡିଓ ବିନୋଦ କୁମାର ସେନାପତିଙ୍କୁ ପ୍ରଦାନ କରାଯାଇଥିଲା । ଶିକ୍ଷକ ନେତା ଗୁପ୍ତେଶ୍ୱର ଦାସ, ଅରୁଣଦୋୟ ସ୍ୱାଇଁ ଓ ପ୍ରଫୁଲ୍ଲ ସାମଲ ପରିଚାଳନା କରିଥିଲେ । ସେହିପରି ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର କଣ୍ଟାପଡ଼ା ଶାଖା ପକ୍ଷରୁ ବ୍ଲକ ସମ୍ମୁଖରେ ଧାରଣା ଦିଆଯାଇଛି। କଟକ ଜିଲା ମିଳିତ ମଞ୍ଚର ସମ୍ପାଦକ ପ୍ରେମଜିତ ରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ ଧାରଣାରେ ଡ. ଅଭିଳାଷ ଚନ୍ଦ୍ର ବେହେରା, କୈଳାସ ଚନ୍ଦ୍ର ଦାସ, ଅପରାଜିତା ମହାନ୍ତି, ଉର୍ମିଳା ରାଉତ, ଅଶୋକ କୁମାର ସାହୁ, ପ୍ରଭଞ୍ଜନ ଦାସ, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

# ପୁରୀଘାଟ ଥାନାରେ ଭଙ୍ଗାରୁଜା, ରାସ୍ତାରୋକୋ

କଟକ ଅଫିସ, ୧୧।୯

**ପୋଲିସର ଦୁର୍ବ୍ୟବହାର ଅଭିଯୋଗ**
- କଂଗ୍ରେସ ନେତାଙ୍କ ଗିରଫକୁ ନେଇ ଉତ୍ତେଜନା
- ୩ ଘଣ୍ଟା ଧରି ଅଟକି ରହିଲା ଗାଡିମୋଟର
- ଘଣ୍ଟାଏ ଫସି ରହିଲା ଆମ୍ବୁଲାନ୍ସ

କଟକ ପୋଲିସର ପିଛା ଛାଡୁନି ବିବାଦ। କିଛିଦିନ ତଳେ ଆଇନଜୀବୀଙ୍କୁ ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଏପର୍ଯ୍ୟନ୍ତ ପୋଲିସ-ଆଇନଜୀବୀଙ୍କ ମଧ୍ୟରେ ଲାଗି ରହିଥିବା ବିବାଦର ସମାଧାନ ହୋଇ ନ ଥିବାବେଳେ ଆଉଏକ ଘଟଣାକୁ ନେଇ ମଙ୍ଗଳବାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ୨ନଂ. ବ୍ଲକ୍ କଂଗ୍ରେସ ସଭାପତି ବିଜୟ ବାରିକଙ୍କୁ ଗିରଫ ଘଟଣାରେ ପୋଲିସର ଦୁର୍ବ୍ୟବହାରକୁ ନେଇ ପୁରୀଘାଟ ଥାନାରେ ଉତ୍ତେଜନା ଦେଖାଦେଇଥିଲା। କଂଗ୍ରେସ କର୍ମୀମାନେ ଥାନା ଘେରାଉ କରିବା ସହ ଭିତରେ ପଶି ଭଙ୍ଗାରୁଜା କରିଥିଲେ। ଏଥିସହ ରାସ୍ତା ଅବରୋଧ କରିବାରୁ ଦୀର୍ଘ ସମୟ ଧରି ଯାତ୍ରୀମାନେ ଖରାରେ ହନ୍ତସନ୍ତ ହୋଇଥିଲେ। ଘଟଣାସ୍ଥଳରେ ଏସିପି ଅନିଲ କୁମାର ମିଶ୍ର ଓ ପ୍ରମୋଦ କୁମାର ରଥ ପହଞ୍ଚି କଂଗ୍ରେସ କର୍ମୀଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ସୂଚନାନୁସାରେ, ଏକ ଗଣ୍ଡଗୋଳ ଘଟଣାରେ ବିଜୟଙ୍କ ନାମରେ ପୁରୀଘାଟ ଥାନାରେ ମାମଲା ଥିଲା। ଏହାର ବିଚାର ଏବେ କଟକ ଏସ୍‌ଡିଜେମ୍ କୋର୍ଟରେ ଚାଲିଛି। ତେବେ ବାରମ୍ବାର ନୋଟିସ ସତ୍ତ୍ୱେ ବିଜୟ କୋର୍ଟରେ ହାଜର ହେଉ ନ ଥିବାରୁ ତାଙ୍କ ବିରୋଧରେ ଜାମିନଯୁକ୍ତ ଗିରଫ ପରୱାନା ଜାରି କରାଯାଇଥିଲା। କୋର୍ଟଙ୍କ ନିର୍ଦ୍ଦେଶ ପରେ ସୋମବାର ରାତିରେ ପୁରୀଘାଟ ପୋଲିସ ବିଜୟଙ୍କୁ ଗିରଫ କରିଥିଲା। ଏହି ଖବର ପ୍ରଚାରିତ ହେବା ପରେ କେତେଜଣ କଂଗ୍ରେସ କର୍ମୀ ଥାନାରେ ପହଞ୍ଚି ବିଜୟଙ୍କୁ ଛାଡି ଦେବାକୁ ପୋଲିସକୁ କହିଥିଲେ। ଏହାକୁ ନେଇ ପୋଲିସ ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ତେବେ କଂଗ୍ରେସ କର୍ମୀଙ୍କ ଅଭିଯୋଗ ଅନୁଯାୟୀ, ସେମାନେ ଥାନାକୁ ଯାଇଥିବାବେଳେ ପୋଲିସ ସେମାନଙ୍କୁ ୩ ଘଣ୍ଟା ବାହାରେ ବସାଇଥିଲା। ପରେ ଥାନାଧିକାରୀ ରଶ୍ମୀ ରଞ୍ଜନ ସାହୁ ସେମାନଙ୍କୁ ଦୁର୍ବ୍ୟବହାର କରିଥିଲେ। ଏପରି ଅଭିଯୋଗକୁ ନେଇ ମଙ୍ଗଳବାର ସକାଳେ ଏହାକୁ ନେଇ ଥାନାରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରଥମେ କେତେଜଣ କଂଗ୍ରେସ ନେତା ବେଲ୍‌ବଣ୍ଡ ଦେଖାଇ ବିଜୟଙ୍କୁ ଛାଡିଦେବାକୁ କହିଥିଲେ। ମାତ୍ର ପୋଲିସ କିଛି ଶୁଣି ନ ଥିଲା। ମଧ୍ୟାହ୍ନ ପ୍ରାୟ ୧୨ଟାରେ ଶହ ଶହ କଂଗ୍ରେସ କର୍ମୀ ଥାନାକୁ ଘେରିଯାଇଥିଲେ। ବିଜୟଙ୍କୁ ଛାଡିଦେବା ସହ ଥାନାଧିକାରୀ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଦାବି କରିଥିଲେ। କେତେଜଣ ଉତ୍ତ୍ୟକ୍ତ କର୍ମୀ ଥାନା ଭିତରେ ପଶି ଭଙ୍ଗାରୁଜା କରିଥିଲେ। ପରେ ବିଜୟଙ୍କୁ ପୋଲିସ ଛାଡ଼ି ଦେଇଥିଲା। କିନ୍ତୁ କଂଗ୍ରେସ କର୍ମୀମାନେ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ନିକଟସ୍ଥ କାଠଯୋଡି ରିଂବନ୍ଧ ରାସ୍ତାକୁ ଅବରୋଧ କରିଥିଲେ। ଘଟଣାସ୍ଥଳରେ ଏସିପି ପ୍ରମୋଦ ରଥ ଓ ଅନିଲ କୁମାର ମିଶ୍ର ପହଞ୍ଚି ନଗର କଂଗ୍ରେସ ସଭାପତି ମହମ୍ମଦ ମୋକିମଙ୍କ ସହ ଆଲୋଚନା କରିଥିଲେ। ମାତ୍ର କଂଗ୍ରେସ କର୍ମୀମାନେ ସେମାନଙ୍କ ଜିଦ୍‌ରେ ଅଟଳ ରହିଥିଲେ। ଥାନାଧିକାରୀ ସାହୁ ଥାନାରୁ ବାହାରି ଆଲୋଚନାସ୍ଥଳକୁ ଆସିଥିଲେ। ଘଟଣାକୁ ନେଇ ବହୁ ସମୟ ଧରି ଆଲୋଚନା ଓ ବୁଝାଶୁଝା ପରେ ଆନ୍ଦୋଳନ ହଟିଥିଲା। ତେବେ ଆନ୍ଦୋଳନ ଯୋଗୁ ୩ ଘଣ୍ଟା ଧରି ରାସ୍ତାରେ ବହୁ ଗାଡିମୋଟର ଅଟକି ରହିଥିଲା। ଯାତ୍ରୀମାନେ ଖରାରେ ହନ୍ତସନ୍ତ ହୋଇଥିଲେ। କେତେକ ବାଇକ, କାର, ଅଟୋ ରାସ୍ତା ତଳକୁ ଖସି କାଠଯୋଡି ନଦୀ କୂଳେ କୂଳେ ରାସ୍ତା ପାର ହେଉଥିବା ଦେଖିବାକୁ ମିଳିଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହା ଭିତରେ ଏକ ଆମ୍ବୁଲାନ୍ସ ପ୍ରାୟ ୧ ଘଣ୍ଟା ଧରି ଫସି ରହିଥିଲା। ଉକ୍ତ ଆମ୍ବୁଲାନ୍ସଟି ଜଣେ ରୋଗୀଙ୍କୁ ନେଇ ବାଦାମବାଡିରୁ ପୁରୀଘାଟ ଆଡକୁ ଯାଉଥିଲା। ରାସ୍ତା ଜାମ ଯୋଗୁ ଭିଡ଼ ଭିତରୁ ଆମ୍ବୁଲାନ୍ସଟି ବାହାରିପାରି ନ ଥିଲା। ପରିସ୍ଥିତି ଶାନ୍ତ ପଡିବା ପରେ ପୋଲିସ କର୍ମଚାରୀ ପହଞ୍ଚି ଆମ୍ବୁଲାନ୍ସକୁ ବାଟ କଢ଼ାଇ ନେଇଥିଲେ।



ପୁରୀଘାଟ ଥାନା ସମ୍ମୁଖରେ ଧାରଣାରେ ବସିଥିବା କଂଗ୍ରେସ କର୍ମୀମାନେ।



ଥାନା ଭିତରେ ହୋଇଥିବା ଭଙ୍ଗାରୁଜା।



କଂଗ୍ରେସ କର୍ମୀମାନେ କାଠଯୋଡ଼ି ରିଂ ବନ୍ଧରେ ଟାୟାର ଜାଳି ରାସ୍ତାରୋକୋ କରୁଛନ୍ତି।

### ଶିଶୁକନ୍ୟାଙ୍କୁ ବଳାତ୍କାର ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର

କଟକରୋଡ୍, ୧୧।୯(ଡି.ଏନ୍.ଏ.)

ବଡ଼ଗଡ଼ ଥାନା ଅଞ୍ଚଳରେ ମଙ୍ଗଳବାର ଜଣେ ୫ ବର୍ଷୀୟା ଶିଶୁକନ୍ୟାଙ୍କୁ ବଳାତ୍କାର କରାଯାଇଥିବା ନେଇ ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ଜଣେ ସମ୍ପର୍କୀୟ ନାବାଳକ ଏହି କାଣ୍ଡ ଘଟାଇଥିବା ଜଣାପଡ଼ିଛି।

ସୂଚନା ମୁତାବକ, ଶିଶୁକନ୍ୟା ଜଣକ ଘର ନିକଟରେ ଖେଳୁଥିଲେ। ଏହି ସମୟରେ ଉକ୍ତ ନାବାଳକ ତାଙ୍କୁ ଦୋକାନକୁ ଖାଇବାକୁ ଯିବା ପାଇଁ ଡାକି ନେଇଥିଲେ। ପରେ ଘର ନିକଟ ଏକ ନିଛାଟିଆ ଜାଗାକୁ ନେଇ ତାଙ୍କୁ ବଳାତ୍କାର କରିଥିଲେ। ଝିଅଟି ଚେତାଶୂନ୍ୟ ଅବସ୍ଥାରେ ପଡ଼ିଥିବା ବେଳେ ନାବାଳକ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଝିଅଟିକୁ ଦେଖି ତାଙ୍କ ପରିବାର ଲୋକଙ୍କ ସହାୟତାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ସେଠାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଘଟଣା ସମ୍ପର୍କରେ ନାବାଳିକାଙ୍କ ପରିବାରବର୍ଗ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅପରାହ୍ନ ପ୍ରାୟ ୩ଟାରେ ଉକ୍ତ ଅଞ୍ଚଳରେ ପହଞ୍ଚି ଘଟଣାର ତଦନ୍ତ କରିଥିବା ସ୍ଥାନୀୟ ଲୋକଙ୍କଠାରୁ ସୂଚନା ମିଳିଛି। ଏ ସଂକ୍ରାନ୍ତରେ ବଡ଼ଗଡ଼ ଥାନାଧିକାରୀ ଦିଲୀପ କୁମାର ସ୍ୱାଇଁ କୁହନ୍ତି, ଘଟଣା ଘଟିଥିବା ସତ୍ୟ, କିନ୍ତୁ ଏହା ଆମ ଥାନା ଅଞ୍ଚଳର ନୁହେଁ। ଏ ବିଷୟରେ ଏସିପିଙ୍କ ସହ ଯୋଗାଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ। ତେବେ ଜୋନ-୪ ଏସିପି ଅମରେନ୍ଦ୍ର ପଣ୍ଡାଙ୍କ ସହ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ବ୍ୟସ୍ତ ଥିବା କହି ଫୋନ କାଟିଦେଇଥିଲେ।

# ଖୋଲା ଶୌଚମୁକ୍ତ ହେବ କଟକ ସହର

କଟକ ଅଫିସ, ୧୧।୯

- ୫୯ରୁ ୫୧ ୱାର୍ଡ ଖୋଲା ଶୌଚମୁକ୍ତ ଘୋଷିତ
- କାଗଜକଲମରେ ଯୋଜନା, ବାସ୍ତବ ସ୍ଥିତି ଭିନ୍ନ

ସହରରକୁ ଖୋଲା ଶୌଚମୁକ୍ତ କରିବ କଟକ ମହାନଗର ନିଗମ(ସିଏମ୍‌ସି)। ମୋଟ ୫୯ଟି ୱାର୍ଡରୁ ୫୧ଟି ୱାର୍ଡ ଖୋଲା ଶୌଚମୁକ୍ତ ଘୋଷିତ ହୋଇଛି। ବାକି ୮ଟି ୱାର୍ଡ କାହିଁକି ଖୋଲା ଶୌଚମୁକ୍ତ ହୋଇପାରିନି ସେ ସଂକ୍ରାନ୍ତରେ ସିଏମସି କମିଶନର ଶରତ ଚନ୍ଦ୍ର ନାୟକ ମଙ୍ଗଳବାର ସମ୍ପୃକ୍ତ ୱାର୍ଡର କର୍ପୋରେଟରଙ୍କୁ ଡାକି ପଚାରିବୁଝିବା ସହ ରହିଥିବା ସମସ୍ୟା ଦୂର ପାଇଁ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ସୂଚନା ମୁତାବକ, ଗତ ଜୁନ ମାସରୁ ସିଏମ୍‌ସିର ବିଭିନ୍ନ ୱାର୍ଡରେ ବୈଠକ, ଶୋଭାଯାତ୍ରା କରାଯିବା ସହ କେତେକ ସ୍ଥାନରେ ସଚେତନତା ବ୍ୟାନର ଲଗାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ସେହି ସବୁ ଅଞ୍ଚଳରେ ମଧ ଲୋକେ ଖୋଲାରେ ଶୌଚ ଯାଉଥିବା ଦେଖାଯାଇଥିଲା। ଖୋଲା ଶୌଚମୁକ୍ତ ଘୋଷିତ ୪ନଂ ୱାର୍ଡର କର୍ପୋରେଟର ଗିରିବାଳା ବେହେରାଙ୍କ କହିବାନୁସାରେ, ପାଇଖାନା ନିର୍ମାଣ କରି ଫଟୋଇ ଉଠାଇ ଦେଲେ ୮ ହଜାର ଟଙ୍କା ମିଳିବ ବୋଲି ସିଏମ୍‌ସି ପକ୍ଷରୁ କୁହାଗଲା। ହେଲେ ଏହି ଅର୍ଥ ମିଳିବାରେ ବିଳମ୍ବ ହେଉଥିବା ଲୋକେ ଅଭିଯୋଗ କରୁଛନ୍ତି। ସେହିପରି ଖୋଲା ଶୌଚମୁକ୍ତ ୱାର୍ଡ ଘୋଷିତ ହୋଇ ନ ଥିବା ୯ନଂ. ୱାର୍ଡର କର୍ପୋରେଟର ବିକାଶ ବେହେରା କହିଛନ୍ତି, ଆମେ କମିଶନରଙ୍କୁ ବାସ୍ତବ ସମସ୍ୟା ବିଷୟରେ ଅବଗତ କରିଛୁ। ମୋ ୱାର୍ଡରେ ଥିବା ଶୌଚାଳୟଗୁଡିକର ଦୀର୍ଘଦିନ ହେବ ମରାମତି ହୋଇନାହିଁ। ତେଣୁ ଲୋକେ ବାଧ ଖୋଲାରେ ଶୌଚ କରୁଛନ୍ତି। ଯଦି ୱାର୍ଡରେ ଥିବା ସୁଲଭ ଶୌଚାଳୟଗୁଡିକର ମରାମତି ଠିକ୍ ଭାବେ ନ କରାଯିବ ସେଠାକୁ ଶୌଚ ପାଇଁ ଯିବ ବା କିଏ। ଏପରିସ୍ଥଳେ ଖୋଲା ଶୌଚମୁକ୍ତ ୱାର୍ଡ କେବଳ କାଗଜକଲମରେ ଘୋଷଣା କରି ଲାଭ କ'ଣ ? ସ୍ୱଚ୍ଛଭାରତ ମିଶନ ଆଇଏଚ୍‌ଏଚ୍‌ଏଲ୍ (ଇଣ୍ଡିଭିଜୁଆଲ ହାଉସ ହୋଲ୍ଡ ଲାଟିନ) ଯୋଜନାରେ ସିଏମ୍‌ସି ସହରକୁ ଖୋଲା ଶୌଚମୁକ୍ତ କରିବାକୁ ନିର୍ଦ୍ଦେଶ ଥିବାବେଳେ ସିଏମ୍‌ସି ଏବେ ଯେଉଁଭଳି ଭାବେ ଲୋକଦେଖାଣିଆ କାଗଜକଲମରେ ଖୋଲା ଶୌଚମୁକ୍ତ ୱାର୍ଡ ଘୋଷଣା କରୁଛି, ପରବର୍ତ୍ତୀ ସମୟରେ ଏହାର ସୁଫଳ କିଛି ମିଳିବ ନାହିଁ ବୋଲି ମତପ୍ରକାଶ ପାଇଛି।

### ମାଗଣା ଚକ୍ଷୁ ଚିକିତ୍ସା ଶିବିର

ଫୁଲନଖରା,୧୧।୯(ଡି.ଏନ୍.ଏ.)

କଟକସଦର ବ୍ଲକ ଆମଣ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରପଞ୍ଚ ପୁନାନନ୍ଦ ଭୋଇ, ସମିତିସଭ୍ୟା ସୁଭାସିନୀ ସେଠୀ, ୫୯ନମ୍ବର ୱାର୍ଡର କର୍ପୋରେଟର ପ୍ରମୋଦ କୁମାର ମହାପାତ୍ର, ବିପ୍ର ଚରଣ ଭୋଳ, ପୂର୍ବତନ ସରପଞ୍ଚ କ୍ଷୀରୋଦ ଚନ୍ଦ୍ର ଦଳାଇ, ନାଏବ ସରପଞ୍ଚ ନୟନା ସାହୁ, ନିରଞ୍ଜନ ବେହେରା, ଯମୁନା ବାରିକ, ପ୍ରଭାକର ସେଠୀ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ୧୫୦ରୁ ଊର୍ଦ୍ଧ୍ୱ ରୋଗୀ ନାମ ପଞ୍ଜୀକୃତ କରିଥିବାବେଳେ ୫୦ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ମନୋନୀତ କରାଯାଇଥଲା। କଟକ ବିଡ଼ାନାସୀସ୍ଥିତ ଜେପିଏମ ରୋଟାରୀ କ୍ଲବ ଚକ୍ଷୁ ଚିକିତ୍ସାଳୟର ପ୍ରଶାନ୍ତ ମହାନ୍ତି, ନନ୍ଦିନୀ ନାୟକ ପ୍ରମୁଖ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ।

# ଚାଷୀ-ଭାଗଚାଷୀ ଘେରିଲେ ଜିଲାପାଳଙ୍କ କାର୍ଯ୍ୟାଳୟ




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ଚାଷୀମାନେ।

କଟକ ଅଫିସ, ୧୧।୯

**ଚାଷୀମାରଣ ନୀତିର ପ୍ରତିବାଦ**

ସମବାୟ ସମିତି ସମ୍ବନ୍ଧୀୟ ସମସ୍ୟାର ସମାଧାନ, ପ୍ରଧାନମନ୍ତ୍ରୀ ଫସଲ ବୀମା ଅର୍ଥ ପ୍ରଦାନ ଆଦି ଦାବି କରି ବହୁ ସଂଖ୍ୟକ ଚାଷୀ ଓ ଭାଗଚାଷୀ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଓଡ଼ିଶା କୃଷକ ସଭା କଟକ ଜିଲା କମିଟି ସମ୍ପାଦକ ଡମ୍ବରୁଧର ସାହୁଙ୍କ ନେତୃତ୍ୱରେ ଚାଷୀମାନେ ଗ୍ରାମାଞ୍ଚଳ ଏସ୍‌ପିଙ୍କ କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ଚାଷୀମାରଣ ନୀତି ସମ୍ପର୍କରେ ଚାଷୀ ଓ ଚାଷୀନେତାମାନେ କହିଥିଲେ। ସମବାୟ ସମିତିରେ ହୋଇଥିବା ୮୦୦ କୋଟି ଟଙ୍କା ଦୁର୍ନୀତିର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଥିଲେ। ୨୦୧୭-୧୮ରେ ଫସଲ କ୍ଷୟକ୍ଷତି ସତ୍ତ୍ୱେ ପ୍ରିମିୟମ ଦେଇଥିବା ଚାଷୀଙ୍କୁ ଆଜି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଫସଲ ବୀମା ମିଳି ନ ଥିବା ସେମାନେ ଅଭିଯୋଗ କରିଥିଲେ। ଏଣୁ ବୀମା କମ୍ପାନୀ ବିରୋଧରେ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ସେହିପରି ବହୁ ସଂଖ୍ୟକ ଭାଗଚାଷୀ ଋଣ ପାଇବାରୁ ବଞ୍ଚିତ ହୋଇଛନ୍ତି। ତୁରନ୍ତ ବଞ୍ଚିତ ଥିବା ଭାଗଚାଷୀମାନଙ୍କୁ ଋଣ ପ୍ରଦାନ କରିବାକୁ ଚାଷୀମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ ପ୍ରତ୍ୟେକ ସମବାୟ ସମିତିରେ ପର୍ଯ୍ୟାପ୍ତ ପରିମାଣର ସାର ଯୋଗାଇ ଦେବା ସହ ଭାଗଚାଷୀଙ୍କ ଏସ୍‌ଏଚ୍‌ଜିଙ୍କୁ ମହିଳା ଏସ୍‌ଏଚ୍‌ଜି ଭଳି ସ୍ୱୀକୃତି ପ୍ରଦାନ କରିବାକୁ କୃଷକ ସଭା ଦାବି କରିଛି। ଓଡ଼ିଶା କୃଷକ ସଭା କଟକ ଜିଲା ଉପସଭାପତି ବଦ୍ରିନାରାୟଣ ଦାଶ, ବିଷ୍ଣୁ ବେହେରା, ରମେଶ ଚନ୍ଦ୍ର ବେହେରା, ମହେନ୍ଦ୍ର କୁମାର ବେହେରା, ରଶ୍ମିରଞ୍ଜନ ତ୍ରିପାଠୀ, ଚନ୍ଦ୍ରମୋହନ ମାଝି, ଗଙ୍ଗା ତିରୀୟା, ସନାତନ ପଣ୍ଡା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

■ ଏଆଇଡିଏସ୍‌ଓ ପକ୍ଷରୁ ଧିକ୍କାର ଦିବସ

# ବ୍ଲକଗ୍ରାଣ୍ଟ ଉଚ୍ଛେଦ, ପାସ୍ ଫେଲ ବ୍ୟବସ୍ଥା ପୁନଃ ପ୍ରଚଳନ ଦାବି




ଏଆଇଡିଏସ୍‌ଓ ପକ୍ଷରୁ କଲେଜ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

କଟକ ଅଫିସ, ୧୧।୯

ବ୍ଲକଗ୍ରାଣ୍ଟ ବ୍ୟବସ୍ଥା ଉଚ୍ଛେଦ ସହିତ ପ୍ରଥମ ଶ୍ରେଣୀରୁ ପାଶ୍-ଫେଲ୍ ବ୍ୟବସ୍ଥା ପୁନଃ ପ୍ରଚଳନ କ୍ଷେତ୍ରରେ ସରକାର ଉଦାସୀନ ରହୁଛନ୍ତି। ଏହା ବିରୋଧରେ ଏଆଇଡିଏସ୍‌ଓ ପକ୍ଷରୁ ମଙ୍ଗଳବାର ସାରା ରାଜ୍ୟରେ ଧିକ୍କାର ଦିବସ ପାଳନ କରାଯାଇଛି। ଏହି ଅବସରେ କଟକ ଜିଲା କମିଟି ପକ୍ଷରୁ ସଭାପତି ଭାଗ୍ୟରବି ଦାସ, ଉପସଭାପତି ତରୁଣସେନ ନାୟକ, ସମ୍ପାଦକ ବିନୋଦ ସେଠୀ, କୋଷାଧ୍ୟକ୍ଷ ଈଷା ଧର ପ୍ରମୁଖଙ୍କ ନେତୃତ୍ୱରେ ସ୍ଥାନୀୟ କଲେଜଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଆଇଡିଏସ୍‌ଓର ଅଭିଯୋଗ ହେଉଛି, ରାଜ୍ୟର ୪୦ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀମାନେ ବିଧାନସଭା ସମ୍ମୁଖରେ ଆନ୍ଦୋଳନ ଜାରିରଖିଛନ୍ତି। ମାତ୍ର ରାଜ୍ୟ ସରକାର ଏପର୍ଯ୍ୟନ୍ତ ସେମାନଙ୍କର ନ୍ୟାୟ ଓ ଯୁକ୍ତିସଂଗତ ଦାବିପ୍ରତି କର୍ଣ୍ଣପାତ କରୁନାହାନ୍ତି। ବରଂ ଆନ୍ଦୋଳନକାରୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଦୀର୍ଘ ୨୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରାଜ୍ୟର ବିଭିନ୍ନ ଅଞ୍ଚଳରେ ଥିବା ବହୁ ସଂଖ୍ୟକ ସ୍କୁଲ, କଲେଜରେ ଶିକ୍ଷକ ଓ ଅଧ୍ୟାପକମାନେ ବିନା ବେତନ ବା ସ୍ୱଳ୍ପ ବେତନରେ ପାଠ ପଢାଇ ଆସୁଛନ୍ତି। ୧୯୬୯ରୁ ଚାଲିଆସିଥିବା ଗ୍ରାଣ୍ଟ-ଇନ୍-ଏଡ୍ ବ୍ୟବସ୍ଥାକୁ ୨୦୦୪ରୁ ସରକାର ବନ୍ଦକରି ବ୍ଲକଗ୍ରାଣ୍ଟ ବ୍ୟବସ୍ଥା ଚାଲୁ କରିଛନ୍ତି। ସେହିଦିନଠାରୁ ଶିକ୍ଷକ, ଅଧ୍ୟାପକମାନେ ପୂର୍ଣ୍ଣ ଅନୁଦାନ ପାଇଁ ଦାବି କରିଆସୁଛନ୍ତି। ଇତିମଧ୍ୟରେ ବହୁ ଶିକ୍ଷକ ଓ ଅଧ୍ୟାପକ ଚାକିରିରୁ ଅବସର ନେଇସାରିଲେଣି। ଅନ୍ୟପଟରେ ଶିକ୍ଷା ଅଧିକାର ଆଇନ-୨୦୦୯ ଅନୁଯାୟୀ ସରକାରୀ ସ୍କୁଲମାନଙ୍କରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଶ୍-ଫେଲ୍ ଉଠିଯିବା ପରେ ଦେଶରେ ବହୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନଷ୍ଟ ହୋଇଯାଇଛି। ପଞ୍ଚମ, ଷଷ୍ଠ ଶେଣୀର ପିଲାମାନେ ସାଧାରଣ ମିଶାଣ, ଫେଡାଣ କରିପାରୁ ନାହାନ୍ତି। ସରକାର ଯଦି ଏହି ସମସ୍ତ ସମସ୍ୟାର ତୁରନ୍ତ ସମାଧାନ ନ କରନ୍ତି ତେବେ ଛାତ୍ର ଆନ୍ଦୋଳନକୁ ଆହୁରି ଶକ୍ତିଶାଳୀ କରାଯିବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

# ହାଉସ ସର୍ଜନ ସଂଘର ସମାବର୍ତ୍ତନ ଉତ୍ସବ

କଟକ ଅଫିସ, ୧୧।୯

ଏସ୍‌ସିବି ମେଡିକାଲ କଲେଜ ହାଉସ ସର୍ଜନ ସଂଘର ସମାବର୍ତ୍ତନ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଡ. ସୌମେନ୍ଦ୍ର ମୋହନ ପଟ୍ଟନାୟକ ଯୋଗଦେଇ ନମ୍ରତା ଡାକ୍ତରମାନଙ୍କର ସ୍ୱଭାବ ହେବା ଉଚିତ ବୋଲି କହିଥିଲେ। ପ୍ରଥମ ଥର ପାଇଁ ଆୟୋଜିତ ଏହି ଉତ୍ସବରେ ୨୦୧୨ରୁ ୨୦୧୭ ବ୍ୟାଚ୍‌ର ୧୫୦ ଜଣ କନିଷ୍ଠ ଡାକ୍ତର ପ୍ରମାଣପତ୍ର ଆଉ ମେଡାଲ ଗ୍ରହଣ କରିଥିଲେ। ଏସ୍‌ସିବି ମେଡିକାଲ କଲେଜର ପ୍ରିନ୍ସିପାଲ ପ୍ରଫେସର ଡାକ୍ତର ସିଦ୍ଧାର୍ଥ ଦାସ, ମେଡିକାଲ ଅଧୀକ୍ଷକ ପ୍ରଫେସର ଡାକ୍ତର ପ୍ରସନ୍ନ କୁମାର ଦେବତା ଓ ହାଉସ ସର୍ଜନ ୟୁନିୟନର ଉପଦେଷ୍ଟା ପ୍ରଫେସର ଡାକ୍ତର ନିରୁପମା ଚଇନି ଯୋଗଦେଇ ବକ୍ତବ୍ୟ ରଖିଥିଲେ। ହାଉସ ସର୍ଜନ ସଂଘର ସଭାପତି ଡାକ୍ତର ପ୍ରସନ୍ନଜିତ ପଟ୍ଟନାୟକ ଓ ଯୁଜି ସଂଘର ସଭାପତି ଦୀପକ କୁମାର ସାମଲ ପରିଚାଳନା କରିଥିଲେ।

■ ଚାଲିଛି ଛାତ୍ର ସଂସଦ ନିର୍ବାଚନ ଅଙ୍କକଷା

# ୫ କଲେଜରେ ଛାତ୍ର ବିଜେଡିର ପ୍ରାର୍ଥୀ ଘୋଷଣା

କଟକ ଅଫିସ, ୧୧।୯

ଛାତ୍ର ସଂସଦ ନିର୍ବାଚନ ତାରିଖ ଘୋଷଣା ହୋଇ ନଥିଲେ ବି ନିର୍ବାଚନକୁ ନେଇ କଲେଜ ପରିସରଗୁଡ଼ିକ ଚଳଚଞ୍ଚଳ ହେବାରେ ଲାଗିଲାଣି। ଛାତ୍ରନେତା ମାନେ କଲେଜ ପରିସରରେ ଜଗିରହି ଭୋଟ ବ୍ୟାଙ୍କ ତିଆରି କରିବା ଆରମ୍ଭ କରିଛନ୍ତି। କେଉଁ ବିଭାଗର ଛାତ୍ରୀ କିମ୍ବା ଛାତ୍ର ତଥା କେଉଁ ପ୍ରାର୍ଥୀ ଆଗାମୀ ଛାତ୍ର ସଂସଦ ନିର୍ବାଚନରେ ସେମାନଙ୍କୁ ଜିତାଇବ ସେ ନେଇ ଜୋରଦାର ଅଙ୍କକଷା ଚାଲିଛି।

ଇତି ମଧ୍ୟରେ ସହରର ୫ଟି କଲେଜରେ ସଭାପତି ଓ ସାଧାରଣ ସମ୍ପାଦକ ପ୍ରାର୍ଥୀ ଚୂଡ଼ାନ୍ତ ହୋଇଛି ବୋଲି ରାଜ୍ୟ ଛାତ୍ର ବିଜେଡିର ଉପସଭାପତି ମନୋଜିତ ଦାସ ସୂଚନା ଦେଇଛନ୍ତି। ଖ୍ରୀଷ୍ଟ କଲେଜରେ ସଭାପତି ପ୍ରାର୍ଥୀ ଭାବେ ଶୁଭେନ୍ଦୁ କୁମାର ନାୟକଙ୍କ ନାମ ଘୋଷଣା କରାଯାଇଥିବା ବେଳେ ସାଧାରଣ ସମ୍ପାଦକ ପ୍ରାର୍ଥୀ ଭାବେ କୃତିନାଥ ସାହୁ, ଷ୍ଟିୱାର୍ଟ ବିଜ୍ଞାନ କଲେଜରେ ସଭାପତି ପ୍ରାର୍ଥୀ ଭାବେ ଅମିତ ବେହେରା, ସାଧାରଣ ସମ୍ପାଦକ ପ୍ରାର୍ଥୀ ଭାବେ ଅରଜିତ ଦାସ, ନେତାଜୀ ସୁଭାଷ ମେମୋରିଆଲ ସିଟି କଲେଜରେ ସଭାପତି ପ୍ରାର୍ଥୀ ଭାବେ ସୁଶାନ୍ତ ଦାସ, ସାଧାରଣ ସମ୍ପାଦକ ପ୍ରାର୍ଥୀ ଭାବେ ରାକେଶ ବେହେରା, ଇମର୍ତ୍ତୀ ଦେବୀ ମହିଳା କଲେଜରେ ସଭାପତି ପ୍ରାର୍ଥୀ ଭାବେ ଦୁର୍ଗେଶ୍ୱରୀ ମହାରଣା, ସାଧାରଣ ସମ୍ପାଦକ ପ୍ରାର୍ଥୀ ଭାବେ ରଞ୍ଜିତା ଦାସ, ଇନ୍ଦିରଗାନ୍ଧୀ ମହିଳା ମହାବିଦ୍ୟାଳୟରେ ସଭାପତି ପ୍ରାର୍ଥୀ ଭାବେ ସୋନାଲି ସାହୁ ଓ ସାଧାରଣ ସମ୍ପାଦକ ପ୍ରାର୍ଥୀ ଭାବେ ଜ୍ୟୋତି ଚୌଧୁରୀ ନିର୍ବାଚନକୁ ଓହ୍ଲାଇବେ ବୋଲି ଛାତ୍ର ବିଜେଡି ପକ୍ଷରୁ କୁହାଯାଇଛି। ରାଜ୍ୟ ଛାତ୍ର ବିଜେଡିର କାର୍ଯ୍ୟକାରୀ ସଭାପତି ଦେବୀରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ଆଗାମୀ ଛାତ୍ର ସଂସଦ ନିର୍ବାଚନ ନିମନ୍ତେ ସହରର କଲେଜଗୁଡ଼ିକରେ ପ୍ରାର୍ଥୀ ଘୋଷଣା ଚାଲିଛି ବୋଲି ମନୋଜିତ କହିଥିଲେ ।

### ଜେକେବିକେରେ ଛାତ୍ର କଂଗ୍ରେସ ପ୍ରାର୍ଥୀ ଘୋଷଣା

ଆଗାମୀ ଛାତ୍ର ସଂସଦ ନିର୍ବାଚନ ନେଇ ଜେକେବିକେରେ ପ୍ରାର୍ଥୀ ଘୋଷଣା ସରିଛି। ସଭାପତି ଭାବେ ଦିନେଶ ସୋରେନ୍ ଓ ସାଧାରଣ ସମ୍ପାଦକ ଭାବେ ରାଜେଶ କୁମାର ରାଉତଙ୍କ ନାମ ଘୋଷଣା କରିଛି ଛାତ୍ର କଂଗ୍ରେସ।

### ଇସିରେ ହେବ ରେଭେନ୍‌ଶା ନିର୍ବାଚନ ନିଷ୍ପତ୍ତି

ଆଗାମୀ କାର୍ଯ୍ୟନିର୍ବାହୀ ପରିଷଦ(ଇସି) ବୈଠକରେ ଛାତ୍ର ସଂସଦ ନିର୍ବାଚନ କରାଯିବା ନେଇ ଚୂଡ଼ାନ୍ତ ନିଷ୍ପତ୍ତି ହେବ ବୋଲି ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଇଶାନ କୁମାର ପାତ୍ର ସୂଚନା ଦେଇଛନ୍ତି। ସେପ୍ଟେମ୍ବର ଶେଷ ସପ୍ତାହରେ ଇସି ବୈଠକ ଡକାଯିବ ବୋଲି କୁଳପତି ପ୍ରଫେସର ପାତ୍ର ସୂଚନା କହିଛନ୍ତି।

ସୂଚନା ଥାଉକି, ଗତ ବର୍ଷ ରେଭେନ୍‌ଶାରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ ରହିଥିଲା। ଛାତ୍ର ସଂସଦ ଗଠନ ପରିବର୍ତ୍ତେ ଛାତ୍ର ପରିଷଦ ଗଠନ କରାଯିବାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିଷ୍ପତ୍ତି ନେବାରୁ ବିରୋଧର ସ୍ୱର ଉଠିଥିଲା। ଫଳରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସାଇନ-ଏ-ଡାଏ ଘୋଷଣା କରିଥିଲେ। ତେବେ ରେଭେନ୍‌ଶାରେ ଆଗାମୀ ଛାତ୍ର ସଂସଦ ନିର୍ବାଚନ ହେବ କି ନାହିଁ ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳି ନଥିବାରୁ ପ୍ରାର୍ଥୀ ଚୟନ କରାଯାଇ ନାହିଁ ବୋଲି ବିଭିନ୍ନ ଛାତ୍ର ସଙ୍ଗଠନର ନେତା ମାନେ କହିଛନ୍ତି।



ଭୁଲ୍‌ଟା ବୁଝିବା ମାତ୍ରେ ଲଜ୍ଜିତ ହୋଇଯିବା ଭଳି ସଦ୍‌ଗୁଣ ଆଉ କିଛି ନାହିଁ।
–ଡାୟୋଜିନିସ

# ବେଳାଭୂମି, ମଙ୍ଗଳାନଦୀ ସ୍ଥିତି ଅନୁଧ୍ୟାନ କଲେ ବିଶେଷଜ୍ଞ

ପୁରୀ ଅଫିସ, ୧୧।୯

ପୁରୀ ବେଳାଭୂମିର କୋକୋପାମ ଠାରୁ ମଙ୍ଗଳାମୁହାଣ ଅବକ୍ଷୟର ପ୍ରତିକାର ଲାଗି ସମନ୍ୱିତ ଉପକୂଳ ପରିଚାଳନା ପ୍ରକଳ୍ପ (ଆଇସିଜେଡ୍‌ଏମ୍‌ପି) ମାଧ୍ୟମରେ ନିଆଯିବ ପଦକ୍ଷେପ। ସି ୱାଲ ନିର୍ମାଣ ଓ ମଙ୍ଗଳାମୁହାଣ ସୁରକ୍ଷା ଲାଗି ଡିପିଆର ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ ହୋଇଛି। ନ୍ୟାଶନାଲ ସେଣ୍ଟର ଫର ସଷ୍ଟେନବୁଲ କୋଷ୍ଟାଲ ମ୍ୟାନେଜମେଣ୍ଟ (ଏନସିଏସ୍‌ସିଏମ୍) ବିଶେଷଜ୍ଞ ମଣିକନ୍ଦନଙ୍କ ନେତୃତ୍ୱରେ ୩ ଜଣିଆ ଟିମ୍ ପୁରୀ ଆସି ପୁରୀ ବେଳାଭୂମି ଓ ବାଙ୍କୀ ମୁହାଣର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଚାରିଅଟ୍ ହୋଟେଲ ନିକଟରେ ଦୁଇଟି ଟାୱାର ସ୍ଥାପନ କରି ମଙ୍ଗଳାନଦୀ ମଧ୍ୟରେ କରେଣ୍ଟ ମିଟର ପକାଯାଇ ଏହି ସର୍ଭେ କରାଯାଇଛି। ମଙ୍ଗଳା ମୁହାଣ ଏବଂ ମଙ୍ଗଳାଘାଟ ବ୍ରିଜ ନିକଟରେ ମଙ୍ଗଳାନଦୀରେ କରେଣ୍ଟ ମିଟର ପକାଯାଇଥିଲା। ଏହି ସର୍ଭେ ଦ୍ୱାରା ନଦୀ ଶଯ୍ୟାର ସ୍ଥିତି, ନଦୀର ଜଳ ଧାରଣ କ୍ଷମତା, ନଦୀ ଗଭୀରତା ଏବଂ ନଦୀ ଜଳର ସ୍ରୋତକୁ ଅନୁଧ୍ୟାନ କରାଯାଇଛି। ଏହାକୁ ବାଥିମେଟ୍ରି ସର୍ଭେ କୁହାଯାଏ ବୋଲି କହିଛନ୍ତି ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ରାଉତ। ସେହିପରି ମଙ୍ଗଳାମୁହାଣ ଠାରୁ ବଡଘର ପର୍ଯ୍ୟନ୍ତ ୨.୫ କିମି ଏବଂ ମଙ୍ଗଳାମୁହାଣ ଠାରୁ ଗିରଳ ପାର୍ଶ୍ୱକୁ ୧ କିମି ପର୍ଯ୍ୟନ୍ତ ବେଳାଭୂମିର ସର୍ଭେ କରାଯାଇଛି। ଏହାକୁ ଆର୍‌ଟିକେ ସର୍ଭେ ( ରିୟଲ ଟାଇମ୍ କାଇନମେଟିକ ସର୍ଭେ) କୁହାଯାଏ। ସର୍ଭେ ପରେ ଏହି ଟିମ୍ ଡିପିଆର ପ୍ରସ୍ତୁତ କରିବେ। ଡିପିଆର ପ୍ରସ୍ତୁତି ପରେ ପୁଣି ଡିସେମ୍ବରରେ ପୁଙ୍ଖାନୁପୁଙ୍ଖ ସର୍ଭେ ହେବ ବୋଲି ଜଳସେଚନ ବିଭାଗର ନିର୍ବାହୀଯନ୍ତ୍ରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୦୬ ମସିହାରେ ପୁରୀ ବେଳାଭୂମିରେ ପ୍ରଥମ ଥର ପାଇଁ ଅବକ୍ଷୟ ହୋଇଥିଲା। ବେଳାଭୂମି ମାର୍ଗର କୋକୋପାମ ଛକଠାରୁ ମଙ୍ଗଳା ମୁହାଣ ପର୍ଯ୍ୟନ୍ତ ଲମ୍ବିଥିବା ୪କୋଟି ଟଙ୍କା ବ୍ୟୟରେ ନିର୍ମିତ ରାସ୍ତାକୁ ସମୁଦ୍ର ଧୋଇ ନେଇଥିଲା। ଏହାସହିତ ମଙ୍ଗଳା ନଦୀ ମୁହାଣ ବାରମ୍ବାର ଗତିପଥ ବଦଳାଇବା ସହିତ ସମସ୍ୟା ସୃଷ୍ଟି କରୁଛି। ସେହିପରି ରାମଚଣ୍ଡୀ ବେଳାଭୂମିରେ ମଧ୍ୟ ଅବକ୍ଷୟ ଦେଖାଦେଇଛି।

## ଡିପିଆର ପ୍ରସ୍ତୁତି ଆରମ୍ଭ

■ମଙ୍ଗଳାନଦୀରେ ପଡ଼ିଲା କରେଣ୍ଟ ମିଟର
■ବେଳାଭୂମିର ହେଲା ଆର୍‌ଟିକେ ସର୍ଭେ



ମଙ୍ଗଳାମୁହାଣ ନିକଟରେ ଲାଗିଥିବା ଟାୱାର।

■ସୁପ୍ରିମ୍‌କୋର୍ଟରେ ଶ୍ରୀମନ୍ଦିର ମାମଲା

## ମାମଲା ଲଢ଼ିବାକୁ ଜଗନ୍ନାଥ ସେନାର ମୁଠି ଭିକ୍ଷା

ପୁରୀ ଅଫିସ, ୧୧।୯

ଶ୍ରୀମନ୍ଦିରରେ ପରିଚାଳନାଗତ ସଂସ୍କାର ଆଣିବା ଲାଗି ସୁପ୍ରିମ୍‌କୋର୍ଟରେ ଯେଉଁ ମାମଲା ରୁଜୁ କରାଯାଇଛି ତାହା ଏକ ଷଡ଼ଯନ୍ତ୍ର। ରତ୍ନଭଣ୍ଡାର ଚାବି ପ୍ରସଙ୍ଗକୁ ଚାପି ଦେବାପାଇଁ ଏଭଳି ପ୍ରାୟୋଜିତ ମାମଲା କରାଯାଇଛି ବୋଲି ଅଭିଯୋଗ କରିଛି ଶ୍ରୀଜଗନ୍ନାଥ ସେନା। ଏ ନେଇ ମଙ୍ଗଳବାର ସେନା ପକ୍ଷରୁ ସିଂହଦ୍ୱାର ସମ୍ମୁଖରେ ଅଭିନବ ବିରୋଧ କରାଯାଇଛି। ସୁପ୍ରିମ୍‌କୋର୍ଟରେ ମାମଲା ଲଢିବାକୁ ସେନା ସିଂହଦ୍ୱାର ସମ୍ମୁଖରେ ମୁଠି ଭିକ୍ଷା କରିଛି। ଏହି ଅବସରରେ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି ଯେ, ରତ୍ନଭଣ୍ଡାର ଚାବି ପ୍ରସଙ୍ଗକୁ ନେଇ ରାଜ୍ୟବ୍ୟାପୀ ଆଲୋଡ଼ନ ସୃଷ୍ଟି ହୋଇଥିଲା। ସରକାର ଅଡୁଆରେ ପଡିଥିଲେ। ତେଣୁ ଏହି ପ୍ରସଙ୍ଗରୁ ଜନସାଧାରଣଙ୍କ ଦୃଷ୍ଟି ହଟାଇବା ପାଇଁ ସୁପ୍ରିମ୍‌କୋର୍ଟରେ ଏହି ମାମଲା ରୁଜୁ କରାଯାଇଛି। ସେହିପରି ମହାପ୍ରଭୁଙ୍କ ନବକଳେବର ସଂକ୍ରାନ୍ତରେ ସୁପ୍ରିମ୍‌କୋର୍ଟରେ ଭୁଲ୍ ତଥ୍ୟ ଦେଇ ସନାତନ ହିନ୍ଦୁମାନଙ୍କ ଧାର୍ମିକ ଭାବନାକୁ ଆଘାତ ଦିଆଯାଇଛି। ପ୍ରାର୍ଥନାରେ ନ ଥାଇ ମଧ୍ୟ ଅଣହିନ୍ଦୁ ପ୍ରବେଶ ପ୍ରସଙ୍ଗ ଉଠିବା ନିଶ୍ଚିତ ଭାବେ ଏହାପଛର ଷଡ଼ଯନ୍ତ୍ରକୁ ସ୍ପଷ୍ଟ କରୁଛି। ତେଣୁ ଏହା ବିରୋଧରେ ଲଢିବା ପାଇଁ ସେନା ପକ୍ଷରୁ ମୁଠିଭିକ୍ଷା କରାଯାଉଛି ବୋଲି ସେ କହିଛନ୍ତି।

## ଶ୍ରୀମନ୍ଦିରରେ ନିକୁଞ୍ଜ ଲୀଳା

ପୁରୀ ଅଫିସ, ୧୧।୯

ମଙ୍ଗଳବାର ଭାଦ୍ରବ ଶୁକ୍ଳ ଦ୍ୱିତୀୟା ତିଥିରେ ଶ୍ରୀମନ୍ଦିରରେ ନିକୁଞ୍ଜ ଲୀଳା ନୀତି ସମ୍ପନ୍ନ ହୋଇଛି। ସନ୍ଧ୍ୟା ଧୂପ ନୀତି ବଢିବା ପରେ ମଦନମୋହନ ନାଟପା ମନ୍ଦିର ଖଟ ଉପରେ ବିଜେ କରିଥିଲେ। ଏହାପରେ ଠାକୁରଙ୍କ ସମ୍ମୁଖରେ ନିକୁଞ୍ଜ ଲୀଳା ପ୍ରସ୍ତାବ ଅନୁଷ୍ଠିତ ହୋଇଥିଲା। ଶୀତଳ ଭୋଗ ବନ୍ଦାପନା ପରେ ମଦନମୋହନ ବାହୁଡା ବିଜେ କରିଥିଲେ।

## ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଆରମ୍ଭ ହେବ ବାୟୋମେଟ୍ରିକ ବ୍ୟବସ୍ଥା

ପୁରୀ ଅଫିସ, ୧୧।୯

ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଆରମ୍ଭ ହେବ ବାୟୋମେଟ୍ରିକ ବ୍ୟବସ୍ଥା। କର୍ମଚାରୀଙ୍କ ଆସିବା ଯିବା ଉପରେ ନଜର ରଖିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ଏହି ପନ୍ଥା ଅବଲମ୍ବନ କରିବାକୁ ଯାଉଛି। ବିଗତ ଦିନରେ କେତେଜଣ କର୍ମଚାରୀ ମନମୁଖୀ ଭାବେ ଯିବା ଆସିବା କରିବାରୁ ପ୍ରଶାସନ ଏହି ନିଷ୍ପତ୍ତି ନେଇଛି।



ସ୍ୱାମୀ ବିବେକାନନ୍ଦଙ୍କ ଚିକାଗୋ ଭାଷଣର ୧୨୫ ବର୍ଷ ପୂର୍ତ୍ତି ଅବସରରେ ରାମକୃଷ୍ଣ ମିଶନ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

■ଶିକ୍ଷକ ନିଯୁକ୍ତି ଦାବି

## ବିଦ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ

କଣାସ,୧୧।୯(ଡି.ଏନ୍.ଏ./ସ୍ୱ.ପ୍ର.)

କଣାସ ବ୍ଲକରେ ଶିକ୍ଷାବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟନ୍ତ ହୋଇପଡ଼ିଛି। ବିଦ୍ୟାଳୟଗୁଡିକରେ ଶିକ୍ଷକ ଅଭାବ ଯୋଗୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ଗୋଟିଏ ଗୋଟିଏ ବିଦ୍ୟାଳୟରେ ୪/୫ ଶିକ୍ଷକ ପଦବୀ ଖାଲି ପଡ଼ିଛି। ମାତ୍ର ୨/୩ ଜଣ ଶିକ୍ଷକରେ ବିଦ୍ୟାଳୟରେ ପାଠପଢ଼ା ଚାଲିଛି। ଶିକ୍ଷକ ଅଭାବ ଯୋଗୁ ପାଠପଢ଼ା ବ୍ୟାହତ ହେବାରୁ ଏହାର ପ୍ରଭାବ ଛାତ୍ର ଓ ଅଭିଭାବକମାନଙ୍କ ଉପରେ ପଡିଛି। ମଙ୍ଗଳବାର ଏହି ଘଟଣାକୁ ବିରୋଧକରି ଅଭିଭାବକମାନେ ବଡାଲ ପଞ୍ଚାୟତ କୁଳମଣି ସଂଯୁକ୍ତ ବିଦ୍ୟାଳୟରେ ତାଲା ପକାଇ ଦେଇଥିଲେ। କିଛି ସମୟ ପରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଦ୍ୟାଳୟରେ ପହଞ୍ଚିଥିଲେ। ସିଆରସିସି ଗାନ୍ଧୀ ପରିଡା, ବିଦ୍ୟାଳୟର ପ୍ରାକ୍ତନ କର୍ମଚାରୀ କାଳୁଚରଣ ସାମନ୍ତରାୟ ଏବଂ ଅନ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟମାନଙ୍କ ସହିତ ଆଲୋଚନା କରିବା ପରେ ବିଦ୍ୟାଳୟରୁ ତାଲା ଖୋଲିଥିଲା।

## ବାଜପୁର ଗ୍ରାମରେ ଡେଙ୍ଗୁରେ ୧୧ଆକ୍ରାନ୍ତ, ୧ଗୁରୁତର

କାକଟପୁର, ୧୧।୯(ଡି.ଏନ୍.ଏ.)

କାକଟପୁର ବ୍ଲକ ଅନ୍ତର୍ଗତ ବାଜପୁର ଗାଁରେ ଡେଙ୍ଗୁ ଆତଙ୍କ ଦେଖାଦେଇଥିବାରୁ ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ଗ୍ରାମର ୧୧ଜଣଙ୍କ ରକ୍ତରେ ଡେଙ୍ଗୁ ଭୂତାଣୁ ଚିହ୍ନଟ ହୋଇଥିବାବେଳେ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ପୁରୀ ଜିଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ସେଠାରେ ପହଞ୍ଚି ଅନୁଧ୍ୟାନ କରୁଛି।

■ଶୁଣିଲାନି ପ୍ରଶାସନ

## ବେଆଇନ ମାଛ ଘେରି ଉଚ୍ଛେଦ କଲେ ଗ୍ରାମବାସୀ

ଗୋପ, ୧୧।୯(ଡି.ଏନ୍.ଏ.)

ଗୋପ ତହସିଲ ଅଧୀନ କାଦୁଆ ନଦୀର ଚେଙ୍ଗେଇଲଠାରୁ ଶମା ପର୍ଯ୍ୟନ୍ତ ୧୭ଟି ବେଆଇନ୍ ଘେରିବନ୍ଧକୁ ମଙ୍ଗଳବାର ଗ୍ରାମବାସୀ ଏକତ୍ରିତ ହୋଇ ଉଚ୍ଛେଦ କରିଛନ୍ତି। ଦୀର୍ଘଦିନ ଧରି ସେଠାରେ ବେଆଇନ୍ ଘେରିବନ୍ଧ କରାଯାଇ ମାଛ ଚାଷ କରାଯାଉଥିବାବେଳେ ବୀରତୁଙ୍ଗ, ବଉଲାଙ୍ଗ, ସୋରଭା, ମହଲପଡ଼ା, ସିମିଳି ପଞ୍ଚାୟତର ଶହ ଶହ ଏକର ଚାଷ ଜମି କ୍ଷତିଗ୍ରସ୍ତ ହେଉଥିଲା। ଏ ନେଇ ବିଭିନ୍ନ ସମୟରେ ଜିଲାପାଳ ଓ ତହସିଲଦାରଙ୍କ ନିକଟରେ ଅଭିଯୋଗ ହେଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନ ନିଆଯିବା ଫଳରେ ଗତ ଜୁଲାଇ ୨୨ତାରିଖ ଦିନ ପିପିଲି–କୋଣାର୍କ ରାସ୍ତାର ଗୋପ ତହସିଲ ସମ୍ମୁଖ ରାସ୍ତାକୁ ଗ୍ରାମବାସୀ ଅବରୋଧ କରିଥିଲେ। ପରେ ପ୍ରଶାସନ ପକ୍ଷରୁ ଅଗଷ୍ଟ ୩ତାରିଖ ଦିନ ନାମକୁ ମାତ୍ର କିଛି ଘେରିବନ୍ଧ ଉଚ୍ଛେଦ କରାଯାଇଥିବାବେଳେ ସମସ୍ତ ଘେରିବନ୍ଧ ଉଚ୍ଛେଦ କରାଯିବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ପରେ ସମସ୍ତ ଘେରି ବନ୍ଧ ଉଚ୍ଛେଦ ହୋଇ ନ ଥିଲା। ଏହା ଯୋଗୁ ସାମାନ୍ୟ ବର୍ଷାରେ ପାଞ୍ଚୋଟି ପଞ୍ଚାୟତରେ ଥିବା ଶହ ଶହ ଏକର ଚାଷ ଜମି ଜଳମଗ୍ନ ହେବା ସହ ଫସଲ କ୍ଷତି ହେବାରେ ଲାଗିଥିଲା। ବଉଲାଙ୍ଗ ସରପଞ୍ଚ କମଳାକାନ୍ତ କୁଅଁରଙ୍କ ନେତୃତ୍ୱରେ କୋରୁଆଳ, ପାଞ୍ଚଣା, କରମଙ୍ଗା, ଅଲଣା, ଆମ୍ବିଳିଗାଁ, କୋପରା ଆଦି ଗ୍ରାମର ଶତାଧିକ ଚାଷୀ ଓ ଗ୍ରାମବାସୀ ଏକତ୍ରିତ ହୋଇ କାଦୁଆ ନଦୀରେ ଥିବା ୧୭ଟି ଘେରିବନ୍ଧ ଉଚ୍ଛେଦ କରିଥିଲେ।

## ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ବ୍ଲକ ଘେରାଉ



ପୁରୀ ସଦର ବ୍ଲକ ସମ୍ମୁଖରେ ଶିକ୍ଷକମାନେ ଧାରଣାରେ ବସିଛନ୍ତି।

ପୁରୀ ଅଫିସ, ୧୧।୯

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ଆହ୍ୱାନ କ୍ରମେ ପୁରୀ ସଦର ବ୍ଲକ ତରଫରୁ ବିଭିନ୍ନ ଦାବି ନେଇ ମଙ୍ଗଳବାର ସଦର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ସଦର ବ୍ଲକର ସମସ୍ତ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀମାନେ ଏଥିରେ ସାମିଲ ହୋଇଥିଲେ। ଏଥିସହିତ ଏକ ଦାବିପତ୍ର ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ୨୦୧୭ ଡିସେମ୍ବର ୧ରେ ମୁଖ୍ୟମନ୍ତ୍ରୀ ଓଡ଼ିଶାରୁ ବ୍ଲକଗ୍ରାଣ୍ଟ ବ୍ୟବସ୍ଥା ଉଚ୍ଛେଦ ଲାଗି ଘୋଷଣା କରିଥିଲେ। ତାହା ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ ହୋଇନାହିଁ। ୨୦୧୮ ଏପ୍ରିଲ ୧୮ର ପୂର୍ଣ୍ଣ ଅନୁଦାନ ଘୋଷଣାରେ ସୀମିତ ରହିଯାଇଛି। ଅଧିକାଂଶ ଶିକ୍ଷକ ଦୀର୍ଘ ବର୍ଷ ଧରି ବିନା ଦରମାରେ କାର୍ଯ୍ୟ କରୁଛନ୍ତି। ଶିକ୍ଷକ, ଅଧ୍ୟାପକଙ୍କ କାନ୍ଧରେ ଶିକ୍ଷାର ଭାର ରହିଥିବା ବେଳେ ଓଡ଼ିଶାରେ ଶିକ୍ଷକ, ଅଧ୍ୟାପକ କର୍ମଚାରୀମାନେ ମାନସିକ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଦାବି ପୂରଣ ନେଇ ଶିକ୍ଷକ,କର୍ମଚାରୀମାନେ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ ପ୍ରତିଶ୍ରୁତି ଦେଇ ସରକାର ଅବହେଳା କରୁଛନ୍ତି ବୋଲି ମିଳିତ ମଞ୍ଚ ଅଭିଯୋଗ କରିଛି। ଚାକିରି ସର୍ତ୍ତାବଳୀ, ଅବସରକାଳୀନ ସୁବିଧା, ଅନୁଦାନଯୋଗ୍ୟ ସ୍କୁଲ କଲେଜକୁ ଅନୁଦାନ, ସପ୍ତମ ବେତନ କମିଶନ ଲାଗୁ ଆଦି ମଞ୍ଚ ପକ୍ଷରୁ ଦାବି କରାଯାଇଛି।

■ବେଳାଭୂମିରେ ଜବରଦଖଲ ଉଚ୍ଛେଦ

## ପଇଡ଼ ଦୋକାନୀ ବାପ, ପୁଅଙ୍କୁ ମାଡ଼ ଅଭିଯୋଗ

ପୁରୀ ଅଫିସ, ୧୧।୯



ପୁରୀ ପୌରସଂସ୍ଥା ପକ୍ଷରୁ ମଙ୍ଗଳବାର ବେଳାଭୂମି ମାର୍ଗର ଦିଗବାରେଣୀ ଖୁଣ୍ଟିଠାରୁ ଚୈତନ୍ୟ ଛକ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ କରାଯାଉଥିଲା। ଏହି ସମୟରେ ପୁରୀ ହୋଟେଲ ସମ୍ମୁଖରେ ପଇଡ଼ ବିକୁଥିବା ଦେବେନ୍ଦ୍ର ନାଥ ଦାଶ ଏବଂ ତାଙ୍କ ପୁଅ ଧୀରେନଙ୍କୁ ପୌରସଂସ୍ଥାର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଧୀରେନ ଗୁରୁତର ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଏ ସମ୍ପର୍କରେ ଦେବେନ୍ଦ୍ର ସମୁଦ୍ରକୂଳ ଥାନାରେ ଅଭିଯୋଗ କରିଥିଲେ ହେଁ ପୋଲିସ ଏତଲା ରଖି ନ ଥିବା ସେ କହିଛନ୍ତି। ଦେବେନ୍ଦ୍ର ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସେ ମଧ୍ୟାହ୍ନ ୧୨ଟା ୩୦ରେ ସମୁଦ୍ରକୂଳକୁ ଠେଲାଗାଡିରେ ପଇଡ଼ ଧରି ପୁଅ ସହ ବିକିବାକୁ ଯାଉଥିଲେ। ପୁରୀ ହୋଟେଲ ନିକଟରେ ଏନ୍‌ଫୋର୍ସମେଣ୍ଟ ଅଫିସର ଶ୍ୟାମସୁନ୍ଦର ମହାପାତ୍ର ଏବଂ ତାଙ୍କ ସ୍କ୍ୱାଡ ଅଟକାଇଥିଲେ। ସେ ପ୍ରତିବାଦ କରିବାରୁ ପଇଡ଼କୁ ଫୋପାଡିବା ସହିତ ଠେଲାଗାଡି ଭାଙ୍ଗି ଦେଇଥିଲେ। ତାଙ୍କୁ ଏବଂ ପୁଅକୁ ମାଡ ମାରିଥିଲେ। ପୁଅ ବାମ ହାତ କାଣିଆଙ୍ଗୁଠି ଭାଙ୍ଗି ଯାଇଥିବା ବେଳ ବାମଗୋଡରେ ମଧ୍ୟ ଶକ୍ତ ଆଘାତ ଲାଗିଛି ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ଏନଫୋର୍ସମେଣ୍ଟ ଅଫିସର ମହାପାତ୍ର କହିଛନ୍ତି, ମୁଁ ଏବଂ ମୋ ସ୍କ୍ୱାଡ୍ କାହାକୁ ମାଡ଼ ମାରିନାହୁଁ। ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ଅନ୍ୟପକ୍ଷରେ ଏହି ଉଚ୍ଛେଦ ବେଳେ ଲାଇଫ ଗାର୍ଡମାନଙ୍କ ଚେୟାର ଗୁଡିକୁ ଭାଙ୍ଗି ଦିଆଯାଇଥିବା ଜଣାପଡିଛି।

■ମତ୍ସ୍ୟଜୀବୀ-ପ୍ରଶାସନ ଆଲୋଚନା

## ବେଆଇନ ଘେରି ଉଚ୍ଛେଦକୁ ମିଳିତ ମଞ୍ଚର ସମ୍ମତି

ପୁରୀ ଅଫିସ, ୧୧।୯

ଚିଲିକାରେ ଶହ ଶହ ଏକର ବେଆଇନ ଘେରି ରହିଛି। ଏହାକୁ ଉଚ୍ଛେଦ କରିବା ଲାଗି ସମ୍ମତି ପ୍ରକାଶ କରିଛି ଚିଲିକା ମତ୍ସ୍ୟଜୀବୀ ମିଳିତ ମଞ୍ଚ। ଗତ ୩ମାସ ମଧ୍ୟରେ ପୁରୀ, ଗଞ୍ଜାମ ଓ ଖୋର୍ଦ୍ଧା ଜିଲା ମତ୍ସ୍ୟଜୀବୀମାନଙ୍କ ଜାଲ, କିଳା ଓ ଅନ୍ୟାନ୍ୟ ୨କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସାମଗ୍ରୀକୁ ଘେରି ଉଚ୍ଛେଦ ନାଁରେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ଏବଂ ପ୍ରଶାସନ ପୋଡ଼ି ନଷ୍ଟ କରି ଦେଇଛି। ଏହାଦ୍ୱାରା ୧ଲକ୍ଷ ମତ୍ସ୍ୟଜୀବୀ ଜୀବିକା ହରାଇଛନ୍ତି। ଏଥିରୁ ସିଡିଏ ଏବଂ ଜିଲା ପ୍ରଶାସନ ନିବୃତ୍ତ ରହିବା ଲାଗି ମଙ୍ଗଳବାର ପ୍ରଶାସନ ଏବଂ ମତ୍ସ୍ୟଜୀବୀଙ୍କ ମଧ୍ୟରେ ହୋଇଥିବା ବୈଠକରେ ମତ୍ସ୍ୟଜୀବୀ ମିଳିତ ମଞ୍ଚ ଦାବି କରିଛି। ଜିଲାପାଳ ଜ୍ୟୋତିପ୍ରକାଶ ଦାସଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ, ଚିଲିକା ସୈରାତଗୁଡିକ ନୂତନ ଲିଜ୍ ଲଗାଣ ପାଇଁ ରାଜ୍ୟ ସରକାର ନୂତନ ଚିଠା ପ୍ରସ୍ତୁତ କରିଛନ୍ତି। ନୂତନ ଲିଜ୍ ଦିଆ ନ ଯିବା ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କ ଜାଲ, ଜନ୍ତା ଆଦି ପ୍ରଶାସନ ପକ୍ଷରୁ ପୋଡାଯିବ ନାହିଁ ବୋଲି ବୈଠକରେ ଆଲୋଚନା ହୋଇଛି। ସରକାର ଆଣିବାକୁ ଯାଉଥିବା ନୂତନ ଚିଲିକା ଚିଠା ନୀତି ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଏସ୍‌ପି ସାର୍ଥକ ଷଡଙ୍ଗୀ, ଏସ୍‌ଡିପିଓ ସୁଶୀଲ ମିଶ୍ର, ସିଡିଏର ଅତିରିକ୍ତ ନିର୍ବାହୀ ଅଧିକାରୀ ସସ୍ମିତା ଲେଙ୍କା, ଚିଲିକା ପାରମ୍ପରିକ ମତ୍ସ୍ୟଜୀବୀ ମିଳିତ ମଞ୍ଚର ସଭାପତି ହଳଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

■ନୀତି ସବ୍ କମିଟି ବୈଠକରେ ପ୍ରସ୍ତାବ

## ପୋତା ହେବ ମହାପ୍ରଭୁଙ୍କ ଅଦରକାରୀ ଘୋଡ଼ବସ୍ତ୍ର

ପୁରୀ ଅଫିସ, ୧୧।୯

ଶ୍ରୀଜଗନ୍ନାଥ ମହାପ୍ରଭୁ ପୁରୁଷୋତ୍ତମ ଧାମରେ ଭଉଣୀ ଭାଇଙ୍କ ସହିତ ଅବସ୍ଥାନ କରି ମାନବୀୟ ଲୀଳା କରୁଛନ୍ତି। ଖରାଦିନେ ଗ୍ରୀଷ୍ମ ତାପରୁ ରକ୍ଷା ପାଇବା ପାଇଁ ମହାପ୍ରଭୁ ଚନ୍ଦନ ଯାତ୍ରା କରିଥାନ୍ତି। ସେହିପରି ଶୀତଦିନେ ଶୀତରୁ ରକ୍ଷା ପାଇବା ପାଇଁ ସାଧାରଣ ମଣଷଙ୍କ ଭଳି ଶୀତବସ୍ତ୍ର ପରିଧାନ କରିଥାନ୍ତି। ମାର୍ଗଶିର ଶୁକ୍ଳ ଷଷ୍ଠୀଠାରୁ ମାଘ ଶୁକ୍ଳ ପଞ୍ଚମୀ ପର୍ଯ୍ୟନ୍ତ ଶୀତବସ୍ତ୍ର ପରିଧାନ କରିଥାନ୍ତି। ଏହାକୁ ଘୋଡ଼ଲାଗି କୁହାଯାଇଥାଏ। ହେଲେ ଶ୍ରୀବିଗ୍ରହମାନଙ୍କୁ ଲାଗି ହେଉଥିବା ଘୋଡ଼ବସ୍ତ୍ର ବହୁବର୍ଷ ହେବ ବାହାର ଭଣ୍ଡାର ଘରେ ଗଚ୍ଛିତ ଅଛି। ଏଗୁଡ଼ିକ ନଷ୍ଟ ପ୍ରାୟ ହୋଇଗଲାଣି। ଏଣୁ ଏହି ଅଦରକାରୀ ଘୋଡ଼ବସ୍ତ୍ର କୋଇଲି ବୈକୁଣ୍ଠରେ ପୋତାଯିବା ଲାଗି ଶ୍ରୀମନ୍ଦିର ନୀତି ସବ୍ କମିଟି ବୈଠକରେ ପ୍ରସ୍ତାବ ଉପସ୍ଥାପନ କରାଯାଇଛି। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ଏହି ବୈଠକରେ ଅନ୍ୟାନ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା ହୋଇଛି। ସେହିପରି ଜଗମୋହନ ମରାମତି ପୂର୍ବରୁ ପାଳିଆ ସେବକମାନେ ଯେଉଁ ପାଳିଆ ପୁରସ୍କାର ପାଉଥିଲେ ସେଥିରେ ଶତକଡ଼ା ୧୦ ପ୍ରତିଶତ ବୃଦ୍ଧି କରାଯାଇ ଗତ ଅଗଷ୍ଟ ୧ରୁ ଲାଗୁ କରିବା ପାଇଁ ବୈଠକରେ ପ୍ରସ୍ତାବ ଉପସ୍ଥାପନ କରାଯାଇଛି। ଶ୍ରୀମନ୍ଦିରର ନୀତି ସମ୍ପାଦନ ଓ ପରିଚାଳନା କ୍ଷେତ୍ରରେ ପାଟ୍ଟଯୋଶୀ ମହାପାତ୍ର, ଭିତରଛ ମହାପାତ୍ର ଓ ତଳୁଛ ମହାପାତ୍ରଙ୍କ ପ୍ରମୁଖ ଭୂମିକା ରହିଛି। ଏଣୁ ଏହି ୩ ଜଣ ମହାନାୟକ ସେବକଙ୍କୁ ନୀତି ସବ୍ କମିଟିର ସ୍ୱତନ୍ତ୍ର ସଦସ୍ୟ ଭାବେ ମନୋନୀତ କରାଯାଇ ପରିଚାଳନା କମିଟିଙ୍କ ଅନୁମୋଦନକ୍ରମେ ସୁପାରିସ କରିବାକୁ ପ୍ରସ୍ତାବ ଉପସ୍ଥାପନ ହୋଇଛି। ମରାମତି କାମର ତଦାରଖ କରିବାକୁ ଏଏସ୍‌ଆଇ ଅଧିକାରୀମାନେ ଭାରା ଉପରେ ଚଢି ଜଗମୋହନ ଓ ନାଟମଣ୍ଡପ ଭିତର ପାର୍ଶ୍ୱ ଛାତ ଏବଂ କାନ୍ଥ ଯାଞ୍ଚ କରୁଛନ୍ତି। ଗତ ଜୁଲାଇ ୧୬ରେ ଏଏସ୍‌ଆଇର ଜଣେ ଉଚ୍ଚପଦସ୍ଥ ମହିଳା ଅଧିକାରୀ ଜଗମୋହନ, ଗର୍ଭଗୃହ ଭିତର ଛାତ ଇତ୍ୟାଦି ଯାଞ୍ଚ କରିବାକୁ ଆସିଥିଲେ ହେଁ ପରମ୍ପରା ଭଙ୍ଗ ଲକ୍ଷ୍ୟରେ ସେ ଉପରକୁ ଉଠି ଯାଞ୍ଚ କରିପାରି ନ ଥିଲେ। ତେବେ କାମ ଚାଲୁ ରହିଥିବା ବେଳେ ସମ୍ପୃକ୍ତ ମହିଳା ଅଧିକାରୀଙ୍କର ଭବିଷ୍ୟତରେ ଯାଞ୍ଚ ଆବଶ୍ୟକତା ପଡିପାରେ। ତେଣୁ ତାଙ୍କୁ ଶ୍ରୀମନ୍ଦିର ଭାରା ଉପରେ ଚଢି ଭିତର ଛାତ ଯାଞ୍ଚ କରିବାକୁ ବୈଠକରେ ପ୍ରସ୍ତାବ ଉପସ୍ଥାପନ କରାଯାଇଛି। ଶ୍ରୀମନ୍ଦିରରେ ହେଉଥିବା କୃଷ୍ଣ ବଳାରାମ ବେଶ ଓ ଗଜଉଦ୍ଧାରଣ ବେଶରେ ସେବକମାନଙ୍କୁ ଖୋରୀ ଅମାଲୁ ପ୍ରାପ୍ୟ ବ୍ୟତୀତ ପାଉଣା ଦିଆଯାଏ। ଏହି ପାଉଣା ୧୯୮୫ ଏବଂ ୧୯୯୧ ମସିହା ପୂର୍ବରୁ ସ୍ଥିର କରାଯାଇ ଦିଆଯାଇଆସୁଛି। କିନ୍ତୁ ପ୍ରତି ପ୍ରାପ୍ୟ ପାଉଣା ବହୁଗୁଣରେ ବୃଦ୍ଧି ପାଇଥିବା ଦୃଷ୍ଟିରୁ ଯଜମାନ ପାଉଣା ବୃଦ୍ଧି କରିବାକୁ ପ୍ରସ୍ତାବ ଉପସ୍ଥାପନ କରାଯାଇଛି। ସେହିପରି କୋଠଭୋଗ ଗୋଦାମ କର୍ମଚାରୀଙ୍କ ପାରିଶ୍ରମିକ ବୃଦ୍ଧି ନେଇ ମଧ୍ୟ ପ୍ରସ୍ତାବ ଆଗତ ହୋଇଛି।

## ସଂକ୍ଷେପରେ

### ରେଳଧାରଣାରୁ ଯୁବ ସରପଞ୍ଚଙ୍କ ମୃତଦେହ ଉଦ୍ଧାର

ସାକ୍ଷୀଗୋପାଳ,୧୧।୯(ଡି.ଏନ୍.ଏ.): ସତ୍ୟବାଦୀ ବ୍ଲକ ବୀରରାମଚନ୍ଦ୍ରପୁର ପଞ୍ଚାୟତର ଯୁବ ସରପଞ୍ଚ ଅଜୟ ବେହେରା(୩୪)ଙ୍କ ସନ୍ଦେହଜନକ ଭାବେ ସୋମବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଛି। ଖୋର୍ଦ୍ଧାରୋଡ-ପୁରୀ ରେଳପଥ ବାଲିସାହି ରେଳଫାଟକ ଠାରୁ ଅଳ୍ପଦୂର ରେଳଧାରଣା ଉପରୁ ତାଙ୍କ ବିଭତ୍ସ ମୃତଦେହକୁ ଉଦ୍ଧାର କରାଯାଇଛି। ପରିବାର ଲୋକଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ପଟ୍ଟନାୟିକିଆ ଛକ ନିକଟରେ ତାଙ୍କର ଏକ ହେଟେଲ ରହିଛି। ସୋମବାର ରାତିରେ ସେ ଘରକୁ ଫେରିବା ପରେ ପୁଣି ବାହାରକୁ ଯାଇଥିଲେ। ମାତ୍ର ଆଉ ଫେରି ନ ଥିଲେ। ସାକ୍ଷୀଗୋପାଳ ରେଲୱେ ଫାଣ୍ଡି ଅଧିକାରୀ ପ୍ରସନ୍ନ କୁମାର ପାତ୍ର ମୃତଦେହ ଜବତ କରିବା ସହ ଖୋର୍ଦ୍ଧାରୋଡ ରେଲୱେ ଥାନାରେ ୭୬/୧୮ରେ ଏକ ଅପମୃତ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛନ୍ତି। ତେବେ ବିଳମ୍ବିତ ରାତିରେ ସେ କାହିଁକି ରେଳଧାରଣା ଉପରକୁ ଗଲେ ସେ ନେଇ ପୋଲିସ ତଦନ୍ତ କରୁଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ଜଣାପଡ଼ିବ ବୋଲି ସତ୍ୟବାଦୀ ଥାନା ଆଇଆଇସି ଜ୍ୟୋତି ପ୍ରକାଶ ସ୍ୱାଇଁ ଓ ସହଅଧିକାରୀ ରବୀନ୍ଦ୍ର ନାଥ ନନ୍ଦ କହିଛନ୍ତି। ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ଜିଲା ପରିଷଦ ସଭ୍ୟ ପ୍ରହ୍ଲାଦ ଘଟୁଆରୀ, ବ୍ଲକ ଅଧକ୍ଷା ସସ୍ମିତା ପ୍ରଧାନ, ଉପାଧକ୍ଷ ବିକ୍ରମ ଜେନାଙ୍କ ସମେତ ବହୁ ଲୋକ ତାଙ୍କ ବାସଭବନରେ ପହଞ୍ଚି ଥିଲେ।

### ସମୁଦ୍ରରେ ବୁଡ଼ି ପର୍ଯ୍ୟଟକ ମୃତ

ପୁରୀ ଅଫିସ,୧୧।୯: ସମୁଦ୍ରରେ ବୁଡ଼ି ମଙ୍ଗଳବାର ପଶ୍ଚିମବଙ୍ଗ ସାଉଥ ଚବିଶ ପ୍ରଗଣାର ମୁକ୍ତା ହାଲଦାର (୩୮)ଙ୍କ ମୃତ୍ୟୁ ଘଟିଛି। ସମୁଦ୍ରକୂଳ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ମୁକ୍ତା ସପରିବାର ପୁରୀ ବୁଲିବାକୁ ଆସିଥିଲେ। ସମୁଦ୍ରରେ ସ୍ନାନ କରିବା ବେଳେ ଲହଡ଼ି ମାଡ଼ରେ ଗଭୀରକୁ ଚାଲି ଯାଇଥିଲେ। ଲାଇଫଗାର୍ଡମାନେ ତାଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ସେବକଙ୍କୁ ଦିଆଯିବ ପରିଚୟପତ୍ର

ପୁରୀ ଅଫିସ, ୧୧।୯: ଶ୍ରୀମନ୍ଦିରର ସେବକ ଏବଂ କର୍ମଚାରୀଙ୍କୁ ପରିଚୟପତ୍ର ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମ୍‌କୋର୍ଟ। ତେଣୁ ଏହାକୁ କାର୍ଯ୍ୟକାରୀ କରାଯିବା ଉପରେ ଗୁରୁତ୍ୱ ଦେଇଛି ଶ୍ରୀମନ୍ଦିର ପ୍ରଶାସନ। ଏଥିଲାଗି ମଙ୍ଗଳବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ରଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀମନ୍ଦିର ସେବାୟତ ଓ କର୍ମଚାରୀଙ୍କ ସହ ୪ ବର୍ଗଙ୍କୁ ପରିଚୟପତ୍ର ଦିଆଯିବା ଲାଗି ଆଲୋଚନା କରାଯାଇଥିଲା। ଏମାନଙ୍କ ମଧ୍ୟରୁ ସେବାୟତ ଏବଂ କର୍ମଚାରୀଙ୍କୁ ପରିଚୟପତ୍ର ଦେବା ଲାଗି ନିଷ୍ପତ୍ତି ହୋଇଥିବା ବେଳେ ଅନ୍ୟ ୨ ବର୍ଗଙ୍କ ଭିତରେ ଆସୁଥିବା ବୋଝିଆ, ଯାତ୍ରୀ ଗୁମାସ୍ତା, ଧୂଳିଆ ପ୍ରମୁଖଙ୍କୁ ଦିଆଯିବା ସଂକ୍ରାନ୍ତରେ କୌଣସି ନିଷ୍ପତ୍ତି ହୋଇପାରିନାହିଁ। ପୂର୍ବରୁ ପ୍ରାୟ ୧୩୦୦ ସେବାୟତ ଓ ଶ୍ରୀମନ୍ଦିର କର୍ମଚାରୀଙ୍କୁ ପରିଚୟପତ୍ର ଦିଆଯାଇଛି। ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ପରେ ଶ୍ରୀମନ୍ଦିର କର୍ମଚାରୀଙ୍କ ପାଇଁ ନୂଆ ପରିଚୟପତ୍ର ହେବ ବୋଲି ଜଣାପଡିଛି।

### ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ସ୍ୱତନ୍ତ୍ର ଅଡିଟ୍ ଆରମ୍ଭ

ପୁରୀ ଅଫିସ, ୧୧।୯: ଶ୍ରୀଜଗନ୍ନାଥ ବଲ୍ଲଭ ମଠର ସ୍ୱତନ୍ତ୍ର ଅଡିଟ୍ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି। ଦୁଇଜଣ ଅଧିକାରୀ ଏହି ଅଡିଟ ଆରମ୍ଭ କରିଛନ୍ତି ୨୦୦୯ରୁ ୨୦୧୮ ମସିହା ମଧ୍ୟରେ ହୋଇଥିବା ଆୟ ବ୍ୟୟର ଯାଞ୍ଚ ଆରମ୍ଭ ହୋଇଛି। ଦୀର୍ଘ ୯ବର୍ଷ ପରେ ମଠରେ ଏହି ଅଡିଟ୍ କରାଯାଉଛି। ସୂଚନାଯୋଗ୍ୟ, ଗତ ଅଗଷ୍ଟ ୧୦ରେ ଦେବୋତ୍ତର କମିଶନର ବିରଜା ପ୍ରସାଦ ଦତ୍ତ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ଏବଂ ଶ୍ରୀଜଗନ୍ନାଥ ବଲ୍ଲଭ ଚାରି ଚକିଆ ପାର୍କି ଉପରେ ଚଢାଉ କରିଥିଲେ। ଦେବୋତ୍ତର ମଠର କ୍ୟାଶବୁକ ଏବଂ ଆକାଉଣ୍ଟ ବହିରେ ତ୍ରୁଟି ଥିବା ଜାଣିବାକୁ ପାଇଥିଲେ।